ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 5/2023 Page 20 ₹ 7.00

୪୯ଶ ଭାଗ ୨୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 251 ମୂଲ୍ୟ ₹୭/-




KP GROUP Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫/୨୦୨୩ | Bhubaneswar, Saturday, August 5/2023 |





## ଆଲେକ୍ସ ହେଲ୍ସଙ୍କ ଅବସର

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଇଂଲଣ୍ଡ ଓପନିଂ ବ୍ୟାଟର ଆଲେକ୍ସ ହେଲ୍ସ।

୧୦

୦୯

## ପ୍ରଭାସଙ୍କ ଇଚ୍ଛା ପୂରଣ କଲେ ଦୀପିକା

ପ୍ରଭାସଙ୍କ ବହୁ ଦିନର ଇଚ୍ଛାକୁ ଅଭିନେତ୍ରୀ ଦୀପିକା ପାଦୁକୋନ ପୂରଣ କରିଥିବା ସେ ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି।



# ରାହୁଲଙ୍କୁ ଆଶ୍ୱସ୍ତି

'ସବୁ ମୋଦି ଚୋର' ମନ୍ତବ୍ୟ ଦେବା ଅଭିଯୋଗରେ ଆପରାଧିକ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ସର୍ବୋଚ୍ଚ ଅଦାଲତ ଗୁଜରାଟ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି କରିବା ସହ ବିରୋଧୀ ନେତା ରାହୁଲଙ୍କ ଲୋକ ସଭା ସଦସ୍ୟତା ପୁନଃ ଅବସ୍ଥାପିତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆସନ୍ତା ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ରାହୁଲ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏବେ ଲୋକ ସଭା ବାଚସ୍ପତି ମଧ୍ୟ ତାଙ୍କୁ ନିମ୍ନ ସଦନର ସଦସ୍ୟତା ଫେରାଇବେ। ରାହୁଲ ଏହାକୁ 'ସତ୍ୟର ବିଜୟ' କହି ସମର୍ଥନ ପାଇଁ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ନୂଆଦିଲ୍ଲୀ,୪।୮**

୨୦୧୯ରେ ମୋଦି ସାଙ୍ଗିଆକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଉପରେ ଗୁଜରାଟର ସୁରଟ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ରାୟର ୨୪ ଘଣ୍ଟା ମଧ୍ୟରେ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଇଥିଲା। ସେ ଏହା ବିରୋଧରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଦଣ୍ଡ ବଳବତ୍ତର ରଖିଥିଲେ। ଫଳରେ ରାହୁଲ ସୁପ୍ରିମକୋର୍ଟ ଯାଇଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ତଳ



### 'ସବୁ ମୋଦି ଚୋର' ମନ୍ତବ୍ୟ

- **ଟ୍ରାଏଲ୍ କୋର୍ଟ, ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ**
- **ଲୋକ ସଭା ସଦସ୍ୟତା ଫେରିପାଇବେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ**

କୋର୍ଟ ତଥା ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ☞ପୃଷ୍ଠା-୨

# ମଣିପୁରରେ ଅସ୍ତ୍ରଭଣ୍ଡାର ଲୁଟ୍

## ପୋଲିସ କର୍ମଚାରୀ ନିହତ

**ଇମ୍ଫାଲ,୪।୮ :** ମଣିପୁରର ଦୁଇଟି ସ୍ଥାନରେ ଗୁରୁବାର ସାନି ହିଂସାକାଣ୍ଡ ଘଟି ଜଣେ ପୋଲିସ କର୍ମଚାରୀ ନିହତ ହେବା ସହ ଏକ ଅସ୍ତ୍ରଭଣ୍ଡାର ଲୁଟ୍ ହୋଇଛି। କୌଟ୍ରୁକ୍, ହରାଓଥେଲ ଏବଂ ସେଞ୍ଜାମ ଚିରାଙ୍ଗ ଅଞ୍ଚଳରେ ସଶସ୍ତ୍ର ଆକ୍ରମଣକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସେଞ୍ଜାମ ଚିରାଙ୍ଗରେ ପୋଲିସ କର୍ମଚାରୀଙ୍କ ମୁଣ୍ଡରେ ଗୁଳି ବାଜିବାରୁ ସେ ପ୍ରାଣ ହରାଇଥିବାବେଳେ ଗାଁର ଜଣେ ସ୍ୱେଚ୍ଛାସେବୀ ଆହତ ହୋଇଛନ୍ତି। ମଣିପୁରର ବିଷ୍ଣୁପୁର ଜିଲାରେ ଉତ୍ତ୍ୟକ୍ତ ଲୋକେ ନାରନସେନାରେ ଥିବା ଭାରତୀୟ ଦ୍ୱିତୀୟ ରିଜର୍ଭ ବାଟାଲିଅନରୁ ଅସ୍ତ୍ରଶସ୍ତ୍ର ଲୁଟିନେଇଛନ୍ତି। ସେମାନେ ହେଇଙ୍ଗାଙ୍ଗ ଏବଂ ସିଙ୍ଗଜାମେଇ ଥାନାରୁ ଅସ୍ତ୍ର ଓ ଗୁଳିଗୋଳା ଲୁଟିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୁରକ୍ଷା ବଳ ସେମାନଙ୍କ ଆକ୍ରମଣକୁ ପଣ୍ଡ କରିଦେଇଥିଲା। ମେ' ୩ରୁ ମଣିପୁରରେ ଜାତିଆଣ ହିଂସା ଲାଗିରହିଛି। ଏପର୍ଯ୍ୟନ୍ତ ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାର ଘରଦ୍ୱାର ଛାଡ଼ି ପଳାଇଛନ୍ତି। ହିଂସା ଦମନରେ ବିଫଳତା ପାଇଁ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ପାର୍ଲାମେଣ୍ଟରେ ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିରେ ବାରମ୍ବାର ଗୃହ ଅଚଳ ହେଉଛି।

# ଯୁକ୍ତ୨ ଛାତ୍ରଙ୍କୁ ସିନିୟରଙ୍କ ମାଡ଼

**ଭୁବନେଶ୍ୱର,୪।୮(ସତ୍ୟଜିତ୍ ରାଉତ)**

### ପୁଣି ବିଜେବି ଅଶାନ୍ତ

- **ଛାତ୍ରୀଙ୍କୁ କମେଣ୍ଟମରାକୁ ବିରୋଧ କରିବାରୁ ଆକ୍ରମଣ**
- **୨ ଛାତ୍ର ଆହତ, ଥାନାରେ ମାମଲା, ୪ ଛାତ୍ର ଅଟକ**

କିଛିଦିନର ନୀରବତା ପରେ ପୁଣି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଶାନ୍ତ ହୋଇଉଠିଛି। ଜଣେ ଛାତ୍ରୀଙ୍କୁ କମେଣ୍ଟମରାକୁ କେନ୍ଦ୍ର କରି ସିନିୟର ଛାତ୍ରମାନେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଦୁଇଜଣ ଛାତ୍ରଙ୍କୁ ଶୁକ୍ରବାର ମାଡ଼ ମାରିଛନ୍ତି। ଆକ୍ରମଣରେ ଛାତ୍ରଦ୍ୱୟ ଆହତ ହୋଇଛନ୍ତି। ଏନେଇ ଅଭିଯୋଗ ପରେ ବଡ଼ଗଡ଼ ଥାନା ପୋଲିସ ଏକ ମାମଲା (ନଂ.୪୨୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ୪ଜଣ ଛାତ୍ରଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ତେବେ ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନରେ ବାରମ୍ବାର ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅଟକ ଥିବା ଛାତ୍ରମାନେ ଶନିବାର ଗିରଫ ହୋଇପାରନ୍ତି ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗୁରୁବାର ଯୁକ୍ତ୨ କଳା ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ଆମ୍ବେଦକର ହଷ୍ଟେଲରେ ରହୁଥିବା ଯୁକ୍ତ୩ ଛାତ୍ରମାନେ କଲେଜ କ୍ୟାମ୍ପସରେ କମେଣ୍ଟ ମାରିଥିଲେ। ଏହାକୁ ଛାତ୍ରୀଜଣକ ବିରୋଧ କରିବା ସହ ଘଟଣା ସଂକ୍ରାନ୍ତରେ ସେ ତାଙ୍କ ସାଙ୍ଗମାନଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରୀଙ୍କ ସାଙ୍ଗମାନେ କମେଣ୍ଟ ମାରିଥିବା ସିନୟରମାନଙ୍କୁ ପଚାରିବାରୁ ସେମାନଙ୍କ ମଧ୍ୟରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସନ୍ଦେହରେ ନିଯୁକ୍ତି

# ଚନ୍ଦ୍ରୟାନ-୩ ମିଶନ ବିଫଳ ହୋଇପାରେ



**ନୂଆଦିଲ୍ଲୀ,୪।୮**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚନ୍ଦ୍ରୟାନ ମିଶନ ଶନିବାର ଚନ୍ଦ୍ରର ପ୍ରଭାବ କ୍ଷେତ୍ର ମଧ୍ୟରେ ପ୍ରବେଶ କରିବ। ଗତ ୧ ତାରିଖରେ ଏହା ପୃଥିବୀ କକ୍ଷ ଛାଡ଼ି ଚନ୍ଦ୍ରକକ୍ଷ ଅଭିମୁଖେ ଅଗ୍ରସର ହୋଇଥିଲା। ତେବେ ଏହି ମିଶନର ସଫଳତା ଏକ କଠିନ ପର୍ଯ୍ୟାୟ- ଚନ୍ଦ୍ର କକ୍ଷରେ ପ୍ରବେଶ ଉପରେ ନିର୍ଭର କରୁଛି। ଏଥିପାଇଁ ଚନ୍ଦ୍ରୟାନର ବେଗ କମାଇବାକୁ ଅତ୍ୟନ୍ତ ସତର୍କତାର ସହିତ ଯୋଜନାବଦ୍ଧ ଭାବେ ମାନେଭର କରିବାକୁ ପଡ଼ିବ, ଯେପରି ଚନ୍ଦ୍ରର ମାଧ୍ୟାକର୍ଷଣ କ୍ଷେତ୍ର ଏହାକୁ ସ୍ଥାୟୀ ଚନ୍ଦ୍ରକକ୍ଷ ମଧ୍ୟକୁ ଟାଣିପାରିବ। ଯଦି ଏହା ଚନ୍ଦ୍ରର ମାଧ୍ୟାକର୍ଷଣକୁ ଧରିବାରେ ବିଫଳ ହୁଏ ତେବେ ଉଲ୍ଲେଖନୀୟ ପରିଣାମ ଘଟିପାରେ। ମହାକାଶ ଯାନ ହୁଏତ ଚନ୍ଦ୍ରରେ ଧକ୍କା ଲାଗିପାରେ କିମ୍ବା ପୃଥିବୀର ମାଧ୍ୟାକର୍ଷଣ ଯୋଗୁ ଏହା ଚନ୍ଦ୍ରଠାରୁ ଦୂରେଇଯାଇପାରେ ବୋଲି କୁହାଯାଇଛି। ସେହିପରି ଚନ୍ଦ୍ରୟାନ ପୃଥିବୀକୁ ଫେରନ୍ତା ଯାତ୍ରା କଲାବେଳେ ଏହା ଉପରେ ଉଭୟ ପୃଥିବୀ ଓ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ରହିବ। ଯଦି ମହାକାଶ ଯାନର ଅର୍ବିଟ ଚନ୍ଦ୍ର ପୃଷ୍ଠଠାରୁ ଅତି ନିକଟତର ହୁଏ, ତେବେ ଚନ୍ଦ୍ର ଏହାକୁ ଟାଣିନେଇ ଦୁର୍ଘଟଣା ଘଟାଇପାରେ। ଯଦି ଏହା ଚନ୍ଦ୍ରଠାରୁ ଅଧିକ ଦୂରରେ ରହେ, ତେବେ ପୃଥିବୀର ମାଧ୍ୟାକର୍ଷଣ ଏହାକୁ ଚନ୍ଦ୍ରଠାରୁ ସମ୍ପୂର୍ଣ୍ଣ ଅଲଗା କରିଦେବ। ପୃଥିବୀର ମାଧ୍ୟାକର୍ଷଣ ବିନା ମହାକାଶ ଯାନ ମହାକାଶରେ ଝୁଲିରହିବ। ଏଭଳି ସ୍ଥିତିରେ ଇସ୍ରୋ ମହାକାଶ ଯାନ ଉପରେ ପୁନର୍ବାର ନିୟନ୍ତ୍ରଣ ରଖି ଏହକୁ ପୃଥିବୀକୁ ଫେରାଇ ଆଣିବା ଲାଗି ଉଦ୍ୟମ କରିପାରେ। ଏଥିରେ ହିସାବ ଏବଂ ସମୟ ଆକଳନରେ ସାମାନ୍ୟ ତ୍ରୁଟି ହେଲେ ଜଟିଳ ସମସ୍ୟା ସୃଷ୍ଟି ହୋଇପାରେ। ଭୁଲ୍ ଆକଳନ ଯୋଗୁ ଏହା ପୃଥିବୀ କିମ୍ବା ଚନ୍ଦ୍ରରେ ଧକ୍କା ହୋଇପାରେ ବୋଲି କୁହାଯାଉଛି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରୁଛି ତପ;**
**ମାଳି ଗଡ଼ଉଚି ଟପ ଟପ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ , ବେକରେ ମାଳ ପକେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ସର୍ବହରା ହୋଇଯାଇଥାନ୍ତି। ଭଣ୍ଡ ବ୍ୟକ୍ତିଙ୍କ ଏପରି ମନ୍ଦପ୍ରକୃତି ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହା ମୁହଁକୁ ଧାନ ଭରଣେ,**
**କାହା ମୁହଁକୁ ପାଳ ଭରଣେ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଆୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୮ରେ ଶପଥ ନେବେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର

କଟକ,୪।୮(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ୩୩ତମ ମୁଖ୍ୟ ବିଚାରପତି ଭାବେ ହାଇକୋର୍ଟର ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର ଆସନ୍ତା ୮ ତାରିଖରେ ଶପଥ ଗ୍ରହଣ କରିବେ। ଏଥିପାଇଁ ହାଇକୋର୍ଟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି। ହାଇକୋର୍ଟର ପୁରୁଣା ବିଲ୍ଡିଂସ୍ଥିତ ସମ୍ମିଳନୀ କକ୍ଷରେ ବିଚାରପତି ତାଳପତ୍ରଙ୍କୁ ରାଜ୍ୟପାଳ ଶପଥପାଠ କରାଇବେ। ହାଇକୋର୍ଟ ଡେପୁଟି ରେଜିଷ୍ଟ୍ରାର୍ (ଆଡ୍‌ମିନି ଏଣ୍ଡ୍ ପ୍ରୋଟୋକଲ୍) କାର୍ଯ୍ୟାଳୟ ପକ୍ଷରୁ ଏନେଇ ଶୁକ୍ରବାର ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଉକ୍ତ ପଦବୀରେ ବିଚାରପତି ତାଳପତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟର କଲେଜିୟମ୍ ସୁପାରିସ କରିଥିଲେ। ବିଚାରପତି ତାଳପତ୍ର ୧୯୬୧ ଅକ୍ଟୋବର ୪ରେ ତ୍ରିପୁରାର ଉଦୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୧ ନଭେମ୍ବର ୧୫ରେ ଗୁଆହାଟୀ ହାଇକୋର୍ଟର ବିଚାରପତି ହୋଇଥିଲେ। ପରେ ୨୦୧୩ରେ ନୂତନ ଭାବେ ପ୍ରତିଷ୍ଠିତ ତ୍ରିପୁରା ହାଇକୋର୍ଟ ବିଚାରପତି ଭାବେ ୨୦୧୩ ସେପ୍ଟେମ୍ବର ୧୩ରେ ଯୋଗ ଦେଇଥିଲେ। ୨୦୧୮ ନଭେମ୍ବର ୨ରୁ ୧୩ ତାରିଖ ଓ ୨୦୧୯ ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିପୁରା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୨ ଜୁନ୍ ୧୦ରେ ଓଡ଼ିଶା ହାଇକୋର୍ଟକୁ ବଦଳି ହେବା ପରେ ଅଦ୍ୟାବଧି କାର୍ଯ୍ୟ କରି ଆସୁଛନ୍ତି।

# ଭିଜିଲାନ୍ସ ଜାଲରେ ଆର୍‌ଆଇ

## ୬୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଲେ

ଏରସମା,୪।୮
(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)


ନୃସିଂହ ଚରଣ ରାଉତ

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅଧୀନସ୍ଥ ଗୋଡ଼ା ଆରଆଇ ସର୍କଲ ଦାୟିତ୍ୱରେ ଥିବା ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ଶୁକ୍ରବାର ଭିଜିଲାନ୍ସ ଧରିଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଗୋଡା ପଞ୍ଚାୟତସ୍ଥିତ କେଉଟିପାଳ ଗ୍ରାମର ନୃସିଂହ ଚରଣ ରାଉତ। ସେ ଜଣେ ହିତାଧିକାରୀଙ୍କଠାରୁ ୬୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ କାମପଡା ଗ୍ରାମର ଦେବ ପ୍ରସାଦ ମହାନ୍ତିଙ୍କ ଏକ ମ୍ୟୁଟେଶନ କେସ୍ ଫଇସଲା କରିବା ପାଇଁ ଆରଆଇ ନୃସିଂହ ୮୦୦୦ ଟଙ୍କା ଦାବି କରିଥିଲେ। ଦେବ ଏ ସମ୍ପର୍କରେ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ପୂର୍ବ ପ୍ରସ୍ତୁତି ଅନୁସାରେ ଶୁକ୍ରବାର ଅପରାହ୍ନ ୧ଟାବେଳେ ଦେବ ଗୋଡ଼ା ଆରଆଇ ସର୍କଲରେ ପହଞ୍ଚି ନୃସିଂହଙ୍କୁ ୬୦୦୦ ଟଙ୍କା ଦେଇଥିଲେ। କାର୍ଯ୍ୟ ଶେଷ ହେବା ପରେ ଆଉ ୨୦୦୦ ଟଙ୍କା ଦେବେ ବୋଲି କହିଥିଲେ । ଏହି ସମୟରେ କଟକ ଭିଜିଲାନ୍ସ ଡିଏସ୍‌ପି ସନ୍ତକ ଜେନା ଓ ଜଗତ୍‌ସିଂହପୁର ଭିଜିଲାନ୍ସ ଇନ୍ସପେକ୍ଟର ଅନୁପମା ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ନୃସିଂହଙ୍କୁ ଗିରଫ କରିଛନ୍ତି। ଏନେଇ ଭିଜିଲାନ୍ସରେ ଏକ ମାମଲା (ନଂ ୨୬/୨୩)ରୁଜୁ କରାଯାଇ ତଦନ୍ତ ଚାଲିଛି। ଏଥିସହ ତାଙ୍କ କେଉଟିପାଳସ୍ଥିତ ଘରେ ଚଢ଼ାଉ କରାଯାଇଛି ବୋଲି ଇନ୍ସପେକ୍ଟର ସାହୁ କହିଛନ୍ତି।

# ବିଦେଶକୁ ରପ୍ତାନି ହୋଇଛି ୪୮୦୭ କୋଟି ଟଙ୍କାର ମାଛ

**୨୦୨୨-୨୩**

ଭୁବନେଶ୍ୱର, ୪।୮(ସୁନିତ୍ ମିଶ୍ର)

ରାଜ୍ୟରେ ବିସ୍ତୃତ ଜଳସମ୍ପଦ ଥିବାରୁ ମାଛ ଉତ୍ପାଦନ ଓ ରପ୍ତାନୀର ବ୍ୟାପକ ସୁଯୋଗ ରହିଛି। ୨୦୨୨-୨୩ରେ ରାଜ୍ୟର ମୋଟ ୪୮୦୭ କୋଟି ଟଙ୍କାର ମାଛ ବିଦେଶକୁ ରପ୍ତାନୀ ହୋଇଛି। ଉତ୍ପାଦିତ ମତ୍ସ୍ୟକୁ ପ୍ରକ୍ରିୟାକରଣ ମାଧ୍ୟମରେ ମୂଲ୍ୟଯୁକ୍ତ କରାଯାଇପାରିଲେ ଅଧିକ ବୈଦେଶିକ ମୁଦ୍ରା ଉପାର୍ଜନ ହୋଇପାରିବ। ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରାଯାଇ କୃଷକଙ୍କ ଆୟ ବହୁଗୁଣିତ କରାଯିବା ସହ ରାଜ୍ୟରେ କୃଷିର ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏକ ବଳିଷ୍ଠ ମାଧ୍ୟମ ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଭବନଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ମତ୍ସ୍ୟ ଉଦ୍ୟୋଗୀଙ୍କ ଅଭିବୃଦ୍ଧି ସମ୍ପର୍କିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଏହି ଯୋଜନାକୁ ଅଧିକ ସଫଳ, ଫଳପ୍ରଦ ଓ ଆକର୍ଷଣୀୟ କରିବା ପାଇଁ ସମ୍ପ୍ରତି ଏହାର ମାର୍ଗଦର୍ଶିକା ସରଳୀକରଣ କରାଯିବ।

# ମମିଆଁ ଗାଁରେ ଝାଡ଼ାବାନ୍ତି, ୩ ମୃତ

ବଲାଙ୍ଗୀର, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର)-ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଝଲପ ଗ୍ରାମ ପଞ୍ଚାୟତର ମମିଆଁରେ ଗତ ଦୁଇଦିନ ହେଲା ଝାଡାବାନ୍ତି ବ୍ୟାପିଥିବା ଜଣାପଡିଛି। ଏଥିରେ ଗାଁର ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗ୍ରାମର ଜଣେ ନାବାଳିକା ସୁନିଆ ସେଲମା (୭), ଅନ୍ୟ ଦୁଇ ଜଣ ବିଳମ୍ବ ହିଆଲ (୫୫) ଓ କୋକିଆ ବେହେରା (୬୫)। ୭ରୁ ଅଧିକ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏହି ଖବର ପାଇବା ପରେ ହସ୍ପିଟାଲ ଟିମ୍ ଆକ୍ରାନ୍ତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ପାଇଁ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଯାଇଛନ୍ତି। ଚିକିତ୍ସାଧୀନ ୭ ଆକ୍ରାନ୍ତ ହେଲେ କୁନୁ ହିଆଲ (୨୮), ଝରଣା ବେହେରା (୧୫), ବୃଷଭ ଭୋଇ (୫୫), କପିଳ ଭୋଇ (୬୫), ଅନଶିଖା ବାଗ (୧୫), ପୂର୍ଣ୍ଣିମା ବେହେରା (୪), ବିଳାସ ଘିଭେଲା (୫୦)। ଶୁକ୍ରବାର ପୁଣି ଜିଲା ସ୍ୱାସ୍ଥ୍ୟ ବିଭାଗ ଡ଼ାକ୍ତରୀ ଦଳ ସମେତ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ଖୁଣ୍ଟିଆ ଗାଁରେ ପହଞ୍ଚ ଘର ଘର ବୁଲି ସ୍ଥିତି ପଚାରି ବୁଝିଥିବା ଜଣାପଡିଛି।

## ମୋଦି ସରନେମ୍ ମାମଲା : ରାହୁଲଙ୍କୁ ମିଳିଲା ବଡ ଆଶ୍ୱସ୍ତି




# ଝାରସୁଗୁଡ଼ା-ବାରକୋଟ୍ ରେଳଲାଇନ ଡିପିଆର୍ ପ୍ରସ୍ତୁତିକୁ ମଞ୍ଜୁରୀ

ଭୁବନେଶ୍ୱର/ଦେବଗଡ଼,୪।୮
(ସୁନିତ୍ ମିଶ୍ର/ଶଶାଙ୍କ ଶେଖର ଝାଙ୍କର)

ଶିଳ୍ପ ସମୃଦ୍ଧ ଅଞ୍ଚଳ ଝାରସୁଗୁଡ଼ାରୁ ଦେବଗଡ଼ ଜିଲାର ବାରକୋଟ୍ ସହ ସଂଯୋଗ ହେବ ନୂଆ ରେଳଲାଇନ। ୧୬୦ କି.ମି. ବିଶିଷ୍ଟ ଏହି ରେଳଲାଇନ ଲାଗି ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ଲାଗି ଫାଇନାଲ ଲୋକେଶନ ସର୍ଭେ(ଏଫ୍‌ଏଲ୍‌ଏସ୍) କରିବାକୁ ରେଳ ମନ୍ତ୍ରଣାଳୟ ମଞ୍ଜୁର କରିଛି। ଏହି ପଦକ୍ଷେପ ଦ୍ୱାରା ଦେବଗଡ଼ ଜିଲା ପ୍ରଥମ ଥର ପାଇଁ ରେଳଲାଇନ ସହ ସଂଯୋଗ କରିବାକୁ ଯାଉଛି। ଏହା ଖୁସିର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ରେଳ ଗମନାଗମନକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ସବୁବେଳେ କାର୍ଯ୍ୟ ଜାରି ରଖିଛନ୍ତି। ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳଲାଇନ ତିଆରି କରିବା ଲାଗି ଆନୁଷଙ୍ଗିକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ମୋଦି ସରକାର ଓଡ଼ିଶାକୁ ସବୁ କ୍ଷେତ୍ରରେ ପ୍ରାଥମିକତା ଦେଇ ଆସୁଛନ୍ତି। ଏହି ରେଳଲାଇନ କାର୍ଯ୍ୟକ୍ଷମ ହେଲେ ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲାରେ ବିକାଶର ନୂଆ ଧାରା ସୃଷ୍ଟି ହେବ। ଏହି ଅଞ୍ଚଳ ରେଳ ଭିତ୍ତିଭୂମି ସହ ଠିକ୍ ଭାବେ ଯୋଡ଼ିହେଲେ ଚାଷୀମାନେ ଉପକୃତ ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ଦେବଗଡ଼ ଜିଲାରେ ପର୍ଯ୍ୟଟନର ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ।


ଧର୍ମେନ୍ଦ୍ର ପ୍ରଧାନ

### ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ବିଶେଷ ଭାବେ ଦେବଗଡ଼ବାସୀଙ୍କ ଦୀର୍ଘଦିନର ଅପେକ୍ଷାକୁ ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି। ଗତ ଜୁଲାଇ ୧୦ରେ ଦେବଗଡ଼ ଜିଲାର ନାଗରିକ କମିଟିର ଅନୁରୋଧକ୍ରମେ ରେଳମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଧର୍ମେନ୍ଦ୍ର ଚିଠି ଲେଖିଥିଲେ। ସୂଚନାଥାଉ କି, ଦେବଗଡ଼ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ରେଳଲାଇନ ନେଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଏବଂ ଜିଲା ନାଗରିକ କମିଟି ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ।

## ଓଡ଼ିଶା ଖାଦ୍ୟ ନିଗମରେ ସଦସ୍ୟ ପଦ ଖାଲି ମାମଲା | ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ,୪।୮ (କାର୍ତ୍ତିକ ସାହୁ)- ଓଡ଼ିଶା ଖାଦ୍ୟ ନିଗମରେ ସଦସ୍ୟ ପଦ ଖାଲି ପଡ଼ିବା ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଖଣ୍ଡପୀଠକୁ ସରକାର ନିଗମର ଅଧ୍ୟକ୍ଷ ନିଯୁକ୍ତି କରିଥିବା ନେଇ ଦର୍ଶାଇଥିଲେ। ହେଲେ ଆବେଦନକାରୀ ପ୍ରବୀର କୁମାର ଦାସ ନିଗମର ୫ଟି ଯାକ ସଦସ୍ୟ ପଦ ଖାଲି ପଡ଼ିଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଏନେଇ ସତ୍ୟପାଠ ଆକାରରେ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ଖାଦ୍ୟ ନିଗମର ନିୟମ ଅନୁସାରେ କୌଣସି ନିଷ୍ପତ୍ତି ନେବା ପାଇଁ ଅତି କମ୍‌ରେ ୩ ଜଣ ସଦସ୍ୟ ଆବଶ୍ୟକ। ହେଲେ ନିଗମରେ ସମସ୍ତ ୫ଟି ପଦ ଖାଲି ପଡ଼ିଛି।


**ପ୍ରଥମ ପୃଷ୍ଠାରୁ...**


## ରାହୁଲଙ୍କୁ ଆଶ୍ୱସ୍ତି...

ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ତଥା ପି. ନରସିଂହ ଏବଂ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହା ନିଃସନ୍ଦେହ ଯେ, ଆବେଦନକାରୀ (ରାହୁଲ)ଙ୍କ ଉଚ୍ଚାରଣ ଠିକ୍ ନ ଥିଲା। ସାଧାରଣ ଜୀବନରେ କୌଣସି ବ୍ୟକ୍ତି ସାର୍ବଜନୀନ ଭାବେ କିଛି କହିବା ପୂର୍ବରୁ ଅଧିକ ସତର୍କ ହେବା ଉଚିତ। ଟ୍ରାଏଲ୍ କୋର୍ଟ ସର୍ବାଧିକ ୨ ବର୍ଷ ଜେଲଦଣ୍ଡ ଶୁଣାଇବାବେଳେ ଏହାର କାରଣ ଦର୍ଶାଇ ନ ଥିଲେ। ଏହି ମାମଲାର ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ତଳ କୋର୍ଟ ରାୟ ଉପରେ ରୋକ୍ ଲଗାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଫଳରେ ୨୦୨୪ ମେ'ରେ କାର୍ଯ୍ୟକାଳ ଶେଷ ହେଉଥିବା ସପ୍ତଦଶ ଲୋକ ସଭାକୁ ଫେରିବା ପାଇଁ ରାହୁଲଙ୍କ ପଥ ସୁଗମ ହୋଇଛି। ବାଚସ୍ପତି ଓମ୍ ବିର୍ଲା ରାହୁଲଙ୍କୁ ତାଙ୍କ ସଦସ୍ୟତା ଫେରସ୍ତ କରିପାରିବେ।

ସୁପ୍ରିମକୋର୍ଟ ରାୟ ପରେ ରାହୁଲ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯାହା ହେଉ ନା କାହିଁକି ତାଙ୍କ ଆଭିମୁଖ୍ୟ ବଳବତ୍ତର ରହିବ। 'ଆଇଡିଆ ଅଫ୍ ଇଣ୍ଡିଆ'କୁ ସୁରକ୍ଷା ପ୍ରଦାନ ଜାରି ରହିବ।

ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଆଇପିସି ଦଫା ୪୯୯ (ମାନହାନି) ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ସର୍ବାଧିକ ୨ ବର୍ଷ ଜେଲ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରିବ। ଏହି ମାମଲାରେ ତଳ କୋର୍ଟ ସର୍ବାଧିକ ୨ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଫଳରେ ଲୋକ ପ୍ରତିନିଧି ଆଇନର ନିୟମ ଏହି ଦଣ୍ଡାଦେଶ ଶୁଣାଇବାବେଳେ ପ୍ରତିପକ୍ଷଙ୍କ ଯୁକ୍ତିକୁ ଶୁଣିବା ବ୍ୟତୀତ ଅନ୍ୟ କୌଣସି କାରଣ ଦର୍ଶାଯାଇନାହିଁ। ଉଲ୍ଲେଖନୀୟ ବିଷୟ ହେଉଛି, ଏହି ୨ ବର୍ଷ ଜେଲ ଦଣ୍ଡାଦେଶ କାରଣରୁ ଲୋକ ପ୍ରତିନିଧି ଆଇନ ଧାରା ୮(୩) ଅନୁସାରେ ତାଙ୍କ ଏମ୍‌ପି ପଦ ରଦ୍ଦ କରାଗଲା। ଦଣ୍ଡ ଅବଧି ୨ ବର୍ଷରୁ ଦିନେ ମଧ୍ୟ କମ୍ କରାଯାଇଥିଲେ ତାଙ୍କ ସଦସ୍ୟତା ରଦ୍ଦ ହୋଇ ନ ଥାଆନ୍ତା। ବିଶେଷକରି ଏପରି ମାମଲାରେ ଯେତେବେଳେ ଅପରାଧ ନନ୍‌କମ୍ପାଉଣ୍ଡେବଲ, ବେଲେବଲ ଏବଂ ନନ୍‌କଗ୍ନିଜେବଲ ହୋଇଥିବ ; ସେତେବେଳେ ଟ୍ରାଏଲ୍ ଜଜ୍ ସର୍ବାଧିକ ଦଣ୍ଡବିଧାନର କାରଣ ଦର୍ଶାଇବେ ବୋଲି ଆଶା କରାଯାଏ। ହାଇକୋର୍ଟ ଅପିଲ ଖାରଜ କରିବାର କାରଣ ଦର୍ଶାଇବା ପାଇଁ ଅନେକ ପୃଷ୍ଠା ଖର୍ଚ୍ଚ କରିଛନ୍ତି। କିନ୍ତୁ ଏହି ଦିଗ ପ୍ରତି ଦୃଷ୍ଟିଦେଇଥିବା ଭଳି ମନେହେଉନାହିଁ। ଲୋକ ପ୍ରତିନିଧି ଆଇନ ଧାରା ୮(୩) ଲାଗୁ ହେବା ଦ୍ୱାରା କେବଳ ଆବେଦନକାରୀଙ୍କ ଅଧିକାର ପ୍ରଭାବିତ ହୋଇ ନ ଥାଏ, ବରଂ ତାଙ୍କ ନିର୍ବାଚନ କ୍ଷେତ୍ରର ମତଦାତାଙ୍କ ଅଧିକାର ମଧ୍ୟ ପ୍ରଭାବିତ ହୋଇଥାଏ। ଏହି ବିଷୟକୁ ଦୃଷ୍ଟିରେ ରଖି ଟ୍ରାଏଲ କୋର୍ଟ ସର୍ବାଧିକ ଦଣ୍ଡ ଦେବାର କୌଣସି କାରଣ ଦର୍ଶାଇ ନ ଥିବାରୁ ରାହୁଲଙ୍କ ଜେଲଦଣ୍ଡ ଉପରେ ରୋକ୍ ଲଗାଯାଉଛି।

ରାହୁଲଙ୍କ ବିରୋଧରେ ମାନହାନି ମାମଲା କରିଥିବା ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ଆମେ ସ୍ୱାଗତ କରୁଛୁ। ଏହାକୁ ସମ୍ମାନ ଦେଉଛୁ। ପାର୍ଲାମେଣ୍ଟରେ ତାଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ କରିବା ଆଇନାନୁସାରେ ହେବ। ଏହା ଉପରେ ଆମେ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହୁଁ। ପୂର୍ଣ୍ଣେଶଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମହେଶ ଜେଠମାଲାନି କହିଛନ୍ତି, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି।

### ମାମଲା କ'ଣ

୨୦୧୯ ଏପ୍ରିଲ ୧୩ରେ କର୍ନାଟକର କୋଲାରଠାରେ ନିର୍ବାଚନ ପ୍ରଚାର ବେଳେ ରାହୁଲ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ନୀରବ ମୋଦି (ହୀରା ବ୍ୟବସାୟୀ), ଲଳିତ ମୋଦି (ଆଇପିଏଲ୍‌ର ପୂର୍ବତନ କମିଶନର) ଓ ନରେନ୍ଦ୍ର ମୋଦି (ପ୍ରଧାନମନ୍ତ୍ରୀ)ଙ୍କ ଭଳି ସବୁ ମୋଦି ସାଙ୍ଗିଆଧାରୀ କାହିଁକି ଚୋର ବାହାରୁଛନ୍ତି। ମୋଦି ଉପନାମଧାରୀ ଆଉ କେଉଁମାନେ ଚୋର ତାହା ଖୋଜିଲେ ଜଣାପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଉପରେ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ଭାଜପାର ସୁରଟ ୱେଷ୍ଟ ବିଧାୟକ ପୂର୍ଣ୍ଣେଶ ମୋଦି ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାହୁଲ ମୋଦି ସମ୍ପ୍ରଦାୟକୁ ଅପମାନିତ କରିଥିବା ଦର୍ଶାଇ ତାଙ୍କ ବିରୋଧରେ ପୂର୍ଣ୍ଣେଶ ଏତଲା ଦେଇଥିଲେ। ଏହି ଆପରାଧିକ ମାନହାନି ମାମଲାରେ ସୁରଟର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏଚ୍.ଏଚ୍. ବର୍ମା ଗତ ମାର୍ଚ୍ଚ ୨୩ରେ ରାହୁଲଙ୍କୁ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୪୯୯ ଓ ୫୦୦ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହ ୩୦ ଦିନ ଭିତରେ ଉଚ୍ଚତର କୋର୍ଟରେ ଅପିଲ କରିବା ପାଇଁ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଇନାନୁସାରେ କୌଣସି ଏମ୍‌ପି ଏକ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ଅନ୍ୟୂନ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଲେ ତାଙ୍କୁ ପାର୍ଲାମେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥାଏ। ତେଣୁ ମାର୍ଚ୍ଚ ୨୩ରେ ରାୟ ପ୍ରକାଶ ପାଇବା ଦିନଠୁ ରାହୁଲଙ୍କ ଅଯୋଗ୍ୟତା ଲାଗୁ ହୋଇଥିବା ଏହାର ଦିନକ ପରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ୫୩ ବର୍ଷୀୟ ରାହୁଲ ଲୋକ ସଭା ସଦସ୍ୟତା ହରାଇବା ପରେ କହିଥିଲେ, ସେ ଭାରତର ସ୍ୱର ଉତ୍ତୋଳନ ଲାଗି ଲଢ଼େଇ କରୁଛନ୍ତି। କୌଣସି ପ୍ରକାର ମୂଲ୍ୟ ଦେବାକୁ ସେ ପ୍ରସ୍ତୁତ।

## ଯୁକ୍ତ ୨ ଛାତ୍ରଙ୍କୁ ...

ଯୁକ୍ତିତର୍କ ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। କମେଣ୍ଟର ଶିକାର ହୋଇଥିବା ଛାତ୍ରୀଜଣକ ତାଙ୍କ ସାଙ୍ଗମାନଙ୍କୁ ନେଇ ଘଟଣା ସଂକ୍ରାନ୍ତରେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ କଲେଜ ଅଧ୍ୟକ୍ଷ ଉଭୟ ପକ୍ଷର ପିଲାଙ୍କ ସହ ଆଲୋଚନା କରିବା ସହ ତାଗିଦ୍ କରି ଛାଡ଼ିଥିଲେ। ତେବେ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିବାକୁ ନେଇ କମେଣ୍ଟ ମାରିଥିବା ସିନିୟରମାନେ ରାଗ ରଖିଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଯୁକ୍ତ ୨ର ଜଣେ ଛାତ୍ରଙ୍କୁ ସିନିୟରମାନେ ଆମ୍ବେଦକର ହଷ୍ଟେଲକୁ ଡାକିଥିଲେ। ହଷ୍ଟେଲରେ ଛାତ୍ର ଜଣକ ପହଞ୍ଚିବା ପରେ ସିନିୟରମାନେ ପୂର୍ବ ଘଟଣା ପାଇଁ ତାଙ୍କୁ ଦାୟୀ କରି ମାଡ଼ ମାରିଥିଲେ। ଏହି ଖବର ପାଇ ଆକ୍ରମଣର ଶିକାର ହେଉଥିବା ଛାତ୍ରଙ୍କ ଅନ୍ୟଜଣେ ସାଙ୍ଗ ଉକ୍ତ ହଷ୍ଟେଲରେ ପହଞ୍ଚି ପ୍ରତିବାଦ କରିଥିଲେ। ହେଲେ ସିନିୟରମାନେ ତାଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ସେମାନେ ଉଭୟ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରାଜ୍ୟର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନରେ ବାରମ୍ବାର ଗଣ୍ଡଗୋଳ ହେଉଛି। କେତେବେଳେ ଅଣଛାତ୍ର ତ ଆଉ କେତେବେଳେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହେଉଛନ୍ତି। ଏପରିକି ରାଗିଂକୁ ନେଇ ମଧ୍ୟ କିଛିଦିନ ତଳେ କ୍ୟାମ୍ପସ ଅଶାନ୍ତ ହୋଇପଡିଥିଲା। ସେହିଭଳି ଗତ ଜୁଲାଇ ୪ରେ ଜଣେ ରାଜନେତାଙ୍କ ଜନ୍ମଦିନରେ କେକ୍ କାଟିବାକୁ ନେଇ ଆଇଏମ୍‌ବିଏ ଡିପାର୍ଟମେଣ୍ଟର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ। ଆବଶ୍ୟକତା ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଦୀର୍ଘ ଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ବିଭିନ୍ନ ପ୍ରକାର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟ କରିପାରେ। ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଅପରାହ୍ନେ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ।

**କର୍କଟ** ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରିକି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ।

**ସିଂହ** କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁମାନଙ୍କୁ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**କନ୍ୟା** ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବ ରାଗ ଶୁଝାଇବାକୁ ଯାଇ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ଅଧିକାଂଶ ସମୟ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** କୌଣସି କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ।

**ଧନୁ** ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ପୂର୍ବାଷାଢା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ନ ହେବା ମୂଳରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ** ଆଜିର କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଶତଭିଷା ନକ୍ଷତ୍ର କିନ୍ତୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍‌ସନ ଜମା ଛାଡିବ ନାହିଁ। ବନ୍ଧୁମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଚତୁର୍ଥୀ ଯୁକ୍ତ ୫ମୀ, ଶନିବାର, ଅଗଷ୍ଟ ୫ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ. ୧୦।୧୬ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।


Reliance
Growth is Life
ସବୁ ଦିନ, ସବୁ ଜିନିଷ
ସବୁଠାରୁ କମ୍ ଦାମରେ ଚାହୁଁଛନ୍ତି?
ସ୍ମାର୍ଟ ବଜାର ଚାଲନ୍ତୁ
SMART BAZAAR
MINIMUM 5% BELOW MRP EVERYDAY
SUGAR 1kg ₹9 EVERYDAY *ON SHOPPING OF ₹1999 & ABOVE
ନୂଆ ଷ୍ଟୋର୍ ଏବେ ଖୋଲାଅଛି
ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ • ସାମନ୍ତରାପୁର • ଓଲ୍ଡ ଟାଉନ୍ • ଭୁବନେଶ୍ୱର
SMARTBazaar | @smart_bazaar | @SMARTBazaarIn | @smartbazaarIndia
ସଫୋଲା ଗୋଲ୍ଡ ରାଇସ୍ ବ୍ରାନ୍ ଏବଂ କର୍ନ ଅଏଲ୍ 3 ℓ + ଦାୱତ ରୋଜାନା ଗୋଲ୍ଡ ବାସମତୀ ରାଇସ୍ 5 kg
ଆମ ମୂଲ୍ୟ ₹749 କମ୍ବାଇଣ୍ଡ
MRP ₹1250 ସଞ୍ଚନ୍ତୁ ₹501
ଖୋଲା HMT କୋଲମ୍ ରାଇସ୍ 1 kg
ଆମ ମୂଲ୍ୟ ₹61
ବଜାର ମୂଲ୍ୟ ₹70
ଖୋଲା ହରଡ଼ ଡାଲି ମୂଲ୍ୟ 1 kg
ଆମ ମୂଲ୍ୟ ₹149
ବଜାର ମୂଲ୍ୟ ₹154
ଧାମପୁର ମିଷ୍ଟି ପ୍ରିମିଅମ୍ କ୍ୱାଲିଟୀ ଚିନି 5 kg
ଆମ ମୂଲ୍ୟ ₹225 (₹45/kg)
MRP ₹229
ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg
ଆମ ମୂଲ୍ୟ ₹219
ଯେ କୌଣସି ଖାଇବା ତେଲ ଉପରେ ପାଆନ୍ତୁ ₹30 ର ରିହାତି
MRP ₹256 ସଞ୍ଚନ୍ତୁ ₹37
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹369/ ₹389
MRP ₹549 / ₹499 ସଞ୍ଚନ୍ତୁ ₹180 / ₹110
ଡାଲଡା କଚୀ ଘାନୀ ସୋରିଷ ତେଲ / ଫର୍ଚ୍ଚୁନ୍ ସନଲାଇଟ୍ ସନଫ୍ଲାୱର ରିଫାଇନ୍ଡ ଅଏଲ୍ 1 ℓ
ଆମ ମୂଲ୍ୟ ₹125/ ₹113
MRP ₹200 / ₹140 ସଞ୍ଚନ୍ତୁ ₹75 / ₹27
ଓମ୍‌ଫେଡ୍ ଘିଅ 1 ℓ
ଆମ ମୂଲ୍ୟ ₹669
MRP ₹720 ସଞ୍ଚନ୍ତୁ ₹51
ଅମୁଲ ବଟର 500 g
ଆମ ମୂଲ୍ୟ ₹265
MRP ₹275 ସଞ୍ଚନ୍ତୁ ₹10
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକି
BUY 2 GET 1 FREE
MRP ₹120 ତେଣିକି
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 1 kg
ଆମ ମୂଲ୍ୟ ₹335
MRP ₹380 ତେଣିକି ସଞ୍ଚନ୍ତୁ ₹45 ତେଣିକି
ସନ୍‌ଫିଷ୍ଟ ୟିପୀ ନୁଡୁଲ୍ସ ମ୍ୟାଜିକ୍ ମସାଲା 420 g ତେଣିକି
25% ଛାଡ଼
MRP ₹85 ତେଣିକି
ଆମ ମୂଲ୍ୟ ₹64 ତେଣିକି
ହର୍ଲିକ୍ସ କ୍ଲାସିକ ମଲ୍ଟ ହେଲ୍‌ଥ ଡ୍ରିଙ୍କ ପାଉଡର୍ 1 kg
ସଞ୍ଚନ୍ତୁ ₹120
MRP ₹615 ତେଣିକି
ସଞ୍ଚନ୍ତୁ ₹495 ତେଣିକି
କିସାନ୍ ଫ୍ରେଶ୍ ଟମାଟୋ କେଚ୍‌ଅପ୍ 1.1 kg ତେଣିକି
ସଞ୍ଚନ୍ତୁ ₹45
MRP ₹150 ତେଣିକି
ସଞ୍ଚନ୍ତୁ ₹105 ତେଣିକି
କୋଲଗେଟ୍ ଷ୍ଟ୍ରଙ୍ଗ ଟିଥ୍ ଟୁଥପେଷ୍ଟ 500 g
ସଞ୍ଚନ୍ତୁ ₹75
MRP ₹294 ତେଣିକି
ସଞ୍ଚନ୍ତୁ ₹219 ତେଣିକି
ଡଭ୍ / ପେଅର୍ସ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g + 4x3 (ନିର୍ଦ୍ଦିଷ୍ଟ ପ୍ରକାରର)
ସଞ୍ଚନ୍ତୁ ₹70
MRP ₹228 ତେଣିକି
ଆମ ମୂଲ୍ୟ ₹158 ତେଣିକି
ଡଭ୍ ଶାମ୍ପୁ 340 ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ସଞ୍ଚନ୍ତୁ ₹275
MRP ₹345 ତେଣିକି
ଆମ ମୂଲ୍ୟ ₹70 ତେଣିକି
ହ୍ୱିସପର୍ ଚଏସ୍ ଅଲ୍ଟ୍ରା 20s / ସୋଫି ବଡ଼ିଫିଟ୍ ରେଗୁଲାର କଟ୍ଟି ପ୍ୟାକ୍ 2s
ଆମ ମୂଲ୍ୟ ₹109
MRP ₹119 ତେଣିକି
ସଞ୍ଚନ୍ତୁ ₹10 ତେଣିକି
ଟାଇଡ୍ ପ୍ଲସ୍ ଡିଟରଜେଣ୍ଟ ପାଉଡର 2 kg (ନିର୍ଦ୍ଦିଷ୍ଟ ପ୍ରକାରର)
ସଞ୍ଚନ୍ତୁ ₹45
MRP ₹260 ତେଣିକି
ଆମ ମୂଲ୍ୟ ₹215 ତେଣିକି
ଛତା/ ରେନ୍‌ୱେର୍ (ନିର୍ଦ୍ଦିଷ୍ଟ ରେଞ୍ଜ)
ସର୍ବନିମ୍ନ 25% ଛାଡ଼
MRP ₹249 ତେଣିକି
HOME ONE
ଇଣ୍ଡକ୍ସନ ବେସ୍ ନନ୍-ଷ୍ଟିକ୍ କୁକ୍‌ୱେର୍ ରେଞ୍ଜ (ତାୱା/ ଫ୍ରାଏପ୍ୟାନ/ କଢ଼େଇ) (28 cm / 24 cm / 24 cm)
ଆମ ମୂଲ୍ୟ ₹399 ତେଣିକି
MRP ₹699 ତେଣିକି
cello LA OPALA DIVA
ଓପାଲୱେର୍ / ମେଲାମାଇନ୍ / ଷ୍ଟିଲ୍ ଡିନରୱେର୍ (ନିର୍ଦ୍ଦିଷ୍ଟ ରେଞ୍ଜ)
BUY 1 GET 1 FREE
MRP ₹62 ତେଣିକି
SMART ଷ୍ଟାଇଲ ସେଲ 8th JUL - 31st AUG
60% ପର୍ଯ୍ୟନ୍ତ ଛାଡ଼
ମେନ୍‌ସ ପରିଧାନ । ମହିଳା ପରିଧାନ । କିଡ୍‌ସ୍ ପରିଧାନ ଆରମ୍ଭ ହେଉଛି ₹149
HOME ONE
6 ୟୁନିଟ୍‌ସ ସେରାମିକ୍ ମଗ୍ ସେଟ୍
ଆମ ମୂଲ୍ୟ ₹99
MRP ₹199 ତେଣିକି
HOME ONE HAPPY LIVING
ପ୍ରିଣ୍ଟେଡ୍ ଗ୍ଲାସ୍ / ଷ୍ଟିଲ୍ ବଟଲ୍ ରେଞ୍ଜ (500 ml / 1000 ml)
ସର୍ବନିମ୍ନ 50% ଛାଡ଼
MRP ₹99 ତେଣିକି
HAPPY LIVING Ulhaas
ହ୍ୟାପି ଲିଭିଙ୍ଗ ବ୍ରାଣ୍ଡେଡ ଡବଲ ବେଡ୍‌ଶୀଟ ଦୁଇ ପିଲୋ କଭର୍ସ ସହ
ଆମ ମୂଲ୍ୟ ₹399
MRP ₹1199
ଇଣ୍ଡୋର / ଆଉଟଡୋର୍ ମ୍ୟାଟ୍ ରେଞ୍ଜ (ନିର୍ଦ୍ଦିଷ୍ଟ ରେଞ୍ଜ)
BUY 1 GET 1 FREE
MRP ₹99 ତେଣିକି
ଆପଣଙ୍କ ସହରରେ 13 ସ୍ମାର୍ଟ ଷ୍ଟୋର - କେଉଁଟି ଆପଣଙ୍କ ନିକଟତମ
SMART BAZAAR | SMART SUPERSTORE
ଭୁବନେଶ୍ୱର: ନେକ୍ସସ୍ ଏସପ୍ଲାନେଡ୍ ମଲ୍, ରସୁଲଗଡ଼ • ସିମ୍ଫୋନୀ ମଲ୍, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଣା ପ୍ଲାଜା, ନୟାପଲ୍ଲୀ • ଫୋରମ ମାର୍ଟ, ସତ୍ୟ ନଗର • ରିଲାଏନ୍ସ ମଲ, ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ । କଟକ : ଏନଏସ୍‌ସିବି ଆର୍କେଡ୍, ଓଲ୍ଡ ଜେଲ ରୋଡ୍, ଦରଘା ବଜାର • ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ରିଲାଏନ୍ସ • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଇପିକଲ ସର୍କଲ ନିକଟ, ଜଗତପୁର
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । #କେବଳ ମନୋନୀତ ଦ୍ରବ୍ୟର ଏମ୍‌ଆର୍‌ପି ଉପରେ, ଖାଇବା ତେଲ, ଲୁଜ୍ ଖାଦ୍ୟସାମଗ୍ରୀ, ଫ୍ରେଶ୍ ମିଲ୍କ, ବେବୀ ଫୁଡ୍‌ସ, ପତଞ୍ଜଳି ଉତ୍ପାଦ, ସାଧାରଣ ମର୍ଚାଣ୍ଡାଇଜ୍, ଇଲେକ୍ଟ୍ରୋନିକ୍ସ, ଆପାରେଲ ଏବଂ ଫୁଟୱେର୍ ଅନ୍ତର୍ଭୁକ୍ତ ନୁହେଁ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଛି । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବ। ସମସ୍ତ ଅଫର୍ 6 ଅଗଷ୍ଟ 2023 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା



# ସନ୍ଦେହରେ ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ କର୍ନାଟକର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରୂପକ କୁମାର ଦତ୍ତଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆଇପିଏସ୍ ଅଧିକାରୀ ଭାବେ ଦତ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ରହିବା ସହ ଅନ୍ୟ କେତେକ ସଂସ୍ଥାରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ତେବେ ପଶ୍ଚିମବଙ୍ଗରେ ନିଯୁକ୍ତି ପଛରେ ତାଙ୍କର ନୂତନ ଭୂମିକା କ'ଣ ତାହା ସହଜରେ ବୁଝି ହେଉନାହିଁ। ସୂତ୍ରରୁ ଜଣାପଡ଼ିଛି, ଦତ୍ତଙ୍କ ପ୍ରଭାବଶାଳୀ ଦକ୍ଷତା ଓ ଯୋଗ୍ୟତା ଥିଲେ ବି ଏବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ବିପର୍ଯ୍ୟସ୍ତ ସୁରକ୍ଷାକୁ ଦେଖିଲେ ଏହି ନିଯୁକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ନେଉଥିବା ଏବଂ ଅନେକ ସୁରକ୍ଷା ଏଜେନ୍ସିର ନକଲି ପରିଚୟପତ୍ର ରଖିଥିବା ଜଣେ ବ୍ୟକ୍ତି ଗିରଫ ହେବା ପଶ୍ଚିମବଙ୍ଗରେ ସୁରକ୍ଷା ପ୍ରସ୍ତୁତିର ସ୍ଥିତିରେ ଥିବା ସମସ୍ୟାକୁ ପଦାକୁ ଆଣିଛି । ତେବେ ଦତ୍ତଙ୍କ ନିଯୁକ୍ତିକୁ କେତେଜଣ ସମାଲୋଚକ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ସିବିଆଇ ନିର୍ଦ୍ଦେଶକ ଚୟନ ହେବାର ଠିକ୍ ପୂର୍ବରୁ ସ୍ୱତନ୍ତ୍ର ସଚିବ ଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ବଦଳି ହେବା ଏବଂ ପରେ କର୍ନାଟକରେ ଡିଜିପି ଦାୟିତ୍ୱ ଗ୍ରହଣ କରିବାକୁ ଲକ୍ଷ୍ୟକରି ସେମାନେ କହିଛନ୍ତି ଯେ, ଏହି ନିଷ୍ପତ୍ତି ଏକ ସମ୍ଭାବିତ ରାଜନୈତିକ ପ୍ରେରଣାର ଦିଗକୁ ସୂଚିତ କରୁଛି। ଦତ୍ତ ଯଦିଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ସରକାରଙ୍କୁ ସୁରକ୍ଷା ପରାମର୍ଶ ଦେଇଆସୁଥିଲେ, ତଥାପି ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ତାଙ୍କୁ ଔପଚାରିକ ଭାବେ ନିଯୁକ୍ତ କରାଯାଇଛି। ସିବିଆଇରେ ଦତ୍ତଙ୍କ ବ୍ୟାପକ ପୃଷ୍ଠଭୂମିକୁ ଦେଖିଲେ ଆଶା କରାଯାଉଛି ଯେ ସେ ନିଆରା ଦୃଷ୍ଟିକୋଣ ଗ୍ରହଣ କରିବେ, ଯାହା ସୁରକ୍ଷା ସମ୍ପର୍କିତ ସମସ୍ୟାଗୁଡ଼ିକୁ ପ୍ରଭାବୀ ଶୈଳୀରେ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସକ୍ଷମ ହେବେ।

### ନିଲମ୍ବନ ବାର୍ତ୍ତା

ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ପପୁଲେଶନ ସାଇନ୍ସ (ଆଇଆଇପିଏସ୍)ର ନିର୍ଦ୍ଦେଶକ ପଦରୁ କେ.ଏସ୍.ଜେମ୍ସଙ୍କୁ ନିଲମ୍ବନ କରାଯାଇଛି। ଅନଧିକୃତ ଗବେଷଣା କାର୍ଯ୍ୟକଳାପ ଏବଂ ଆଇଆଇପିଏସ୍‌ରେ ଆର୍ଥିକ ଅନିୟମିତତାରେ ଜଡ଼ିତ ଅଭିଯୋଗ କାରଣରୁ ଜେମ୍ସଙ୍କୁ ନିଲମ୍ବନ କରାଯାଇଥିବା ଔପଚାରିକ ଭାବେ ଦର୍ଶାଯାଇଛି। କିନ୍ତୁ କୁହାଯାଉଛି ଯେ, ଆରମ୍ଭରୁ ନିନ୍ଦିତ କରିବା ଭଳି ତଥ୍ୟକୁ ନେଇ ଜେମ୍ସ ସରକାରଙ୍କ କ୍ରୋଧର ଶିକାର ହୋଇସାରିଥିଲେ। ଜେମ୍ସଙ୍କ ଦାୟିତ୍ୱରେ ଆଇଆଇପିଏସ୍ ଦ୍ୱାରା ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ଏବଂ ଅନ୍ୟ ସମ୍ବେଦନଶୀଳ ପ୍ରସଙ୍ଗ ଯଥା ଜନସଂଖ୍ୟା ଗତିଶୀଳତାରେ ସରକାରୀ ଯୋଜନାର ପ୍ରଭାବ, ସାର୍ବଜନୀନ ସ୍ୱାସ୍ଥ୍ୟ ଓ ସାମାଜିକ-ଆର୍ଥିକ ଅସମାନତା ଉପରେ ସର୍ଭେ କରାଯାଇଛି। ଏହି ଏନ୍‌ଏଫ୍‌ଏଚ୍‌ଏସ୍-୫ ସର୍ଭେ ହିଁ ଜେମ୍ସଙ୍କ ନିଲମ୍ବନର କାରଣ। ରକ୍ତହୀନତା ବଢ଼ିବା ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଜୋର୍ ଦିଆଯାଉଥିଲେ ବି ସବୁ ରାଜ୍ୟରେ ବାହାରେ ମଳତ୍ୟାଗ କରୁଥିବା ବିଷୟ ଏନ୍‌ଏଫ୍‌ଏଚ୍‌ଏସ୍ ସର୍ଭେ-୫ ଦର୍ଶାଇଥିଲା। ଏହା ସ୍ପଷ୍ଟ କରିଥିଲା ଯେ, ୪୦%ରୁ ଅଧିକ ପରିବାର ପାଖରେ ସ୍ୱଚ୍ଛ ଇନ୍ଧନ ନାହିଁ, ଯାହା ଉଜ୍ଜଳା ଯୋଜନା ସଫଳ ହୋଇଛି ବୋଲି ଯେଉଁ ଦାବି କରାଯାଉଛି ତାହା ଉପରେ ପ୍ରଶ୍ନ ଉଠାଇଛି। ଏହା ସ୍ପଷ୍ଟ ଯେ, ସର୍ଭେ ନିର୍ଦ୍ଦିଷ୍ଟ ଭାବେ ଅସୁବିଧାରେ ପକାଇବା ଭଳି ସତ୍ୟ ପଦାକୁ ଆଣିବା ଯୋଗୁ ଏହା କେନ୍ଦ୍ର ସରକାରଙ୍କୁ ଖୁସି କରି ନଥିବ। ସରକାର ଆଗାମୀ ଏନ୍‌ଏଫ୍‌ଏଚ୍‌ଏସ୍-୬ ପାଇଁ ରକ୍ତହୀନତା ସୂଚକାଙ୍କକୁ ବନ୍ଦ କରିବାକୁ ଚାହୁଁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି, ଯାହା ସରକାରଙ୍କ ଅସନ୍ତୋଷକୁ ସହଜରେ ଆକଳନ କରିହୁଏ। ସରକାର ବର୍ଣ୍ଣନା କରୁଥିବା ନିଜ କାହାଣୀକୁ ଚ୍ୟାଲେଞ୍ଜ କରିବା ପାଇଁ ଯେଉଁମାନେ ଚାହୁଁଛନ୍ତି ସେମାନଙ୍କ ସକାଶେ ଜେମ୍ସଙ୍କ ନିଲମ୍ବନ ଏକ ବାର୍ତ୍ତା ବୋଲି ଅନେକେ ବିଚାର କରୁଛନ୍ତି।

### ମିଶ୍ରଙ୍କ ଗୁରୁତ୍ୱ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ନିର୍ଦ୍ଦେଶକ ଭାବେ ସଞ୍ଜୟ କୁମାର ମିଶ୍ରଙ୍କୁ ପାଇବା ଲାଗି ମୋଦି ସରକାର ଏଭଳି ଏକ ସ୍ତର ଯାଏ ଯାଇଛନ୍ତି, ଯାହା ଅତୀତରେ କେବେ ଦେଖାଯାଇନାହିଁ। ସରକାର ସୁପ୍ରିମକୋର୍ଟରେ ଏକ ସ୍ୱତନ୍ତ୍ର ଆବେଦନ କରିଥିଲେ ଏବଂ ସ୍ଥିତିକୁ 'ଅସାଧାରଣ ଓ ଅସାମାନ୍ୟ' ଦର୍ଶାଇ ତାଙ୍କୁ ପଦବୀରେ ରହିବା ଲାଗି ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତେବେ ଏବେ ଚାଲୁଥିବା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ସମୀକ୍ଷା ପାଇଁ ମିଶ୍ର ପଦବୀରେ ରହିବା ଦରକାର ମନେକରି ସୁପ୍ରିମକୋର୍ଟ ବାଧ୍ୟହୋଇ ତାଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ବୋଲି କେତେଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି। ଏପରିକି ପୂର୍ବରୁ ମିଶ୍ରଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣକୁ କୋର୍ଟ ବେଆଇନ ସୂଚିତ କରିଥିଲେ ମଧ୍ୟ ଏବେ 'ସାର୍ବଜନୀନ ଓ ଜାତୀୟ ସ୍ୱାର୍ଥ' କଥା ଦର୍ଶାଇ ତାହାକୁ ସମ୍ପ୍ରସାରଣ କରିଛନ୍ତି। ମିଶ୍ରଙ୍କ କଡ଼ା ନିୟନ୍ତ୍ରଣରେ ଇଡି ଅଧିକ ଶକ୍ତିଶାଳୀ ହୋଇଛି। ଅନ୍ୟପଟେ ବିରୋଧୀ ନେତା ଓ ସରକାରଙ୍କ ସମାଲୋଚକଙ୍କ ବିରୋଧରେ ଇଡିର ତଦନ୍ତକୁ ନେଇ ଅଭିଯୋଗ ଉଠିଛି। ସରକାର ତାଙ୍କ ବିରୋଧୀଙ୍କ ବିରୋଧରେ ଇଡିକୁ ଅତ୍ୟଧିକ ବ୍ୟବହାର କରୁଛନ୍ତି ବୋଲି କୁହାଯାଉଛି। ସମ୍ଭବତଃ, ଶାସକ ଦଳ ଦୃଷ୍ଟିରେ ମିଶ୍ର ଜଣେ 'ଆଦର୍ଶ' ବାବୁ ହେବାର କାରଣ ହେଉଛି ସେ ଲୋ ପ୍ରୋଫାଇଲ ବଜାୟ ରଖିଛନ୍ତି। ୟୁପିଏ ସମୟରେ ଅଫିସରେ ଏହି ଧାରା ବଜାୟ ରଖିଥିଲେ, ଯେଉଁଥିପାଇଁ କଂଗ୍ରେସ ନେତା ଅହମ୍ମଦ ପଟେଲ ଓ ପ୍ରଣବ ମୁଖାର୍ଜୀଙ୍କର ଖୁବ୍ ନିକଟତର ହୋଇପାରିଥିଲେ। ପ୍ରକାଶ ଥାଉକି, ପ୍ରଣବ ଅର୍ଥମନ୍ତ୍ରୀ ଥିବା ସମୟରେ ମିଶ୍ର ତତ୍କାଳୀନ ରାଜସ୍ୱ ସଚିବଙ୍କ ଅପେକ୍ଷା ଅଧିକ କ୍ଷମତାଶାଳୀ ଥିଲେ।

Email: dilipcherian@gmail.com

# ଜଙ୍ଗଲ ସଂରକ୍ଷଣ ନା ଧ୍ୱଂସ ପାଇଁ ବିଲ୍



ଭାଲଚନ୍ଦ୍ର ଷଡ଼ଙ୍ଗୀ

ମଣିପୁର ପ୍ରସଙ୍ଗରେ ସଂସଦରେ ବିରୋଧୀ ଦଳଙ୍କ ଅନୁପସ୍ଥିତି ସୁଯୋଗରେ କେନ୍ଦ୍ର ସରକାର ଜଙ୍ଗଲ ସଂରକ୍ଷଣ ବିଲ୍-୨୦୨୩କୁ ଲୋକ ସଭାରେ ଗୃହୀତ କରାଇଛନ୍ତି। ଦେଶର ଜଙ୍ଗଲ, ପରିବେଶ ଓ ଜୈବବିବିଧତା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିବା ଏହି ବିଲ୍‌ଟିକୁ ସରକାର ଦେଶର ବିଭିନ୍ନ ମହଲରୁ ବ୍ୟାପକ ବିରୋଧ ସତ୍ତ୍ୱେ ସଂସଦରେ ବିନା କୌଣସି ଆଲୋଚନା କିମ୍ବା ବିତର୍କରେ ଯେଉଁଭଳି ତରବରିଆ ଭାବେ ଗୃହୀତ କରାଇଲେ ସେଥିରୁ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ବାରିହେଉଛି। ବିଲ୍‌ଟି ଲୋକ ସଭା ପରି ରାଜ୍ୟ ସଭାରେ ବି ଗୃହୀତ ହୋଇ ଶେଷରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲେ ଆଇନରେ ପରିଣତ ହେବା ସହ ପୂର୍ବର ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ସ୍ଥାନ ନେବ।

ବିଲ୍‌ର ମୁଖବନ୍ଧରେ ଦେଶର ଜଙ୍ଗଲ ଏବଂ ପରିବେଶର ସଂରକ୍ଷଣ ନେଇ ଅନେକ କଥା କୁହାଯାଇଛି। ଏହା ସତ ଯେ ସରକାର ୨୦୧୫ରେ ପ୍ୟାରିସ ଠାରେ ଅନୁଷ୍ଠିତ ବିଶ୍ୱ ଜଳବାୟୁ ସମ୍ମିଳନୀରେ ବାର୍ଷିକ ୨୫୦ରୁ ୩୦୦ କୋଟି ଟନ୍ ଅଙ୍ଗାରକାମ୍ଳ ଗାସ୍‌କୁ ଶୋଷିବା ବା ଆହରଣ କରିବା ପାଇଁ ୨୦୩୦ ସୁଦ୍ଧା ଦେଶର ସର୍ବନିମ୍ନ ୩୩% ଭୂଭାଗକୁ ଜଙ୍ଗଲରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ ବର୍ତ୍ତମାନ ଦେଶର ମାତ୍ର ୨୧.୬୧% ଭୂଭାଗରେ ଜଙ୍ଗଲ ଅଛି। ଯଦି ଏହି ଘୋଷିତ ଜଙ୍ଗଲ ବାହାରେ ଥିବା ଜଙ୍ଗଲକୁ ମିଶାଯିବ ତାହେଲେ ଏହି ପରିମାଣ ସର୍ବାଧିକ ୨୪% ହେଉଛି। ଏଭଳି ସ୍ଥିତିରେ ୩୩% ଭୂଭାଗରେ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କ ପ୍ରତିଶ୍ରୁତି ଅବାସ୍ତବ ମନେହୁଏ।

ବିଲ୍‌ରେ ସରକାର ଭାରତୀୟ ଜଙ୍ଗଲ ଅଧିନିୟମ - ୧୯୨୭ ଏବଂ ଅନ୍ୟାନ୍ୟ ଆଇନ ଅନୁଯାୟୀ ଘୋଷିତ ଅଥବା ବିଜ୍ଞପ୍ତି ପ୍ରାପ୍ତ ସମସ୍ତ ଜଙ୍ଗଲକୁ ତଥା ଅକ୍ଟୋବର ୨୫, ୧୯୮୦ରେ କିମ୍ବା ତା'ପରେ ଜଙ୍ଗଲ ଭାବରେ ରେକର୍ଡ କରାଯାଇଥିବା ଜଙ୍ଗଲ ଜମିକୁ ସଂରକ୍ଷଣର ପରିସରଭୁକ୍ତ କରିଛନ୍ତି। ଫଳରେ ଶ୍ରେଣୀଭୁକ୍ତ ହୋଇ ନ ଥିବା ଜଙ୍ଗଲଗୁଡ଼ିକୁ ସଂରକ୍ଷଣ ବ୍ୟବସ୍ଥାରୁ ବାହାରେ ରଖାଯାଇଛି। ସରକାରଙ୍କ ଏହି ପଦକ୍ଷେପ କିନ୍ତୁ ସୁପ୍ରିମକୋର୍ଟଙ୍କ ୧୯୯୬ରେ ଦିଆଯାଇଥିବା 'ଟି.ଏନ୍ ଗୋଦାବର୍ମନ୍ ବନାମ ଭାରତ ସରକାର' ମାମଲାର ରାୟର ଖୋଲାଖୋଲି ଉଲ୍ଲଂଘନ କରୁଛି। କାରଣ କୋର୍ଟ ସେତେବେଳେ ନିଜ ରାୟରେ ଜଙ୍ଗଲର ଅଭିଧାନିକ ପରିଭାଷା ଅନୁଯାୟୀ ବ୍ୟାଖ୍ୟା କରିବା ସହ ଜଙ୍ଗଲ ସଂରକ୍ଷଣ ଆଇନର ପରିସୀମାକୁ ସମ୍ପ୍ରସାରିତ କରିଥିଲେ। ଜଙ୍ଗଲ ରହିଥିବା ଦେଶର ସବୁ ଜମିକୁ ଏପରିକି ବ୍ୟକ୍ତିଗତ ଜମିରେ ଥିବା ଜଙ୍ଗଲକୁ ବି ଜଙ୍ଗଲ ଜମି ବୋଲି ଘୋଷଣା କରି ତା'କୁ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ପରିସରଭୁକ୍ତ କରିଥିଲେ।




ଏହାଫଳରେ ଜଙ୍ଗଲ ସଂରକ୍ଷଣ ଆଇନ ମୁତାବକ, ଉପରୋକ୍ତ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାମରେ ବ୍ୟବହାର କରିବା ଉପରେ କଟକଣା ଲାଗୁହେବା ସହ ସେଠାରେ ଜଙ୍ଗଲ ପରିଚାଳନା ଓ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ୨୦୨୧ରେ ପ୍ରକାଶିତ ଭାରତ ସରକାରଙ୍କ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ଭାରତର ସମୁଦାୟ ଜଙ୍ଗଲ ଆବରଣ ୭,୭୫,୨୮୮ ବର୍ଗ କିଲୋମିଟର ବୋଲି କୁହାଯାଇଛି। ସେଥିମଧ୍ୟରୁ ୧,୨୦,୭୮୩ ବର୍ଗ କିଲୋମିଟର, ଯାହାକି ସମୁଦାୟ ଜଙ୍ଗଲ ଜମିର ୧୬%, ଉପରୋକ୍ତ ଅଶ୍ରେଣୀଭୁକ୍ତ ଜଙ୍ଗଲ ଅଧୀନରେ ଆସୁଛି। ଏପରିକି କିଛି ରାଜ୍ୟରେ ଏହି ପ୍ରତିଶତଠାରୁ ଅଧିକ ଜଙ୍ଗଲ ଜମି ଏହି ଶ୍ରେଣୀରେ ଆସୁଛି। ଅନ୍ୟପଟେ ପରିବେଶ ଓ ଜୈବ ବିବିଧତା ଦୃଷ୍ଟିରୁ ଏହି ଅଶ୍ରେଣୀଭୁକ୍ତ ଜଙ୍ଗଲ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। କିନ୍ତୁ ବିଲ୍‌ରେ ଅଶ୍ରେଣୀଭୁକ୍ତ ଜଙ୍ଗଲର ଏହି ବିଶାଳ ଭୂଭାଗକୁ ସଂରକ୍ଷଣ ଆଇନର ପରିଧିରୁ ବାହାରେ ରଖିବାକୁ କୁହାଯାଇଛି। ସେପରି ହେଲେ, ଆଗାମୀ ଦିନରେ ସରକାର ବିକାଶ ନାମରେ ଏହି ଲକ୍ଷାଧିକ ବର୍ଗ କି.ମି.ର ଜଙ୍ଗଲ ଜମି ଏବଂ ତା ଉପରେ ରହିଥିବା ମୂଲ୍ୟବାନ୍ ଜଙ୍ଗଲ ସମ୍ପଦକୁ କର୍ପୋରେଟରମାନଙ୍କୁ ଦେବାର ସମ୍ଭାବନା ରହିଛି।

ଜଙ୍ଗଲ ସଂରକ୍ଷଣ ବିଲ୍, ୨୦୨୩ ଆହୁରି ବିଭିନ୍ନ ପ୍ରକାରର ଜଙ୍ଗଲ ଜମିକୁ ସଂରକ୍ଷଣ ଆଇନର ପରିଧିରୁ ମୁକ୍ତ କରୁଛି। ଅର୍ଥାତ୍ ଏସବୁ ଜଙ୍ଗଲକୁ କୌଣସି ଅଣ-ଜଙ୍ଗଲ କାର୍ଯ୍ୟରେ ଉପଯୋଗ କରିବା ପାଇଁ ଏଣିକି ଜଙ୍ଗଲ ମଞ୍ଜୁରୀର ଅନିବାର୍ଯ୍ୟତା ରହିବନି। ଅନ୍ତର୍ଜାତୀୟ ସୀମା ସଂଲଗ୍ନ ଜଙ୍ଗଲ ଜମିରେ ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା କୌଣସି ରାସ୍ତା ଓ ରେଳ ଭିତ୍ତିଭୂମି ନିର୍ମାଣ କରିବା କ୍ଷେତ୍ରରେ ବି ଏଥିରେ ଛାଡ଼ କରାଯାଇଛି। ଏହି ସଂଶୋଧନରେ ''ଅନ୍ତର୍ଜାତୀୟ ସୀମାଠାରୁ ୧୦୦ କିଲୋମିଟର ମଧ୍ୟରେ ଅର୍ଥାତ୍ ତ୍ରିପୁରା, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ସିକିମ୍ ପରି ଉତ୍ତର ପୂର୍ବର ରାଜ୍ୟ ତଥା ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜମ୍ମୁ କଶ୍ମୀର ପରି ସୀମାନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳ ରହିଥିବା ଜଙ୍ଗଲ ଜମି ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ରୁ ମୁକ୍ତ ହେବ ଏବଂ ସେଠାରେ ''ଜାତୀୟ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ପ୍ରକଳ୍ପ ନିର୍ମାଣ ଏବଂ ଜାତୀୟ ସୁରକ୍ଷା'' ପାଇଁ ସରକାରଙ୍କ ଜଙ୍ଗଲ ଅନୁମତି ଆଉ ଦରକାର ପଡ଼ିବନି। ସଂରକ୍ଷଣରୁ ମୁକ୍ତ ହୋଇ ଏସବୁ ଜଙ୍ଗଲ ଅଣ-ଜଙ୍ଗଲ କାମରେ ଉପଯୋଗ ହେଲେ ସେଠାକାର ଜୈବ ବିବିଧତା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ ଏବଂ ଚରମ ପାଣିପାଗ ଘଟଣା ବି ଘଟିପାରେ। ଏହାବ୍ୟତୀତ ଆଭ୍ୟନ୍ତରୀଣ ସୁରକ୍ଷା ନାଁରେ ସରକାର ଦେଶର ଯେକୌଣସି ଜଙ୍ଗଲ ଅଞ୍ଚଳରେ ୫-୧୦ ହେକ୍ଟର ଜଙ୍ଗଲ ଜମିରେ କୌଣସି ଅଣଜଙ୍ଗଲ କାର୍ଯ୍ୟ ପାଇଁ ୫ରୁ ୧୦ ହେକ୍ଟର ଜଙ୍ଗଲ ଜମିକୁ ବିନା କୌଣସି ପ୍ରତିବନ୍ଧକରେ ହସ୍ତାନ୍ତର କରିପାରିବେ।

ବିଲ୍‌ରେ ପରିବେଶ ପର୍ଯ୍ୟଟନ ନାଁରେ ଘରୋଇ କମ୍ପାନୀଗୁଡ଼ିକୁ ପ୍ରାଣୀ ଉଦ୍ୟାନ, ବନ୍ୟଜନ୍ତୁ ସଫାରି ଏବଂ ବ୍ୟାଘ୍ର ସଂରକ୍ଷଣ ପରି ପ୍ରକଳ୍ପକୁ ସଂରକ୍ଷଣ ଆଇନରୁ ରିହାତି ଦିଆଯାଇଛି। ଘରୋଇ କମ୍ପାନୀଙ୍କ ମୁନାଫା ପାଇଁ ଉଦ୍ଦିଷ୍ଟ ଏସବୁ ପ୍ରକଳ୍ପ ଲାଗି ଦେଶର ବିପୁଳ ଜଙ୍ଗଲ ସମ୍ପଦକୁ ବ୍ୟବହାର କରିବା ଉଭୟ ପରିବେଶ ଓ ଜୈବବିବିଧତା ଦୃଷ୍ଟିରୁ କ୍ଷତିକାରକ ହେବ।

ପୂର୍ବ ଆଇନରେ ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ ଜଙ୍ଗଲ ଜମିର ଡାଇଭର୍ସନ ବା ହସ୍ତାନ୍ତର ପ୍ରକ୍ରିୟା ଜଟିଳ ଥିଲା। କିନ୍ତୁ ନୂତନ ବିଲ୍ ମାଧ୍ୟମରେ ସରକାର ଅଣ ଜଙ୍ଗଲ କାମ କ୍ଷେତ୍ରରେ ରହିଥିବା ଏହି ଅସୁବିଧାଗୁଡ଼ିକୁ ହଟାଇବାକୁ ଚେଷ୍ଟା କରି ଜଙ୍ଗଲ ଅନୁମତି ପାଇବାର ପ୍ରକ୍ରିୟାକୁ ପୂର୍ବାପେକ୍ଷା ସହଜ କରିଛନ୍ତି। ଏପରିକି ଅନେକ ଶ୍ରେଣୀର ଜଙ୍ଗଲକୁ ବାଧ୍ୟତାମୂଳକ ଅନୁମତି ପ୍ରକ୍ରିୟାରୁ ବାଦ ଦିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ଜଙ୍ଗଲ ଜମିରେ ନିଜର ପ୍ରକଳ୍ପ କରିବାକୁ ଇଚ୍ଛୁକ କର୍ପୋରେଟ୍‌ମାନଙ୍କ ମୁନାଫାକୁ ବଢ଼ାଇବ। କିନ୍ତୁ ସେଠାରେ ଥିବା ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କୁ କ୍ଷତିଗ୍ରସ୍ତ କରିବ। କାରଣ ସେସବୁ ଜଙ୍ଗଲ ଜମି ସଂରକ୍ଷଣରୁ ମୁକ୍ତ ହେବା ପରେ ଅଣଜଙ୍ଗଲ କାମରେ ତା'ର ହସ୍ତାନ୍ତର ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର କୌଣସି ଭୂମିକା ରହିବନି।

ଦେଶର ଜଙ୍ଗଲ ସଂରକ୍ଷଣ ଆଇନରେ ଅଣାଯାଇଥିବା ଏହି ସଦ୍ୟତମ ସଂଶୋଧନ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ବରଂ ମୋଦି ସରକାର ଅମଳରେ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ଦେଶର ଜଙ୍ଗଲ ଏବଂ ପରିବେଶ ସହ ଜଡିତ ବିଭିନ୍ନ ଆଇନ ଓ ନିୟମରେ ଯେଉଁଭଳି ପରିବର୍ତ୍ତନ କରାଯାଉଛି, ଏହା ଅଂଶ ବିଶେଷ ମାତ୍ର। ଭାଜପାର ଗତ ନଅ ବର୍ଷର ଶାସନ କାଳରେ କ୍ଷତିପୂରଣକାରୀ ବନୀକରଣ (କାମ୍ପା) ଆଇନ ପ୍ରଣୟନ ସହ ଜଙ୍ଗଲ ଅଧିକାର ଆଇନ -୨୦୦୬କୁ ଦୁର୍ବଳ କରିବାକୁ ଲଗାତର ପ୍ରଚେଷ୍ଟା ହୋଇଛି। ଆମର ଜମି, ଜଙ୍ଗଲ, ପ୍ରାକୃତିକ ସମ୍ପଦ ଓ ଜୀବିକା ଉପରେ ଦେଶୀ ବିଦେଶୀ କର୍ପୋରେଟ୍ ଓ ସରକାରଙ୍କ ନିୟନ୍ତ୍ରଣକୁ ବଢ଼େଇବା ପାଇଁ ଅଣା ଯାଇଥିବା ଏହି ସଦ୍ୟତମ ବିଲ୍ ଦେଶର ଜଙ୍ଗଲ, ପରିବେଶ ଓ ଜୈବ ବିବିଧତା ସହ ଆଦିବାସୀ, ପାରମ୍ପରିକ ବନଜୀବୀଙ୍କ ଜୀବନ ଜୀବିକା ପ୍ରତି ଭୟଙ୍କର ବିପତ୍ତି ଆଣିବାକୁ ଯାଉଛି।

ମୋ : ୯୪୩୭୧୭୬୩୭୪

# ବାବୁଙ୍କ କ୍ଷମତା ମୋହ



ଡ. ଷ୍ଟାଲିନ୍ ମିଶ୍ର

ଭାରତୀୟ ପ୍ରଶାସନିକ ଅଧିକାରୀ କିମ୍ବା ରାଜ୍ୟ ପ୍ରଶାସନିକ ଅଧିକାରୀମାନେ ଚାକିରି କାଳରେ ଜିଲା, ତହସିଲ ତଥା ବ୍ଲକର ଜନତାଙ୍କ ସମସ୍ୟା ବୁଝିବାକୁ, ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ତଥା ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ପାଇଥାନ୍ତି। ଲୋକପ୍ରତିନିଧିମାନେ ସେପରି ସୁଯୋଗ ପାଇ ନ ଥାନ୍ତି। ସେମାନେ ନିଜ ନିଜ ନିର୍ବାଚନ କ୍ଷେତ୍ର ମଧ୍ୟରେ ସୀମିତ। ନେତାମାନଙ୍କ ଉପରେ ଦଳୀୟ ଶୃଙ୍ଖଳା ଲାଗୁ ହୁଏ, ସେମାନେ ଚାହିଁଲେ ବି ଖୋଲାଖୋଲି ନିଜ ଦଳ କିମ୍ବା ସରକାର ବିରୋଧରେ ମନ୍ତବ୍ୟ ଦେଇପାରନ୍ତି ନାହିଁ। ଅନିଚ୍ଛାକୃତ ଭାବେ ଦଳୀୟ ତଥା ସରକାରୀ ଅନୀତିକୁ ସମର୍ଥନ କରିଥାନ୍ତି ଅଥବା ନୀରବ ରହିଥାନ୍ତି। କିନ୍ତୁ ବାବୁମାନେ ଏସବୁ ଶୃଙ୍ଖଳରୁ ମୁକ୍ତ। ସେମାନଙ୍କୁ ସରକାରୀ ତଥା ଦଳୀୟ ଚାପରେ କାମ କରିବାକୁ କେହି ବାଧ୍ୟ କରି ପାରିବେ ନାହିଁ। ଆମ ଦେଶର ସମ୍ବିଧାନ ସରକାରୀ ବାବୁମାନଙ୍କୁ କୌଣସି ରାଜନୈତିକ ଚାପକୁ ଭୂକ୍ଷେପ ନକରି ଜନତାଙ୍କ ସେବା କରିବାକୁ ଅଖଣ୍ଡ କ୍ଷମତା ଦେଇଛି। କିନ୍ତୁ ସେମାନେ ଚାକିରି କାଳରେ କେବେ ବି ଜନତାଙ୍କ ହିତସାଧନ ପାଇଁ ସେହି ଅଖଣ୍ଡ କ୍ଷମତା ପ୍ରୟୋଗ କରିନଥାନ୍ତି। ବରଂ ସରକାରଙ୍କ ସମସ୍ତ ଅନୈତିକ କାର୍ଯ୍ୟକୁ ପୂର୍ଣ୍ଣ ସହାୟତା ପ୍ରଦାନ କରିଥାନ୍ତି ତଥା କଳା କାରନାମାରେ ଭାଗୀଦାର ହୋଇ ଅସତ ଧନ ଠୁଳ କରିଥାନ୍ତି।

ଏପରି ଅସତ ବାବୁମାନଙ୍କ ଚିଠା ଲମ୍ବା। ଆମ ରାଜ୍ୟରେ ଏପରି ଅନେକ ବାବୁ କ୍ଷମତା ଲାଳସାରେ ସେବାନିବୃତ୍ତି ପରେ ରାଜନୀତିରେ ପ୍ରବେଶ କରିବା ଦେଖାଯାଏ। ଯେଉଁ ପଦସ୍ଥ ବାବୁମାନେ ନିଜ ଚାକିରି କାଳରେ ସମସ୍ତ ସୁବିଧା ସୁଯୋଗ ପାଇ ମଧ୍ୟ ଦେଶ ତଥା ଜନତାଙ୍କ ସେବା କରିପାରିଲେ ନାହିଁ, କୌଣସି ସମସ୍ୟାର ସ୍ଥାୟୀ ସମାଧାନର ସୂତ୍ର ପାଇପାରିଲେ ନାହିଁ ସେମାନେ ସେବାନିବୃତ୍ତି ପରେ ବୟସର ଅପରାହ୍ନରେ ଅଧିକ କ'ଣ କରିପାରିବେ ? ପ୍ରକୃତ କଥା ହେଲା ଜଣେ ଯେତେ ଉଚ୍ଚପଦସ୍ଥ ଅଧିକାରୀ ହେଲେ ମଧ୍ୟ ସେବାନିବୃତ୍ତି ପରେ ସେ ସାଧାରଣ ଲୋକ। ନା କେହି ତାଙ୍କୁ ଭୟ କରନ୍ତି ନା ତାଙ୍କ ହୁକୁମ ମାନନ୍ତି। କେବଳ ସରକାରୀ ଚାକିରି ଜୀବନର କ୍ଷମତା, ସୁବିଧା ସୁଯୋଗ, ଗାଡ଼ି, ବଙ୍ଗଳା, ମାଳୀ-ଡ୍ରାଇଭର ତଥା ଚୌକିର ମୋହ ପରିତ୍ୟାଗ କରିପାରୁ ନ ଥିବା କିଛି ଅତୃପ୍ତ ବ୍ୟକ୍ତି ଏମାନେ। ମୃତ୍ୟୁ ପର୍ଯ୍ୟନ୍ତ କ୍ଷମତା ଉପଭୋଗ କରିବାର ଆସ୍ଫାଳନରେ ଏମାନେ ଛଟପଟ। ଚାକିରି କାଳରେ ସରକାରଙ୍କ ଭୁଲ ନୀତିକୁ ଥରଟିଏ ବିରୋଧ କରିବାକୁ ସାହସ ସଞ୍ଚୟ କରିପାରି ନ ଥିବା ଏହି ବାବୁମାନେ ସେବାନିବୃତ୍ତି ପରେ ରାଜନୀତିକୁ ଆସି ସରକାରଙ୍କ ଦୋଷ ଦୁର୍ବଳତା ବିଷୟରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ତଥା ସରକାର ବଦଳାଇବାକୁ ସ୍ୱପ୍ନ ଦେଖିବା ନିହାତି ହାସ୍ୟାସ୍ପଦ କଥା। ଆମ ଜନତା ମଧ୍ୟ ବହୁ ସରଳ ନିଷ୍ପଟ, ଏହି ବାବୁମାନଙ୍କୁ ପ୍ରଶ୍ନ ପଚାରିବାକୁ ଅସମର୍ଥ। ନ ହେଲେ ଚାକିରି ଜୀବନରେ କି ସେବା କରିଛନ୍ତି ତଥା ରାଜ୍ୟ ଓ ଜନତାଙ୍କ ପାଇଁ କ'ଣ ଉପଲବ୍ଧି ଅଛି ବୋଲି ନ ପଚାରି ତାଙ୍କ ପଛରେ ତାଳି ମାରି ଗୋଡ଼ାଉ ନଥାନ୍ତେ। ଦବଦବା କାଏମ ରଖିବା ପାଇଁ ରାଜନୀତି ହିଁ ଏକମାତ୍ର ମାର୍ଗ। ତେଣୁ ଏହି ଦେଶ ସେବା ନାଟକର ଉତ୍ପତ୍ତି।



କିଛି ଲୋକ କହିବେ ଯେ ଚାକିରି କାଳରେ ବାବୁମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ ଥାଏ, ପରିସୀମା ନିର୍ଦ୍ଧାରିତ ଥାଏ ସେଥିପାଇଁ ସେମାନେ ଜନତାଙ୍କ ସେବା କରିପାରନ୍ତି ନାହିଁ। ରାଜନୀତିକୁ ଆସିଲେ ସେମାନେ ଅଧିକ ସେବା କରିପାରିବେ। ତା'ହେଲେ ସେବାନିବୃତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାର ଆବଶ୍ୟକତା କ'ଣ? ଚାକିରି ଅଧାରୁ ଛାଡି ମଧ୍ୟ ସେମାନେ ରାଜନୀତିକୁ ଆସିପାରିଥାନ୍ତେ। ଜନତା ତଥା ଦେଶ ସେବାରେ ନିଜକୁ ଉତ୍ସର୍ଗ କରିପାରିଥାନ୍ତେ। କିନ୍ତୁ ସେପରି କଲେ ନିଜ ଜୀବନ ଅନିଶ୍ଚିତ ହୋଇଯାଇଥାନ୍ତା। ଶାସକ ଦଳ କୃପାରୁ ରାଜ୍ୟ ସଭା ଯିବାର ମୌକା ବି ଅଛି। କିଛି ନ ହେଲେ ସରକାରଙ୍କ ସହିତ ରହିଲେ କୌଣସି ସରକାରୀ ଉଦ୍ୟୋଗ ସଂସ୍ଥାର ମୁଖ୍ୟ ହୋଇ ରାଜ୍ୟମନ୍ତ୍ରୀ ପାହ୍ୟା ତ ମିଳିପାରିବ। ତେଣୁ ଏହି ଲାଭ ଲୋଭର ଖେଳରେ ସରକାରଙ୍କ ହଁ ରେ ହଁ ମିଳାଇ ଚାଲନ୍ତି, ଜନତାଙ୍କ ସାର୍ଥକୁ ଜଳାଞ୍ଜଳି ଦେଇ ଚାଲନ୍ତି। ସରକାରୀ ନିୟନ୍ତ୍ରଣ ଓ ଚାକିରି ନିୟମାବଳୀର ପରିସୀମା ବାହାନା ପଛର ଏହାହିଁ ପ୍ରକୃତ ସତ୍ୟତା।

ଆମ ଦେଶରେ ଏପରି ବହୁ ଉଦାହରଣ ବି ଅଛି ଯେଉଁଠି ନିଜର ବୃତ୍ତି, ସୁଖସ୍ୱାଚ୍ଛନ୍ଦ୍ୟ, ସୁବିଧା ସୁଯୋଗକୁ ପରିତ୍ୟାଗ କରି ଜନତାଙ୍କ ସେବା ପାଇଁ ଚାକିରି ଅଧାରୁ ଛାଡି ଅନେକ ରାଜନୀତିକୁ ଆସିଛନ୍ତି। ସେମାନେ ଏହି ସେବାନିବୃତ୍ତ ସୁବିଧାବାଦୀଙ୍କଠାରୁ ବରଂ ଅଧିକ ତ୍ୟାଗୀ ଓ ଗ୍ରହଣୀୟ। କାରଣ ସେମାନେ ନିଜକୁ ତଥା ନିଜ ପରିବାରକୁ ଅସୁବିଧାରେ ପକାଇ ଜନତାଙ୍କ ସେବା ପାଇଁ ରାଜନୀତିକୁ ବାଛିଛନ୍ତି।

ନିଜର ରାଜନୈତିକ ଅଭିଳାଷକୁ ପୂରଣ କରିବା ପାଇଁ ଜଣେ ନ୍ୟାୟାଧୀଶ ସରକାରଙ୍କ ସପକ୍ଷରେ ନ୍ୟାୟ ପ୍ରଦାନ କରିବାର ସମ୍ଭାବନା ହେଉ ଅବା ଜଣେ ମୁଖ୍ୟ ଶାସନ ସଚିବ ସରକାରଙ୍କ ସମସ୍ତ ଦୋଷ ଦୁର୍ବଳତାକୁ ଲୁଚାଇବା ତଥା ଦୁର୍ନୀତିକୁ ପ୍ରଶ୍ରୟ ଦେବା ପାଇଁ ପ୍ରେରିତ ହୋଇଥାଏ। ଆମ ବିଧି ବ୍ୟବସ୍ଥାରେ ଏପରି ଲୋକଙ୍କର ରାଜନୀତିରେ ପ୍ରବେଶ ପାଇଁ ପଥ ଉନ୍ମୁକ୍ତ ହେବା ଜନତା ଓ ଦେଶ ପାଇଁ ହିତକର କଥା ନୁହେଁ। ତେଣୁ ଉଚ୍ଚପଦସ୍ଥ ପ୍ରଶାସନିକ ବାବୁମାନଙ୍କ ସେବାନିବୃତ୍ତି ପରେ ରାଜନୀତିକୁ ଆସିବା ଦେଶସେବା ନୁହେଁ ବରଂ ଅବସର ବିନୋଦନ ତଥା କ୍ଷମତା ଉପଭୋଗ ପାଇଁ ଉଦ୍ଦିଷ୍ଟ। ଯେଉଁ ରାଜନୈତିକ ଦଳମାନେ ନିଜର ଗୁମର ଫିଟିଯିବା ଭୟରେ ଏପରି ଉଚ୍ଚ ପଦରେ ଥିବା ବାବୁମାନଙ୍କ ରାଜନୈତିକ ଥଇଥାନ କିମ୍ବା ଅବସର ପରେ ପୁନଃ ନିଯୁକ୍ତି ଦେଉଛନ୍ତି ସେମାନଙ୍କୁ ବିରୋଧ କରିବା ଆବଶ୍ୟକ।

ମୋ: ୯୩୪୩୯୩୫୩୪୧

## ଏଇ ଭାରତରେ

ବେଳାଭୂମି ପରିବେଶକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବାରେ ଲିସ୍‌ବନ ଫେରାଓଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ସେ ମୁମ୍ବାଇ ବିଚ୍‌ରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା କରିବା ଲାଗି 'ବସାଇ ବିଚ୍ କ୍ଲିନ୍‌ର' ଅଭିଯାନ ଆରମ୍ଭ କରିଛନ୍ତି। ବିଚ୍‌ରେ ପିଲାମାନେ ବାଲି ବଦଳରେ ପ୍ଲାଷ୍ଟିକ୍‌ରେ ଖେଳୁଥିବା ଦେଖିବା ପରେ ସେ ଏହି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅଭିଯାନରେ ସେ ଯୁବ ପରିବେଶପ୍ରେମୀଙ୍କୁ ଉତ୍ସାହିତ କରିପାରିଛନ୍ତି । ଫେରାଓ ଓ ତାଙ୍କ ଟିମ୍ ସପ୍ତାହାନ୍ତରେ ମୁମ୍ବାଇ ବିଚ୍‌ରୁ ବର୍ଜ୍ୟ ସଫା କରୁଛନ୍ତି। ଟିମ୍‌ର ଅନେକ ସଦସ୍ୟ କର୍ମଜୀବୀ ହୋଇଥିବାରୁ ସେମାନେ ଏଭଳି ପଦ୍ଧତି ଅବଲମ୍ବନ କରୁଛନ୍ତି। ଏବେସୁଦ୍ଧା ସେମାନେ ୬୫୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିସାରିଲେଣି। ଏସବୁ ବର୍ଜ୍ୟ ଭିତରେ ରହିଛି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ କପ୍, କ୍ଷୀର ପ୍ୟାକେଟ, ମାଛଧରା ଜାଲ, ବ୍ୟାଗ୍‌ପ୍ୟାକ୍ ଓ ସିମେଣ୍ଟ ବ୍ୟାଗ୍ ଇତ୍ୟାଦି। ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିବା ପରେ ତାହାକୁ ରିସାଇକିଲିଂ ସେଣ୍ଟରକୁ ପଠାଉଛନ୍ତି। ଲଗାତର ବିଚ୍‌କୁ ପ୍ରଦୂଷଣ କରୁଥିବା ବ୍ୟକ୍ତିମାନଙ୍କ ଆହ୍ୱାନକୁ ସାମ୍ନା କରି ସେ ଏହି ଅଭିଯାନ ଜାରି ରଖିବା ସହ ପ୍ରଦୂଷଣମୁକ୍ତ ବିଚ୍ ଲାଗି ଲୋକମାନଙ୍କୁ ସଚେତନ କରାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୯୮

- ବମ୍ବେର ବାନ୍ଦ୍ରାଠାରେ ସାତମହଲା କୋଠା ଭୁଶୁଡ଼ି ପଡ଼ିବା ଫଳରେ ୩୨ ଜଣଙ୍କ ମୃତ୍ୟୁ।
- ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାସ୍ଥିତ ସାଲିଆନ ଗ୍ରାମରେ ଉଗ୍ରପନ୍ଥୀମାନେ ଏକ ମୁସଲିମ ପରିବାରର ୧୯ ଜଣଙ୍କୁ ହତ୍ୟା କରିଛନ୍ତି।
- ଯୁଦ୍ଧଖୋର ଉଜବେକିସ୍ତାନ ଜେନେରାଲ ଅବଦୁଲ ରଶିଦ ଦୋସ୍ତାମଙ୍କ ମୁଖ୍ୟ ଆଡ୍ଡାସ୍ଥଳ ଶବାରଗାନକୁ ଆଫଗାନିସ୍ତାନର ତାଲିବାନ ବିଦ୍ରୋହୀମାନେ ନିଜ ନିୟନ୍ତ୍ରଣକୁ ଆଣିଛନ୍ତି।

## ଚିରନ୍ତନୀ

ବିଚିତ୍ରିତ ଏ ଭୁବନ, ଲୁପ୍ତ ଝରଣାର ବ୍ୟଥା ବହି
ଝରିପଡ଼େ ଯେ କୋରକ କୋଟି ବିୟୋଗର ପ୍ରାସ ସହି
ସୃଜନର ଅଶ୍ରୁ ରାଶି ଝରି ପଡ଼େ ସଦା,
ଏ ଧରଣୀ ହୁଏ ତହିଁ ଓଦା।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | | | | | 3 |
| | | | | 8 | 7 | | | |
| 2 | | 4 | | | | 6 | | |
| | | | | 3 | | 2 | | |
| 1 | | 8 | | | | | | 4 |
| | 3 | 7 | | | 5 | 9 | | |
| 7 | | | | | | | 3 | 6 |
| | | | 9 | | | 8 | 2 | |
| 8 | | | 3 | 6 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 4 | 1 | 5 | 2 | 6 |
| 6 | 2 | 1 | 7 | 5 | 8 | 4 | 3 | 9 |
| 4 | 3 | 5 | 9 | 2 | 6 | 1 | 8 | 7 |
| 1 | 5 | 6 | 2 | 9 | 3 | 8 | 7 | 4 |
| 3 | 4 | 7 | 1 | 8 | 5 | 9 | 6 | 2 |
| 2 | 8 | 9 | 6 | 7 | 4 | 3 | 1 | 5 |
| 5 | 9 | 3 | 8 | 6 | 7 | 2 | 4 | 1 |
| 8 | 6 | 2 | 4 | 1 | 9 | 7 | 5 | 3 |
| 7 | 1 | 4 | 5 | 3 | 2 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଷା ବନାମ ସାହିତ୍ୟ

ମହାଶୟ,

ଭାଷା ଓ ସାହିତ୍ୟ ଏକ କଥା ନୁହେଁ । ଉଭୟଙ୍କ ମଧ୍ୟରେ ପ୍ରଭେଦ ରହିଛି । ଭାଷା ହେଉଛି ଭାବ ପ୍ରକାଶର ସର୍ବଶ୍ରେଷ୍ଠ ମାଧ୍ୟମ । ଏହା ଜ୍ଞାନ ବିଜ୍ଞାନର ବିଷୟ, ସାହିତ୍ୟ ହେଉଛି କଳ୍ପନାର ବସ୍ତୁ । ସାହିତ୍ୟ ନ ଥାଇ ଭାଷା ଦୀର୍ଘ କାଳ ବଞ୍ଚି ରହିପାରେ । ମାତ୍ର ଭାଷା ବିନା ସାହିତ୍ୟ ନାହିଁ । ଏଣୁ ଭାଷାକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ । ଏବେ ବହୁ ଲୋକ ସାହିତ୍ୟ ରଚନା, ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ବ୍ୟାକୁଳ । ମାତ୍ର ଭାଷା ପାଇଁ କେହି ଚିନ୍ତା କରୁନାହାନ୍ତି । ଆମର ମାତୃଭାଷା ଓଡ଼ିଆ ଏବେ ଅବକ୍ଷୟମୁଖୀ । ଏହାର ମୁଖ୍ୟ କାରଣ, ଓଡ଼ିଆଙ୍କ ମଧ୍ୟରେ ଏହି ଭାଷା ପ୍ରତି ଆଦର ନାହିଁ। ଓଡ଼ିଆ ପରିବାରରେ ମାତାପିତା ଓ ଅଭିଭାବକ ପିଲାମାନଙ୍କୁ ଇଂଲିଶ ଭାଷାରେ ପାଠ ପଢାଇବାକୁ ବ୍ୟାକୁଳ । ଓଡ଼ିଆ ପାଠ ପଢ଼ାଇବାକୁ ଚାହୁଁ ନାହାନ୍ତି । ଯେଉଁ ରାଜ୍ୟ କେବଳ ଭାଷା ଭିତ୍ତିରେ ଗଠିତ ହୋଇଥିଲା ସେହି ରାଜ୍ୟବାସୀ ଓଡ଼ିଆ ଭାଷାକୁ ହତାଦର କରିବା ଚିନ୍ତାର ବିଷୟ । ଏକଥା ସ୍ୱୀକାର କରିବାକୁ ହେବ ଯେ, ଓଡ଼ିଆ ଭାଷାକୁ ଲୋକମାନେ ବଞ୍ଚାଇ ରଖିବେ , କେବଳ ସରକାର କିଛି କରିପାରିବେ ନାହିଁ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ, ଗୋଡ଼ା, ଏରସମା

# ଯୁବଶକ୍ତି ବିନା ଗଣତନ୍ତ୍ର ତିଷ୍ଠିପାରିବ ନାହିଁ




ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍ ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟରେ ଶୁକ୍ରବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ତଥା କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଉଦ୍‌ବୋଧନ ଦେଉଛନ୍ତି(ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅନ୍ୟମାନେ।

ଜଗତସିଂହପୁର, ୪।୮
(ପ୍ରମୋଦ କୁମାର ନାୟକ)

ସମାଜରେ କ୍ରାନ୍ତି ସୃଷ୍ଟି କରିବା ପାଇଁ ବିପ୍ଳବୀମାନେ ଗଣମାଧ୍ୟମକୁ ଆପଣାଇଥିଲେ। ଗଣମାଧ୍ୟମ ଜରିଆରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଗଣତନ୍ତ୍ର ପ୍ରତିଷ୍ଠା ପରେ ଏହା ହେଲା ଆମ୍ଭମାନଙ୍କର ସର୍ବଶ୍ରେଷ୍ଠ ଉପଲବ୍ଧି। ତେଣୁ ଗଣତନ୍ତ୍ରକୁ ସୁରକ୍ଷିତ ଓ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ପକ୍ଷରୁ ମହାବିଦ୍ୟାଳୟସ୍ତରରେ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯିବା ବାସ୍ତବିକ ଏକ ବଡ଼ ପ୍ରୟାସ। ବିଷୟଟି ଭିନ୍ନ ଅର୍ଥବୋଧୀ ଶବ୍ଦ ହୋଇଥିଲେ ସୁଦ୍ଧା ପରସ୍ପର ମଧ୍ୟରେ ଅପୂର୍ବ ସମନ୍ୱୟ ରହିଛି। ବାସ୍ତବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହା ବକ୍ତୃତା ପ୍ରତିଯୋଗିତା ନୁହେଁ, ପ୍ରଶିକ୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଶୁକ୍ରବାର ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଏହା କହିଛନ୍ତି। ଯୁବଶକ୍ତି ବିନା ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ଦେଶର ସବୁଠାରୁ ଶକ୍ତିଶାଳୀ ସମ୍ବଳ ହେଉଛନ୍ତି ଯୁବଗୋଷ୍ଠୀ। ସମ୍ପ୍ରତି ଯୁବଶକ୍ତି ଦିଶାହୀନ ଓ ଦିଗହରା ଅବସ୍ଥାରେ ପହଞ୍ଚିଲେଣି। ଏ ପରିସ୍ଥିତିରେ ଯୁବପିଢ଼ି ଓ ଗଣମାଧ୍ୟମ ଚାହିଁଲେ ଗଣତନ୍ତ୍ର ତିଷ୍ଠି ପାରିବ ବୋଲି ଅଧ୍ୟକ୍ଷ ନାୟକ କହିଛନ୍ତି।



କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ନୃତ୍ୟ ପରିବେଷଣ।

ପ୍ରତିଯୋଗିତାର ବିଚାରକ ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ କହିଛନ୍ତି, ଗଣମାଧ୍ୟମର କାମ ହେଲା ମିଥ୍ୟା ଭିତରୁ ସତ୍ୟର ଅନୁସନ୍ଧାନ କରିବା। ଧରିତ୍ରୀ ବାସ୍ତବିକ ଗାଁ ଗହଳିର ସ୍ୱର ହୋଇପାରିଛି। ଏହି ଖବରକାଗଜ କେବଳ ବ୍ଲାକମେଲିଂ କିମ୍ବା ସାଲିସ କରିନାହିଁ। ନିଜ ଶିଙ୍ଗରେ ଓଡ଼ିଶାରେ ସ୍ୱତନ୍ତ୍ରତା ବଜାୟ ରଖିପାରିଛି। ପ୍ରଗତିଶୀଳ ସୃଷ୍ଟି କରିପାରୁଛି। ଏହା ଧରିତ୍ରୀର ପୁଞ୍ଜି ହୋଇରହିଛି ଏବଂ ରହିଥିବ ମଧ୍ୟ। ଯେମିତି ଦେଶକୁ ସୈନିକ ଜଗୁଛନ୍ତି ସେମିତି ଗଣତନ୍ତ୍ରକୁ ଜଗିଛି ଗଣମାଧ୍ୟମ ବୋଲି ତରାଇ କହିଛନ୍ତି। ଅନ୍ୟତମ ବିଚାରକ ଭାବେ ଯୋଗଦେଇ ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଶକ୍ତି ପ୍ରସନ୍ନ ସାମନ୍ତରାୟ କହିଛନ୍ତି, କାଞ୍ଚି ଅଭିଯାନ ପାଇଁ ଶ୍ରୀଜଗନ୍ନାଥ ଘୋଡ଼ାରେ ଯାଇଥିଲେ। ଏହି ଅବସରରେ ସେ ଗଣତନ୍ତ୍ରକୁ ଘୋଡ଼ା ସହ ତୁଳନା କରିଛନ୍ତି। ଦର୍ଶାଇଛନ୍ତି, ଗଣତନ୍ତ୍ରରୂପୀ ଘୋଡ଼ାର ମୁଣ୍ଡ ହେଉଛି ସରକାର, ଗଣ୍ଡି ଶାସନ ବ୍ୟବସ୍ଥା ଓ ଗୋଡ଼ ଚାରୋଟି ବିଚାର ବ୍ୟବସ୍ଥା। ଏ ତିନିକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ଘୋଡ଼ା ସବାର ଅର୍ଥାତ୍ ଗଣମାଧ୍ୟମ ଉପରେ ନ୍ୟସ୍ତ ଅଛି। ଶାସନ ବ୍ୟବସ୍ଥାକୁ ଠିକ୍ କରିବା ପାଇଁ ଚାବୁକ୍ ଅଛି। ସମ୍ପ୍ରତି ଦେଖା ଦେଉଥିବା ନାରୀ ନିର୍ଯାତନାଠାରୁ ନାନା ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର ଦମନ ପାଇଁ ଗଣମାଧ୍ୟମ ଓ ଯୁବପିଢ଼ି ସକ୍ରିୟ ଅଂଶଗ୍ରହଣ କରିବା ଜରୁରୀ। ବିଶେଷକରି ଯୁବଶକ୍ତି ଚାହିଁଲେ ସବୁ କିଛି ସମ୍ଭବ। ପୂର୍ବ ଦାୟଦମାନଙ୍କୁ ସ୍ମରଣ କରି ମଦ, ମାଂସରୁ ନିବୃତ୍ତ ରହିବାକୁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ହୀନ ରାଜନୀତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗଣମାଧ୍ୟମ ନ ଥିଲେ ଗଣତନ୍ତ୍ର ତିଷ୍ଠି ପାରି ନ ଥାନ୍ତା। ଧରିତ୍ରୀ କେବଳ ଖବର ପରିବେଷଣ କରୁନାହିଁ, ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପଦାକୁ ଆଣି ଜାଗରଣ ସୃଷ୍ଟି କରୁଛି। ଗଣମାଧ୍ୟମକୁ ଯୁବପିଢ଼ି ସହଯୋଗ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସାମନ୍ତରାୟ କହିଛନ୍ତି।

କାର୍ଯ୍ୟକ୍ରମରେ ଗୋଡ଼ା ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, ପୂର୍ବତନ ସରପଞ୍ଚ ତଥା ମହାବିଦ୍ୟାଳୟର ସମ୍ପାଦକ ପ୍ରତାପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ସାରଦା ପ୍ରସନ୍ନ ବାରିକ ପ୍ରଥମ, ଚନ୍ଦନ ସାହୁ ଦ୍ୱିତୀୟ ଏବଂ ଶ୍ରାବଣୀ ମହାରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଦେଇଥିଲେ ଧରିତ୍ରୀ ଏରସମା ପ୍ରତିନିଧି ଦୀପ୍ତିରଞ୍ଜନ ଖଣ୍ଡୁଆଳ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି, ପ୍ରସାରଣ ବିଭାଗର ବିଜୟ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...

### ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରାଯାଉଛି



ଯୁବ ସମାଜ ଦେଶର ଭବିଷ୍ୟତ। ତେଣୁ ଯୁବ ସମାଜ ବହୁତ କିଛି ଜାଣିବା ଦରକାର। ବିଶେଷକରି ଆମ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଆବଶ୍ୟକ। ଦୁଃଖର କଥା ହେଲା ଗଣମାଧ୍ୟମକୁ ସ୍ୱାଧୀନତା ଦେବା କ୍ଷେତ୍ରରେ ଭାରତର ସ୍ଥାନ ପୃଥିବୀରେ ୧୫୦ରେ ରହିଛି। ୨୦୨୧ରେ ୧୪୨ତମ ସ୍ଥାନରେ ଥିଲା। ଏଥିରୁ ସ୍ପଷ୍ଟ ହେଉଛି, ଭାରତରେ ଗଣମାଧ୍ୟମକୁ ହତ୍ୟା କରାଯାଉଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରାଯାଉଛି। ଏହାର ମୁଖ୍ୟାଂଶରେ ରାଜନେତା ଓ ଶାସକ ରହିଛନ୍ତି। ଗଣତନ୍ତ୍ର ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ।

- ସାରଦା ପ୍ରସନ୍ନ ବାରିକ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ର

### ଧରିତ୍ରୀର ପଦକ୍ଷେପ ପ୍ରଶଂସନୀୟ



ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ଭୂମିକା ଉପରେ ଧରିତ୍ରୀ ପକ୍ଷରୁ ହେଉଥିବା ବକ୍ତୃତା ପ୍ରତିଯୋଗିତା ଅତ୍ୟନ୍ତ ଉପାଦେୟ। ଏଥିରୁ ଆମେ ବହୁତ କିଛି ଶିଖିବାର ସୁଯୋଗ ପାଇଲୁ। ଯୁବପିଢ଼ି କିପରି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଠିକ୍‌ଭାବେ ସମ୍ପାଦନ କରିପାରିବ ସେନେଇ ପ୍ରତ୍ୟେକେ ନିଜ ନିଜ ସ୍ତରରେ ଉଦ୍ୟମ କରିବା ଜରୁରୀ। ଧରିତ୍ରୀର ଏହି ପଦକ୍ଷେପ ପ୍ରଶଂସନୀୟ।

- ଚନ୍ଦନ ସାହୁ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ର

### ଯୁବଗୋଷ୍ଠୀ ନିଜ ଅଧିକାର କ'ଣ ବୁଝିବା ଉଚିତ



ଯୁବଗୋଷ୍ଠୀ ସେମାନଙ୍କ ଅଧିକାର କ'ଣ ପ୍ରଥମେ ବୁଝିବା ଉଚିତ। ନେତା, ମନ୍ତ୍ରୀଙ୍କ ପ୍ରଲୋଭନରେ ନ ପଡ଼ି ଉପଯୁକ୍ତ ଲୋକ ପ୍ରତିନିଧି ବାଛିବା ଦରକାର। ଏନେଇ ଯୁବଗୋଷ୍ଠୀ ଶପଥ ନେଲେ ଗଣତନ୍ତ୍ର ସଶକ୍ତ ହେବ ଏବଂ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ।

- ଶ୍ରାବଣୀ ମହାରଣା, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


କାଜଲ ନାୟକ


ଲିଜା ଦାସ


ମଧୁସ୍ମିତା ସାମଲ


ପ୍ରିୟଙ୍କା ପି. ପରିଡ଼ା


ପୁନମ ସାହୁ


ପୁଷ୍ପା ଦାସ


ସସ୍ମିତା ବାରିକ


ସୌମ୍ୟରଞ୍ଜନ ନାୟକ


ତଅପୋଇ ଗୋଛାୟତ

# କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଁ

- ଜଳିଗଲା ମେଡିସିନ ଷ୍ଟୋରରୁମ୍
- ନିଆଁ ଲିଭାଇବାକୁ ଯାଇ ୨ ଆହତ

କୁଳିଅଣା, ୪।୮ (ଆଦିକନ୍ଦ ସାହୁ/ ଗୋପୀନାଥ ବେହେରା)

ମୟୂରଭଞ୍ଜ ଜିଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରାତି ୮ଟା ସମୟରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡିସିନ ଷ୍ଟୋରରୁମରେ ନିଆଁ ଲାଗି ବହୁ ପରିମାଣର ଔଷଧ ଓ ସାଲାଇନ ପୋଡ଼ିଯାଇଛି। ଏଥିସହ ଷ୍ଟୋରରୁମ୍‌ର ଝରକା, କବାଟ ସହ ତାହା ମଧ୍ୟରେ ଥିବା ଦୁଇଟି ଫ୍ରିଜ୍, ଅକ୍ସିଜେନ ସିଲିଣ୍ଡର ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ଏକ ଅକ୍ସିଜେନ ସିଲିଣ୍ଡର ଫାଟିବା ଓ ନିକଟସ୍ଥ ୱାର୍ଡକୁ ନିଆଁ ବ୍ୟାପିବା ଆଶଙ୍କା କରି ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୨୫ରୋଗୀ ଭୟରେ ମେଡିକାଲ ବାହାରକୁ ପଳାଇଆସିଥିବା ଦେଖିବାକୁ ମିଳିଥିଲା। ନିଆଁ ଲିଭାଇବାକୁ ଯାଇଥିବା ସ୍ଥାନୀୟ ଅଞ୍ଚଳର ଦାମୋଦର ପାତ୍ର ଓ ରୂପକ ସିଂ ଆହତ ହୋଇଥିବା ସୂଚନା ମିଳିଛି। ଚାନ୍ଦୁଆରୁ ୩ଟି ଦମକଳ ଗାଡ଼ି ଆସି ନିଆଁ ଲିଭାଇଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମତାମତ ମିଳିପାରିନାହିଁ।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିସିନ ଷ୍ଟୋରରେ ଲାଗିଥିବା ନିଆଁ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Guest faculties are wanted preferably freshers in Com,History, Philosophy, Home Science & Botany.
Walk-in-Interview on 06.08.2023 (Sunday),
Reporting time 9 AM to 10 AM.
Cuttack College, Bidyadharpur Nayabazar, Cuttack-4

**WALK-IN-INTERVIEW**
Interested candidates are invited to attend the walk in interview on dt.12.08.2023 (Saturday) At 10.00 A.M. to 1.00 P.M. for the following posts in below address.
1. PROJECT COORDINATOR: Health and Education Project at Keonjhar District, preference for female candidates with MSW qualification and well conversant in English language with computer knowledge or well experienced in field of education and health sector.
2. PRINCIPAL: Reputed English Medium School (CBSE) at Puri, Qualification B.A. B.Ed with minimum 5 years experience. Should be well conversant with English Language and proficiency in computer both Male/ Female candidaes are eligible.
3. DEPUTY ASSISTANT: Reputed organization at Bhubaneswar, Qualification Graduation with knowledge of Computer and English.
N.B.: Salary will be negotiable at the time of interview if selected.
ADDRESS: Usthi Foundation India, Plot No. K-8-733, Kalinga Nagar, Near Sum Ultimate Hospital, Bhubaneswar- 751003. Contact No.: 9776408216, Email: rbarik_usthi@rediffmail.com

**ଆବଶ୍ୟକ**
ନିମାପଡ଼ା କାରଖାନାରେ ରହି କାମ କରିବା ପାଇଁ ପୁରୁଷ, ମହିଳା ଓ ରୋଷେଇଆ ଆବଶ୍ୟକ। ଦରମା ₹୮୦୦୦/- ରୁ ₹୧୫୦୦୦/-। ରହିବା, ଖାଇବା ସୁବିଧା ଅଛି। ଯୋଗାଯୋଗ: 7978550684

**REQUIRED MARKETING & SALES EXECUTIVE**
(Mumbai based International Clothing Brand (Vallari Design Studio) Work Place : Near Bhubaneswar. Qual. MBA
9040183376

Your classified advertisement published in Dharitri will be listed free in Dharitri online edition : www.dharitri.com

**WANTED**

| Sr. No. | Post | Qualification | Sex | Experience | Nos. | Salary |
|---|---|---|---|---|---|---|
| 1 | Captain (Supervisor) - Manage all Type of Marriage Function & other parties | | M/F | 1 Year | 5 | 16.000/- |
| 2 | Chef with Team (Continental & Oriental Dishes) | | M | | | Salary / Contractual |
| 3 | Chinese Chef with Team | | | | | Salary / Contractual |
| 4 | Electrician | ITI with 4KVA Work Knowledge | M | 1 Year | 2 | 16,000/- |
| 5 | Office Staff (Stock) | PGDCA & Tally | F | | 2 | 13,000/- |
| 6 | Office Staff | PGDCA | F | | 1 | 12,000/- |

Cont. Details: KM CONVENTION (Wedding Hall), Bhubaneswar
Send your resume by mail or Whatsapp (Whatsapp No.: 8249579908)
Mail Id: khatamitha717@gmail.com
Cont. No.: 8249579908 (Cont. between 11.30 A.M. to 4.30 P.M.)

**ODISHA HYDRO POWER CORPORATION LIMITED**
OHPC
ISO 9001, 14001 & 45000
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22, Ph: 2542983, 2542802, 2545526, 2542826
Fax: (0674) 2542102.Website: www.ohpcltd.com
Regd. Office CIN- U40101OR1995SGC003963
ADVERTISEMENT NO.OHPC:HQ:HRD: RECTT: 03/2023 Dated: 04.08.2023
CAREER OPPORTUNITIES FOR YOUNG PROFESSIONALS
The Corporation intends to recruit young, bright and energetic professionals as Technical Non-Executive (TNE) Trainees in various disciplines.
Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of 2099.80 MW) having 6(six) projects within the state and one inter-state project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as Technical Non-Executive (TNE) Trainees in various disciplines as per the following for their placement at various units and project sites:

| Electrical Trainee | Mechanical Trainee | Welder Trainee | Crane Operator Trainee | Wireman Trainee | Store Keeper Trainee |
|---|---|---|---|---|---|
| 81 | 39 | 3 | 8 | 9 | 10 |

Important Dates:-
The commencement of online registration & payment of application fee - 17.08.2023
Last date for payment of online application fee - 14.09.2023
The last date for submission of online application in complete shape - 14.09.2023
The detailed advertisement containing the category wise vacancy position, eligibility criteria, remuneration, procedure for online application, and all other terms & conditions will be available shortly on the company's website– www.ohpcltd.com
DIRECTOR (HR) I/C

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
देवसाईट देखने हेतु स्कैन करें Scan to visit Website
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି (୨୦୨୪-୨୫ର ଖାଲିପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XIII) ଏବଂ ସ୍ପେଶାଲିଷ୍ଟ ଅଫିସରଙ୍କ ନିଯୁକ୍ତି (୨୦୨୪-୨୫ର ଖାଲିପଦବୀ ପାଇଁ ସିଆର୍‌ପି ଏସ୍‌ପିଏଲ୍-XIII) ନିମନ୍ତେ
ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ପାଇଁ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ସେପ୍ଟେମ୍ବର/ ଅକ୍ଟୋବର ୨୦୨୩ ଏବଂ ନଭେମ୍ବର, ୨୦୨୩ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ପାହ୍ୟା ପଦବୀରେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ପି) ପାଇଁ ଅନ୍ ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର, ୨୦୨୩ ଓ ଜାନୁୟାରୀ, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ | |
|---|---|---|
| | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ପାଇଁ କଲ୍ ଲେଟର ଡାଉନ୍‌ଲୋଡ୍* | ସେପ୍ଟେମ୍ବର ୨୦୨୩ | ------ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ସେପ୍ଟେମ୍ବର ୨୦୨୩ | ------ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର ୨୦୨୩ | ଡିସେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ସେପ୍ଟେମ୍ବର/ଅକ୍ଟୋବର ୨୦୨୩ | ଡିସେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଅକ୍ଟୋବର ୨୦୨୩ | ଜାନୁୟାରୀ ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର/ନଭେମ୍ବର ୨୦୨୩ | ଜାନୁୟାରୀ ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର ୨୦୨୩ | ଜାନୁୟାରୀ ୨୦୨୪ |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର ୨୦୨୩ | ଫେବୃୟାରୀ ୨୦୨୪ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ/ ଫେବୃୟାରୀ ୨୦୨୪ | ଫେବୃୟାରୀ/ମାର୍ଚ୍ଚ ୨୦୨୪ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ ଫେବୃୟାରୀ ୨୦୨୪ | ଫେବୃୟାରୀ/ମାର୍ଚ୍ଚ ୨୦୨୪ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୪ | ଏପ୍ରିଲ ୨୦୨୪ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୮।୨୦୨୩
ନିର୍ଦ୍ଦେଶକ

## ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ପୁଣି ବର୍ଷେ ବଢ଼ିଲା



କେନ୍ଦ୍ର ସରକାର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇଛନ୍ତି। ସେ ଏହି ପଦବୀରେ ୨୦୨୪ ଅଗଷ୍ଟ ୨୨ ପର୍ଯ୍ୟନ୍ତ ରହିବେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୧୯୮୪ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡରର ଏହି ଆଇଏଏସ୍ ଅଫିସରଙ୍କୁ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବା ପ୍ରସ୍ତାବକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି।

## ସଂକ୍ଷେପରେ

### ଜଳୁଥିବା ଜାହାଜରୁ ୨୦ ଭାରତୀୟ ନାବିକ ଉଦ୍ଧାର

**ଲଣ୍ଡନ,୪।୮:** ନେଦରଲାଣ୍ଡସ୍ ଉପକୂଳରେ ୩,୮୦୦ କାର୍ ନେଇ ଯାଉଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗିଯିବାରୁ ସେଥିରେ ଥିବା ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। ଆହତ ହୋଇଥିବା ଅନ୍ୟ ୨୦ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ସେମାନେ ନିରାପଦରେ ଘରକୁ ଫେରିଛନ୍ତି। ପ୍ରାଣ ହରାଇଥିବା ନାବିକଙ୍କ ମୃତଦେହକୁ ମଧ୍ୟ ସ୍ୱଦେଶ ପଠାଯାଇଥିବା ଭାରତୀୟ କର୍ତ୍ତୃପକ୍ଷ କହିଛନ୍ତି। ପାନାମାରେ ପଞ୍ଜୀକୃତ ହୋଇଥବା ଫ୍ରେମାଣ୍ଟଲ ହାଇୱେ ଜାହାଜ ଜର୍ମାନୀରୁ ଇଜିପ୍ଟ ଯାଉଥିବାବେଳେ ଜୁଲାଇ ୨୫ରେ ସେଥିରେ ନିଆଁ ଲାଗିଯାଇଥିଲା। ସେଥିରେ କେବଳ ଭାରତୀୟ ନାବିକ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସମୁଦ୍ର ମଧ୍ୟକୁ ଡେଇଁପଡ଼ିଥିଲେ।

### ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ପାଟନା,୪।୮:** ନୂଆଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନର ଇଞ୍ଜିନ ଠିକ୍ ଭାବେ କାମ ନ କରିବାରୁ ଏହାକୁ ଶୁକ୍ରବାର ସକାଳେ ବିହାରର ପାଟନାସ୍ଥିତ ଜୟପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ୬ଇ ୨୪୩୩ ବିମାନଟି ପାଟନା ବିମାନବନ୍ଦର ଛାଡ଼ିବାର ୩ ମିନିଟ୍ ପରେ ଏହାର ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ଏହାକୁ ପୁଣି ବିମାନବନ୍ଦରକୁ ଫେରାଇ ଅଣାଯାଇଥିଲା। ସକାଳ ୯ଟା ୧୧ ମିନିଟ୍‌ରେ ଏହା ନିରାପଦ ଅବତରଣ କରିଥିଲା।

### ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର

**ଜୟପୁର,୪।୮:** ରାଜସ୍ଥାନର ଡୁଙ୍ଗରପୁର ଜିଲାରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ପୋଲିସ କହିଛି। ବୁଧବାର ରାତିରେ ୩ ଜଣ ଦୁର୍ବୃତ୍ତ ଛାତ୍ରୀଙ୍କୁ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ବୁଧବାର ସ୍କୁଲ୍ ଛୁଟିହେବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ଏକ କାରରେ ଜଙ୍ଗଲ ଅଞ୍ଚଳକୁ ନେଇଯାଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ପୀଡ଼ିତାଙ୍କର ଜଣେ ପରିଚିତ ବ୍ୟକ୍ତି ରହିଛନ୍ତି।

### ଇମ୍ଫାଲରେ କର୍ଫ୍ୟୁ ୭ ଘଣ୍ଟା କୋହଳ

**ଇମ୍ଫାଲ,୪।୮:** ମଣିପୁର ସରକାର ଇମ୍ଫାଲ ଇଷ୍ଟ ଏବଂ ଇମ୍ଫାଲ ୱେଷ୍ଟ ଜିଲାରେ କର୍ଫ୍ୟୁକୁ ୭ ଘଣ୍ଟା କୋହଳ କରିଛନ୍ତି। ସାଧାରଣ ଲୋକେ ଯେପରି ସେମାନଙ୍କ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣି କରିପାରିବେ, ସେଥିପାଇଁ ସକାଳ ୫ଟାରୁ ମଧ୍ୟାହ୍ନ ୧୨ଟା ଯାଏ କର୍ଫ୍ୟୁ କୋହଳ କରାଯାଇଥିଲା। ଏହି ଜିଲାର ବିଭିନ୍ନ ଅଞ୍ଚଳରେ ସାନି ହିଂସାକାଣ୍ଡ ଘଟିବାରୁ ପୂର୍ବରୁ କୋହଳ ଘୋଷଣାକୁ ପ୍ରତ୍ୟାହାର କରାଯାଇ ଗୁରୁବାର ସମ୍ପୂର୍ଣ୍ଣ କର୍ଫ୍ୟୁ ଲାଗୁ କରାଯାଇଥିଲା। ଗୁରୁବାର ବିଷ୍ଣୁପୁର ଜିଲାର କଙ୍ଗଭାଇ ଓ ଫୁଗାକ୍‌ଚାଓ ଅଞ୍ଚଳରେ ସୁରକ୍ଷା ବଳ ଏବଂ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ୨୫ ଜଣ ଆହତ ହୋଇଥିଲେ।




ହରିୟାଣାର ନୁହ ଜିଲାରେ ହିଂସାକାଣ୍ଡ ଘଟିଥିବା ଅଞ୍ଚଳରେ ଶୁକ୍ରବାର ନମାଜ ପାଠବେଳେ ସୁରକ୍ଷାକର୍ମୀ ବାହାରେ ଜଗିଛନ୍ତି।

# ଜ୍ଞାନବାପି ସର୍ଭେକୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୪।୮(ପି.ଟି.)



ସପ୍ତଦଶ ଶତାବ୍ଦୀରେ ଜ୍ଞାନବାପି ମସ୍‌ଜିଦ ନିର୍ମାଣ ପୂର୍ବରୁ ସେଠାରେ ମନ୍ଦିର ଥିଲା କି ନାହିଁ, ତାହା ନିଶ୍ଚିତ କରିବା ପାଇଁ ମସ୍‌ଜିଦ ପରିସରରେ ବିଜ୍ଞାନସମ୍ମତ ସର୍ଭେ କରିବାକୁ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହା ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ତେବେ ସର୍ଭେ ସମୟରେ ମସ୍‌ଜିଦ ପରିସରରେ ଯେପରି କୌଣସି କ୍ଷତି ନ ହୁଏ, ତାହା ଦେଖିବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ ବେଳେ କୌଣସି ଖନନ କିମ୍ବା ମସ୍‌ଜିଦ ଢାଞ୍ଚା ପ୍ରତି କ୍ଷତି ପହଞ୍ଚିବା ଭଳି କିଛି କାର୍ଯ୍ୟ କରାଯିବ ନାହିଁ ବୋଲି ଏଏସ୍‌ଆଇ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମୁସଲମାନ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବାରାଣସୀ ଜିଲା କୋର୍ଟ ଜୁଲାଇ ୨୧ରେ ମସ୍‌ଜିଦ ପରିସରରେ ଏଏସ୍‌ଆଇ ସର୍ଭେ ପାଇଁ ନିର୍ଦ୍ଦେଶ ଦେବା ସହ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ଜିଲା କୋର୍ଟ ରାୟକୁ ମସ୍‌ଜିଦ କମିଟି ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କମିଟିର ଆବେଦନକୁ ହାଇକୋର୍ଟ ଗୁରୁବାର ଅଗ୍ରାହ୍ୟ କରିଦେବା ସହ ସର୍ଭେ ପାଇଁ ଅନୁମତି ପ୍ରଦାନ କରିଥିଲେ। ଶେଷରେ କମିଟି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ଭେ ଦ୍ୱାରା ଅତୀତର କ୍ଷତ ପୁଣିଥରେ ଖୋଲିବ ବୋଲି ଅଞ୍ଜୁମନ ଇନ୍ତେଜାମିଆ ମସ୍‌ଜିଦ କମିଟି କହିଥିଲା।

# ନଭାଲନିଙ୍କୁ ଆଉ ୧୯ ବର୍ଷ ଜେଲ

## ପୁଟିନ୍ ବଞ୍ଚିଥିବା ଯାଏ ମୁକୁଳିପାରିବେନି ବିରୋଧୀ ନେତା

ମସ୍କୋ,୪।୮



ଆଲେକ୍ସି ନଭାଲନି

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ବିରୋଧୀ ନେତା ଆଲେକ୍ସି ନଭାଲନିଙ୍କୁ ଏକ କୋର୍ଟ ଶୁକ୍ରବାର ୧୯ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହା ପୂର୍ବରୁ ନଭାଲନିଙ୍କୁ ସାଢ଼େ ୧୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିବାବେଳେ ସେ କାରାଗାରରେ ଦଣ୍ଡ ଭୋଗୁଛନ୍ତି। ନଭାଲନିଙ୍କ ଦୁର୍ନୀତି ନିରୋଧୀ ଫାଉଣ୍ଡେଶନ୍ ଏବଂ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ମନ୍ତବ୍ୟ ସମ୍ପର୍କିତ ଏହି ମାମଲାକୁ ସେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଛନ୍ତି।

୪୭ ବର୍ଷୀୟ ଆଇନଜୀବୀ ତଥା ରାଜନେତା ନଭାଲନି ଏକଦା ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ବିରୋଧରେ ରାସ୍ତାରେ ବିକ୍ଷୋଭର ନେତୃତ୍ୱ ନେଉଥିଲେ। ସେ ଦେଶବ୍ୟାପୀ ଏକ ରାଜନୈତିକ ବିରୋଧୀ ମଞ୍ଚ ଗଢ଼ି କ୍ରେମ୍‌ଲିନ୍‌ରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ଜୀବନଶୈଳୀର ବିସ୍ତୃତ ବିବରଣୀ ଲୋକଙ୍କ ଆଗରେ ରଖିଥିଲେ। ଏଥିରେ ପ୍ରତିଶୋଧପରାୟଣ ହୋଇ ରୁଷିଆ ତାଙ୍କୁ ମୋଟ ୩ ଦଶନ୍ଧି ପର୍ଯ୍ୟନ୍ତ ଜେଲରେ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଅର୍ଥାତ୍ ୭୦ ବର୍ଷୀୟ ପୁଟିନ୍ ଜୀବିତ ଥିବା ପର୍ଯ୍ୟନ୍ତ ନଭାଲନି ଆଉ ଜେଲରୁ ମୁକୁଳିପାରିବେ ନାହିଁ। ୨୦୫୦ରେ ନଭାଲନି ମୁକ୍ତ ହେବା ସମୟରେ ତାଙ୍କୁ ୭୪ ବର୍ଷ ହେଉଥିବ।

ନଭାଲନି ଠକେଇ ଓ ଅନ୍ୟ କେତେକ ମାମଲାରେ ପୂର୍ବରୁ ମିଳିଥିବା ସାଢ଼େ ୧୧ ବର୍ଷ ଜେଲଦଣ୍ଡ ଭୋଗୁଥିବାବେଳେ ତାଙ୍କ ସମର୍ଥକମାନଙ୍କୁ କଠୋରପନ୍ଥୀ ଗତିବିଧିରେ ସମ୍ପୃକ୍ତି ଅଭିଯୋଗରେ ଜେଲରେ ରଖାଯାଇଛି। ଶୁକ୍ରବାର ଜେଲ ୟୁନିଫର୍ମ ପିନ୍ଧି ହସ ହସ ମୁହଁରେ ମେଲେଖୋଭୋସ୍ଥିତ ଆଇକେ-୬ ପେନାଲ କଲୋନି କୋର୍ଟର ବିଚାରପତିଙ୍କ ସମ୍ମୁଖରେ ସେ ହାଜର ହୋଇଥିଲେ। ନଭାଲନିଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦେବାକୁ ଅଭିଯୋଜନକାରୀ ପକ୍ଷ ଅଦାଲତଙ୍କୁ ଅନୁରୋଧ କରିଥିଲେ। କୋର୍ଟ ରାୟ ଆସିବା ପରେ ନଭାଲନି କହିଛନ୍ତି, ଏହା ହେଉଛି ଷ୍ଟାଲିନିଷ୍ଟ ଧରଣର ଲମ୍ବା ଅବଧି। ଏହାକୁ ମିଶାଇ ନାଭାଲନିଙ୍କୁ ମୋଟ ୫ ଥର ଦୋଷୀ ସାବ୍ୟସ୍ତ କରାଗଲାଣି। ଏହାକୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏହାପୂର୍ବରୁ ୨୦୨୦ ଅଗଷ୍ଟ ୨୦ରେ ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ନଭାଲନିଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ କରାଯାଇଥିଲା।

### ନିନ୍ଦାକଲା ପାଶ୍ଚାତ୍ୟ

ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ ଏହି ରାୟକୁ 'ଏକ ଅଯୌକ୍ତିକ ବିଚାରର ଅଯୌକ୍ତିକ ନିଷ୍କର୍ଷ' ଭାବେ ଅଭିହିତ କରାଯାଇଛି। ୟୁରୋପୀୟ ସଂଘ ମଧ୍ୟ ଏହାକୁ ରାଜନୈତିକପ୍ରତିଶୋଧ କହି ନଭାଲନିଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛି।

ନଭାଲନିଙ୍କ ଉପରେ ରାଜନୈତିକ ପ୍ରତିଶୋଧ ସ୍ୱରୂପ ଏହି ବର୍ବର ରାୟ ଦିଆଯାଇଛି। ଏହା କେବଳ ନଭାଲନିଙ୍କ ପାଇଁ ନୁହେଁ, ବରଂ ସରକାରଙ୍କୁ ସମାଲୋଚନା କରୁଥିବା ରୁଷିଆର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ସମାଲୋଚନା କରାଯାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଦେଶର ବିଚାରପତିମାନେ ପୁଟିନ୍‌ଙ୍କ ସମାଲୋଚକମାନଙ୍କୁ ଏଭଳି ଦୀର୍ଘ ଅବଧିର ଦଣ୍ଡ ଦେଇଆସୁଛନ୍ତି। ଅନ୍ୟ ଜଣେ ପୁଟିନ୍ ସମାଲୋଚକ ଭ୍ଲାଡିମିର କାରା-ମୁର୍ଜା ୟୁକ୍ରେନ୍ ଆକ୍ରମଣକୁ ସମାଲୋଚନା କରିବାରୁ ନିକଟରେ ତାଙ୍କୁ ୨୫ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା।

### କେଦାରନାଥରେ ଭୂସ୍ଖଳନ ୩ ମୃତ, ୧୬ ନିଖୋଜ

ନୂଆଦିଲ୍ଲୀ,୪।୮

ଉତ୍ତରାଖଣ୍ଡରେ ଗୁରୁବାର ରାତିରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ କେଦାରନାଥ ଯାତ୍ରା ମାର୍ଗରେ ଭୂସ୍ଖଳନ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୬ ଜଣ ନିଖୋଜ ହୋଇଯାଇଛନ୍ତି। ଗୌରୀକୁଣ୍ଡ ନିକଟରେ କେତେକ ଦୋକାନ ବନ୍ୟାଜଳରେ ଭାସିଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଲଗାଣ ବର୍ଷା ସାଙ୍ଗକୁ ପାହାଡ଼ରୁ ପଥର ଖସୁଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନିଖୋଜଙ୍କ ମଧ୍ୟରୁ ଅଧିକାଂଶ ନେପାଳ ନାଗରିକ ବୋଲି କୁହାଯାଉଛି। ଆଗକୁ ବର୍ଷା ଲାଗିରହିବା ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିବା ପରେ କେଦାରନାଥ ଯାତ୍ରା ବନ୍ଦ ରଖାଯିବା ସହ ସେଠାରୁ ଲୋକମାନଙ୍କୁ ଅନ୍ୟତ୍ର ନିଆଯାଇଛି।

### ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଟାଇଟଲରଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୪।୮

୧୯୮୪ର ଶିଖ୍ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କୁ ଦିଲ୍ଲୀର ରାଉସ୍ ଆଭିନ୍ୟୁ କୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ସିବିଆଇର ଚାର୍ଜଶିଟ୍ ଆଧାରରେ ତାଙ୍କୁ ଶନିବାର କୋର୍ଟରେ ହାଜର ହେବା ଲାଗି ପୂର୍ବରୁ ସମନ ଜାରି କରାଯାଇଥିଲା। ଅନ୍ତରୀଣ ଜାମିନ ମିଳିଥିବାରୁ ଟାଇଟଲରଙ୍କୁ ଗିରଫ କରାଯାଇପାରିବ ନାହିଁ। ମେ' ୨୦ରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ ଅନୁଯାୟୀ ୧୯୮୪ ନଭେମ୍ବର ୧ରେ ପୁଲ୍ ବଙ୍ଗେଶ ଗୁରୁଦ୍ୱାର, ଆଜାଦ ମାର୍କେଟରେ ରୁଣ୍ଡ ହୋଇଥିବା ଲୋକଙ୍କୁ ଟାଇଟଲର ଉତ୍ତେଜିତ କରିଥିଲେ, ଯାହା ଫଳରେ ସେମାନେ ଗୁରୁଦ୍ୱାର ଜାଳିଦେବାରୁ ୩ ଜଣ ଶିଖ୍‌ଙ୍କର ମୃତ୍ୟୁ ଘଟିଥିଲା।

## ଖୋଲା ଅଦାଲତରେ ଇସ୍ତଫା ଘୋଷଣାକଲେ ବିଚାରପତି

ମୁମ୍ବାଇ,୪।୮

ବମ୍ବେ ହାଇକୋର୍ଟ ବିଚାରପତି ରୋହିତ ବି. ଦେଓ ଶୁକ୍ରବାର ଖୋଲା ଅଦାଲତରେ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି। ସେ ଆତ୍ମସମ୍ମାନ ବିରୋଧରେ କାର୍ଯ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଜଷ୍ଟିସ୍ ଦେଓ ହାଇକୋର୍ଟର ନାଗପୁର ବେଞ୍ଚରେ କାର୍ଯ୍ୟରତ ଥିଲେ। ଆଇନଜୀବୀମାନଙ୍କ କହିବା ଅନୁଯାୟୀ, ଜଷ୍ଟିସ ଦେଓ ଖୋଲା ଅଦାଲତରେ କ୍ଷମା ମାଗିଥିଲେ ଏବଂ ତାଙ୍କର କାହା ପ୍ରତି ଖରାପ ଅନୁଭବ ନାହିଁ ବୋଲି କହିଥିଲେ। ଯଦି ତାଙ୍କ ପାଇଁ କେହି ଆଘାତ ପାଇଥାନ୍ତି, ସେଥିପାଇଁ ସେ ଦୁଃଖିତ। କେତେକ ଘଟଣାରେ ସେ ଆଇନଜୀବୀମାନଙ୍କ ପ୍ରତି କଠୋର ହୋଇଥିବାରୁ ଏଥିପାଇଁ କ୍ଷମା ମାଗିବା ସହ କଠିନ ପରିଶ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।



ଜଷ୍ଟିସ୍ ରୋହିତ ବି. ଦେଓ

୨୦୧୭ ଜୁନ୍ ୫ରେ ଜଷ୍ଟିସ ଦେଓ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇ ୨୦୧୯ ଏପ୍ରିଲ ୧୨ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୨୫ ଡିସେମ୍ବର ୪ରେ ସେ ଅବସର ନେଇଥାନ୍ତେ। ନିକଟରେ ଜଷ୍ଟିସ ଦେଓ ମାଓବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ଆଜୀବନ ଜେଲ୍‌ଦଣ୍ଡ ପାଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଜି.ଏନ୍. ସାଇବାବାଙ୍କୁ ଦୋଷମୁକ୍ତ କରିଥିଲେ। ସେହିପରି ସମୃଦ୍ଧି ଏକ୍ସପ୍ରେସ୍ ୱେର ଠିକାଦାରଙ୍କ ବେଆଇନ ଖନନ ପାଇଁ ସେ ତାଙ୍କ ଜିଆର୍‌କୁ ସ୍ଥଗିତ ରଖିଥିଲେ।

## ହିଂସା ପରେ ନୁହରେ ବେଆଇନ ବସ୍ତି ଉଚ୍ଛେଦ

ଗୁରୁଗ୍ରାମ,୪।୮

ହରିୟାଣାର ନୁହ ଜିଲାରେ ସାମ୍ପ୍ରଦାୟିକ ଦଙ୍ଗା ପରେ ଶୁକ୍ରବାର ଜିଲା କର୍ତ୍ତୃପକ୍ଷ ତାଉରୁ ସହରରେ ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୨୫୦ ଝୁମ୍ପୁଡ଼ିକୁ ଭାଙ୍ଗିଦେଇଛନ୍ତି। ହରିୟାଣା ସହରୀ ବିକାଶ ପ୍ରାଧିକରଣ ଜମିକୁ ବେଆଇନ ବାଂଲାଦେଶୀ ଅପ୍ରବାସୀମାନେ ଦଖଲ କରି ରହିଥିଲେ। ସେମାନେ ପୂର୍ବରୁ ଆସାମରେ ରହୁଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ଉଚ୍ଛେଦ ସହ ହିଂସାକାଣ୍ଡର କୌଣସି ସମ୍ପର୍କ ନାହିଁ ବୋଲି ନୁହ ଉପକମିଶନର ପ୍ରଶାନ୍ତ ପାନ୍‌ୱର କହିଛନ୍ତି।

### ଡିସି, ଏସ୍‌ପି ବଦଳିଲେ

ନୁହ ହିଂସା ଘଟଣା ପରେ ଏସ୍‌ପି ବରୁଣ ସିଙ୍ଗଲା ଏବଂ ଡେପୁଟି କମିଶନର (ଡିସି) ପ୍ରଶାନ୍ତ ପନୱରଙ୍କୁ ବଦଳି କରାଯାଇଛି। ହିଂସାକାଣ୍ଡ ଦିନ ସିଙ୍ଗଲା ଛୁଟିରେ ଥିଲେ। ତାଙ୍କୁ ଭିୱାନି ଏସ୍‌ପି ଭାବେ ବଦଳି କରାଯାଇଛି। ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଦାୟିତ୍ୱରେ ଥିବା ନରେନ୍ଦ୍ର ବିର୍ଜର୍ନିଆଙ୍କୁ ନୁହର ନୂଆ ଏସ୍‌ପି ନିଯୁକ୍ତ କରାଯାଇଛି। ସେହିପରି ଡିସି ପନୱରଙ୍କ ସ୍ଥାନରେ ଧୀରେନ୍ଦ୍ର ଖଡ଼ଗତାଙ୍କୁ ଦାୟିତ୍ୱ ଦିଆଯାଇଛି।

# ସବୁବେଳେ ସତ୍ୟର ବିଜୟ

ନୂଆଦିଲ୍ଲୀ,୪।୮

ଆପରାଧିକ ମାନହାନି ମାମଲାରେ ମିଳିଥିବା ଦଣ୍ଡ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସବୁବେଳେ ସତ୍ୟର ବିଜୟ ହୋଇଆସିଛି। ଆଜି ନ ହେଲେ କାଲି କିମ୍ବା ପରଦିନ ସତର ବିଜୟ ନିଶ୍ଚିତ। ମୋ କାର୍ଯ୍ୟକୁ ନେଇ ମୋ ପାଇଁ ପଥ ପରିଷ୍କାର ରହିଛି। ମୋ ମନରେ ସ୍ୱଚ୍ଛତା ରହିଛି। ସ୍ନେହ ଦେଇ ସମର୍ଥନ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ।

ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତକରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଆଜି ଏକ ଖୁସିର ଦିନ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ, ବରଂ ଦେଶବାସୀ ଓ ଗଣତନ୍ତ୍ରର ବିଜୟ। ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବାର ୨୪ ଘଣ୍ଟା ଭିତରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଇଥିଲା। ସେ ଏମ୍‌ପି ପଦ ଫେରିପାଇବାକୁ କେତେ ସମୟ ଲାଗିବ। ସମ୍ବିଧାନ ବଞ୍ଚିଛି ଏବଂ ଏହା ହେଉଛି ଲୋକେ ନ୍ୟାୟ ପାଇବାର ଦୃଷ୍ଟାନ୍ତ। ଏହା ସାଧାରଣ ଜନତା ଓ ସାମ୍ବିଧାନିକ ସିଦ୍ଧାନ୍ତର ବିଜୟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ଭାଜପାର ଷଡ଼ଯନ୍ତ୍ରକୁ ଧରାପକାଇଦେଇଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ବାଚସ୍ପତିଙ୍କୁ ରାହୁଲଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରିଛନ୍ତି। ରାହୁଲଙ୍କୁ ଗୃହକୁ ଆସିବାକୁ ଅନୁମତି ଦିଆଯାଉ ବୋଲି ଲୋକ ସଭାରେ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲଙ୍କ ନିକଟରେ ସେ ଦାବି କରିଥିଲେ। ରାଜେନ୍ଦ୍ର କହିଥିଲେ, ବାଚସ୍ପତି ଓମ୍ ବିର୍ଲା ଏହି ଘଟଣାକ୍ରମକୁ ସ୍ୱତଃ ସଜ୍ଞାନକୁ ନେବେ।




ଦଣ୍ଡ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ପରେ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲକାର୍ଜୁନ ଖାର୍ଗେଙ୍କୁ ମିଠା ଖୁଆଉଛନ୍ତି ରାହୁଲ ଗାନ୍ଧୀ। ନିକଟରେ ଅଛନ୍ତି କଂଗ୍ରେସ ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ।

### ଘଟଣାକ୍ରମ

**୨୦୧୯ ଏପ୍ରିଲ ୧୩:** କର୍ନାଟକର କୋଲାରରେ ଆୟୋଜିତ ଏକ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ନୀରବ ମୋଦି ହୁଅନ୍ତୁ କି ଲଳିତ ମୋଦି, ନରେନ୍ଦ୍ର ମୋଦି ସବୁ ଚୋରଙ୍କ ସମାନ ସାଙ୍ଗିଆ କାହିଁକି?

**୨୦୧୯ ଏପ୍ରିଲ ୧୫:** ସୁରଟର ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ଏହି ମନ୍ତବ୍ୟକୁ ନେଇ ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ପାଇଁ ଏତଲା ଦେଇଥିଲେ।

**୨୦୧୯ ଜୁଲାଇ ୭:** ସୁରଟ ମେଟ୍ରୋପଲିଟାନ୍ କୋର୍ଟରେ ରାହୁଲଙ୍କ ପ୍ରଥମ ହାଜିରା।

**୨୦୨୩ ମାର୍ଚ୍ଚ ୨୩:** ସୁରଟ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଲେ।

**୨୦୨୩ ମାର୍ଚ୍ଚ ୨୪:** ୱାୟନାଡ୍ ଏମ୍‌ପି ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହେଲା।

**୨୦୨୩ ଏପ୍ରିଲ ୨:** ମେଟ୍ରୋପଲିଟାନ୍ କୋର୍ଟଙ୍କ ରାୟକୁ ସୁରଟ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କଲେ ରାହୁଲ।

**୨୦୨୩ ଏପ୍ରିଲ ୨୦:** ସୁରଟ ସେସନ୍ସ କୋର୍ଟ ରାହୁଲଙ୍କୁ ଜାମିନ ଦେଲେ କିନ୍ତୁ ଦୋଷ ଉପରେ ସ୍ଥଗିତାଦେଶ ଜାରି କଲେ ନାହିଁ।

**୨୦୨୩ ଏପ୍ରିଲ ୨୫:** ତଳ କୋର୍ଟ ରାୟ ବିରୋଧରେ ଗୁଜରାଟ ହାଇକୋର୍ଟ ଗଲେ ରାହୁଲ।

**୨୦୨୩ ଜୁଲାଇ ୭:** ସ୍ଥଗିତାଦେଶ ଜାରି ପାଇଁ ରାହୁଲ କରିଥିବା ଆବେଦନ ହାଇକୋର୍ଟରେ ଖାରଜ।

**୨୦୨୩ ଜୁଲାଇ ୧୫:** ଗୁଜରାଟ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ରାହୁଲ।

**୨୦୨୩ ଜୁଲାଇ ୨୧:** ଗୁଜରାଟର ଭାଜପା ନେତା ପୂର୍ଣ୍ଣେଶ ମୋଦି ଓ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ନେଇ ଜମ୍ମୁଠାରେ ଶୁକ୍ରବାର କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମନମୋହନଙ୍କ ନୂଆ ଟିମ୍

- ତାଲିକାରେ ସାମିଲ ହେଲେ ୩୫, ବାଦ୍ ପଡ଼ିଲେ ବହୁ ବରିଷ୍ଠ
- କୃଷକ, ମହିଳା ଓ ଯୁବମୋର୍ଚ୍ଚା ସଭାପତି ବଦଳିଲେ
- ଆଜି ଶାହଙ୍କୁ ଭେଟିବେ ଟିମ୍‌ର ସବୁ ସଦସ୍ୟ

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେବାର ୪ ମାସ ପରେ ମନମୋହନ ସାମଲ ଦଳର ନୂଆ ଟିମ୍ ଗଠନ କରିଛନ୍ତି। ବହୁ ମାନସମନ୍ଥନ କରି ସେ ଏହି ନୂଆ ଟିମ୍ ଗଠନ କରିଥିବା ଶୁଣିବାକୁ ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବା ଦିନ ହିଁ ମନମୋହନଙ୍କ ନୂଆ ଟିମ୍ ଘୋଷଣା ହୋଇଛି। ତେବେ ରାଜ୍ୟ ପଦାଧିକାରୀଙ୍କ ୩୫ ଜଣିଆ କାର୍ଯ୍ୟକର୍ତ୍ତା ତାଲିକା ଦଳ ପକ୍ଷରୁ ଜାରି କରାଯାଇଛି। ମନମୋହନଙ୍କ ଦ୍ୱାରା ଜାରି ହୋଇଥିବା ତାଲିକାରେ ୧୦ ଉପସଭାପତି, ୫ ସାଧାରଣ ସମ୍ପାଦକ, ୧୦ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଏହା ସହ ମନମୋହନଙ୍କ ନୂଆ ଟିମ୍‌ରେ ରାଜ୍ୟ ଭାଜପାର ବିଭିନ୍ନ ମୋର୍ଚ୍ଚାର ନୂଆ ସଭାପତିଙ୍କ ନାମ ମଧ୍ୟ ରହିଛି। ତେବେ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ଏହି ତାଲିକାରୁ ମଧ୍ୟ ବାଦ୍ ଦିଆଯାଇଥିବା ଦେଖିବାକୁ ମିଳିଛି।


ମନମୋହନ ସାମଲ

ଦଳର ଉପସଭାପତି ତାଲିକାରେ ନାଉରି ନାୟକ, ଅପରାଜିତା ଷଡ଼ଙ୍ଗୀ, ରବି ନାଏକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋଲକ ମହାପାତ୍ର, କୁସୁମ ଟେଟେ, ସୁକେଶୀ ଓରାମ, ବିରଞ୍ଚିନାରାୟଣ ତ୍ରିପାଠୀ ଓ ଲେଖାଶ୍ରୀ ସାମନ୍ତସିଂହାର ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ତାଲିକାରେ ସାରଦା ପ୍ରସାଦ ଶତପଥୀ, ଯତୀନ ମହାନ୍ତି, ପୂର୍ଣ୍ଣିମା କେର୍କେଟା, ସୀମାଞ୍ଚଳ ଖଟେଇ ଓ ମାନସ କୁମାର ମହାନ୍ତି ରହିଛନ୍ତି। ସମ୍ପାଦକ ତାଲିକାରେ ରମେଶ ଚନ୍ଦ୍ର ସାହୁ, ଟଙ୍କଧର ତ୍ରିପାଠୀ, ନବୀନ ରାମ, ସିପ୍ରା ବାଜପେୟୀ, ଅଭିମନ୍ୟୁ ସେଠୀ, ସରୋଜ କୁମାର କର, କୃଷ୍ଣ ଚନ୍ଦ୍ର ମହାପାତ୍ର, କସ୍ତୁରୀ ମିଶ୍ର, ପୂର୍ଣ୍ଣିମା ନାୟକ ଓ ଇରାଶିଷ ଆଚାର୍ଯ୍ୟଙ୍କୁ ରଖାଯାଇଛି।

ସେହିପରି ଯୁବ, ମହିଳା ଓ କୃଷକ ମୋର୍ଚ୍ଚା ସଭାପତି ପଦରେ ଦଳ ପରିବର୍ତ୍ତନ କରିଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ସଭାପତି ହୋଇଛନ୍ତି। କିଷାନ ମୋର୍ଚ୍ଚା ସଭାପତି ଭାବେ ମହେଶ୍ୱର ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ଏସ୍‌ଟି ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ, ଏସ୍‌ଟି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ ଓ ଓବିସି ମୋର୍ଚ୍ଚା ସଭାପତି ଭାବେ ସୁରଥ ବିଶ୍ୱାଳଙ୍କୁ ଦାୟିତ୍ୱ ମିଳିଛି। ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତିଙ୍କ ପଦ ଅପରିବର୍ତ୍ତିତ ରହିଛି। ତେବେ ଭାଜପା ପକ୍ଷରୁ ଜାରି କରାଯାଇଥିବା ନୂଆ ତାଲିକାରେ ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର ଓ ପ୍ରଦୀପ ପୁରୋହିତଙ୍କୁ ସାମିଲ କରାଯାଇନାହିଁ। ସେହିପରି ପ୍ରଭାତୀ ପରିଡ଼ା, ସଙ୍ଗୀତା ସିଂଦେଓ, ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ବଳଭଦ୍ର ମାଝି, ଭାସ୍କର ମଢେଇ, କାଳନ୍ଦୀ ସାମଲ, ପିଙ୍କି ପ୍ରଧାନ, ସ୍ମୃତି ପଟ୍ଟନାୟକ ପ୍ରମୁଖଙ୍କୁ ମଧ୍ୟ ଟିମ୍‌ରୁ ବାଦ୍ ଦିଆଯାଇଛି। ଉମାକାନ୍ତ ପଟ୍ଟନାୟକ ଦଳର ସୋସିଆଲ ମିଡିଆ ଇନ୍‌ଚାର୍ଜ ହୋଇଥିବା ବେଳେ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ଅଫିସ୍ ସେକ୍ରେଟାରି କରାଯାଇଛି।

ନୂଆ ଟିମ୍‌କୁ ନେଇ ମନମୋହନ କହିଛନ୍ତି, ଏହି ନୂଆ ଟିମ୍ ସହ ବ୍ୟାପକ ଟିମ୍ କାମ କରିବେ। ଏହା ହେଉଛି ରାଜ୍ୟ ଟିମ୍। ଦଳ ଭିତରେ କେତେଜଣ ନେତାଙ୍କୁ ବାଦ୍ ଦେବା ନେଇ କିଛି ଦଳରେ କନ୍ଦଳ ନ ଥିବା ମନମୋହନ କହିଛନ୍ତି। ଭାଜପା ନୂଆ ଟିମ୍ ନେଇ ଦଳର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି, ଆଗାମୀ ଦିନରେ ଏହି କମିଟି ପୂରା ଦମ୍‌ରେ କାମ କରି ଦଳକୁ ମଜଭୁତ କରିବ। ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନ ଜିତି ସରକାର ଗଠନ ପାଇଁ ଅକ୍ଳାନ୍ତ ପରିଶ୍ରମ କରାଯିବ। ଦଳର ବିଭିନ୍ନ ପଦପଦବୀରେ ସାମିଲ ହୋଇଥିବା କର୍ମକର୍ତ୍ତା ଦୀର୍ଘଦିନ ହେଲା ଭାଜପା ସହ ଜଡ଼ିତ ଅଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ଆଗାମୀ ନିର୍ବାଚନ ବୈତରଣୀ ପାରକରିବ। ଶାହ ଭୁବନେଶ୍ୱରରେ ପହଞ୍ଚିବା ପରେ ଶନିବାର ନୂଆ ଟିମ୍ ତାଙ୍କୁ ଭେଟିବ ବୋଲି ସେ କହିଛନ୍ତି।

# ଦେଶରେ ଗଣତନ୍ତ୍ରର ବିଜୟ ହୋଇଛି: ଶରତ



କଂଗ୍ରେସ ଭବନ ଆଗରେ ଦଳୀୟ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି।

### ସୁପ୍ରିମକୋର୍ଟଙ୍କ ରାୟ ପରେ ଉତ୍ସାହିତ କଂଗ୍ରେସ ଶିବିର

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ହୋଇଥିବା ମାନହାନି ମକଦ୍ଦମାର ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ କଂଗ୍ରେସ ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଦଳର ବହୁ ବରିଷ୍ଠ ନେତା ବାଜା ବଜାଇ ପରସ୍ପରକୁ ମିଠା ଖୁଆଇଛନ୍ତି। କେତେଜଣ ନେତା ନାଚୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଫଳରେ ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ବଜାୟ ରଖିବା ସହ ସେ ପୁଣିଥରେ ନିର୍ବାଚନ ଲଢ଼ିପାରିବେ। ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦ୍ୱାରା ଦେଶରେ ଗଣତନ୍ତ୍ରର ବିଜୟ ହୋଇଛି। ରାହୁଲଙ୍କ ଶାଣିତ ସ୍ୱରକୁ ଚପାଇଦେବା ପାଇଁ ଯେଉଁ ଚକ୍ରାନ୍ତ ହୋଇଥିଲା ତାହାର ଅବସାନ ଘଟିଛି। ରାହୁଲ ଗାନ୍ଧୀ ସାଧାରଣ ଜନତାର ଦାବିକୁ ଉପସ୍ଥାପନ କରୁଛନ୍ତି, ସରକାରର ଭ୍ରଷ୍ଟାଚାର, ଦୁର୍ନୀତି ଓ ଜନବିରୋଧୀ ନୀତିକୁ ଦୃଢ଼ ସ୍ୱରରେ ସଂସଦ ଭିତରେ ଓ ବାହାରେ ପ୍ରତିବାଦ କରୁଛନ୍ତି। ତାହା ମୋଦି ସରକାରଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା କେବଳ ସାରା ଦେଶର କଂଗ୍ରେସ କର୍ମୀ ଉତ୍ସାହିତ ହୋଇନାହାନ୍ତି ବରଂ କ୍ଷମତାସୀନ ଏନ୍‌ଡିଏ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଥିବା ବିଭିନ୍ନ ବିରୋଧୀ ଦଳ, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଛାତ୍ର ଓ ଯୁବ ସମାଜକୁ ଆନନ୍ଦିତ କରିଛି। ରାହୁଲଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କ ସଭ୍ୟପଦ ରଦ୍ଦ କରାଯାଇଥିଲା। ଏଥିସହ ତାଙ୍କୁ ଜେଲରେ ରଖିବା ପାଇଁ ଷଡ଼ଯନ୍ତ୍ର ହେଉଥିଲା। ହେଲେ ସୁପ୍ରିମକୋର୍ଟ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଛନ୍ତି ବୋଲି ଶରତ କହିଛନ୍ତି।

# ବ୍ଲକ, ନଗର ସଭାପତିଙ୍କ ସହ ଅନୁପସ୍ଥିତ ରହିଲେ ଜୟପୁର ବିଧାୟକ

### କୋରାପୁଟ ଜିଲା କଂଗ୍ରେସ ସଭାପତିଙ୍କ ବୈଠକ

ଜୟପୁର, ୪।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସ କମିଟିର ନୂଆ ସଭାପତି ଭାବେ ଦୁର୍ଗାଶଙ୍କର ସାହୁ ଦାୟିତ୍ୱ ନେବା ପରେ ଶୁକ୍ରବାର ପ୍ରଥମ କରି ବ୍ଲକ ଓ ନଗର ସଭାପତିଙ୍କ ଆଗାମୀ ସାଧାରଣ ନିର୍ବାଚନ ନେଇ ଆଲୋଚନା ପାଇଁ ଏକ ବୈଠକ ଡାକିଥିଲେ। ଜିଲା କଂଗ୍ରେସ ଭବନ ଠାରେ ଆୟୋଜିତ ଏହି ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିଲେ। ଏଥିସହ ବୈଠକରେ ଅର୍ଦ୍ଧାଧିକ ବ୍ଲକ ଓ ନଗର ସଭାପତିମାନଙ୍କ ଦେଖା ମିଳି ନ ଥିଲା।

ବୈଠକରେ କୋଟପାଡ଼ ଏନ୍‌ଏସି ଅଧ୍ୟକ୍ଷ ଏନ୍ .ଶଙ୍କର ରାଓ ମଞ୍ଚାସୀନ ଥିବା ବେଳେ କୋଟପାଡ଼ ବ୍ଲକ ସଭାପତି ପପୁନ ତ୍ରିପାଠୀ, ନଗର ସଭାପତି ପ୍ରକାଶ ମହାନ୍ତି, ଲମତାପୁଟ ବ୍ଲକ ସଭାପତି କୃପାସିନ୍ଧୁ ମୁଦୁଲି, ସେମିଳିଗୁଡା ବ୍ଲକ ସଭାପତି ସୋନିଆ ମାଝୀ, ପଟ୍ଟାଙ୍ଗୀ ବ୍ଲକ ସଭାପତି ଅର୍ଜୁନ ବାକା, ବନ୍ଧୁଗାଁ ବ୍ଲକ ସଭାପତି ଡି.ଏଙ୍କେଟି, ସୁନାବେଡ଼ା ନଗର ସଭାପତି ଯୋଗ ଦେଇଥିଲେ। ବୈଠକର ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ଓ ଭାଜପାକୁ ମୁକାବିଲା କରିବା ନେଇ ଆଲୋଚନା ହୋଇଥିଲା। ୱାର୍ଡ କମିଟିର ତାଲିକାଗୁଡିକୁ ନୂଆ ସଭାପତିଙ୍କ ନିକଟରେ ଦାଖଲ କରିବା, ସମସ୍ତେ ମିଳିମିଶି ଦଳକୁ ଆଗକୁ ନେବା, ବିଶୃଙ୍ଖଳିତଙ୍କୁ ଦଳରେ ବରଦାସ୍ତ ନ କରିବା ଲାଗି ଜିଲା ସଭାପତି ସାହୁ କହିଥିଲେ। ବୈଠକରେ ଜୟପୁର ବ୍ଲକ, ପୌରାଞ୍ଚଳ, କୋରାପୁଟ ବ୍ଲକ ଓ ପୌରାଞ୍ଚଳ, ଦଶମନ୍ତପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, ବେପାରିଗୁଡା, କୁନ୍ଦୁରା ଆଦି ବ୍ଲକର ସଭାପତି, ନବ ନିର୍ବାଚିତ ଜିଲା ଯୁବ କଂଗ୍ରେସ ଓ ନିର୍ବାଚନ ମଣ୍ଡଳୀ ସଭାପତି, ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ସହ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିଲେ। ଏତେ ସଂଖ୍ୟକ ବ୍ଲକ ସଭାପତି ଓ କର୍ମକର୍ତ୍ତାଙ୍କ ଅନୁପସ୍ଥିତ ରହିବା ଦଳୀୟ ଫାଟ ପଦାରେ ପଡିଛି ବୋଲି ଚର୍ଚ୍ଚା ହେଉଛି। ଏମାନଙ୍କ ଅନୁପସ୍ଥିତି ନେଇ ଜିଲା ସଭାପତି ସାହୁଙ୍କୁ ପଚାରିବାରୁ ସେ କେବଳ ବ୍ଲକ ସଭାପତି ଓ ନଗର ସଭାପତିଙ୍କ ମତ ନେବାକୁ ଡାକିଥିଲେ। ପରବର୍ତ୍ତୀ ଦିନରେ ଅନ୍ୟ ମୋର୍ଚ୍ଚା ଓ କର୍ମକର୍ତ୍ତାଙ୍କୁ ଡାକି ବୈଠକ କରିବେ ବୋଲି କହିଛନ୍ତି। ଏ ନେଇ ଜୟପୁର ବିଧାୟକ ବାହିନୀପତିଙ୍କୁ ପଚାରିବାରୁ ସେ କହିଲେ, ଏଭଳି ବୈଠକ ସମ୍ପର୍କରେ ସେ କିଛି ଫୋନ, ଚିଠି କି ହ୍ୱାଟସ୍ ଅପ୍‌ରେ ମଧ୍ୟ ସୂଚନା ପାଇନାହାନ୍ତି। ଯଦି ପାଇଥାନ୍ତି ତେବେ ନିଶ୍ଚିତ ବୈଠକରେ ଉପସ୍ଥିତ ରହିଥାନ୍ତି ବୋଲି କହିଛନ୍ତି।

# ଉପକୂଳ ରାଜପଥରେ ରାଜନଗରକୁ ସାମିଲ କରାଯାଉ

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

**ରାଜନଗର, ୪।୮ (ଭାସ୍କର ରାଉତରାୟ):** ନୂତନ ଉପକୂଳ ରାଜପଥ ନକ୍ସାରୁ ରାଜନଗର ସମ୍ପୂର୍ଣ୍ଣ ବାଦ୍ ପଡ଼ିଛି। ଉପକୂଳ ରାଜପଥରେ ରାଜନଗର ଅଞ୍ଚଳକୁ ସାମିଲ କରିବା ଓ ପଟ୍ଟାମୁଣ୍ଡାଇର ମାଟିଆପାଳଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀସ୍ଥିତ ବାସଭବନରେ ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଲେଖ କୁମାର ଜେନା ଭେଟି ଦାବି ଜଣାଇଛନ୍ତି। ପୁରୁଣା ଉପକୂଳ ରାଜପଥ ନକ୍ସାରେ ପଟ୍ଟାମୁଣ୍ଡାଇ ରତନପୁର ଦେଇ ରାଜନଗର, ରାଜନଗରରୁ ଜରିମୂଳ ହଂସିଣା ଦେଇ ଗିଧାଗଡ଼ରେ ଉପକୂଳ ରାଜପଥ ପହଞ୍ଚିବା ସହ ପାଟଶାଳା ନଦୀରେ ସେତୁ କରାଯାଇ ରାଜକନିକାର ଜୟନଗରକୁ ସଂଯୋଗ କରିଥାନ୍ତା। ମାତ୍ର ନୂତନ ରାଜପଥ ନକ୍ସାରେ ରତନପୁର ପଟ୍ଟାମୁଣ୍ଡାଇରୁ ଆଳି ଲୋକପଡ଼ା ସହିତ ପୁରୁଣା ଗଡ଼ଗଡ଼ି ବ୍ରିଜ୍ ଦେଇ ଓଳାଭର, ଗଞ୍ଜା, ତେନ୍ତୁଳିଡ଼ିହ ଦେଇ ଚାନ୍ଦବାଲି ଓ ଚାନ୍ଦବାଲିର ପାଣ୍ଡୁରା ଦେଇ ବାସୁଦେବପୁର ଯିବ ବୋଲି ନକ୍ସା ପ୍ରସ୍ତୁତ ହୋଇଛି। ଅର୍ଥାତ୍ ଉପକୂଳ ରାଜପଥ ନକ୍ସାରୁ ରାଜନଗରକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏଥିସହ ପଟ୍ଟାମୁଣ୍ଡାଇର ମାଟିଆପାଳଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଜେନା ଦାବି କରିଛନ୍ତି।


# Classified Everyday 0674-2580101, 2549949


REAL ESTATE
SALE

Premium 3BHK Duplex near Nandankanan level crossing. Land-1200 Construction-1800 @92Lakh onwards. 7008550473. D-6970

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

Duplex sale at Bhubaneswar @57 Lakhs only. Contact-9777433701. D-74898

Luxurious 4BHK Duplex near Balianta Syphon. Land-1400 Construction-2200-89Lakh. 9938219397, 9861022055. D-0971

2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891. D-0819

କଟକ ଭୁବନେଶ୍ୱର NH5 ଗ୍ରାଣ୍ଡ ବଜାରରୁ ୬୦୦ମି. ଦୂରତାରେ SC plot (ହରିଜନ ପ୍ଲଟ୍) 1350/-per sqft.ରେ ମିଳୁଛି। Contact: 9937253888, 9438664354. D-74558

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

Relax, Refresh your body, mind at Saikrupa Spa with best therapies. 8984068077. D-0921

Newly opened (One8 Spa)/(Salon Service) with expert therapist, 9938843929. D-75137

Full body massage in homely atmosphere in all therapy. Mob: 8114881641. D-73438

Spa Kerala body massage only best Therapist @699/- Bhubaneswar. 9337672475. D-0965

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75017

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

LOST

I Binapani Mohapatra, W/o- Upendranath Mohapatra, Sarasudha, Jagatsinghpur had lost Original ROR of Binapani Mohapatra, Khata No.-468/1 while travelling from my residence Sarasudha to Biridi Tahasil Office on 31.07.2023 FIR has been lodged in Biridi Police Station vide S.L. No.-23. Please inform about the said document within 7days in the below mentioned mobile Number- Dipak Kumar Sahoo, 9937058785. D-0977

I Binod Kumar Dalmia, S/o. Hari Shankar Dalmia, R/o.6 (2), Dhubapada lane, Marwaripada, Dist.-Sambalpur declare that the 510nos. of bonus share Certificate from Reliance Industries Ltd i.e. 170 share vide Certificate No.6260392 8. Distinctive No.2218366630-2218366799 issued in the year 2009 and 340 share Certificate No.67078080 Distinctive Nos. 6909753336-6909753675 in the year 2017 having Folio No.028318359 name of the holders Manoj Kumar Dalmia and Binod Kumar Dalmia which has been misplaced while rearranging documents. Any person who has any claim in respect of said Certificates should lodge complain with Company's Registered Office Address at 3rd Floor, Maker Chambers IV, 222, Nariman Point, Mumbai-400021 within 15 days of publication of this notice.
Date: 04/08/23
Place: Sambalpur. D-0974

AFFIDAVIT

I, Srijeet Mishra, S/o- Late Gopinath Mishra, resident of Flat No.A-041, Cosmopolis, Dumuduma, PS: Khandagiri, Bhubaneswar, Dist-Khurda, Odisha declare by this affidavit sworn before the Notary Public, Bhubaneswar vide Vol -I, Sl. No.307 dtd.- 03.08.2023 that now onwards I shall be known as SRIJIT MISHRA for all future purposes. D-0973

**I, Puspakanti Sahu, D/o- Prahallad Sahu, Malkangiri have changed my name after marriage from Puspakanti Sahu to Puspakanti Muni, vide affidavit dated 01.08.2023 sworn before Notary Public, Bhubaneswar. Henceforth I shall be known as Puspakanti Muni for all purpose.** D-0976

By virtue of an affidavit sworn before the Notary Public, Sambalpur, I Manas Bush, R/o. At-Pathamunda, PO-Kharsanmal, Dist.-Sambalpur declare that in Aadhaar card my DOB has been wrongly mentioned as 20.06.1993 instead of 21.06.1993. In the Board of Secondary Education certificate my name has been wrongly mentioned as Manas Kumar Burh, S/o. Benjamin Burh instead of Manas Bush, S/o. Benjamin Bush. That both the names relates to one and same person. D-0975


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେକର୍ଡ ପରିମାଣର ସୁନା କ୍ରୟ

## ପ୍ରଥମ ୬ମାସରେ ୩୮୭ ଟନ୍ ସୁନା

ଭୁବନେଶ୍ୱର,୪।୮(ଅଭୟ ଦାଶ)

ଗତ କିଛି ମାସ ହେବ ବିଶ୍ୱ ସୁନା ବଜାର ଓ ବଜାର କାରବାରରେ ଅନ୍ତର ସୃଷ୍ଟି ହୋଇଛି। ବିଶେଷକରି ବିଶ୍ୱ ବଜାରରେ ସୁନା କ୍ରୟର ଚାହିଦା ରହିଥିବାବେଳେ ଘରୋଇ ବଜାରଗୁଡିକରେ ସୁନାର ଚାହିଦା ସେହି ପରିମାଣରେ କାରବାର ହୋଇପାରିନାହିଁ ବୋଲି ୱାର୍ଲଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି)ର ସଦ୍ୟତମ ସୁନା ଚାହିଦା ଧାରା ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ୨୦୨୩ ବର୍ଷର ପ୍ରଥମ ୬ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ରେକର୍ଡ ପରିମାଣର ସୁନା କ୍ରୟ କରିଛନ୍ତି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ମଧ୍ୟରେ ସୁନା ଚାହିଦା (ଓଟିସିକୁ ବାଦ୍ ଦେଇ) ୨% ହ୍ରାସ ପାଇ ବର୍ଷକ ମଧ୍ୟରେ ୯୨୧ ଟନ୍ ହୋଇଛି। ମୋଟ ଚାହିଦା (ଓଟିସି)କୁ ମିଶାଇ ବର୍ଷକୁ ବର୍ଷ ମଧ୍ୟରେ ୭% ବୃଦ୍ଧି ପାଇଥିଲା, ଯାହା ବିଶ୍ୱସ୍ତରରେ ଏକ ଦୃଢ଼ ସୁନା ବଜାରକୁ ଦର୍ଶାଉଛି। ବିଶେଷକରି ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କର ଚାହିଦା ବର୍ଷକ ମଧ୍ୟରେ ୧୦୩ ଟନ୍‌କୁ ହ୍ରାସ ପାଇଛି। ମାତ୍ର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବର୍ଷର ପ୍ରଥମ ୬ମାସରେ ରେକର୍ଡ ପରିମାଣର ୩୮୭ ଟନ୍ ସୁନା କିଣିଛନ୍ତି। ଏପରିକି ଏକ ଦୀର୍ଘକାଳୀନ ସକାରାତ୍ମକ ଧାରା ଅନୁସାରେ ତ୍ରୈମାସିକ ଚାହିଦା ରହିଛି, ଯାହା ବର୍ଷସାରା ସରକାରୀ କ୍ଷେତ୍ରରେ ସୁନା କିଣା ଦୃଢ଼ ରହିବ।

ଏ ସମ୍ପର୍କରେ ଡବ୍ଲ୍ୟୁଜିସିର ସିନିୟର ମାର୍କେଟ ଆନାଲିଷ୍ଟ ଲାଉସି ଷ୍ଟ୍ରିଟ୍ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ରେକର୍ଡ ଚାହିଦା ଗତ ବର୍ଷ ସୁନା ବଜାର ଉପରେ ପ୍ରଭାବ ବିସ୍ତାର କରି ରଖିଥିଲା ଏବଂ ଦ୍ୱିତୀୟ ତ୍ରୈମାସିକରେ ମନ୍ଥର ଗତି ସାମ୍ପ୍ରତିକ ଭୂରାଜନୈତିକ ଉତ୍ତେଜନା ଓ ସାରା ବିଶ୍ୱରେ ଦେଖାଦେଇଥିବା ଅର୍ଥନୈତିକ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ଗୁରୁତ୍ୱକୁ ଜଣାଉଛି। ୨୦୨୩ ର ଦ୍ୱିତୀୟ ତ୍ରୈମାସିକରେ ଅର୍ଥନୈତିକ ହ୍ରାସ ସୁନାକୁ ଉପରକୁ ନେଇଛି, ଯାହା ଏକ ସୁରକ୍ଷିତ ସମ୍ପତ୍ତି ମାନ୍ୟତା ଭାବେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରୁଛି। ଏଭଳି ସ୍ଥିତିରେ ନିବେଶକ ଓ କେନ୍ଦ୍ରୀୟ ବ୍ୟାଙ୍କ ଚାହିଦାରୁ ସୁନାକୁ ସହଯୋଗ ମିଳିବ। ଯାହା ଗ୍ରାହକଙ୍କ ବ୍ୟୟରେ ହ୍ରାସ ଯୋଗୁ ଅଳଙ୍କାର ଓ ପ୍ରଯୁକ୍ତି ଚାହିଦାରେ ଥିବା ଦୁର୍ବଳତାକୁ ଦୂର କରିବ।

ସେହିଭଳି ଡବ୍ଲ୍ୟୁଜିସିର ଆଞ୍ଚଳିକ ସିଇଓ, ଭାରତ ସୋମସୁନ୍ଦରମ ପିଆର୍ କହିଛନ୍ତି, ଭାରତର ସୁନା ଚାହିଦା ଗତବର୍ଷର ୨ୟ ତ୍ରୈମାସିକର ୧୭୦.୭ ଟନ୍ ତୁଳନାରେ ୨୦୨୩ ଦ୍ୱିତୀୟ ତ୍ରୈମାସିକରେ ୧୫୮.୧ ଟନ୍‌କୁ ହ୍ରାସ ପାଇଛି। ଭାରତରେ ସୁନା ଅଳଙ୍କାର ଚାହିଦା ଉଲ୍ଲେଖନୀୟ ଭାବେ ବର୍ଷକୁ ବର୍ଷ ଭିତ୍ତିରେ ୮% ହ୍ରାସ ପାଇ ୨୦୨୩ର ଦ୍ୱିତୀୟ ତ୍ରୈମାସିକରେ ୧୨୮ ଟନ୍ ହୋଇଛି।

## ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୪।୮

ଗତ କିଛିଦିନ ହେବ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୮୧ (୪୮୦.୫୭) ପଏଣ୍ଟ ବଢ଼ି ୬୫,୭୨୧ (୬୫,୭୨୧.୨୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୩୫ (୧୩୫.୩୫) ପଏଣ୍ଟ ବୃଦ୍ଧି ଘଟି ୧୯,୫୧୭ (୧୯,୫୧୭.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ୩ଦିନ ହେଲା ଭାରତୀୟ ଶେୟାର ବଜାରର କାରବାର ହ୍ରାସ ଘଟିଥିଲା ବେଳେ ଶୁକ୍ରବାର ବଜାର କାରବାରରେ ସୁଧାର ଆସିଥିଲା।

## ସୋନିର ନ୍ୟୁ ଫୁଲ୍ ଫ୍ରେମ୍ ଭ୍ଲଗ୍ କ୍ୟାମେରା

ଭୁବନେଶ୍ୱର,୪।୮




ସୋନିର ନ୍ୟୁ ଫୁଲ୍ ଫ୍ରେମ୍ ଭ୍ଲଗ୍ କ୍ୟାମେରା 'ଜେଡ୍‌ଭି-ଇ୧'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଏହା କନ୍‌ଟେଂଟ୍ କ୍ରିଏଟରମାନଙ୍କୁ ଉଚ୍ଚ ମାନର ଅନୁଭୂତି ପ୍ରଦାନ କରିବ। ସେହିଭଳି ଲେନ୍‌ସକୁ ବଦଳାଇ ହେଉଥିବା ଏହି କ୍ୟାମେରାରେ ୩୫ ଏମ୍‌ଏମ୍ ଫୁଲ୍ ଫ୍ରେମ୍ ଇମେଜ୍ ସେନ୍‌ସର୍ ରହିଛି। ବିଶ୍ୱର ସବୁଠୁ କ୍ଷୁଦ୍ର ଓ ହାଲୁକା ବଡ଼ିହୋଇଥିବାରୁ କ୍ୟାମେରାକୁ ଅତି ସହଜରେ ପରିଚାଳନା କରାଯାଇପାରିବ। ଏଥିରେ କ୍ରିଏଟରମାନଙ୍କୁ ସର୍ବାଧିକ ସ୍ୱାଧୀନତା ମିଳିପାରିବ।

ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ବିଜନେସ୍ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ସ୍ୱତନ୍ତ୍ର ଭାବେ ଭ୍ଲଗର ଓ କନ୍‌ଟେଂଟ୍ କ୍ରିଏଟରମାନଙ୍କ ପାଇଁ ବିକାଶ କରାଯାଇଥିବା ଏହି କ୍ୟାମେରା 'ଜେଭି-ଇ୧'କୁ ନିକଟରେ ଉପସ୍ଥାପନ କରି ଆମେବେଶ ଉତ୍ସାହିତ ଅଛୁ। ଏପରିକି ଏହାର ଛବିର ଉତ୍କୃଷ୍ଟ ମାନ, କ୍ଷୁଦ୍ର ଆକାର ଓ ଅଭିନବ ସୁବିଧା ସୁଯୋଗ କ୍ରିଏଟରମାନଙ୍କୁ ଆକର୍ଷଣୀୟ ଓ ଚମତ୍କାର କନ୍‌ଟେଂଟ୍ ସୃଷ୍ଟି କରିବାରେ ସଶକ୍ତ କରିବ। ଅପରପକ୍ଷରେ ସୋନିର ନୂଆ ଜେଡ୍‌ଭି-ଇ୧ କ୍ୟାମେରାକୁ ସ୍ୱତନ୍ତ୍ର ଅଫର ଅଧୀନରେ ଗ୍ରାହକମାନେ ୧୯,୧୭୦ ଟଙ୍କାରେ କ୍ରୟ କରିପାରିବେ। ସେଥିରେ ଏକ ୧୦,୫୯୦ ଟଙ୍କାର ଓ୍ୱାୟାରଲେସ ରିମୋଟ୍ କମାଣ୍ଡର, ୬୭୯୦ ଟଙ୍କାର ବ୍ୟାଟେରି ଚାର୍ଜର ଓ ୧୭୯୦ ଟଙ୍କାର ହାଲୁକା କ୍ୟାରିଂ କେସ ସାମିଲ ରହିଛି, ଏହି ଅଫର ଷ୍ଟକ ଶେଷ ହେବା ପର୍ଯ୍ୟନ୍ତ ଉପଲବ୍ଧ ରହିବ।

## ସୋନାଲିକାର ୧୦,୬୮୩ ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୪।୮

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସରେ ମଧ୍ୟ ୫୦,୦୦୦ ଟ୍ରାକ୍ଟର ବିକ୍ରି ଅତିକ୍ରମ କରିଛି। ୨୦୨୩ ଜୁଲାଇରେ କମ୍ପାନୀର ମୋଟ ୧୦,୬୮୩ ଟ୍ରାକ୍ଟର ବିକ୍ରି ହୋଇଛି ; ଯେଉଁଥିରେ ୧୪% ଘରୋଇ ଅଭିବୃଦ୍ଧି ଅନ୍ତର୍ଭୁକ୍ତ ରହିଛି ଏବଂ ଏହା ଶିଳ୍ପ ଅଭିବୃଦ୍ଧି (ଆନୁମାନିକ ୬.୪%) କୁ ମଧ୍ୟ ପଛରେ ପକାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷ (ଏପ୍ରିଲ-ଜୁଲାଇ ୨୦୨୩) ର ପ୍ରଥମ ୪ ମାସରେ ୫୦,୦୦୦ ଟ୍ରାକ୍ଟର ବିକ୍ରି ଅତିକ୍ରମ କରିଛି। ସେହିଭଳି ସୋନାଲିକା ଟ୍ରାକ୍ଟର ୨୦-୧୨୦ଏଚ୍‌ପିରେ ସବୁଠାରୁ ବ୍ୟାପକ ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜ ଆରମ୍ଭ କରିଥିବାରୁ ଏହା ସମଗ୍ର କୃଷି ସମୁଦାୟକୁ ଗ୍ରହଣ କରିବା ପାଇଁ ସମର୍ଥନ କରି ଆସୁଛି। ବିଶେଷକରି ଟେକ୍ନୋଲୋଜିରେ ସମୃଦ୍ଧ ଏହି ଟ୍ରାକ୍ଟରଗୁଡ଼ିକ କୃଷକମାନଙ୍କୁ ସମସ୍ତ କୃଷି ସମ୍ବନ୍ଧିତ ଜଟିଳତାକୁ ଆରାମରେ ଅତିକ୍ରମ କରିବା ଲାଗି ଡିଜାଇନ କରାଯାଇଛି। ଏପରିକି ଟ୍ରାକ୍ଟର କିଣିବା ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା ପାଇଁ କମ୍ପାନୀର ସମଗ୍ର ଟ୍ରାକ୍ଟର ମୂଲ୍ୟ ରେଞ୍ଜକୁ ଅଫିସିଆଲ ୱେବ୍‌ସାଇଟରେ ମଧ୍ୟ ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ୨୦୨୩ ଜୁଲାଇରେ କମ୍ପାନୀ ମୋଟ ୧୦,୬୮୩ ଟ୍ରାକ୍ଟର ବିକ୍ରି କରିବାରେ ସକ୍ଷମ ହୋଇଛି। ଏପରିକି ୧୪% ଘରୋଇ ଅଭିବୃଦ୍ଧି ସହ ଆମେ ଶିଳ୍ପ ଅଭିବୃଦ୍ଧି (ଆନୁମାନିକ ୬.୪%) କୁ ପଛରେ ପକାଇଛୁ ଏବଂ ୨୦୨୩ ଏପ୍ରିଲରୁ ଜୁଲାଇ ମଧ୍ୟରେ କ୍ରମାଗତ ୪ମାସ ଲାଗି ୫୦,୦୦୦ ଟ୍ରାକ୍ଟର ବିକ୍ରି ଅତିକ୍ରମ କରିଛୁ। ବିଶେଷକରି ବ୍ରାଣ୍ଡ ପାଇଁ ଏଭଳି ଭଲପାଇବା ଆମକୁ ପ୍ରତ୍ୟେକଥର ଶ୍ରେଷ୍ଠଠାରୁ ଆହୁରି ସର୍ବଶ୍ରେଷ୍ଠ ହେବା ଏବଂ ଭାରତୀୟ କୃଷକଙ୍କର ଆଞ୍ଚଳିକ ଆବଶ୍ୟକତା ଅନୁଯାୟୀ ଦ୍ରୁତଭାବେ ଅତ୍ୟାଧୁନିକ କୃଷି ଟେକ୍ନୋଲୋଜି ପ୍ରସ୍ତୁତ କରିବା ଲାଗି ଅନୁପ୍ରାଣିତ କରୁଛି।

## କଟକରେ ଟିଭିଏସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



କଟକ ବାଦାମବାଡ଼ିଠାରେ ଶୁକ୍ରବାର ଲକ୍ଷ୍ମୀ ଟିଭିଏସ୍ ଶୋ'ରୁମ୍‌କୁ ଅତିଥି ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୪।୮

ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର କଟକର ବାଦାମବାଡ଼ିଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଡିଲରଲକ୍ଷ୍ମୀ ଟିଭିଏସ୍ ଆନୁକୂଲ୍ୟରେ କଟକର ବାଦମବାଡ଼ିଠାରେ ଉକ୍ତ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍‌ର ଏନ୍‌ଏସ୍‌ଏମ୍ ସେଲ୍‌ସ ଇଷ୍ଟ ଅଜୟ ଗୁପ୍ତା, ଏଏସ୍‌ଏମ୍ ଓଡ଼ିଶା ସୁଭୋଦୀପ ଗାଙ୍ଗୁଲି, ଏଏସ୍‌ଏମ୍ ଓଡ଼ିଶା ଆଶିଷ ଜୟସ୍ୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ଟିଭିଏସ୍‌ର ନିର୍ଦ୍ଦେଶକ ଅଜିତ କୁମାର ପଣ୍ଡା, ପୀୟୂଷ ବୁଦ୍ଧିଆଙ୍କ ସମେତ ଶୋ'ରୁମ୍‌ର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏଠାରେ ଟିଭିଏସ୍ ର ୧୦୦ ସିସିରୁ ୨୦୦ ସିସି ପାୱାରର ବିଭିନ୍ନ ମଡେଲ ସହ ମୋପେଡ ଏକ୍ସଏଲ୍-୧୦୦, ସ୍କୁଟି ପେପ୍+, ଜୁପିଟର ଭିଗୋ, ଷ୍ଟାର ସ୍ପୋର୍ଟ, ଷ୍ଟାର ସିଟି, ଭିକ୍ଟର ଏବଂ ଆପୋଚେ ଭଳି ଗାଡି ଆକର୍ଷଣୀୟ ମୂଲ୍ୟ ଓ ସୁବିଧାରେ ଉପଲବ୍ଧ। ବିଶେଷକରି ଗାଡ଼ି ବିକ୍ରି ପରବର୍ତ୍ତୀ ସେବା ସହ ସରଳ ଓ ସୁବିଧା ଏବଂ ଫାଇନାନ୍ସ ଜରିଆରେ ଗ୍ରାହକମାନେ ଗାଡ଼ି କ୍ରୟ କରିପାରିବେ ବୋଲି ଲକ୍ଷ୍ମୀ ଟିଭିଏସର ନିର୍ଦ୍ଦେଶକ ଅଜିତ କୁମାର ପଣ୍ଡା ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## ଆପୋଲୋରେ ଜାତୀୟ ଅସ୍ଥି-ଗଣ୍ଠି ଦିବସ

ଭୁବନେଶ୍ୱର,୪।୮

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଜାତୀୟ ଅସ୍ଥି ଏବଂ ଗଣ୍ଠି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଡ଼କ ଦୁର୍ଘଟଣା ଏବଂ ନିରାପତ୍ତା ସହ ଦୁର୍ଘଟଣାସ୍ଥଳରେ ମୌଳିକ ଲାଇଫ ସପୋର୍ଟ ପ୍ରଶିକ୍ଷଣ ଆଦି ସମ୍ପର୍କରେ ନାଗରିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଗଷ୍ଟ ପ୍ରଥମ ସପ୍ତାହକୁ ଅସ୍ଥି ଏବଂ ଗଣ୍ଠି ସପ୍ତାହ ଭାବେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏପରିକି ନର୍ସ, ଆମ୍ବୁଲାନ୍ସ ଡ୍ରାଇଭର, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ନାଗରିକ ମଞ୍ଚ ଭଳି ବିଭିନ୍ନ ଗୋଷ୍ଠୀଙ୍କୁ ମୌଳିକ ଜୀବନ ସହାୟତା ପ୍ରଶିକ୍ଷଣ ପ୍ରଦାନ କରାଯାଏ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଏହାର ଥିମ୍ 'ପ୍ରତ୍ୟେକ ବ୍ୟକ୍ତି ଜଣଙ୍କୁ ଶିଖାନ୍ତୁ ଏବଂ ଜଣଙ୍କୁ ବଞ୍ଚାନ୍ତୁ' ରହିଛି, ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କୁ ବଞ୍ଚାଇବା ଥିମ୍‌ର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ଅପରପକ୍ଷରେ ଟ୍ରାଫିକ ନିରାପତ୍ତା ଓ ଅସ୍ଥି ଏବଂ ଗଣ୍ଠି ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ଅର୍ଥୋପେଡିକ ଆସୋସିଏଶନ (ଇଣ୍ଡିଆନ ଅର୍ଥୋପେଡିକ ଆସୋସିଏଶନର ରାଜ୍ୟ ଶାଖା) ପକ୍ଷରୁ ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ପରିସରରେ ଏକ ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆପୋଲୋ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ଦେବବ୍ରତ ପାଢ଼ୀ ସଂଯୋଜନା କରିଥିଲା ବେଳେ ଆପୋଲୋ ହସ୍ପିଟାଲର ସିଓଓ ଡା. ଆଲୋକ ଶ୍ରୀବାସ୍ତବ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅର୍ଥୋପେଡିକ ଆସୋସିଏଶନର ସମ୍ପାଦକ ଡା. ବସନ୍ତ କୁମାର ବେହେରା, ଡା. ଆର୍.କେ. ମହାପାତ୍ର. ଡା. କେ.ଆର୍ ମହାପାତ୍ର, ଡା. ପି.ସି.ଦେଓ ଏବଂ ଡା. ଏ.କେ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ୪୦ ଜଣିଆ ସାଇକେଲ ଟିମ୍ ସଚେତନତା ଶୋଭାଯାତ୍ରା କରିଥିଲେ।

## ଫୁର୍‌ସତ୍

# ସିଗାରେଟ୍‌ରେ ରହିବ ସ୍ୱାସ୍ଥ୍ୟ ସତର୍କତା

## ପ୍ରଥମ ଦେଶ ଭାବେ କାନାଡ଼ାର ପ୍ରୟାସ

ଅଟାୱା




ସିଗାରେଟ୍ ସହିତ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ତାହା ଜାଣି ମଧ୍ୟ ଲୋକେ ତାକୁ ଆରାମରେ ଖାଇଥାନ୍ତି। ତେବେ ଏହାର ପ୍ରତିକାର ପାଇଁ କାନାଡ଼ା ଏକ ପ୍ରୟାସ ଆରମ୍ଭ କରିଛି। ସିଗାରେଟ୍ ଉପରେ ସ୍ୱାସ୍ଥ୍ୟ ଚେତାବନୀ ଦେଉଥିବା କାନାଡ଼ା ପ୍ରଥମ ଦେଶ ହୋଇ ଇତିହାସ ସୃଷ୍ଟି କରିବାକୁ ଯାଉଛି। ବିଶ୍ୱର ନୋ ତମାଖୁ ଦିବସରେ ଦେଶର ମାନସିକ ସ୍ୱାସ୍ଥ୍ୟ ଏବଂ ଅବକାରୀ ମନ୍ତ୍ରୀ କାରୋଲିନ୍ ବେନେଟ୍ ଏହି ଘୋଷଣା କରିଛନ୍ତି। ଧୂମପାନ କରୁଥିବା ଲୋକ ଧୂମପାନ ତ୍ୟାଗ କରିବା, ତମାଖୁକୁ କମ୍ ଆକର୍ଷଣ କରିବାକୁ ଏହି ନୂତନ ନିୟମ କାନାଡ଼ା ଯୋଜନାର ଏକ ଅଂଶ। ନୂତନ ନିୟମ ଅନୁସାରେ, ବ୍ୟକ୍ତିଗତ ସିଗାରେଟ୍, ଛୋଟ ସିଗାରେଟ୍ ଟ୍ୟୁବ୍ ଏବଂ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟର ଫିଲ୍ଟରର ବାହ୍ୟ କାଗଜରେ ସ୍ୱାସ୍ଥ୍ୟ ଚେତାବନୀକୁ ହାତଛଡ଼ା କରିବା ଅସମ୍ଭବ ହୋଇପଡ଼ିବ। ସେଥିରେ ଚେତାବନୀ ଭାବେ 'ସିଗାରେଟ କର୍କଟ ବ୍ୟାଧି/କ୍ୟାନ୍‌ସର' କିମ୍ବା 'ପ୍ରତ୍ୟେକ ପଫ୍‌ରେ ବିଷ' ବୋଲି ଲେଖାରହିବ। ଏହି ନିୟମ ଚଳିତବର୍ଷ ଅଗଷ୍ଟ ପହିଲାରୁ ଆରମ୍ଭ ହୋଇଥିବାବେଳେ ବର୍ଷକ ମଧ୍ୟରେ ପର୍ଯ୍ୟାୟକ୍ରମେ ଗଢାଯିବ। ୨୦୨୪ ଏପ୍ରିଲ ଶେଷସୁଦ୍ଧା କାନାଡାର ଖୁଚୁରା ବ୍ୟବସାୟୀମାନେ ନୂତନ ସ୍ୱାସ୍ଥ୍ୟ ବାର୍ତ୍ତା ବହନ କରୁଥିବା ତମାଖୁ ପ୍ୟାକେଟ୍ ସହିତ ତମାଖୁ ଉତ୍ପାଦ ବିକ୍ରି କରିବେ। ୨୦୨୪ ଜୁଲାଇ ସୁଦ୍ଧା ଏହା କାନାଡ଼ାର ସମସ୍ତ ସେଲରେ ପହଞ୍ଚିବ। ପ୍ରତିବର୍ଷ କାନାଡ଼ାର ୪୮ ହଜାର ଲୋକ ତମାଖୁ ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ନିୟମ ଫଳରେ କାନାଡ଼ାର ଲୋକେ ଏଥିପ୍ରତି ସଚେତନତା ଅବଲମ୍ବନ କରିବେ ବୋଲି ଆଶା ରଖାଯାଇଛି।

## ବହୁଦିନର ଇଚ୍ଛା ପୂରଣକଲେ ଦୀପିକା




**ମୁମ୍ବାଇ:** ନିକଟରେ ଏକ ସାକ୍ଷାତ୍କାରରେ ପ୍ରଭାସଙ୍କ ବହୁ ଦିନର ଇଚ୍ଛାକୁ ଅଭିନେତ୍ରୀ ଦୀପିକା ପାଦୁକୋନ ପୂରଣ କରିଥିବା କହିଛନ୍ତି। ଫିଲ୍ମ 'କଲ୍‌କୀ ୨୮୨୯ଏଡି'ରେ ପ୍ରଥମ ଥର ପାଇଁ ବଲିଉଡ୍‌ର ଡିମ୍ପଲ ଗର୍ଲ ଦୀପିକା ଓ ସାଉଥ ସୁପରଷ୍ଟାର ପ୍ରଭାସଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। ନାଗ ଅଶ୍ୱିନୀ କରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବିଗ୍ ବି ଅମିତାଭ ବଚ୍ଚନଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଗି ମୁଭି ୪୦୦ କୋଟି ଟଙ୍କା ବଜେଟ୍‌ରେ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି। ତେବେ ଏହି ସାକ୍ଷାତ୍କାରରେ ପ୍ରଭାସ କହିଛନ୍ତି, ଦୀପିକା ହେଉଛନ୍ତି ବଡ଼ ସୁପରଷ୍ଟାର। ସେ ସର୍ବଭାରତୀୟ ସ୍ତରରେ ମଧ୍ୟ ବିଖ୍ୟାତ। ତାଙ୍କ ଭିତରେ ବହୁ ପ୍ରତିଭା ରହିଛି। ଦୀପିକାଙ୍କ ସହ ଅଭିନୟ କରିବାକୁ ସେ ଅଧିକ ପରିଶ୍ରମ କରୁଥିଲେ। ସେ ଦୀପିକାଙ୍କୁ ଖୁବ୍ ଭଲ ପାଆନ୍ତି। ଦୀପିକା ତାଙ୍କ ସହ ଏହି ସିନେମା କରିବାକୁ ରାଜି ହୋଇ ତାଙ୍କ ବହୁ ଦିନର ଇଚ୍ଛା ପୂରଣ କରିଥିବା ପ୍ରଭାସ କହିଥିଲେ। ତେବେ ପ୍ରଭାସ ୨୦୦୨ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଅନେକ ସାଉଥ୍ ମୁଭି କରି ପ୍ରଶଂସା ସାଉଁଟିଛନ୍ତି। ନିକଟରେ ତାଙ୍କୁ ଚଳଚ୍ଚିତ୍ର 'ଆଦିପୁରୁଷ'ରେ ରାମଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା।

# ଗୋଲାପି ତାବୁତ୍‌ର କ୍ରେଜ୍



ୱାଶିଂଟନ

ଅନେକ ସମୟରେ ବାର୍ବିକୁ ନେଇ ଲୋକଙ୍କ ମଧ୍ୟରେ ଅନେକ କ୍ରେଜ ଦେଖିବାକୁ ମିଳିଥାଏ। କିଛି ଲୋକ ବାର୍ବି ଥିମ୍‌କୁ ନେଇ ନିଜ ଘରକୁ ସଜାଇଥିବା ଦେଖିବାକୁ ମିଳିଛି। ନିକଟରେ ଫିଲ୍ମ 'ବାର୍ବି' ରିଲିଜ୍ ହେବାରୁ ଏହାର କ୍ରେଜ୍ ଅଧିକ ବଢ଼ିଯାଇଛି। ଏହାର ଡିମାଣ୍ଡକୁ ଦେଖି ବିକ୍ରେତା ବାର୍ବି ଥିମ୍‌ର ତାବୁତ୍ ମଧ୍ୟ ତିଆରି କରୁଛନ୍ତି। ଲୋକେ ତାଙ୍କ ଆତ୍ମୀୟଙ୍କ ସଂସ୍କାର ପାଇଁ ମଧ୍ୟ ଏହି ବାର୍ବି ଥିମ୍‌ର ତାବୁତ୍ କିଣିବାକୁ ଅଧିକାଂଶ ଅର୍ଡର ମଧ୍ୟ ଦେଉଛନ୍ତି। ରିପୋର୍ଟ ମୁତାବକ, ବଲିଉଡ୍ ଅଭିନେତା, ସ୍କ୍ରିନ ରାଇଟର, ଡାଇରେକ୍ଟର ଗ୍ରେଟା ଗେରୱିଗ୍‌ଙ୍କ 'ବାର୍ବି' ଫିଲ୍ମ ଆସିବା ପରେ ଲୋକଙ୍କ ପାଖରେ ଏହାର କ୍ରେଜ୍ ଅଧିକ ଦେଖିବାକୁ ମିଳିଛି। ଲୋକେ ବାର୍ବି ପ୍ରତି ନିଜର କ୍ରେଜ୍‌କୁ ବଞ୍ଚାଇ ରଖିବା ସହ ମରିବା ପରେ ମଧ୍ୟ ତାହା ବଜାୟ ରଖିବାକୁ ପସନ୍ଦ କରୁଛନ୍ତି। ଏହି ଗୋଲାପି ରଙ୍ଗର ତାବୁତ୍‌ର ପ୍ରଚାର କରିବା ସମୟରେ ସେମାନେ କହୁଛନ୍ତି, ଏହା ଆକର୍ଷଣୀୟ ରଙ୍ଗ ସହ ସେହି ଅବିସ୍ମରଣୀୟ ମୁହୂର୍ତ୍ତର ଆନନ୍ଦ, ଶକ୍ତିକୁ ଦର୍ଶାଇଥାଏ, ଯାହା ସେମାନେ ତାଙ୍କ ଜୀବନରେ କରିଥିଲେ। ଏହା ଏକ ଅବସୋସ ଯାହା କାହାଣୀ ମନେ ରଖିବା ଯୋଗ୍ୟ ଏବଂ ଏହାକୁ ରଙ୍ଗର ସହ ବିତାଇବା ଉଚିତ। ଏହାଛଡ଼ା ଓଲିବରେଶ ଫ୍ୟୁନେରାଲ ହୋମ୍ ନାମକ ଏକ କମ୍ପାନୀ ନିଜର 'ବାର୍ବି ହାଉସ୍' ତାବୁତର ପ୍ରଚାର କହିଛି, ଆପଣ ବାର୍ବି ଭଳି ଏହି ତାବୁତ୍‌ରେ ଆରାମ ମଧ୍ୟ କରିପାରିବେ। ମେକ୍ସିକୋ, ଏଲ୍ ସାଲ୍‌ଭାଡର ଏବଂ ଆମେରିକାର ଅନେକ କମ୍ପାନୀ ଏପରି ଗୋଲାପି ତାବୁତ୍ ତିଆରି କରୁଛି। ଏଥିସହ ସେମାନେ ଏହି ଗୋଲାପି ରଙ୍ଗର ତାବୁତ୍ ପାଇଁ ମଧ୍ୟ ୩୦-୪୦ ପ୍ରତିଶତ ଡିସ୍‌କାଉଣ୍ଟ ରଖୁଛନ୍ତି।

## ଘର ବିକି ପ୍ଲାଷ୍ଟିକ୍ ସର୍ଜରି କଲେ

ଫୋଇନିକ୍ସ

ସୁନ୍ଦର ଦେଖାଯିବାକୁ କିଏ ବା ନ ଚାହେଁ। ସେଥିପାଇଁ ଅନେକେ ଟଙ୍କା ଖର୍ଚ୍ଚ କରୁଥିବା ଦେଖିବାକୁ ମଧ୍ୟ ମିଳୁଛି। ନିକଟରେ ଜଣେ ୫୦ ବର୍ଷୀୟା ସବୁଦିନ ପାଇଁ ଯୁବା ଦେଖାଯିବାକୁ ନିଜ ଘର ବିକି ଦେଇଥିବା ଜଣାପଡ଼ିଛି। ଏରିଜୋନାର ବାସିନ୍ଦା କେଲି ବେସ୍ଲି ତାଙ୍କ ପ୍ଲାଷ୍ଟିକ ସର୍ଜରି ପାଇଁ ୧୪ ହଜାର ଡଲାର ଅର୍ଥାତ୍ ୧୧ ଲକ୍ଷ ଟଙ୍କା ଯୋଗାଡ କରିବାକୁ ଯାଇ ତାଙ୍କ ୩ଟି ବେଡରୁମ୍ ଥିବା ଘର ବିକ୍ରି କରିଦେଇଛନ୍ତି। ତାଙ୍କ ଚେହେରାକୁ ସେ ସୁନ୍ଦର ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ତାଙ୍କ ଘର ବିକ୍ରି କରିବାକୁ ନିଷ୍ପତ୍ତି ନେଲେ। ପ୍ଲାଷ୍ଟିକ୍ ସର୍ଜରି କରିବା ପରେ ତାଙ୍କୁ ଏକ ସୁନ୍ଦର ଚେହେରା ମିଳିଗଲା। ତେବେ ସେ ପ୍ଲାଷ୍ଟିକ ସର୍ଜରିକୁ ଉପଦେଶ ଦେବା ସହ ତାକୁ ନେଇ ଲୋକେ ଗର୍ବ କରନ୍ତୁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସେ ୧୫ ବର୍ଷ ବୟସରୁ ହିଁ ଏକ ଇଞ୍ଜେକ୍ସନ ନେବା ଆରମ୍ଭ କରିଥିଲେ, ଯାହା ଫଳରେ ତାଙ୍କ ଚେହେରାର ସୁନ୍ଦରତା ବଜାୟ ରହିବ। ହେଲେ ସେଥିରେ ସେ ସନ୍ତୁଷ୍ଟ ନ ହେବାରୁ ପ୍ଲାଷ୍ଟିକ ସର୍ଜରି କରିବାକୁ ନିଷ୍ପତ୍ତି ନେଇଥିଲେ।



# ଓଡ଼ିଶାରୁ ଭାଗନେବେ ୨୮ ପ୍ରତିଯୋଗୀ


ଜାତୀୟ ଜୁନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଜାତୀୟ ଜୁନିୟର ଉଷୁ**

ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ)

ବିହାରର ପାଟନାସ୍ଥିତ କଙ୍କରବାଗ୍ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୬ରୁ ୧୧ ପର୍ଯ୍ୟନ୍ତ ୨୨ତମ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୮ ପ୍ରତିଯୋଗୀଙ୍କ ସମେତ ମୋଟ ୩୬ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଏହା ମଧ୍ୟରେ ୪ ଅଫିସିଆଲ୍ସ ଓ ୪ ଜାତୀୟ ଓ ଅନ୍ତର୍ଜାତୀୟ ଜଜ୍ ସାମିଲ। ଅନ୍ତର୍ଜାତୀୟ ଜଜ୍ ସୁଧାଂଶୁ ଶେଖର ହରିଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଶନିବାର ବିହାର ଯାତ୍ରା କରିବ। ଏହି ଦଳରେ ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା, ଜାତୀୟ ଜଜ୍ ଅନୁରାଧା ଦୋରା ଓ ପୃଥ୍ୱୀରାଜ ହରିଚନ୍ଦନ, ଟିମ୍ ମ୍ୟାନେଜର ସୁସ୍ମିତ କୁମାର ପଣ୍ଡା ଓ ସନାତନ ଦେହୁରି ଏବଂ କୋଚ୍ ପଙ୍କଜ ମହନ୍ତ ଓ ସୁଜନ ରଥ ସାମିଲ ରହିବେ। **ଓଡ଼ିଶା ପ୍ରତିଯୋଗୀ:** ମଦନ ମୁଣ୍ଡା, ପ୍ରେମ୍ ମୁଣ୍ଡା, ରାଜକୁମାର ମୁଣ୍ଡା, ପର୍ବିଲ ମୁଣ୍ଡା, ଜ୍ଞାନରଞ୍ଜନ ମହାନ୍ତି, ସାଇ ସାର୍ଥକ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟପ୍ରକାଶ ମହାନ୍ତି, ଅଂଶ ଶୁକ୍ଳା, ପ୍ରତୀକ କୁମାର ମହାପାତ୍ର (ସମସ୍ତେ ପୁରୁଷ ସାଣ୍ଡା), ସୁମିତ୍ରା ମୁଣ୍ଡା, ଶ୍ୱେତାରାଣୀ ମହନ୍ତୋ, ସାବିତ୍ରୀ ଗୁପ୍ତା, ଅନିଶା ମିଶ୍ର, ପରୀ ମିତ୍ତଲ (ସମସ୍ତେ ମହିଳା ସାଣ୍ଡା), ଆଶୁତୋଷ ମହାରଣା, ଲମ୍ବୋଦର ମାଝି (ଉଭୟେ ପୁରୁଷ ରେଗୁଲାର ଟାଓଲୁ), ସମୃଦ୍ଧି (ମହିଳା ରେଗୁଲାର ଟାଓଲୁ), ରାହୁଲ ଘଡ଼େଇ, ଆଶିଷ ସାମନ୍ତ, ପୀୟୂଷ ଭରଦ୍ୱାଜ (ସମସ୍ତେ ପୁରୁଷ ଟ୍ରାଡିଶନାଲ ଟାଓଲୁ), ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ (ଉଭୟେ ମହିଳା ଟ୍ରାଡିଶନାଲ ଟାଓଲୁ), ବାବୁଲା ମୁଣ୍ଡା, ଅଭିଷେକ ମହାରଣା, ଆଲୋକ ମେହେର, ସାଇ ସମର୍ଥ ଭଟ୍ଟାଚାର୍ଯ୍ୟ (ସମସ୍ତେ ୟୁଥ୍ ପୁରୁଷ ସାଣ୍ଡା), ଯଶୋଦା ପୂର୍ତ୍ତି ଓ ସୋନାଲିସା ଦେହୁରୀ (ଉଭୟେ ୟୁଥ୍ ମହିଳା ସାଣ୍ଡା)।

# ଅନ୍ତର୍ଜାତୀୟ କ୍ରିକେଟରୁ ହେଲ୍ସଙ୍କ ଅବସର

**ଲଣ୍ଡନ, ୪।୮(ପି.ଟି.):** ଇଂଲଣ୍ଡର ବିସ୍ଫୋରକ ଓପନିଂ ବ୍ୟାଟର ଆଲେକ୍ସ ହେଲ୍ସ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୨୦୧୧ ଅଗଷ୍ଟରେ ମାଞ୍ଚେଷ୍ଟରରେ ଭାରତ ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ ଖେଳି ଆଲେକ୍ସ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଇଂଲଣ୍ଡ ତରଫରୁ ୧୧ ଟେଷ୍ଟ, ୭୦ ଅନ୍ତର୍ଜାତୀୟ ଦିନିକିଆ ଏବଂ ୭୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଘଟଣାକ୍ରମେ ହେଲ୍ସ ଭାରତ ବିପକ୍ଷରେ ମଧ୍ୟ ତାଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଅଷ୍ଟ୍ରେଲିଆରେ ୨୦୨୨ରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ସେ ୪୭ ବଲ୍‌ରେ ୮୬ (୪ ଚୌକା ଓ ୭ ଛକା) ରନ କରି ଅପରାଜିତ ରହିଥିଲେ। ଆଡିଲେଡ୍‌ଠାରେ ୧୬୯ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ହେଲ୍ସ ଓ ଜୋସ୍ ବଟଲର (୮୦ ନଟ୍‌ଆଉଟ)ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଇଂଲଣ୍ଡ ୧୦ ଉଇକେଟରେ ବିଜୟ ଲାଭ କରିଥିଲା।

କୋଷ୍ଠକାଠିନ୍ୟର
ସମାଧାନ
9119788888




# ସାନିଆ-ଶୋଏବଙ୍କୁ ନେଇ ପୁଣି କଳ୍ପନାଜଳ୍ପନା

ମୁମ୍ବାଇ, ୪।୮(ପି.ଟି.)

ସେଲିବ୍ରିଟି ଦମ୍ପତି ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ଓ ପାକିସ୍ତାନୀ କ୍ରିକେଟର ଶୋଏବ ମଲିକଙ୍କୁ ନେଇ ପୁଣି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଉଭୟଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଯାହା ଦେଖିବାକୁ ମିଳୁଛି ସେମାନଙ୍କ ଦାମ୍ପତ୍ୟ ଜୀବନରେ ଫାଟ ଦେଖାଦେଇଥିବା ଅନୁମାନ କରାଯାଉଛି। ଦୁଇ ଜଣାଶୁଣା ଆଥ୍‌ଲେଟଙ୍କ ମଧ୍ୟରେ ବିବାହ ବେଳେ ଦୁଇ ଆଥ୍‌ଲେଟଙ୍କୁ ଏକତ୍ରିତ ପାକିସ୍ତାନୀ ରିୟାଲିଟି ଟିଭି ଶୋ' 'ଦି ମିର୍ଜା ମଲିକ ଶୋ' ରେ ଦେଖିବାକୁ ମିଳିଥିଲା। ଏଥିରେ ସେମାନେ ଉପସ୍ଥାପକ ଭାବେ ପାକିସ୍ତାନୀ ସେଲିବ୍ରିଟିଙ୍କ ସାକ୍ଷାତକାର ନେଉଥିଲେ। ସାନିଆ-ଶୋଏବଙ୍କର ଇଜ୍‌ହାନ ମଲିକ ନାମକ ପୁତ୍ର ସନ୍ତାନ ରହିଛି, ଯିଏକି ୨୦୧୮ରେ ଜନ୍ମଗ୍ରହଣ କରିଥିଲେ। ୪୧ ବର୍ଷୀୟ ପାକିସ୍ତାନୀ ଅଲରାଉଣ୍ଡର ତାଙ୍କ


ଶୋଏବ ମଲିକ ଓ ସାନିଆ ମିର୍ଜା।

ବିଚ୍ଛେଦ ଘଟିଥିବା ଗତବର୍ଷ ଗୁଜବ ଉଠିଥିଲା। ସୋସିଆଲ ମିଡିଆରେ ଏହା ଆଲୋଚନାର ବିଷୟ ପାଲଟିଯାଇଥିଲା। କିନ୍ତୁ ଦୁଇ ଆଥ୍‌ଲେଟ ଏହି ପ୍ରସଙ୍ଗରେ କିଛି ହେଲେ ସାର୍ବଜନୀନ କରି ନ ଥିଲେ। ସାନିଆ ଓ ଶୋଏବ ୨୦୧୦ରେ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଦୁଇ ଦେଶରେ ରହିଥିବା ସମର୍ଥକଙ୍କ ସେମାନଙ୍କ ଉପରେ ନଜର ରହିଥିଲା। ସେମାନଙ୍କ ବୈବାହିକ ଜୀବନ ବେଶିଦିନ ତିଷ୍ଠି ରହିବ କି ନା ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଛାଡ଼ପତ୍ର ନେଇ ହଲ୍ଲଗୁଲ୍ଲା ଚାଲିଥିବା ଇନ୍‌ଷ୍ଟାଗ୍ରାମ ବାୟୋ ସନ୍ଦର୍ଭରୁ 'ହଜ୍‌ବ୍ୟାଣ୍ଡ ଟୁ ଏ ସୁପର ଓମ୍ୟାନ ସାନିଆ ମିର୍ଜା' ଶୀର୍ଷକକୁ ହଟାଇ ଦେଇଛନ୍ତି। ଏହା ବଦଳରେ 'ଫାଦର ଟୁ ୱାନ ଟୁ ବ୍ଲେସିଂ' ସ୍ଥାନ ପାଇଛି। ୩୬ ବର୍ଷୀୟା ସାନିଆ ଗତ ମାର୍ଚ୍ଚରେ ହାଇଦ୍ରାବାଦରେ ଏକ ପ୍ରଦର୍ଶନୀ ମ୍ୟାଚ ସହ ଟେନିସ୍‌ରୁ ଅବସର ନେଇଛନ୍ତି। ସେ ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ ମଲିକଙ୍କ ଫଟୋକୁ ଡିଲିଟ୍ କରିଦେଇଛନ୍ତି। ଏହା ବ୍ୟକ୍ତିଗତ ହୋଇଥିବାରୁ ସେମାନେ ପୃଥକ କିମ୍ବା ମିଳିତ ଭାବେ କୌଣସି ବିବୃତି ଦେବା ଉଚିତ ହେବ ନାହିଁ ବୋଲି ମନେକରନ୍ତି।

# ସିଙ୍ଗଲ୍ସ, ମିକ୍ସଡ ଡବଲ୍ସ ସେମିରେ ପ୍ରମୋଦ

**ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ):** ଇଂଲଣ୍ଡର ଶେଫିଲ୍ଡଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପ୍ରମୋଦ ଓ ମନିଷା ରାମଦାସ ଯୋଡି କ୍ୱାର୍ଟର ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ଲୁକାସ ମାଜୁର ଓ ଫୌଷ୍ଟିନେ ନୋଏଲଙ୍କୁ ୨୧-୧୭, ୨୧-୧୪ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ସେମିରେ ଏମାନେ ଅନ୍ୟତମ ଭାରତୀୟ ଯୋଡ଼ି ରୁଥିକ ରଗୁପଥି ଓ ମାନସି ଜୋଶୀଙ୍କୁ ଭେଟିବେ। ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ନିଜ ଦେଶର ନେହାଲ ଗୁପ୍ତାଙ୍କୁ ୨୧-୧୮, ୨୧-୧୮ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ନିଜ ଦେଶର ନିତେଶ କୁମାରଙ୍କୁ ଭେଟିବେ।

# ସ୍ଲୋ ଓଭର-ରେଟ୍: ଭାରତ, ୱେଷ୍ଟଇଣ୍ଡିଜକୁ ଜରିମାନା

**ଦୁବାଇ, ୪।୮(ପି.ଟି.):** ତ୍ରିନିଦାଦର ତାରୋବାଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଏକ ସ୍ଲୋ ଓଭର-ରେଟ୍ ପାଇଁ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜକୁ ଜରିମାନା କରାଯାଇଛି। ଗୁରୁବାର ରାତିରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛୁଆ ରହିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଭାରତକୁ ମ୍ୟାଚ ଫି'ର ୫ ପ୍ରତିଶତ, ଅନ୍ୟପକ୍ଷରେ ୨ ଓଭର ପଛୁଆ ପାଇଁ ୱେଷ୍ଟଇଣ୍ଡିଜକୁ ମ୍ୟାଚ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ମ୍ୟାଚ ରେଫରି ରିଚି ରିଚାର୍ଡସନ ଆଇସିସି ଆଚରଣବିଧି ଅନୁସାରେ ଏହି ଦଣ୍ଡ ବିଧାନ କରିଛନ୍ତି।

# ଭାରତ-ଜାପାନ ମ୍ୟାଚ ଡ୍ର

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଚେନ୍ନାଇ, ୪।୮

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଶୁକ୍ରବାର ଅନୁଷ୍ଠିତ ଭାରତ-ଜାପାନ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଜାପାନ ପକ୍ଷରୁ କେନ୍ ନାଗାୟୋଶି ୨୮ତମ ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟରର ଶେଷ ଭାଗରେ ଅର୍ଥାତ୍ ମ୍ୟାଚର ୪୩ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରି ଅଧିନାୟକ ହରମନପ୍ରୀତ ସିଂ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଭାରତ ୨ ମ୍ୟାଚରୁ ୪ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚରେ ଘରୋଇ ଦଳ ୭-୨ ଗୋଲରେ ଚାଇନାକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ କୋରିଆଠାରୁ ୧-୨ ଗୋଲରେ ହାରିଥିବା ଜାପାନ ପଏଣ୍ଟ ଖାତା ଖୋଲିଛି।

# ପଏଣ୍ଟ ଭାଗକଲେ ପାକିସ୍ତାନ-କୋରିଆ


ପାକିସ୍ତାନ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ପାକିସ୍ତାନ ଓ କୋରିଆ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ନିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ପାକିସ୍ତାନ ପଏଣ୍ଟ ଖାତା ଖୋଲିଛି। ୧୮ତମ ମିନିଟରେ ଅବଦୁଲ ସାହିଦ ଏକ ଫିଲ୍ଡ ଗୋଲ ଦେଇ ପାକିସ୍ତାନକୁ ୧-୦ରେ ଅଗ୍ରଣୀ କରିଥିଲେ। ୫୩ତମ ମିନିଟରେ ପାକିସ୍ତାନ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ କୋରିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାର ସଦୁପଯୋଗ କରି ୟାଙ୍ଗ୍ ଜିହୁନ୍ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ।

## ମାଲେସିଆର ଦ୍ୱିତୀୟ ବିଜୟ

ମାଲେସିଆ ୫-୧ ଗୋଲରେ ଚାଇନାକୁ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଏହି ଦଳ ୬ ପଏଣ୍ଟରେ ପହଞ୍ଚିଛି। ୪ର୍ଥ ମିନିଟରେ ଚାଇନାର ଚେନ୍ ଚୋଙ୍ଗକଙ୍ଗ୍ ଗୋଲ୍ ଦେଇଥିଲେ। ମାଲେସିଆର ଅବୁ କମଲ ଅଜରାଇ ୧୫ ଓ ୪୫ତମ ମିନିଟରେ ୨ଟି ଏବଂ ଫୈଜଲ ବିନ୍ ସାରି ୧୧, ମହମ୍ମଦ ଫିରହାନ ଅସାରି ୪୯ ଓ ନଜମି ଜଜଲନ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



**କରିନାଙ୍କ ବଡ଼ ପ୍ରଶଂସକ ଥିଲେ ସାରା**

ଫିଲ୍ମ 'କଭି ଖୁସି କଭି ଗମ୍'ରେ କରିନା କପୁରଙ୍କ ଅଭିନୟ ପାଇଁ ସାରା ଅଲି ଖାନ୍ ଛୋଟବେଳେ ତାଙ୍କର ବଡ଼ ପ୍ରଶଂସକ ଥିଲେ।

୦୨

୦୮

**ଅମ୍ଲାନଙ୍କୁ ବ୍ରୋଞ୍ଜ ପଦକ**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ପ୍ରଥମ ଭାରତୀୟ ପୁରୁଷ ଆଥଲେଟ୍‌ଭାବେ ଅମ୍ଲାନ ବୋରଗୋହେନ ଆଥଲେଟିକ୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।



# ରଥଯାତ୍ରାରେ ରତ୍ନଭଣ୍ଡାର ଖୋଲିବାକୁ ସୁପାରିସ

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

- ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଅନୁରୋଧ
- ବୁଧବାର ହେବ ବନକଲାଗି ନୀତି
- ଏବେ ଖୋଲାଯିବନି ୪ ଦ୍ୱାର

ପୁରୀ,୪।୮(ଅଜିତ ମହାନ୍ତି)

ଦୀର୍ଘବର୍ଷ ଧରି ବାଦବିବାଦ ଲାଗିରହିଥିବା ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ ଉପରେ ଶେଷରେ ଆଶା ସଞ୍ଚାର ହୋଇଛି। ୨୦୨୪ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିପାରେ। ସେ ସମୟରେ ରତ୍ନଭଣ୍ଡାର ଭିତର ଅଂଶ ମରାମତି ହେବା ସହ ଭିତରର ସ୍ଥିତି ଅନୁଧ୍ୟାନ କରାଯିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଛି। ଆଗାମୀ ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯିବ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରତ୍ନଭଣ୍ଡାର ଖୋଲାଯାଉ ବୋଲି ସରକାରଙ୍କୁ ଅନୁରୋଧ କରାଯିବ।

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ପରେ ଦୁଇ ଦୁଇଥର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବାତିଲ ହେବା ପରେ ଶେଷରେ ଶୁକ୍ରବାର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବହୁଚର୍ଚ୍ଚିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ୨୦୨୪ ରଥଯାତ୍ରା ସମୟରେ ଖୋଲିବା ଏବଂ ମରାମତି ନେଇ ଆଲୋଚନା କରାଯାଇଛି। ସେହିପରି



ବନକଲାଗି ନୀତି, ଶ୍ରୀମନ୍ଦିର ୪ଦ୍ୱାର ଖୋଲାଯିବା ପ୍ରସଙ୍ଗ, ସେବାୟତ ବାସଗୃହ ଓ ସେବାୟତ ଗୁରୁକୁଳ ଆଦି ବିଷୟ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୩ ରଥଯାତ୍ରା ସମୀକ୍ଷା ମଧ୍ୟ କରାଯାଇଥିଲା। ତେବେ ବହୁ ବର୍ଷ ପ୍ରତୀକ୍ଷାର ଏବେ ଅନ୍ତ ହେବାକୁ ଯାଉଛି। ୨୦୨୪ ରଥଯାତ୍ରା ସମୟରେ ଭିତର ରତ୍ନଭଣ୍ଡାର ଖୋଲାଯିବାର ବ୍ୟବସ୍ଥା କରାଯିବ। ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖାଯିବା ପରେ ଆଲୋଚନା ହୋଇ ରତ୍ନଭଣ୍ଡାର ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ତେବେ ଏହା ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ରତ୍ନଭଣ୍ଡାରର ସ୍ଥିତି ଯାଞ୍ଚ କରାଯିବ। ଏଏସ୍‌ଆଇ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଇଞ୍ଜିନିୟର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରାଯିବା ପରେ ରିପୋର୍ଟକୁ ଅନୁଧ୍ୟାନ କରି ସରକାରଙ୍କୁ ଅବଗତ କରାଯିବ। ତେବେ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବାରୁ ସେହି ସମୟ ହିଁ ରତ୍ନଭଣ୍ଡାର ଯାଞ୍ଚର ପ୍ରକୃଷ୍ଟ ସମୟ ବୋଲି ପରିଚାଳନା କମିଟିରେ ମତପ୍ରକାଶ ପାଇବା ପରେ ଏହି ନିଷ୍ପତ୍ତି ହୋଇଛି ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବର୍ମା କହିଥିଲେ, ପରିଚାଳନା ବୈଠକରେ ପ୍ରଥମେ ପୂର୍ବ ବୈଠକ ସମ୍ପର୍କରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ପରେ ସେବାୟତଙ୍କ ପାରମ୍ପରିକ କ୍ରୀଡ଼ା କୁସ୍ତିର ଉନ୍ନତି ପାଇଁ ☞ ପୃଷ୍ଠା-୨

# ତରଳ ଲୁହା ପଡ଼ି ଜଣେ ମୃତ, ୭ ଗୁରୁତର

## ମୈଥାନ ଇସ୍ପାତରେ ଦୁର୍ଘଟଣା

ଯାଜପୁର/କଳିଙ୍ଗନଗର,୪।୮ (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ମୈଥାନ ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍‌ଟିଂ ଶପ(ଏସ୍‌ଏମ୍‌ଏସ୍)ରେ ଗୁରୁବାର ମଧ୍ୟରାତ୍ରିରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନିତୀନ ଯାଦବ(୨୭)। ତାଙ୍କ ଘର ଉତ୍ତର ପ୍ରଦେଶରେ ବୋଲି ଜଣାପଡିଛି। ଏହାସହ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଶରୀର ୪୦%ରୁ ଅଧିକ ପୋଡ଼ି ଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଆହତମାନେ ହେଲେ ଭଦ୍ରକର ଧନେଶ୍ୱର ନାଏକ(୨୪), ଢେଙ୍କାନାଳର ଶ୍ୟାମ ସୁନ୍ଦର ନାଏକ(୩୩), ଅମୂଲ୍ୟ ଚଟମ୍ବା(୨୫) ଓ ପବିତ୍ର ସାହୁ(୨୫)। ଅନ୍ୟ ୩ ଜଣଙ୍କ ପରିଚୟ ମିଳି ପାରିନାହିଁ। ଆହତମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ହେବାର ୧୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନାହିଁ। ଏଥିରୁ ଦୁର୍ଘଟଣାକୁ ଚପାଇ ଦେବାକୁ କାରଖାନା କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ସନ୍ଦେହ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ମେସ୍କୋ ଗ୍ରୁପ୍ ପରିଚାଳିତ ମୈଥାନ ଇସ୍ପାତ କାରଖାନା ୨୦୧୯ ଫେବୃୟାରୀରୁ ବନ୍ଦ ପଡ଼ିଥିଲା। ୨୦୨୧ରେ ଏହାକୁ ଇନ୍ଦ୍ରାଣୀ ଗ୍ରୁପ କିଣିଥିଲା। ଦୀର୍ଘଦିନ ହେଲା କାରଖାନା ବନ୍ଦ ରହିଥିବାରୁ ପ୍ରାୟ ୬ ମାସ ଧରି କାରଖାନାର



ମରାମତି କାର୍ଯ୍ୟ ହୋଇଥିଲା। ଗତ ପ୍ରାୟ ଦେଢ଼ ବର୍ଷ ହେବ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହୋଇଛି। ଘଟଣା ଦିନ ତରଳ ଗରମ ଲୁହାପଥର କ୍ରେନ ଯୋଗେ ପରିବହନ ହେଉଥିବା ସମୟରେ ହଠାତ୍ ତାହା ତଳେ କାମ କରୁଥିବା କର୍ମଚାରୀମାନଙ୍କ ଉପରେ ଖସିପଡ଼ିଥିଲା। ଏଥିରେ କର୍ମଚାରୀ ନିତୀନ ଯାଦବଙ୍କ ଶରୀର ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଖପାଖରେ କାମ କରୁଥିବା ସିଗ୍‌ନାଲ ମେନ୍, କ୍ରେନ ଅପରେଟର ପ୍ରମୁଖ ୭ ଜଣ କର୍ମଚାରୀ ଗୁରୁତର ହୋଇପଡ଼ିଥିଲେ। କାରଖାନା କର୍ତ୍ତୃପକ୍ଷ ରାତାରାତି ମୃତକ ଓ ଆହତମାନଙ୍କୁ କଟକ ନେଇଯାଇଥିଲେ। ଏ ସମ୍ପର୍କରେ କେହି କିଛି ଜାଣିପାରି ନ ଥିଲେ।

ସୂଚନାଯୋଗ୍ୟ ଯେ, କାରଖାନାରେ ଗରମ ଲୁହା ତରଳାଇ ଏକ କ୍ରେନ ସହାୟତାରେ ଲ୍ୟାଡେଲ ଯୋଗେ ନିଆଯାଇଥାଏ। ଏହି ସମୟରେ ହଠାତ କ୍ରେନର ଲ୍ୟାଡେଲ ଛିଣ୍ଡି ପଡ଼ିଥିଲା। ଦୀର୍ଘଦିନ ହେଲା ବନ୍ଦ ପଡ଼ିଥିବା କାରଖାନାର ଏହି ଯନ୍ତ୍ରାଂଶଗୁଡ଼ିକ ଠିକ ଭାବେ ମରାମତି ହୋଇ ନ ଥିବାରୁ ଦୁର୍ବଳ ହୋଇଯାଇଥିଲା। ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଯଖପୁରା ଥାନା ☞ ପୃଷ୍ଠା-୨







**ନକଲି ମୋବିଲ କାରଖାନା ଠାବ**

**ଗୋପାଳପୁର:** ଗଞ୍ଜାମ ଜିଲା ଗୋଳନ୍ତରା ଥାନା ପୋଲିସ ଶୁକ୍ରବାର ଏକ ନକଲି ମୋବିଲ କାରଖାନା ଠାବ କରିଛି। ସେଠାରୁ ବିପୁଳ ପରିମାଣର ମୋବିଲ, ବିଭିନ୍ନ ବୋତଲ ଓ ଷ୍ଟିକର ଜବତ ହୋଇଛି। ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେମାନେ ହେଲେ କନିଷି ହାଟ ଗ୍ରାମର ବିଭୂତି ଭୂଷଣ ଶତପଥୀ ଓ ବ୍ରହ୍ମପୁର ମହାନଗରର ଗୋଲାପଲ୍ଲୀ ସାହିର ଏ.ନବୀନ। ହଳଦିଆପଦର ରାଳବ ରାସ୍ତାରେ ଏକ ଘରେ ନକଲି ମୋବିଲ ପ୍ରସ୍ତୁତ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଗତ ବର୍ଷେ ହେଲା ବିଭୂତି ଓ ନବୀନ ଘର ଭଡ଼ାନେଇ ପୋଡ଼ା ଅଏଲ କିଣି ତାକୁ ରଙ୍ଗ ଦେଇ ବିଭିନ୍ନ ବ୍ରାଣ୍ଡର ଲୋଗୋ ଲଗାଇ ଆନ୍ଧ୍ରପ୍ରଦେଶ, ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳରେ ଗ୍ୟାରେଜମାନଙ୍କୁ ଯୋଗାଉଥିଲେ। ଗୋଟିଏ ବୋତଲ ପିଛା ମୋବିଲ ପ୍ରସ୍ତୁତ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହାକୁ ୩୦୦ ଟଙ୍କାରେ ବିକ୍ରି କରୁଥିଲେ ବୋଲି ଉଭୟ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ନାରୀ ସଶକ୍ତୀକରଣର ମୂର୍ତ୍ତିମନ୍ତ ପ୍ରତୀକ ନନ୍ଦିନୀ

ଭୁବନେଶ୍ୱର,୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଛାତ୍ରୀ ଜୀବନରୁ କମ୍ୟୁନିଷ୍ଟ ଚିନ୍ତାଧାରାରେ ପ୍ରଭାବିତ ହୋଇ ରେଭେନ୍‌ଶା କଲେଜରେ ଛାତ୍ର ଆନ୍ଦୋଳନରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସରେ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅନ୍ତରଙ୍ଗ ସହଯୋଗୀ ପାଲଟିଯାଇଥିଲେ। ରାଜ୍ୟ ସଭାକୁ ନିର୍ବାଚିତ ହେବା ସହ କେନ୍ଦ୍ର ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ଏହାପରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ଜଣେ ଦକ୍ଷ ପ୍ରଶାସିକାର ପରିଚୟ ଦେଇଥିଲେ। ସେ ପ୍ରଥମେ କଟକ ସହରରୁ ଉପନିର୍ବାଚନରେ ବିଧାୟିକା ଭାବେ ନିର୍ବାଚିତ ହେବାପରେ ବିଭିନ୍ନ ସମୟରେ ଅନ୍ୟ ନିର୍ବାଚନମଣ୍ଡଳୀରୁ ଜିତିଥିଲେ। ସେ ଥିଲେ ଜଣେ ଅପରାଜେୟ ନେତ୍ରୀ। ଏଥିସହ ସୁଲେଖିକା ଭାବେ ବହୁ ସାହିତ୍ୟ ରଚନା କରି ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। ନନ୍ଦିନୀ ଶତପଥୀ ନାରୀ ସଶକ୍ତୀକରଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଶୁକ୍ରବାର ତାଙ୍କ ୧୭ତମ ଶ୍ରାଦ୍ଧୋତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ ଶ୍ରାଦ୍ଧୋତ୍ସବକୁ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ସଂଯୋଜନା କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଜେଡି ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ, କର୍ପୋରେଟର ଅମରେଶ ଜେନା, ଉଇ ଫର୍ ଭୁବନେଶ୍ୱର ଓ ଜୟ ଓଡ଼ିଶାର କର୍ମକର୍ତ୍ତା, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଶାଶ୍ୱତୀ ମିଶ୍ର, ରମାନାଥ ସାମନ୍ତରାୟ, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଅଶ୍ୱିନୀ ପଟ୍ଟନାୟକ, ପ୍ରଗତି ରଥ, ଉଷାରାଣୀ ମହାନ୍ତି, ରୀତା ମହାନ୍ତି, ଅନୁପମା ବେହେରା, ଶାନ୍ତିଲତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଡ୍‌ଭୋକେଟ୍ ରମାବଲ୍ଲଭ ରଥ, ବୁଦ୍ଧରାମ, ସମରେନ୍ଦ୍ର ସାହୁ, ଉଷାରାଣୀ ମହାନ୍ତି, ରଘୁନାଥ ରାୟ, ଭବାନୀ ଶଙ୍କର ଜଗଦ୍ଦେବ, ରଘୁନାଥ ପାତ୍ର, ଅଜୟ କୁମାର ହରିଚନ୍ଦନ, ମନୋରଞ୍ଜନ ପଟ୍ଟନାୟକ, ନାରାୟଣ ମହାପାତ୍ର, ରଶ୍ମିତା ମଲ୍ଲିକ, ରାଜେଶ୍ୱର ହୋତା ଓ ସୀତାକାନ୍ତ ମହାପାତ୍ରଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୩ଜଣଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'



ନନ୍ଦିନୀ ଶତପଥୀଙ୍କ ୧୭ତମ ଶ୍ରାଦ୍ଧୋତ୍ସବରେ ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ' ପାଇଥିବା ବ୍ୟକ୍ତିତ୍ୱଙ୍କ ସହ ଅତିଥି ଓ ଅନ୍ୟମାନେ। **(ଫଟୋ-ମନୋରଞ୍ଜନ)**

# ସୁବ୍ରତୋ ବାଗ୍‌ଚୀଙ୍କୁ କ୍ୟାବିନେଟ ପାହ୍ୟା

## ଅନୁଷ୍ଠାନ ଦକ୍ଷତା ବୃଦ୍ଧି ମୁଖ୍ୟ ପରାମର୍ଶଦାତା ନିଯୁକ୍ତ

ଭୁବନେଶ୍ୱର,୪।୮ (ଅନିଲ ଦାସ)



ସୁବ୍ରତୋ ବାଗ୍‌ଚୀଙ୍କୁ ରାଜ୍ୟ ସରକାରଙ୍କ ଅନୁଷ୍ଠାନ ଦକ୍ଷତା ବୃଦ୍ଧି (ଇନ୍‌ଷ୍ଟିଚ୍ୟୁଶନାଲ କାପାସିଟି ବିଲ୍ଡିଂ)ର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପରେ ବାଗ୍‌ଚୀଙ୍କୁ କ୍ୟାବିନେଟ ପାହ୍ୟା ପ୍ରଦାନ କରାଯାଇଛି। ନୂଆ ନିଯୁକ୍ତି ପରେ ସେ ରାଜ୍ୟରେ ଥିବା ସମସ୍ତ ପ୍ରଶାସନିକ ସେବା ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକ ପାଇଁ କାର୍ଯ୍ୟ କରିବେ। ଅନୁଷ୍ଠାନଗୁଡ଼ିକର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସହ ଏହାକୁ ବିଶ୍ୱସ୍ତରୀୟ କରିବା ଦିଗରେ କାର୍ଯ୍ୟ କରିବେ। ସେ ଏହି ଅନୁଷ୍ଠାନଗୁଡ଼ିକ ଜରିଆରେ ଉଭୟ ପ୍ରଶାସନିକ ସେବାକୁ ଆସୁଥିବା ପ୍ରାର୍ଥୀ ଓ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି କରିବା ଦିଗରେ ମାର୍ଗଦର୍ଶନ କରିବେ। ଉଲ୍ଲେଖଯୋଗ୍ୟ ବାଗ୍‌ଚୀ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଓଡ଼ିଶା ଦକ୍ଷତା ବିକାଶ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ୨୦୨୩ ଜୁନ୍ ୩୦ରେ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ।

# ମୈତ୍ରୀ ଅଧିକାରୀଙ୍କୁ ଦେଢ଼ କିଲୋମିଟର ଚଲାଇଲେ ଗ୍ରାମବାସୀ



ଲୋକମାନେ କମ୍ପାନୀ ଅଧିକାରୀଙ୍କୁ ଘେରିଛନ୍ତି।

ରାୟଗଡ଼ା/ଟିକିରି, ୪।୮ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତ ଅଧୀନ ସିଜିମାଳି ଖଣି ଅଞ୍ଚଳ ନିକଟତମ ଗ୍ରାମ ଶାଗବାରୀରେ ନିଜର ଅଫିସ ଖୋଲିବା ଯୋଜନାରେ ମୈତ୍ରୀ କମ୍ପାନୀ ଅଧିକାରୀ ପି.ଶ୍ରୀନିବାସ ରାଓ, ସତ୍ୟନାରାୟଣ, କେତେଜଣ କର୍ମଚାରୀ ଓ ସହଯୋଗୀ ଶୁକ୍ରବାର ସେଠାକୁ ଯାଇଥିଲେ। କମ୍ପାନୀ ଅଧିକାରୀ ଓ କର୍ମଚାରୀମାନେ ଫେରିବା ବାଟରେ ସୁଙ୍ଗେର କଲୋନୀ ସାହି ଛକରେ ରାୟଗଡ଼ା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ଓ ଅଞ୍ଚଳବାସୀ ସେମାନଙ୍କୁ ଘେରି ଅଟକାଇଥିଲେ। ଏହାପରେ ଖଣି ଖନନକୁ ବିରୋଧ କରି ସେମାନଙ୍କୁ ପ୍ରାୟ ଦେଢ଼ କିଲୋମିଟର ଚଲାଇ ଥିଲେ। ପୁଣି ଥରେ ଏହି ଅଞ୍ଚଳକୁ ନ ଆସିବାକୁ ଅଞ୍ଚଳବାସୀ ତାଗିଦ କରିଛନ୍ତି। ଏହି ଘେରାଉବେଳେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ସେଠାରେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ସିଜିମାଳି ଖଣି ଖନନ ପାଇଁ ବେଦାନ୍ତ କମ୍ପାନୀକୁ ସରକାରୀ ଅନୁମତି ମିଳିଛି। ଏହି କାମକୁ ଏହାର ଏମ୍‌ଡିଓ ମୈତ୍ରୀ କମ୍ପାନୀ ବୁଝାଶୁଝା କରୁଛି। ତେବେ ସିଜିମାଳି ଖଣି ଖନନକୁ ରାୟଗଡ଼ା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ମଞ୍ଚ ସହ ସୁଙ୍ଗେର ପଞ୍ଚାୟତର ପ୍ରାୟ ୪୦ଖଣ୍ଡ ଗାଁର ଲୋକେ ବିରୋଧ କରୁଛନ୍ତି। ଏହା ବିରୋଧରେ ଅଞ୍ଚଳବାସୀ ଓ ପରିଷଦ ପକ୍ଷରୁ ଜୁଲାଇ ୩୦ରେ କାଶୀପୁର ଥାନା ଘେରାଉ କରାଯାଇଥିଲା। ଆଗାମୀ ଦିନରେ ଯଦି ମୈତ୍ରୀ ଓ ବେଦାନ୍ତ କମ୍ପାନୀ ଖଣି ଖନନ ରଦ୍ଦ ନ କରନ୍ତି ତେବେ ଏକ ବଡ଼ ଜନ ଆନ୍ଦୋଳନ ହେବ। ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ରାୟଗଡ଼ା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

# କରିନାଙ୍କ ବଡ଼ ପ୍ରଶଂସକ ଥିଲେ ସାରା



ସାରା ଅଲ୍ଲୀ ଖାନ୍

**ମୁମ୍ବାଇ:** ସାବତ ମା' କରିନା କପୁରଙ୍କ ସହ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ସମ୍ପର୍କ ଭଲ ରହିଛି। 'କଭି ଖୁସି କଭି ଗମ୍'ର ଅଭିନୟକୁ ନେଇ ସେ ତାଙ୍କୁ ବେଶ୍ ପସନ୍ଦ କରୁଥିଲେ। ତାଙ୍କୁ ଭେଟିବା ଲାଗି ଶୁଟିଂ ସେଟ୍‌କୁ ମଧ୍ୟ ଯାଇଥିଲେ। କଫି ୱିଥ୍ କରନ୍‌ରେ କରିନା କହିଥିଲେ ଯେ, 'କଭି ଖୁସି କଭି ଗମ୍' ଟ୍ରାଏଲ୍ ସମୟରେ ସାରାଙ୍କୁ ନେଇ ମା' ଅମୃତା ତାଙ୍କ ପାଖକୁ ଯାଇଥିଲେ। କରିନା ତାଙ୍କ ସହ ଫଟୋ ଉଠାଇଥିଲେ। ସେତେବେଳେ ଅମୃତା ଏବଂ ସୈଫ ଅଲି ଖାନ୍‌ଙ୍କ ବିବାହ ବିଚ୍ଛେଦ ହୋଇ ନ ଥିଲା। ଏହାର କିଛିବର୍ଷ ପରେ ଦୁହିଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ସେମାନେ ଅଲଗା ହେବା ପରେ ସୈଫ କରିନାଙ୍କ ହାତ ଧରିଥିଲେ।



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତା ଓ କର୍ମୀ ସ୍ୱାଗତ କରୁଛନ୍ତି।

# ବିଳମ୍ବିତ ରାତିରେ ପହଞ୍ଚିଲେ ଶାହା

## ଜାତୀୟ ରାଜପଥ ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ସ୍ୱତନ୍ତ୍ର ବିମାନ ଯୋଗେ ରାତି ୧୨ଟାରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କୁ ସ୍ୱାଗତ କରିବା ଲାଗି ଶତାଧିକ ଭାଜପା କର୍ମୀ ଓ ନେତା ବିମାନବନ୍ଦରଠାରେ ଏକତ୍ରିତ ହୋଇଥିଲେ। ସେଠାରେ ପାରମ୍ପରିକ ନାଚଗୀତରେ ତାଙ୍କୁ ସ୍ୱାଗତ କରାଯାଇଥିବା ବେଳେ ରାଜଧାନୀର ସବୁଆଡ଼େ ଶାହାଙ୍କ ଫଟୋ ଲଗାଯାଇଥିବା ଦେଖିବାକୁ ମିଳିଛି। ଶାହା ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତାମାନେ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପହଞ୍ଚିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଶାହାଙ୍କୁ ସ୍ୱାଗତ କରିଥିଲେ। ସେ ସିଧାସଳଖ ଏକ ଘରୋଇ ହୋଟେଲ ଯାଇ ସେଠାରେ ରାତ୍ରିଯାପନ କରିଛନ୍ତି। ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ଶାହା ଆସିଥିଲେ ମଧ୍ୟ କର୍ମୀ ଓ ନେତାଙ୍କ ଭିତରେ ପ୍ରବଳ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା।

ଶନିବାର ପୂର୍ବାହ୍ଣ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶାହା ଯୋଗଦେବେ। ମଧ୍ୟାହ୍ନ ୧୨ରୁ ସାଢ଼େ ୧୨ ପର୍ଯ୍ୟନ୍ତ ମାଓବାଦୀ ଦମନ ପଦକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ବୈଠକରେ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେବେ ବୋଲି ଜଣାପଡ଼ିଛି। ଲୋକସେବା ଭବନର ନୂଆ କନ୍‌ଭେନ୍‌ଶନ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଲାଗି ସରକାରୀସ୍ତରରେ ଜୋର୍‌ଦାର ପ୍ରସ୍ତୁତି କରାଯାଇଛି। ଏହାପରେ ସେ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସେଠାରେ କାର୍ଯ୍ୟକର୍ତ୍ତାମାନଙ୍କ ସହ ବୈଠକ କରିବେ। ଦଳୀୟ ବୈଠକ ଶେଷ ପରେ ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟାହ୍ନଭୋଜନ କରିବେ ବୋଲି ଜଣାପଡ଼ିଛି। ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ସେ ପୁଣିଥରେ ଦଳୀୟ କର୍ମକର୍ତ୍ତା ଓ ବରିଷ୍ଠ ନେତୃବୃନ୍ଦଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିବେ। ତେବେ ୬ଟାରେ ଶାହା ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ବିମାନବନ୍ଦର ଲାଉଞ୍ଜରେ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରିବା କାର୍ଯ୍ୟକ୍ରମ ରହିଛି।

# ସାକ୍ଷ୍ୟ ଗ୍ରହଣରେ ହାଜର ନ ହୋଇ ସମୟ ମାଗିଲେ ମୋକିମ

## ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା

### ୧୧ରେ ହେବ ସାକ୍ଷ୍ୟ ଗ୍ରହଣ

କଟକ,୪।୮ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାର ଶୁଣାଣିରେ ବିଧାୟକ ମହମ୍ମଦ ମୋକିମ ଶୁକ୍ରବାର ହାଇକୋର୍ଟରେ ହାଜର ହୋଇପାରିନାହାନ୍ତି। ଅପରପକ୍ଷରେ ତାଙ୍କ ଓକିଲଙ୍କ ଜରିଆରେ ସମୟ ଦେବାକୁ ଆବେଦନ କରିଛନ୍ତି। କୋର୍ଟ ଏହି ଆବେଦନକୁ ମଞ୍ଜୁର କରି ଏକ ସପ୍ତାହ ସମୟ ଦେଇଛନ୍ତି। ହେଲେ ଏହା ବିଚାର ପ୍ରକ୍ରିୟାକୁ ବିଳମ୍ବିତ କରିବା ସହ ଅଦାଲତଙ୍କ ସମୟ ଅପଚୟ ହେଉଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ୧୦ ହଜାର ଟଙ୍କା ଜରିମାନା ଆକାରରେ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ପ୍ରଦାନ କରିବାକୁ ବିଚାରପତି ସଙ୍ଗମ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉକ୍ତ ଦିନ ମୋକିମଙ୍କ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...



ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଉପସ୍ଥିତ ମହାରାଜା ଗଜପତି, ଜିଲାପାଳ ଓ ଅନ୍ୟମାନେ।

## ରଥଯାତ୍ରାରେ ରତ୍ନଭଣ୍ଡାର...

ଜାଗା, ଆଖଡ଼ା ଘରଗୁଡିକର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ଜଣାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ସେହିପରି ଚଳିତବର୍ଷ ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେର ନୀତି ବେଳେ କେଉଁଠି ବିଭ୍ରାଟ ହୋଇଛି ଭିଡିଓ ମାଧ୍ୟମରେ ଦେଖାଯାଇଥିଲା। ତେବେ ମୋଟାମୋଟି ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଯାହା ବିଶୃଙ୍ଖଳା ହୋଇଛି ସେସବୁ ନୀତି ସବ୍‌କମିଟି ବୈଠକରେ ଆଲୋଚନା କରାଯିବ। ଗରିବ ଶ୍ରେଣୀର ସେବାୟତଙ୍କ ପାଇଁ କରାଯାଉଥିବା ସେବକ ହାଉସିଂ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ହରଚଣ୍ଡୀ ସାହିରେ ବାସଗୃହ ନିର୍ମାଣ ଚାଲିଛି। ୨୦୨୪ ସେପ୍ଟେମ୍ବରରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେବାୟତ ପରିବାର ବିଦ୍ୟାର୍ଥୀଙ୍କ ପାଇଁ ଗୁରୁକୁଳ ଆଶ୍ରମ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଛି। ଟେଣ୍ଡର ଡକାଯାଇଛି। କାମ ମଧ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ବନକଲାଗି ନୀତି ନେଇ ଚାଲିଥିବା ବିବାଦ ପ୍ରସଙ୍ଗରେ ଶୃଙ୍ଖଳିତ ନୀତି ସମ୍ପାଦନା କରିବା ଉପରେ ଆଲୋଚନା ହୋଇଛି। ମାସକୁ ଦୁଇଥର ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଯଦି କୌଣସି କାରଣରୁ ସେଦିନ ନ ହୁଏ, ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକ୍ରମେ ଗୁରୁବାର ସମ୍ପାଦନ ହେବ। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାରୁ ୪ ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବା ସମ୍ଭବ ହେଉନାହିଁ। ସମସ୍ତ ଦ୍ୱାର ପଟେ ବ୍ୟାରିକେଡ କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା ପରେ ସମସ୍ତଙ୍କ ପାଇଁ ୪ ଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ପରିଚାଳନା କମିଟି ବୈଠକରେ ଏସ୍‌ପି କେ. ବିଶାଳ ସିଂ, ଏଏସ୍‌ଆଇ ସଦସ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅସୁସ୍ଥତା କାରଣରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ଅନୁପସ୍ଥିତ ଥିଲେ।

## ମୈଥାନ ଇସ୍ପାତରେ...

ପୋଲିସ ଅଭିଯୋଗକୁ ଅପେକ୍ଷା କରିଥିବା ଜଣାପଡ଼ିଛି। ଏହିକ୍ରମରେ କୌଣସି ଅପ୍ରୀତିକର ଘଟଣାର ମୁକାବିଲା କରିବା ପାଇଁ କାରଖାନା ଓ ଥାନା ସମ୍ମୁଖରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେହିପରି ଯାଜପୁର ରୋଡ୍ ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ପକ୍ଷରୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି। ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଯନ୍ତ୍ରାଂଶଗୁଡ଼ିକର ଯାଞ୍ଚ ହୋଇ ନ ଥିବାରୁ କ୍ରେନ୍‌ରେ ତ୍ରୁଟି ହୋଇଥିବା ମତପ୍ରକାଶ ପାଇଛି। ଏ ସମ୍ପର୍କରେ କାରଖାନାର ପିଆରଓ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ବୁଝି କହିବି। କିନ୍ତୁ ପରବର୍ତ୍ତୀ ସମୟରେ ସେ ଆଉ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଶୁକ୍ରବାର ସନ୍ଧ୍ୟା ୬ଟା ୫ ମିନିଟରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ଟ୍ରକ୍ ପଛରେ ପିଟିଲା ଟ୍ରକ୍, ଜଳିଗଲେ ଡ୍ରାଇଭର

କେନ୍ଦୁଝର, ୪।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସଦର ଥାନା ଅଧୀନ କେନ୍ଦୁଆ ଗ୍ରାମ ନିକଟରେ ଏନ୍‌ଏଚ୍ ୪୯ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛକୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକ ବିହାର ରାଜ୍ୟ ନାଳନ୍ଦା ଜିଲାର ଚନ୍ଦନ କେଓ୍ୱାଟ(୩୧) ବୋଲି ଜଣାପଡ଼ିଛି।। ଦୁର୍ଘଟଣା ପରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ସଦର ଥାନା ପୋଲିସ ଦୁଇ ଟ୍ରକ ଜବତ କରି ତଦନ୍ତ ଆରମ୍ଭ କରିଛି।

ଗୁରୁବାର କେନ୍ଦୁଝରର ଆଡୁ କୋଲକାତା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ନଂ. ସିଜି ୦୪ ଏମଏସ / ୭୬୪୪) କେନ୍ଦୁଆ ନିକଟରେ ବ୍ରେକ୍ ଡାଉନ୍ ହୋଇ ଠିଆ ହୋଇଥିଲା। ଶୁକ୍ରବାର ଭୋର୍ ୪ଟାରେ କୋଲକାତା ଅଭିମୁଖେ ଯାଉଥିବା ଅନ୍ୟ ଏକ ଲୁହା ବିମ୍ ବୋଝେଇ ଟ୍ରକ୍ (ନଂ. ଏନଏଲ ୦୧ ଏଇ/ ୧୩୬୭) ଉକ୍ତ ଟ୍ରକ ପଛକୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ଭିତରେ ଚାପିହୋଇ ରହିଯାଇଥିଲେ। ଏହି ସମୟରେ ଟ୍ରକ୍‌ରେ ନିଆଁ ଲାଗିଯିବାରୁ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବରପାଇ ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇଥିଲା। ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ମୃତଦେହକୁ ପୋଲିସ ଜବତ କରି ଘଟଣାର ତଦନ୍ତ କରୁଛି। ଥାନାରେ ମାମଲା ( ନଂ. ୨୫୪/୨୩)ରେ ରୁଜୁ ହୋଇଛି। ପାଗ ଖରାପ ହୋଇଥିବାରୁ ମୃତ ଡ୍ରାଇଭର ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ଦେଖିପାରି ନ ଥିଲେ। ସାଇଡ କରି ନେବାକୁ ଉଦ୍ୟମ ବେଳେ ଠିଆ ହୋଇଥିବା ଟ୍ରକର ବାମ ପାଖ ପଛରେ ବାଜିଥିଲା। ଡ୍ରାଇଭର ବସୁଥିବା ଡାହାଣ ପାର୍ଶ୍ୱଟି ଭାଙ୍ଗି ନିଆଁ ଲାଗିଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ରମାକାନ୍ତ ସାଏ କହିଛନ୍ତି। ବାରମ୍ବାର ରାସ୍ତାରେ ବେଆଇନ ପାର୍କିଂ ଓ ବ୍ରେକ୍‌ଡାଉନ୍ ଗାଡ଼ି ଯୋଗୁ ଦୁର୍ଘଟଣା ଘଟି ବହୁ ଜୀବନ ହାନି ଘଟୁଥିଲେ ହେଁ ଏହାର ପ୍ରତିକାର କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଉଭୟ ଏନ୍‌ଏଚ୍‌ଏଆଇ ଓ ପୋଲିସ ବିଭାଗଙ୍କୁ ଦାୟୀ କରିଛନ୍ତି।



ଦୁର୍ଘଟଣା ପରେ ଜଳିଯାଇଥିବା ଟ୍ରକ୍।

# ଉଠାଦୋକାନୀଙ୍କ ଦୋକାନ ଭାଙ୍ଗିଲେ ସ୍ଥାୟୀ ଦୋକାନୀ

**ମାର୍କେଟ ବିଲ୍ଡିଂ ଖୋଲିବା ପରେ ବେପାର କରିବାକୁ ଉଦ୍ୟମ**

- କ୍ୟାପିଟାଲ ଥାନାରେ ୨୦ଜଣଙ୍କ ନାମରେ ଏତଲା
- ଆଜି ମାର୍କେଟରେ ଜବରଦସ୍ତ ପଶିବେ ଉଠାଦୋକାନୀ
- ଜବାବ ଦିଆଯିବ କହିଲା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ

ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ଦୀର୍ଘ ୧୮ଦିନ ପରେ ଗୁରୁବାର ଅପରାହ୍ନରୁ ୟୁନିଟ୍‌-୨ରେ ଥିବା ରାଜ୍ୟର ପ୍ରମୁଖ ବଜାର ମାର୍କେଟ ବିଲ୍ଡିଂ ଖୋଲିଥିଲେ ମଧ୍ୟ ଶୁକ୍ରବାରଠାରୁ ଠିକ୍ ଭାବେ ବେପାର ଆରମ୍ଭ ହୋଇଥିଲା। ତେବେ ମାର୍କେଟ ଖୋଲିବାର ମଧ୍ୟାହ୍ନ ୧୨ଟା ବେଳକୁ ଏକାଧିକ ଉଠାଦୋକାନୀ ମାର୍କେଟ ଭିତରେ ନିଜ ଦୋକାନ ଖୋଲି ବେପାର କରିବାକୁ ଉଦ୍ୟମ କରିଥିଲେ। ଏହାକୁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ବିରୋଧ କରିବା ସହିତ ଅରୁଣ କୁମାର ରାୟ ନାମକ ଜଣେ ଉଠାଦୋକାନୀଙ୍କ ଦୋକାନ ଭାଙ୍ଗି ଦେଇଥିଲେ। ଫଳରେ ଏଠାକୁ ଆସିଥିବା ଅନ୍ୟ ଅସ୍ଥାୟୀ ବ୍ୟବସାୟୀମାନେ ଆଉ ଠେଲା ଲଗାଇ ନ ଥିଲେ। ତେବେ ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା।


ମାର୍କେଟ ବିଲ୍ଡିଂରେ ଏକ ଉଠା ଦୋକାନକୁ ଭଙ୍ଗାଯିବା ପରେ ଦେଖାଦେଇଥିବା ଉତ୍ତେଜନା।

ଏହାପରେ ସମ୍ପୃକ୍ତ ଉଠାଦୋକାନୀ ମାର୍କେଟ ଆସୋସିଏଶନର ୫ଜଣ ସଦସ୍ୟ ଓ ଅନ୍ୟ ୧୫ଜଣଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ତେବେ ଘଟଣାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଚେତାବନୀ ଦେଇଛି। ଆସୋସିଏଶନର ସଦସ୍ୟମାନେ ଅଗଣତାନ୍ତ୍ରିକ ଭାବେ ଉଠାଦୋକାନୀଙ୍କୁ ନିଜ ଅଧିକାରରୁ ବଞ୍ଚିତ କରୁଛନ୍ତି। ଶନିବାର ସକାଳେ ମାର୍କେଟ ଖୋଲିବା ପରେ ସମସ୍ତ ଉଠାଦୋକାନୀ ମାର୍କେଟରେ ପଶି ବ୍ୟବସାୟ ଆରମ୍ଭ କରିବେ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉଠାଦୋକାନୀଙ୍କ ଜବରଦସ୍ତ ପ୍ରବେଶକୁ ନେଇ କ୍ଷୋଭ ପ୍ରକାଶ କରିଛି ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ। ଆସୋସିଏଶନର ଜଏଣ୍ଟ ସେକ୍ରେଟାରି ରଞ୍ଜିତ ମହାନ୍ତି କହିଛନ୍ତି, ବିଏମ୍‌ସିର ଚୁକ୍ତି ଅନୁଯାୟୀ ଉଠାଦୋକାନୀ ମାର୍କେଟ ଭିତରେ ଆଉ ବ୍ୟବସାୟ କରିପାରିବେ ନାହିଁ। ସେମାନଙ୍କ ଥଇଥାନ କଥା ବିଏମ୍‌ସି ବୁଝିବ। ସେଥିରେ ଆମର କିଛି ଭାଗିଦାରିତା ନାହିଁ। ଯଦି ଉଠାଦୋକାନୀ ମାର୍କେଟ ଭିତରକୁ ପଶିବାକୁ ଉଦ୍ୟମ କରିବେ ତେବେ ଜୋର୍‌ଦାର ବିରୋଧ କରାଯିବ ଓ ସ୍ଥିତିକୁ ଦେଖି ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମାର୍କେଟ ବିଲ୍ଡିଂରୁ ଉଠାଦୋକାନୀଙ୍କୁ ସବୁଦିନ ପାଇଁ ଉଚ୍ଛେଦ ଦାବିକରି ସ୍ଥାୟୀ ବ୍ୟବସାୟୀଙ୍କୁ ନେଇ ଗଠିତ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ମାର୍କେଟକୁ ବନ୍ଦ କରି ରଖିଥିଲା। ଗୁରୁବାର ବିଏମ୍‌ସି ଓ ମାର୍କେଟ ଆସୋସିଏଶନ୍ ମଧ୍ୟରେ ଥିବା ରାଜିନାମା ରିନ୍ୟୁ ହେବା ପରେ ମାର୍କେଟ ଖୋଲିଥିଲା। ଏହି ରାଜିନାମା ଅନୁଯାୟୀ ଉଠାଦୋକାନୀମାନେ ଆଉ ମାର୍କେଟ ମଧ୍ୟରେ ବସି ପାରିବେ ନାହିଁ। ମାତ୍ର କୌଣସି ଥଇଥାନ ନ କରି ସେମାନଙ୍କୁ ବ୍ୟବସାୟ କରିବାରୁ ବାରଣ କରିବା ଅନ୍ୟାୟ ବୋଲି ଉଠାଦୋକାନୀ ମହାସଂଘ ପକ୍ଷରୁ କୁହାଯାଇଛି। ଏଥିସହ ଯଦି ବିଏମ୍‌ସି ସେମାନଙ୍କ ପାଇଁ ଜାଗା ଚିହ୍ନଟ କରିଛି, ତେବେ ତାହାକୁ ଦେଖାଇବା ପାଇଁ ମହାସଂଘ ସଭାପତି ପ୍ରତାପ କହିଛନ୍ତି। ତେବେ ମାର୍କେଟ ଖୋଲିବା ପୂର୍ବରୁ ଯେଉଁ ବିବାଦ ବା ସମସ୍ୟା ଲାଗି ରହିଥିଲା ଏବେ ମଧ୍ୟ ତାହା ଲାଗିରହିଛି। ମାର୍କେଟରେ ଉଠାଦୋକାନୀ ବସି ପାରିବେନି ବୋଲି ଆସୋସିଏଶନ୍ ସଫାସଫା କହି ଦେଇଥିବାବେଳେ ଥଇଥାନ ନ ହେବାଯାଏ ମାର୍କେଟରେ ହିଁ ବ୍ୟବସାୟ କରାଯିବ ବୋଲି ଉଠାଦୋକାନୀ ମହାସଂଘ ଜିଦ୍ ଧରି ବସିଛି।

# ରାଜ୍ୟପାଳଙ୍କ ଦ୍ୱାରା 'ଜ୍ଞାନ ମଞ୍ଜରୀ' ଉନ୍ମୋଚିତ

ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)



କବୟିତ୍ରୀ ସନ୍ଧ୍ୟା ନାୟକଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ 'ଜ୍ଞାନ ମଞ୍ଜରୀ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନ ଠାରେ ଉନ୍ମୋଚିତ ହୋଇଯାଇଛି। ବିଶ୍ୱରେ ଯେତେ ହିନ୍ଦୁ ଧର୍ମାବଲମ୍ବୀ ଅଛନ୍ତି, ସେମାନଙ୍କ ମଧ୍ୟରେ ଅଳ୍ପ ବହୁତ ଭାବେ ଭଗବତ ଚେତନା ରହିଛି। ପୁରାଣକୁ ଅନୁସରଣ କରି କିଏ ରାମ ଭକ୍ତ, କିଏ କୃଷ୍ଣ ଭକ୍ତ ତ ଆଉ କିଏ ଜଗନ୍ନାଥ ପ୍ରେମୀ। ହିନ୍ଦୁ ଧର୍ମ ମତରେ ତେତିଶି କୋଟି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି ହେଉଛି ମନୁଷ୍ୟ। ମନୁଷ୍ୟର ଆତ୍ମା ବହିର୍ମୁଖ ଅବସ୍ଥାରେ ଏହି ମାୟାମୟ ଜଗତରେ ଅନିତ୍ୟ ବ୍ୟାପାରରେ ବୁଡି ରହିଥାଏ। ଏହି ଭ୍ରମ ଦ୍ୱାରା ଅଶେଷ ଯାତନା ଘଟେ ବୋଲି ରାଜ୍ୟପାଳ କହିଥିଲେ। ଜୀବ ନିଜର ନିଃଶବ୍ଦ ପ୍ରକୃତିରୁ ଭ୍ରଷ୍ଟ ହୋଇ ଆଶାର ସଂସାର ସୁଖ ଦୁଃଖରେ ବିବ୍ରତ ହୋଇପଡେ। ଲୋଭ, ମାୟା ମୋହ ବନ୍ଧନରୁ ମୁକୁଳିବା ପାଇଁ ମନୁଷ୍ୟ ଟିକେ ରାହା ଖୋଜେ, ଈଶ୍ୱରଙ୍କ ଦ୍ୱାରସ୍ଥ ହୁଏ, ସତ୍‌ସଙ୍ଗୀ ହୁଏ। ଈଶ୍ୱର ପ୍ରାପ୍ତି ହିଁ ମୋକ୍ଷର ଏକମାତ୍ର ମାର୍ଗ ବୋଲି ମଣିଷ ମନରେ ବିଶ୍ୱାସ ରହିଛି। ପୁସ୍ତକଟିରେ ମନୁଷ୍ୟ କିପରି ମାୟା ବନ୍ଧନରୁ ମୁକ୍ତି ପାଇବ, ଈଶ୍ୱରଙ୍କ ନିକଟରୁ ନିକଟତର ହେବ, ମନରେ କିପରି ଏକାଗ୍ରତା ଜାଗ୍ରତ ହେବ, ଧ୍ୟାନ, କର୍ମ, ଭକ୍ତି, ଜ୍ଞାନର ମାର୍ଗ ଓ ଈଶ୍ୱର ପ୍ରାପ୍ତିର ଗୂଢ଼ ରହସ୍ୟ ଉପରେ କବୟିତ୍ରୀ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଏହା ସମସ୍ତଙ୍କ ପାଇଁ ଉପାଦେୟ ହେବ ବୋଲି ରାଜ୍ୟପାଳ ମତ ଦେଇଥିଲେ।




# ପ୍ରଶିକ୍ଷଣ ନେଲେ ୩ ରାଜ୍ୟର ସାମ୍ବାଦିକ


କର୍ମଶାଳାରେ ଅତିଥିଙ୍କ ସହ ଓଡିଶା, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ସାମ୍ବାଦିକମାନେ।

**୨ଦିନିଆ ଜଳବାୟୁ ପରିବର୍ତ୍ତନ କର୍ମଶାଳା**

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ୟୁଏସ କନ୍‌ସୁଲେଟ୍ ଜେନେରାଲ ହାଇଦ୍ରାବାଦ ଓ ସଙ୍ଗଠନ 'ଭିଉଜ୍'ର ସହଭାଗିତାରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ୨ଦିନିଆ ଜଳବାୟୁ ପରିବର୍ତ୍ତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଓଡିଶା, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ସାମ୍ବାଦିକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କନ୍‌ସୁଲେଟ୍ ଜେନେରାଲ ଜେନିଫର୍ ଲାରସନ କହିଥିଲେ, ଓଡିଆ ଓ ତେଲୁଗୁ ଭାଷାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ ସହିତ ବିଶ୍ଳେଷଣାତ୍ମକ ଦକ୍ଷତା ବୃଦ୍ଧି କରାଯାଇପାରିବ। ସାମ୍ବାଦିକମାନେ ତଥ୍ୟ ଓ ଆକଳନ ସହିତ ଗଭୀର ବିଶ୍ଳେଷଣ ଏବଂ ଅନୁସନ୍ଧାନକାରୀ ରିପୋର୍ଟ ପ୍ରଦାନ କରିପାରିବେ, ଯାହା ଜନସାଧାରଣଙ୍କ ପାଇଁ ଜଳବାୟୁ ସମ୍ପର୍କିତ ସୂଚନା ବ୍ୟବଧାନକୁ ଦୂର କରିବ। କର୍ମଶାଳାର ପ୍ରଥମ ଅଧିବେଶନରେ 'ଡାଉନ୍ ଟୁ ଆର୍ଥ'ର ପରିଚାଳନା ସମ୍ପାଦକ ରିଚାର୍ଡ ମହାପାତ୍ର, ୟୁଏସ୍ କନ୍‌ସୁଲେଟ ଜେନେରାଲ ହାଇଦ୍ରାବାଦର ଅହମ୍ମଦ ଅବଦୁଲ୍ଲ ବସିଥ୍, ଟାଟା ଷ୍ଟିଲ ସିଏସ୍‌ଆର୍‌ର ମୁଖ୍ୟ ଡ. ଅମ୍ବିକା ନନ୍ଦ, ସିୱାଇଏସ୍‌ଡିର ମେଣ୍ଟର ଜଗଦାନନ୍ଦ ପ୍ରମୁଖ ଉପସ୍ଥିତ ରହି ଜଳବାୟୁ ପରିବର୍ତ୍ତନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଆୟୋଜିତ ପ୍ୟାନେଲ ଆଲୋଚନାକୁ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ସଂଯୋଜନା କରିଥିବାବେଳେ କନକ ଟିଭିର ସମ୍ପାଦକ ମନୋରଞ୍ଜନ ମିଶ୍ର, ସାମ୍ବାଦିକା ମିନତୀ ସିଂହ, ରାକ୍ଷୀ ଘୋଷ ପ୍ରମୁଖ ଜଳବାୟୁ ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ପରବର୍ତ୍ତୀ ଅଧିବେଶନରେ ରିଚାର୍ଡ ମହାପାତ୍ର ଓ ଏଡ୍ ଏଟ୍ ଆକ୍ସନର ନିର୍ଦ୍ଦେଶକ ଉମି ଡାନିୟେଲ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକା ତାଜିନ କ୍ୟୁରେଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭିଉଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ଭୀମା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ପାନୀ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୪।୮ (ସତ୍ୟଜିତ୍ ରାଉତ)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

- କାର୍ଯ୍ୟ କରୁଥିବାବେଳେ କିଛି ଘଟିଥିବା ସନ୍ଦେହ
- ମୁଣ୍ଡରେ ରହିଛି କ୍ଷତ ଚିହ୍ନ

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଷ୍ଟିଲ କମ୍ପାନୀରେ ଶୁକ୍ରବାର ଜଣେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ରସୁଲଗଡ଼ରେ ରହୁଥିବା ନିରଞ୍ଜନ ଭୋଇ (୩୯)। ନିରଞ୍ଜନଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ନିରଞ୍ଜନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ସାନ ଭାଇ ରଞ୍ଜନ ଥାନାରେ ଏତଲା ଦେଇଛନ୍ତି। କମ୍ପାନୀ ମାଲିକ ଠିକ୍ ସମୟରେ ଦରମା ଟଙ୍କା ଦେଉ ନ ଥିବାରୁ ବିବାଦ ଲାଗି ରହୁଥିଲା। ଏଥିପାଇଁ ଷଡଯନ୍ତ୍ର କରାଯାଇ ନିରଞ୍ଜନଙ୍କୁ ହତ୍ୟା କରାଯାଇଥିବା ରଞ୍ଜନ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୩୨୦/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶନିବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହର ବ୍ୟବଚ୍ଛେଦ କରାଯିବ। ଏହି ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ସବୁଦିନ ଭଳି ଶୁକ୍ରବାର ସକାଳେ ମଧ୍ୟ ନିରଞ୍ଜନ ଉକ୍ତ କମ୍ପାନୀକୁ କାମ କରିବାକୁ ଯାଇଥିଲେ। କିଛି ସମୟ ପରେ ସ୍ତ୍ରୀ ମୀନାଙ୍କୁ କମ୍ପାନୀ ପକ୍ଷରୁ କଲ୍ ଆସିଥିଲା। ନିରଞ୍ଜନ ସେଠାରେ ଚେତାଶୂନ୍ୟ ହୋଇ ପଡ଼ିବା ପରେ ତାଙ୍କୁ ହସ୍ପିଟାଲ ନେଇଯାଉଛୁ ବୋଲି ମୀନାଙ୍କୁ କୁହାଯାଇଥିଲା। ଏହାପରେ ରଞ୍ଜନ ଓ ମୀନା ହସ୍ପିଟାଲ ଯିବା ପରେ ନିରଞ୍ଜନଙ୍କ ମୃତ୍ୟୁ ହୋଇଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ପରେ ଏହି ଘଟଣାର ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ ପ୍ରକ୍ରିୟା ଜାରି ରଖିଛି।

**'ନୟନତାରା-୨୦୨୩'ର ଚତୁର୍ଥ ସଂସ୍କରଣ**

# ୪ ବର୍ଗରେ ମୁକୁଟ ପିନ୍ଧିଲେ ୧୦ ବିଜେତା



କିଡ୍ସ ଓ ମିସ୍ ବର୍ଗରେ ବିଜୟୀ ହୋଇଥିବା ପ୍ରତିଯୋଗୀମାନେ।

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଏସ.ଜେ. ପ୍ରଡକ୍ସନ ହାଉସ୍ ପକ୍ଷରୁ ଗ୍ଲୋବାଲ ଡ୍ୟାନ୍ସ ଆଇକନ ଶାଶ୍ୱତ ଯୋଶୀଙ୍କ ନିର୍ଦ୍ଦେଶନାରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତା 'ନୟନତାରା-୨୦୨୩'ର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪ଟି ବର୍ଗ ମିସ୍, ମିସେସ୍, କିଡ୍ସ ଏବଂ ମିଷ୍ଟରଙ୍କୁ ନେଇ ଭୁବନେଶ୍ୱରର ଗୁରୁକୁଳ ଟେନିସ ରିସର୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମିସ ବର୍ଗରେ କୋରାପୁଟର ପ୍ରିୟାଶା ମହାପାତ୍ର, ଭୁବନେଶ୍ୱରର ସୌଭାଗ୍ୟଲକ୍ଷ୍ମୀ ଏବଂ ଉତ୍ତରାଖଣ୍ଡର ଦିବ୍ୟାଙ୍ଗ ପ୍ରତିଭା ମୋନିକା ବିଜେତା ହୋଇଥିଲେ। ମିସେସ୍ ବର୍ଗରେ ରାଉରକେଲାର ସସ୍ମିତା ଜେନା ଏବଂ ପୁଣେର ପ୍ରତ୍ୟାଂଶା ପାଣିଗ୍ରାହୀ, କିଡ୍ସ ବର୍ଗରେ ବାଲେଶ୍ୱରର ପ୍ରିୟାଂଶୀ ଜେନା, ଖୋର୍ଦ୍ଧାର ଅସ୍ମିନ ଜେନା ଏବଂ ଯାଜପୁରର ସାଇ ତ୍ରିଷ୍ଟା, ମିଷ୍ଟର ବର୍ଗରେ ଜଟଣୀର ମହମ୍ମଦ ଆଟେସନ, ଅନୁଗୋଳର ପିନାକୀ ପ୍ରସାଦ ସିଂହ ବିଜେତା ହୋଇଛନ୍ତି। ଅତିଥି ଭାବେ କୋଲକାତାର ଚାଇନିଜ କନ୍‌ସଲ ଜେନେରାଲ ଝା ଲିୟୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ବିଚାରକ ଭାବେ ପରିଚୟ ଫାଉଣ୍ଡେଶନ ପ୍ରତିଷ୍ଠାତା ରୋଜାଲିନ ପାଟ୍ଟଶାଣୀ ମିଶ୍ର, ଅଭିନେତ୍ରୀ ଜାଗୃତି ରଥ, ସାମ୍ବାଦିକ ଅମିତ ତ୍ୟାଗୀ, ଫ୍ୟାଶନ ଫଟୋଗ୍ରାଫର ଆଝର ଅଲ୍ଲୀ ଏବଂ ନୃତ୍ୟଶିଳ୍ପୀ ଅମ୍ରିତା ଦାସ ରହି ପ୍ରତିଭାଙ୍କୁ ଚୟନ କରିଥିଲେ। ଏହି ପ୍ରତିଯୋଗିତାରେ ସାରା ଦେଶରୁ ୪୫୦ ପାଖାପାଖି ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୦ଜଣ ଗ୍ରାଣ୍ଡ ଫିନାଲେ ସପ୍ତାହକୁ ଉତ୍ତୀର୍ଣ୍ଣ ହୋଇଥିଲେ।



## ମହାନଦୀକୁ ଡେଇଁ ଜଣେ ନିଖୋଜ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ ଉପରୁ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ମହାନଦୀକୁ ଡେଇଁ ପଡ଼ିଛନ୍ତି। ଏହାପରେ ବାଙ୍କୀ ପୋଲିସ୍ ଓ ଡମପଡ଼ା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ସେ ହେଲେ ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଅଞ୍ଚଳର ଜୟକୃଷ୍ଣ ଦାଶଙ୍କ ପୁଅ ନିରାଜ ଦାଶ (୫୫)। ଅପରପକ୍ଷେ ଏହି ସେତୁ ଉପରୁ ଏକ ହାତଲେଖା ଡାୟିରୀ ମିଳିଛି। ସେଥିରେ ଲେଖାଯାଇଛି, ମୁଁ ମୋ ନିଜ ଇଚ୍ଛାରେ ମୃତ୍ୟୁବରଣ କରୁଛି। ସେଥିପାଇଁ କେହି ଦାୟୀ ରହିବେ ନାହିଁ। ଉକ୍ତ ଡାୟିରୀକୁ ବାଙ୍କୀ ପୋଲିସ ଜବତ କରିଛି। ବାଙ୍କୀ ଥାନା ଆଇଆଇସି କାବୁଲି ବାରିକ, ସବ୍‌ଇନ୍‌ସପେକ୍ଟର ସୁଶାନ୍ତ ଷଡ଼ଙ୍ଗୀ ଓ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଶୁକ୍ରବାର ଖୋଜା ଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳିନାହିଁ।

# ବନ୍ୟା ପ୍ରଭାବ: ୪ ବ୍ଲକ ସର୍ବାଧିକ ପ୍ରଭାବିତ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ବର୍ଷା ଛାଡିବା ପରେ ଏବେ ବନ୍ୟା ଡର ଘାରିଛି। ମୁଣ୍ଡଳୀରେ ୫ ଲକ୍ଷ ୭୩ କ୍ୟୁସେକ୍ ଓ ନରାଜରେ ୨ଲକ୍ଷ ୯୪ ହଜାର ୨୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ବନ୍ୟାଜଳ ହ୍ରାସ ପାଉଥିଲେ ମଧ ତଳିଆ ଅଞ୍ଚଳ ଏବେ ବି ଜଳମଗ୍ନ ରହିଛି । କଟକ ଜିଲାର ବାଙ୍କୀ, ଡମପଡା, କଟକ ସଦର ଓ ବଡମ୍ବା ବ୍ଲକର ୭ଟି ଗ୍ରାମ ସର୍ବାଧିକ ପ୍ରଭାବିତ ହୋଇଛି। ୨,୫୯୦ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଶେଷକରି ବାଙ୍କୀ ଅଞ୍ଚଳରେ ଚାଷୀମାନେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ସେହିପରି କଟକ ସହରର ତଳିଆ ଅଞ୍ଚଳ ତଥା ନଦୀକୂଳିଆ ସ୍ଥାନ ଜଳାର୍ଣ୍ଣବ ହୋଇଛି। ଭଦିମୂଳ, ବାଲିସାହି, କାଠଯୋଡ଼ି ବିହାର, ଖାନ୍‌ନଗର ନଦୀପଠା ଅଞ୍ଚଳରେ ବନ୍ୟାପାଣି ପଶିଛି । ଏଥିଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।


ବନ୍ୟା ପ୍ରଭାବରେ ଗତିରାଉତପାଟଣା ଅଞ୍ଚଳ ଜଳାର୍ଣ୍ଣବ।

# ନଦୀବନ୍ଧ ଦୁର୍ବଳ: ଉପକୂଳବାସୀ ଆତଙ୍କିତ

ନିଶ୍ଚିନ୍ତକୋଇଲି,୪।୮
(ଅଶୋକ କୁମାର ମହାପାତ୍ର)

## ମହାନଦୀ, ଲୁଣା-ଚିତ୍ରୋତ୍ପଳା ନଦୀ
## ଜଳ ସମ୍ପଦ ବିଭାଗର ନିଘା ନାହିଁ

ଲଘୁଚାପଜନିତ ଲଗାଣ ବର୍ଷାରେ ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ମହାନଦୀ, ଲୁଣା, ଚିତ୍ରୋତ୍ପଳା ନଦୀ ଫୁଲିବାରେ ଲାଗିଛି। ଫଳରେ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏପରିସ୍ଥଳେ ଜଳ ସମ୍ପଦ ବିଭାଗର କୌଣସି ନିଘା ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଚିତ୍ରୋତ୍ପଳା ନଦୀ ଦକ୍ଷିଣ ପାର୍ଶ୍ୱ ବନ୍ଧର ଜନାର୍ଦ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ମାରଡା ବଳରାମପୁର, ଜନାର୍ଦ୍ଦନପୁର, କଳମିଶ୍ରୀ ପଞ୍ଚାୟତର ଲେଣ୍ଡୁରା ଭଗବାନପୁର, ଦାମୋଦରପୁର, ସାନ୍ତପୁର ପଞ୍ଚାୟତର ମାଣିକପୁର, ଜଳଦିଆ, ପାଳଦା ପଞ୍ଚାୟତର ଦୁଦୁରା, କମପୁର, କୁଞ୍ଜବନ, ବାବୁଜଙ୍ଗ, ଉତ୍ତରକୂଳ, ମହମ୍ମଦପୁର, ବିଶ୍ୱନାଥପୁର ସମେତ ମ୍ର ନଦୀର ବାମ ପାର୍ଶ୍ୱରେ ଥିବା କେନ୍ଦୁପାଟଣା, ନାଗାମଠ, ଲୁଣାନଦୀର ବାମ ପାର୍ଶ୍ୱରେ ଥିବା ବରପଡା, ସାଧକ ନଗର, ବଡ଼ଥାକନ, ଖଣ୍ଡସାହି, କେଣ୍ଟାଲୋ ଆଦି ସ୍ଥାନରେ ନଦୀ ବନ୍ଧ ଦୁର୍ବଳଥିବା ଜଣାଯାଇଛି। ସେହିପରି ମହାନଦୀର ବାମ ପାର୍ଶ୍ୱରେ ଥିବା ଉତ୍ତରକୂଳ ଅଞ୍ଚଳରେ ନଦୀବନ୍ଧ ଦୁର୍ବଳ ରହିଛି। ସୂଚନାଯୋଗ୍ୟ, ନିକଟ ଅତୀତରେ ବ୍ଲକର ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ତିଳକଣା ଓ ଚିତ୍ରୋତ୍ପଳା ନଦୀର ବାମ ପାର୍ଶ୍ୱରେ ଥିବା ଦାଉଦପୁର, ନାହାଳପୁର ଏବଂ ପାଳଦା ଠାରେ ୩ଟି ବଡ ଧରଣର ଘାଇ ସୃଷ୍ଟି ହୋଇଥିଲା। ଏଥିରେ ଶହଶହ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ଜଳ ସମ୍ପଦ ବିଭାଗ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଞ୍ଚଳରେ ଘାଇ ସୃଷ୍ଟି ହେବା ଆଶଙ୍କା ରହିଛି। ଏସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କହିଛନ୍ତି, ସମ୍ଭାବ୍ୟ ବନ୍ୟାକୁ ଆଖି ଆଗରେ ରଖି ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।






# ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍‌ର କାଗଜପତ୍ର ଯାଞ୍ଚ

## ୨ୟ ଦିନରେ ଚଢ଼ାଉ ଜାରି

ନିଶ୍ଚିନ୍ତକୋଇଲି,୪।୮
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ କଟକ ଭିଜିଲାନ୍ସ ବିଭାଗ ତରଫରୁ ଚଢ଼ାଉ ଜାରି ରହିଛି। ଶୁକ୍ରବାର ଦ୍ୱିତୀୟ ଦିନରେ ଭିଜିଲାନ୍ସ ଟିମ୍ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ପଞ୍ଚାୟତରେ ଗତ ୨୦୧୭ରୁ ୨୦୨୨ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ସରକାରୀ କାଗଜ କଲମରେ ପ୍ରକଳ୍ପ କରାଯାଇଥିବାର ଦର୍ଶାଇ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଇଥିଲା। ଏସମ୍ପର୍କରେ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍କାଳୀନ ୱାର୍ଡ ସଭ୍ୟ ଦିପକ କୁମାର ସ୍ୱାଇଁ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଲୋକାୟୁକ୍ତଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗର ତଦନ୍ତ ନିମନ୍ତେ ଲୋକାୟୁକ୍ତ କଟକ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ କଟକ ଭିଜିଲାନ୍ସ ଇନ୍ସପେକ୍ଟର ହିରଣ୍ୟମୟୀ ସାମଲଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧି ଦଳ ନିଶ୍ଚିନ୍ତକୋଇଲି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବୁଲି ପ୍ରକଳ୍ପ କାର୍ଯ୍ୟର ତଦନ୍ତ କରୁଛନ୍ତି। ଶନିବାର ମଧ ଏହି ତଦନ୍ତ ଜାରି ରହିବ ବୋଲି ଜଣାଯାଇଛି। ତଦନ୍ତ ବେଳେ ନିଶ୍ଚିନ୍ତକୋଇଲି ବ୍ଲକର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଭିଜିଲାନ୍ସ ଟିମ୍‌ର ସଦସ୍ୟମାନେ ତଦନ୍ତ କରୁଛନ୍ତି।

# ନଦୀ ମଝିରେ ଫସି ରହିଛନ୍ତି ୪୦ରୁ ଊର୍ଦ୍ଧ୍ୱ ଗୋରୁ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଚରିବାକୁ ଯାଇ ୪୦ରୁ ଊର୍ଦ୍ଧ୍ୱ ଗୋରୁ ସିଡ଼ିଏ ସେକ୍ଟର-୮ସ୍ଥିତ କାଠଯୋଡି ନଦୀ ମଝିରେ ଫସି ରହିଛନ୍ତି। ନଦୀରେ ସ୍ରୋତ ପ୍ରଖର ହେଉଥିବାରୁ ସେମାନଙ୍କୁ ଉଦ୍ଧାର କରିବା ସମ୍ଭବ ନୁହେଁ। ଧୀରେ ଧୀରେ ଜଳସ୍ତର କମୁଥିବାରୁ ସେମାନଙ୍କ ପ୍ରତି ବିପଦ କମୁଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ପକ୍ଷରୁ ଗୋରୁମାନଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯାଇନାହିଁ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ନଦୀରେ ବନ୍ୟାଜଳ ଆସିବା ପୂର୍ବରୁ ପ୍ରାୟ ୩୦ରୁ ୪୦ ଗୋରୁ ସେଠାକୁ ଚରିବାକୁ ଯାଇଥିଲେ। ମାତ୍ର ବନ୍ୟାଜଳ ବୃଦ୍ଧି ପାଇବାରୁ ସେମାନେ କୂଳକୁ ଫେରିପାରି ନ ଥିଲେ। ଗତ ୩ ଦିନ ହେବ ଗୋରୁପଲ ସେଠାରେ ଫସି ରହିଥିବା ଜଣାପଡିଛି। ବନ୍ୟାପାଣି ଆସିବା ପୂର୍ବରୁ ଉକ୍ତ ପଠାରୁ ଗୋରୁମାନଙ୍କୁ ଅଗ୍ନିଶମ କର୍ମଚାରୀମାନେ ଘଉଡ଼ାଇଥିଲେ। ଫଳରେ ସେମାନେ କୂଳକୁ ଚାଲି ଆସିଥିଲେ। ହେଲେ ପରବର୍ତ୍ତୀ ସମୟରେ ପୁନର୍ବାର ପଠା ନିକଟକୁ ଚାଲିଯାଇଥିବା ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ କହିଛନ୍ତି। ଅପରପକ୍ଷରେ ବାରଙ୍ଗ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନରାଜ ବ୍ୟାରେଜ ଫାଟକରୁ ସୁରକ୍ଷିତ ଭାବରେ ଏକ ଜାଲ ସହାୟତାରେ ବିଲେଇକୁ ଉଦ୍ଧାର କରିଥିଲେ। ସେହିପରି ନେମାଳ ନିକଟ ଦାମୋଦରପୁରଠାରେଥିବାଚିତ୍ରୋତ୍ପଳାନଦୀବନ୍ୟାଜଳରେ ଫସି ରହିଥିବା ୪ଟି ଗାଇକୁ ସାଲେପୁର ଅଗ୍ନିଶମ କର୍ମଚାରୀମାନେ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଛନ୍ତି।

# ସଂଘମିତ୍ରା ପଣ୍ଡାଙ୍କୁ 'ବିଦ୍ୟୁତ୍‌ପ୍ରଭା ସ୍ମାରକୀ ସମ୍ମାନ'

## ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ୯୭ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

କବି ବିଦ୍ୟୁତପ୍ରଭା ଦେବୀଙ୍କ ୯୭ତମ ଜନ୍ମବାର୍ଷିକୀ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଦ୍ୟୁତ୍‌ପ୍ରଭା ସ୍ମାରକୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି, ଓଡ଼ିଆ ନାରୀବାଦ ତଥା ବାମବାଦ ସାହିତ୍ୟରେ ଯେଉଁ କେତେଜଣ ଅଗ୍ରଗଣ୍ୟ ପ୍ରବକ୍ତା ଅଛନ୍ତି ତନ୍ମଧ୍ୟରୁ ବିଦ୍ୟୁତପ୍ରଭା ଦେବୀ ଅନ୍ୟତମ। ସମ୍ମାନିତ ଅତିଥି ଭାବେ ପ୍ରଫେସର ମିତାଲୀ ଚିନାରା ଓ ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ସରିତା ସାହୁ ଯୋଗଦେଇ କହିଛନ୍ତି, ପିତୃସତ୍ତାତ୍ମକ ସମାଜରେ ଶିକ୍ଷାର ଅଭାବ ଭିତରେ ବିଦ୍ୟୁତ୍‌ପ୍ରଭା ଯେପରି ନିଜର ଅଧ୍ୟବସାୟ ଓ ସ୍ୱାଧ୍ୟାୟ ବଳରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଉନ୍ନୀତ କରିଛନ୍ତି, ତାହା ଉଚ୍ଚଶିକ୍ଷା ସମ୍ପନ୍ନ ପୁରୁଷ କବିଙ୍କ ପକ୍ଷରେ ମଧ ସମ୍ଭବ ହୁଏନାହିଁ। ଓଡ଼ିଆ ବିଭାଗର ସଂଯୋଜକ ଡ. ରମେଶଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଓ ପ୍ରଫେସର ନବନୀତା ରଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଛାତ୍ରୀ ସଂଘମିତ୍ରା ପଣ୍ଡାଙ୍କୁ 'ବିଦ୍ୟୁତପ୍ରଭା ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥି ଅଧ୍ୟାପିକା ଡ. ନିବେଦିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବିଶ୍ୱଜିତ ସେଠୀ ଧନ୍ୟବାଦ ଜଣାଇଥିଲେ। ହେମନ୍ତ ବଶ୍ୱାଳ, ଅତିଥି ଅଧ୍ୟାପକ ଡ. ଶ୍ରୀଧର, ଅନିଶା ପ୍ରଜ୍ଞା, ସୁଜାତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବିଦ୍ୟୁତ୍‌ପ୍ରଭା ସ୍ମାରକୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ୨୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ)ର ଏକାଦଶ ପର୍ଯ୍ୟାୟରେ ମନୋନୀତ ହୋଇଥିବା ୨୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଥିଲା। ମେୟର ସୁବାସ ସିଂ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, କର୍ପୋରରେଟର ମୋନାଲିସା ଦାସ, ଦୀପାଳି ସିଂ, ସ୍ୱର୍ଣ୍ଣପ୍ରଭା ପଶାୟତ, ପ୍ରଳୟା ବେଉରାଙ୍କ ସମେତ ଗୋଷ୍ଠୀ ସଙ୍ଗଠକ ଓ ଭିତ୍ତିଭୂମି ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

# ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଡ଼ମ୍ବା,୪।୮(ମାୟାଧର ମଲ୍ଲିକ): ଦାରିଦ୍ର୍ୟମୁକ୍ତ, ଉନ୍ନତ ଜୀବିକା ଯୁକ୍ତ ଗ୍ରାମପଞ୍ଚାୟତ ଗଠନ ଓ ଦକ୍ଷତା ବୃଦ୍ଧି ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବଡ଼ମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୮ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ମହାସଂଘ ସଭାନେତ୍ରୀ ପ୍ରମୁଖ ଉପସ୍ଥିତଥିଲେ। ୪୫୬ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକଭାବେ ବିଡିଓ, ସିଡିପିଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଜିଲାପରିଷଦ, କଟକ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ସାହୁ ଓ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ସଂଯୋଜନା କରିଥିଲେ।

# ଦିବ୍ୟାଙ୍ଗ ପରିବାରକୁ ପୋଷ୍ୟ କଲା ଫାଉଣ୍ଡେଶନ



ବାଙ୍କୀ,୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତ ଅମରେନ୍ଦ୍ରପୁର ଗ୍ରାମର ବାସନ୍ତୀ ସାହୁ ଓ ନିରୋଦ ସାହୁଙ୍କ ପୁଅ ରାଜା ଓ ଝିଅ ପୂଜା ଦିବ୍ୟାଙ୍ଗ ହୋଇଥିବାବେଳେ ୧୨ ବର୍ଷ ହେବ ବିଛଣାରେ ପଡ଼ି ରହିଛନ୍ତି। ସେମାନଙ୍କୁ ସୁସ୍ଥ କରିବା ଆଶାରେ ମା'ବାପା ସର୍ବଶ୍ୱାନ୍ତ ହୋଇଯାଇଥିଲେ। ଏନେଇ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସୁଫଳତା ନ ମିଳିବାରୁ ନିରୋଦ ଓ ବାସନ୍ତୀ ଶେଷରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆବେଦନ କରିଥିଲେ। ଖବରପାଇ ଅଦ୍ୱୈତ ଫାଉଣ୍ଡେଶନର ମହାସଚିବ ନଳିନୀ ରାୟ ଭିନ୍ନକ୍ଷମ ପରିବାରଙ୍କ ନିକଟରେ ପହଞ୍ଚି ଥିଲେ। ସେମାନଙ୍କ ସହ ଆଲୋଚନା କରିବା ପରେ ରାୟ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଉକ୍ତ ପରିବାରକୁ ଆଜୀବନ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି।

# 'ପୋଲିସ, ଖବରଦାତାଙ୍କ ମଧ୍ୟରେ ସୁସମ୍ପର୍କ ଜରୁରୀ'

## ଓଡ଼ିଶା ଖବରଦାତା ଦିବସ ପାଳିତ

ସାଲେପୁର,୪।୮(ଅରବିନ୍ଦ ଭୂୟାଁ)

ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଖବରଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାଲେପୁର ଆଦର୍ଶ ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ପୋଲିସ ଓ ଖବରଦାତାଙ୍କ ମଧ୍ୟରେ ସୁସମ୍ପର୍କ ଜରୁରୀ। ଏହାଦ୍ୱାରା ଜନସାଧାରଣ ଉପକୃତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ସଭାପତି ଅକ୍ଷୟ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିସାହି ସରପଞ୍ଚ ପବିତ୍ର ସାମଲ, ଏମ୍‌ପିଙ୍କ ପ୍ରତିନିଧି ଗୁଲରେଜ ଅଲ୍ଲୀ ଓ ସଂଘ ମହାସଚିବ ପ୍ରଫୁଲ୍ଲ କୁମାର ମିଶ୍ର, ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ସମ୍ମାନିତ ଅତିଥିଭାବେ ଯୋଗଦେଇ ଖବରଦାତାମାନେ ନିରପେକ୍ଷ ଭାବେ କଲମ ଚାଳନା କଲେ ସମାଜର ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସଂଘ ସମ୍ପାଦକ ହୃଷିକେଶ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବାବେଳେ କୋଷାଧ୍ୟକ୍ଷ ସୁଧୀର କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଅରବିନ୍ଦ ଭୂୟାଁ, ବିସ୍ମିତ କୁମାର ଜେନା, ମନୋଜ କୁମାର ମହାନ୍ତି, ହେମନ୍ତ କୁମାର ଭୂୟାଁ, ଶିଶିର କୁମାର ଦାଶ, ଅଜୟ କୁମାର ସାହୁ, ସୟଦ ଆଲାମ ହୁସେନ୍, ବିରଞ୍ଚି ନାରାୟଣ କର, ଚିରଞ୍ଜନ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଉମ୍ବରୁଧର ମଲ୍ଲିକ, ତପନ କୁମାର ସେଠୀ, ଭରତ କୁମାର ମୁଦୁଲି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଖବରଦାତାମାନେ।




# ବନ୍ୟାଜଳ ଘେରରେ ୩ ଗାଁ



ଏକ ଗ୍ରାମର ରାସ୍ତା ବୁଡ଼ିଯାଇଛି।



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ନିରାକାରପୁର,୪।୮(ମାନସ ଚନ୍ଦ୍ର ପଟ୍ଟନାୟକ)

- ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ
- ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ

ରାଜ୍ୟରେ ପ୍ରବଳ ବର୍ଷା ପରେ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାଜୁଆ, ଦୟା ଓ ମକରା ନଦୀରେ ବନ୍ୟାଜଳ ପ୍ରବାହିତ ହେବାରୁ ଲେଉଟାଣି ବନ୍ୟାଜଳରେ ଖୋର୍ଦ୍ଧା ଓ ପୁରୀ ଜିଲାର କେତେକ ଗ୍ରାମରେ ପାଣି ଜମି ରହିବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି କ୍ରମରେ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତ ଅନ୍ତର୍ଗତ ହିରିମୂଳ ଓ ଜଟଣୀ ବ୍ଲକର ପାଣ୍ଡିଆବିଲି ଓ ବୁଢାଙ୍ଗେରା ଗ୍ରାମ ବନ୍ୟାଜଳ ଘେରରେ ରହିଛି। ଗାଁ ଭିତରେ ବନ୍ୟାପାଣି ଜମିରହିଥିବା ବେଳେ ଗ୍ରାମର ମୁଖ୍ୟରାସ୍ତା ବୁଡ଼ିଯାଇଛି। ବନ୍ୟାପାଣି ବଢୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖୋର୍ଦ୍ଧା ଜିଲା ଅଧୀନ ଓରବରସିଂହ, ନରଣଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତର ରାୟପୁର, କୃଷ୍ଣପୁର, ମଶାଣିଆ, ଓରବରସିଂହ, ହିରିମୂଳ, ଡିହଖଳା, ଦୁର୍ଗାପୁର, ଲେଖନପୁର, ମାନପୁର, ଓରମୀ, ଧବଳପୁର, ବଳପୁର, ଶରଧାପୁର ଆଦି ମୌଜାର ୮ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇଛି।

ପ୍ରକାଶ ଯେ, ପ୍ରତିବର୍ଷ ହିରିମୂଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେବେ ବନ୍ୟାଦାଉରୁ ରକ୍ଷା ପାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଘେରିବନ୍ଧ ନିମନ୍ତେ ପ୍ରଶାସନକୁ ପ୍ରସ୍ତାବ ଦିଆଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ପ୍ରତିବର୍ଷ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ହିରିମୂଳ, ଶରଧାପୁର ଗ୍ରାମ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ସାହୁ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପୀଡ଼ିତଙ୍କ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଶୁଖିଲା ଖାଦ୍ୟ, ପାନୀୟଜଳ, ମେଡିସିନ, ଗୋଖାଦ୍ୟ ଆଦି ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ବନ୍ୟାବିପନ୍ନମାନଙ୍କ ଯାତାୟାତ ନିମନ୍ତେ ବୋଟ୍ ଯୋଗାଇ ଦିଆଯାଇଛି। ଆବଶ୍ୟକ ସ୍ଥଳେ ସ୍ଥାନୀୟ ଲେଖନପୁର ଓ ମାନପୁରଠାରେ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀରେ ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଦୟା ଓ ରାଜୁଆ ନଦୀର ସଙ୍ଗମସ୍ଥଳ ପାଣ୍ଡିଆବିଲିଠାରେ ଗତ ୨୬ ତାରିଖରେ ଉକ୍ତ ଗ୍ରାମକୁ ସଂଯୋଗ କରୁଥିବା ଅସ୍ଥାୟୀ ରାସ୍ତା ଧୋଇଯାଇ ୬୦ ଫୁଟର ଘାଇ ହୋଇଥିଲା। ଫଳରେ ପୁରୀ ଓ ଖୋର୍ଦ୍ଧା ଜିଲାର ୩ଟି ପଞ୍ଚାୟତର ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ଗ୍ରାମବାସୀ ଡଙ୍ଗାରେ ଯାତାୟାତ କରୁଛନ୍ତି। ଗୁରୁବାର ଜିଲାପାଳ ଚକ୍ରବର୍ତ୍ତୀ ଦୟାନଦୀର ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଗାଁଗୁଡିକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ଲାଗି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ କହିଛନ୍ତି, ବନ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଏନଡିଆରଏଫ ଏବଂ ଓଡ୍ରାଫ ଟିମ ରହିଛନ୍ତି। ପାଣ୍ଡିଆବିଲିରେ ଡଙ୍ଗା ବ୍ୟବସ୍ଥା କରାଯାଇଛି। ଦୁର୍ବଳ ନଦୀ ବନ୍ଧ ଯୁଦ୍ଧକାଳୀନ ଭିତିରେ ମରାମତି ଲାଗି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି।

# ମା'ଭଗବତୀଙ୍କ ହୁଣ୍ଡିରୁ ମିଳିଲା ୧.୧୧ ଲକ୍ଷ

ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା,୪।୮(ଦିଲୀପ ସ୍ୱାଇଁ)



ମା'ଭଗବତୀଙ୍କ ଭିତର ହୁଣ୍ଡି ଖୋଲାଯାଉଛି।

ଖୋର୍ଦ୍ଧା ଜିଲା ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀଙ୍କ ମନ୍ଦିର ଭିତର ହୁଣ୍ଡି ଶୁକ୍ରବାର ଖୋଲାଯାଇଛି। ହୁଣ୍ଡିରୁ ମୋଟ୍ ୧ଲକ୍ଷ ୧୧ ହଜାର ୫୦ ଟଙ୍କା ମିଳିଥିଲା। ଉକ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ମନ୍ଦିର ଜମାଖାତାରେ ଜମା କରାଯାଇଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ମନ୍ଦିରର ଉନ୍ନତି କାର୍ଯ୍ୟରେ ଲାଗିବ ବୋଲି ଏଣ୍ଡାଓମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି। ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୦ଟାରେ ହୁଣ୍ଡି ଖୋଲାଯାଇ ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ୍ତ ଟଙ୍କା, ସୁନା ଓ ରୁପା ବାହାର କରାଯାଇ ଗଣତି କରାଯାଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ତଥା ସ୍ଥାନୀୟ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଟ୍ରଷ୍ଟର ସଦସ୍ୟ ସ୍ଥାନୀୟ ଥାନା ଭାରପ୍ରାପ୍ତ ନିରୀକ୍ଷକ ରମେଶ କୁମାର ଦେବତା, ଏଣ୍ଡାଓମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ପୂଜକ ସାଆନ୍ତ ପରିଚ୍ଛା, ବିନାୟକ ମହାପାତ୍ର, ପାଳିଆମାଳି ଭାସ୍କର ଚନ୍ଦ୍ର ନାୟକଙ୍କ ସମେତ ମନ୍ଦିର କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ମିଶ୍ର, ଅଶ୍ୱିନୀ ମିଶ୍ର, କମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ବିଶ୍ୱ ସ୍ତନ୍ୟପାନ ସପ୍ତାହ



ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଉପସ୍ଥିତ ମହିଳା ଏବଂ ଅନ୍ୟମାନେ।

ବୋଲଗଡ଼,୪।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ହରିରାଜପୁର ପ୍ରାଥମିକ ବିଦ୍ୟାଳୟଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସ ପାଳିତ ହୋଇଯାଇଛି। ବୋଲଗଡ଼ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ହରିରାଜପୁର ଅଙ୍ଗନଓ୍ୱାଡି କେନ୍ଦ୍ର, ସଂପୁର ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଓ ଛୋଟରାୟପୁର ଅଙ୍ଗନଓ୍ୱାଡି କେନ୍ଦ୍ରର ମିଳିତ ସହଯୋଗରେ ଓ ହରିରାଜପୁର ଅଙ୍ଗନଓ୍ୱାଡି କର୍ମୀ ମମତା ବେହେରାଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ହରିରାଜପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧି, ସମ୍ମାନିତ ଅତିଥି ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ବେହେରା, ସାମାଜିକ କର୍ମୀ ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱ ସ୍ତନ୍ୟପାନ ଦିବସରେ ଶିଶୁର ଶାରୀରିକ ବିକାଶ ପାଇଁ ମା'ର ପ୍ରଥମ କଷକ୍ଷୀର ଶିଶୁ ପାଇଁ ଅମୃତ ସମାନ, ଶିଶୁଙ୍କ ଶାରୀରିକ ବିକାଶରେ ମା'କ୍ଷୀର ସର୍ବୋତ୍ତମ। ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଶିଶୁକୁ ଦେବା ସହ ୬ ମାସ ପରେ ସୁଷମ ଖାଦ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ହରିରାଜପୁର ଅଙ୍ଗନଓ୍ୱାଡି କେନ୍ଦ୍ରର କର୍ମୀ ମମତା ବେହେରା, ସଂପୁର ଅଙ୍ଗନଓ୍ୱାଡି କେନ୍ଦ୍ରର ସୁଚିତ୍ରା ରାଉତରାୟ, ଛୋଟରାୟପୁର ଅଙ୍ଗନଓ୍ୱାଡି କେନ୍ଦ୍ରର ନିରୁପମା ସାହୁ ପରିଚାଳନା କରିଥିଲେ। ଅଙ୍ଗନଓ୍ୱାଡି ସହାୟିକା ସୁପ୍ରିୟା ରାୟ, ସ୍ୱର୍ଣ୍ଣଲତା ମହାରଣା, ପ୍ରଭାସିନୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂପୁର, ହରିରାଜପୁର, ଛୋଟରାୟପୁର ମୌଜାର ବହୁ ମହିଳା ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ମା'ମାନେ ଫଳ, ପିଠା, ମୁଆଁ ସହ ସୁଷମ ଖାଦ୍ୟ ପ୍ରଦର୍ଶନ କରିଥିଲେ।

# ୩ ବାଇକ୍ ଲୁଟେରା ଗିରଫ

ଟାଙ୍ଗୀ,୪।୮(ରଘୁନାଥ ସାହୁ)

ଟାଙ୍ଗୀ ଥାନା ପୋଲିସ ୩ ବାଇକ୍ ଲୁଟେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୋଲଗଡ଼ ଥାନା ଅଧୀନ କେନ୍ଦୁଆପଲ୍ଲୀ ଗ୍ରାମର ସେକ୍ ଅନ୍‌ସର, ବେଗୁନିଆ ଥାନା ଅନ୍ତର୍ଗତ ବାରବାଟୀ ଗ୍ରାମର ଜଗନ୍ନାଥ ରଣସିଂହ ଓ ରବିନାରାୟଣ ବେହେରା। ଏମାନଙ୍କଠାରୁ ଗୋଟିଏ ବାଇକ୍ (ଓଡି୦୨-ଏଏଚ୍-୯୭୬୪)ଓ ଛୁରି ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୬୯/୨୩) ରୁଜୁ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି। ସୂଚନା ମୁତାବକ, ଦୀକ୍ଷିତପଡ଼ାର ସେକ୍ ହୁସେନ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ୩ ଜଣ ଯୁବକ ହଠାତ୍ ଆସି ହୁସେନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନାହିଁ କହିବାରୁ ଯୁବକମାନେ ଗାଳିଗୁଲଜ କରିବା ସହ ବାଇକ୍ ଛଡ଼ାଇନେଇ ପଳାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ବିଜ୍ଞାନ ମେଳାରେ ୨୬ ପ୍ରକଳ୍ପ

ବାଣପୁର, ୪।୮(ଶଙ୍କର ବସ୍ତି)

ବାଣପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଭୀମପୁରଠାରେ ଥିବା ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଏହି ମେଳା ଆୟୋଜନ ହୋଇଥିଲା। ଉକ୍ତ ବିଜ୍ଞାନ ମେଳାରେ ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ହରିଚନ୍ଦନ, ସିଆର୍‌ସିସି କୈଳାସ ଚନ୍ଦ୍ର ହୋତା, ବାନାମ୍ବର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାକାନ୍ତ ଗଡ଼ନାୟକ ସହ ଅତିଥିଭାବେ ପ୍ରକଳ୍ପଗୁଡ଼ିକର ପରୀକ୍ଷଣ କରିଥିଲେ। ବ୍ଲକର ମୋଟ୍ ୧୯ଟି ବିଦ୍ୟାଳୟ ମଧ୍ୟରୁ ୧୭ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ୨୬ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୦ଟି ପ୍ରକଳ୍ପ ଜିଲାସ୍ତରରେ ପ୍ରଦର୍ଶିତ ପାଇଁ ଯୋଗ୍ୟ ବିବେଚିତ ହୋଇଛି।

# ଖୋର୍ଦ୍ଧାଗଡ଼ର ଐତିହ୍ୟ ଓଡ଼ିଆ ଜାତିର ଅସ୍ମିତା

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

## ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଭାରତର ଶେଷ ସ୍ୱାଧୀନ ଦୁର୍ଗ ତଥା ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ଖୋର୍ଦ୍ଧା ଗଡ଼ର ପୁନରୁଦ୍ଧାର ପାଇଁ ବରୁଣେଇ ଓ ଖୋର୍ଦ୍ଧା ଗଡ଼ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଐତିହାସିକ ସ୍ଥଳ, ମଠ ମନ୍ଦିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଏବେ ବି ଭଗ୍ନ ଅବସ୍ଥାରେ ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ଼। ଏହାର ପୁନରୁଦ୍ଧାର କରାଗଲେ, ଏହାର ଗୌରବ ବୃଦ୍ଧି ପାଇବ। ଏହି ଗଡ଼ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ପାଇକ ବୀରଙ୍କ ବୀରତ୍ୱର ଗାଥା ବହନ କରୁଥିବା ଏହି ଗଡ଼ର ପୁନରୁଦ୍ଧାର ସହ ବିକାଶ କରାଗଲେ, ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିବା ସହ ଏହି ମାଟିର ମହାନତା ବଢ଼ିବ ବୋଲି ଦାବିରେ ଉଲ୍ଲେଖ ରହିଛି। ୨୦୧୮ ମସିହାରେ ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଏହାର ପୁନରୁଦ୍ଧାର କରାଯିବା ବୋଲି ଘୋଷଣା କରିଥିଲେ। ୧୯୯୦ ମସିହାରେ ଏହି ଗଡ଼ରେ ଲାଇଟ୍ ଓ ସାଉଣ୍ଡ ଉତ୍ସବରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ଏହାର ପୁନରୁଦ୍ଧାର ପାଇଁ ଘୋଷଣା କରିଥିଲେ। ତେବେ ଏଯାବତ୍ କାର୍ଯ୍ୟକାରୀ କରାଯାଇନାହିଁ। ବରୁଣେଇ ପାହାଡ଼ ପାଦଦେଶରେ ୨୦୧୯ ମସିହାରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଐତିହାସିକ ପୃଷ୍ଠଭୂମି ଦୃଷ୍ଟିରୁ ଏହି ଗଡ଼ର ପୁନରୁଦ୍ଧାର କରାଗଲେ ଓଡ଼ିଶାର ଅସ୍ମିତା ଓ ଗରିମାମୟ ଇତିହାସର ପ୍ରଚାର, ପ୍ରସାର ଦିଗରେ ସହାୟକ ହେବ ବୋଲି ପରିଷଦ ପକ୍ଷରୁ ଦାବିରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ଅବନୀ ଜେନା, ସୁକାନ୍ତ ନନ୍ଦ, ସୋନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



**ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ**

ବଲଙ୍ଗା,(କେଦାରେଶ୍ୱର ନନ୍ଦ)- ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବଲଙ୍ଗା ପୋଲିସ ପକ୍ଷରୁ ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ୩୮ ଜଣ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସମ୍ପାଦକ ଶଙ୍କର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଏସ୍ଆଇ କେଦାରଚନ୍ଦ୍ର ଦୋରା ଓ ସସ୍ମିତା ବେହେରା ୩୮ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ସୁରକ୍ଷା ଓ ସମସ୍ତ ସୁବିଧା ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ ସଭାପତି ଲକ୍ଷ୍ମୀଧର ପଣ୍ଡା, କୋଷାଧକ୍ଷ ସୁଧାଂଶୁ ମୋହନ ଲେଙ୍କା, ସଂଯୋଜକ ବାନାମ୍ବର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଷ୍ପତ୍ତି କାର୍ଯ୍ୟକାରୀ ହେବାରେ ଆଶଙ୍କା

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ

ପୁରୀ,୪।୮(ଅଜିତ ମହାନ୍ତି)

୨୦୨୪ ରଥଯାତ୍ରାରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବା ନେଇ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଏଏସ୍ଆଇ ପକ୍ଷରୁ ଯାଞ୍ଚ ଶେଷ ହେବା ପରେ ଆସନ୍ତା ବର୍ଷ ରଥଯାତ୍ରାରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ୨୦୧୮ ମାର୍ଚ୍ଚ ୨୨ରେ ହାଇକୋର୍ଟ ନିର୍ଦ୍ଦେଶ ମୁତାବକ ପ୍ରଥମେ ମାର୍ଚ୍ଚ ୨୬ରେ ଏଏସ୍ଆଇ ଟିମ୍ ଯାଞ୍ଚ କରିଥିଲେ। ପରେ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ୧୭ଜଣିଆ ପ୍ରାଧିକୃତ ଟିମ୍ ଯାଇଥିଲା। ତେବେ ଚାବି ହଜିଥିବା ଯୋଗୁ ଭିତର ରତ୍ନଭଣ୍ଡାର ଖୋଲାଯାଇପାରି ନ ଥିଲା। ଭିତର ରତ୍ନଭଣ୍ଡାରର ୩ଟି ଟିମ୍ ସହ ପ୍ଲାଷ୍ଟର ଖରାପ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଭିତର ରତ୍ନଭଣ୍ଡାର ଖୋଲିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ଏଏସ୍ଆଇ ପକ୍ଷରୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଥିଲା। ଭିତର ରତ୍ନଭଣ୍ଡାର ୩ଟି ବିମ୍‌ରେ ଫାଟ ସହ ପାଣି ଗଳୁଛି। ତେଣୁ ରତ୍ନଭଣ୍ଡାର ଖୋଲିବାକୁ ଜୋରଦାର ଦାବି ହେବା ପରେ ଶ୍ରୀମନ୍ଦିର ପ୍ରଶାସନର ସ୍ଥାୟୀ ଅଧ୍ୟକ୍ଷ ମହାରାଜା ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନିଆଯାଇଛି। ନିକଟରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଏଜେଣ୍ଡାରେ ସ୍ଥାନ ପାଇବାକୁ ଗଜପତିଙ୍କୁ ଚିଠି ଲେଖିଥିଲେ। ତେଣୁ ପରିଚାଳନା କମିଟି ବୈଠକ ନିଷ୍ପତ୍ତି ପରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବା ନେଇ ପୁଣିଥରେ ଆଶା ସଞ୍ଚାର ହୋଇଛି। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟସ୍ ମୁତାବକ ପ୍ରତି ତିନିବର୍ଷରେ ରତ୍ନଭଣ୍ଡାର ଖୋଲା ହେବା ନିୟମ ରହିଥିବା ବେଳେ ଆଜିକୁ ପ୍ରାୟ ୪୫ ବର୍ଷ ହେବ ଏହା ଖୋଲାଯାଇ ନାହିଁ। ତେବେ ଶ୍ରୀମନ୍ଦିର ଚରିଚାଳନା କମିଟିରେ ଏପରି ନିଷ୍ପତ୍ତି ପରେ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

### ଏମାନେ ଯାହା କୁହନ୍ତି...

"ବର୍ତ୍ତମାନ ରତ୍ନଭଣ୍ଡାରକୁ ନେଇ ଦେଖାଯାଉଥିବା ଜନଆକ୍ରୋଶକୁ ଚାପି ଦେବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଯାହା ଏକ ଷଡ଼ଯନ୍ତ୍ର। ୨୦୧୮ ଏପ୍ରିଲ ୪ରେ ଭୁବନେଶ୍ୱରରେ ବସିଥିବା ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା କି ଭିତର ରତ୍ନଭଣ୍ଡାର ଏବଂ ବାହାର ରତ୍ନଭଣ୍ଡାର ଥିବା ଅଳଙ୍କାରଗୁଡିକର ଗଣତି। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା କାନ୍ଥରେ ଫାଟ ସୃଷ୍ଟି ହୋଇନ ପାଣି ଗଳୁଛି। ଟିପ ମାରିଲେ ସାଉଣ୍ଡ ହେଉଛି, ପଥର ଖଣ୍ଡ ପଡ଼ିଛି। ମାତ୍ର ସରକାର ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କଲେ ନାହିଁ। ସେତେବେଳେ କୁହଯାଇଥିଲା ମୌସୁମୀ ବର୍ଷା ସମୟରେ କିମ୍ବା ରଥଯାତ୍ରା ସମୟରେ ଯାଞ୍ଚ କରାଯିବ। ମାତ୍ର ୫ ବର୍ଷ ହୋଇଗଲାଣି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେବା ନେଇ ଆଶଙ୍କା ଦେଖାଦେଇଛି।

**-ଦିଲୀପ ବରାଳ, ସୂଚନା ଅଧିକାର କର୍ମୀ**

"ରତ୍ନଭଣ୍ଡାର ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିବାରୁ ଗଜପତିଙ୍କୁ ସାଧୁବାଦ ଜଣାଇବି। ରତ୍ନଭଣ୍ଡାର ସୁରକ୍ଷିତ ଅଛି କି ନାହିଁ, ସେନେଇ ଏଏସ୍ଆଇ ପକ୍ଷରୁ ତୁରନ୍ତ ଏକ ପ୍ଲାନ୍ କରାଯିବ ପାଇଁ ନିଷ୍ପତ୍ତି ହୋଇଛି। ସେମାନେ ଯାଞ୍ଚ କରି ସରକାରଙ୍କୁ ଜଣାଇବେ।

**-ସୁଦର୍ଶନ ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ**

"ପରିଚାଳନା କମିଟିରେ ରତ୍ନଭଣ୍ଡାର ନେଇ ଯେଉଁ ଆଲୋଚନା କରାଯାଇଛି, ତାହା ହାସ୍ୟସ୍ପଦ। କାରଣ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣା ଦାୟିତ୍ୱ ଏଏସ୍ଆଇର। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ ରେ ରତ୍ନଭଣ୍ଡାର ଖୋଲିବା ନେଇ ପ୍ରକ୍ରିୟା କରାଯାଇଥିଲା। ମାତ୍ର ଖୋଲାଯାଇ ନଥିଲା। ବାହାରୁ ଟ୍ରର୍ଚ୍ଚ ପକାଇ ଦେଖି କହିଥିଲେ ରତ୍ନଭଣ୍ଡାରର ସ୍ଥିତି ଦୁର୍ବଳ ରହିଛି। ୨୦୨୨ରେ ମଧ୍ୟ ଏଏସ୍ଆଇ କହିଥିଲା, ରତ୍ନଭଣ୍ଡାର ଦୁର୍ବଳ ରହିଛି। ଏପରିକି ଗଜପତି ମହାରାଜା ମଧ୍ୟ କହିଥିଲେ, ରତ୍ନଭଣ୍ଡାର ଖୋଲି ମରାମତି କରାଯାଉ ଏବଂ ରତ୍ନ ଅଳଙ୍କାର ଗଣତି ହେଉ। ମାତ୍ର ପରିଚାଳନା କମିଟିରେ କୁହାଯାଇଛି ଲେଜର ସ୍କାନିଂ କରାଯିବ। ଯଦି ସ୍କାନିଂ କରିବାର ଥିଲା ତେବେ ହାଇକୋର୍ଟ ଯେଉଁ ସତ୍ୟପାଠ ଦାଖଲ କରାଗଲା, ସେଥିରେ ଦର୍ଶାଯାଇଥିଲା ରତ୍ନଭଣ୍ଡାର ସୁରକ୍ଷିତ ରହିଛି। ଯଦି ସୁରକ୍ଷିତ ରହିଛି ତେବେ ଲେଜର ସ୍କାନିଂର କ'ଣ ଆବଶ୍ୟକ। ତେଣୁ ଏପରି ନିଷ୍ପତ୍ତି ଲୋକମାନଙ୍କୁ ଭୁଆଁ ବୁଲାଇବା ପାଇଁ ବ୍ୟବସ୍ଥା କରାଯାଉଛି।

**-ସୂର୍ଯ୍ୟ ନାରାୟଣ ରଥ, ଶ୍ରୀଜଗନ୍ନାଥ ପରିଷଦ ଆବାହକ**

"ଶ୍ରୀଜଗନ୍ନାଥ ମନ୍ଦିର ଏକ ଜୀବନ ମନ୍ଦିର। ଏଏସ୍ଆଇ ଦାୟିତ୍ୱ ନେବା ପରଠାରୁ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣା ସେହିପରି ହେଉ ବୋଲି ଦାବି କରାଯାଇଆସୁଛି। ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ହେବା ଆବଶ୍ୟକ। ତେବେ ଖୋଲିବା ପାଇଁ ବର୍ଷେ କାହିଁକି। ପୁଣି ରଥଯାତ୍ରା ସମୟରେ କୌଣସି ଆଳ ଦେଖାଇ ରତ୍ନଭଣ୍ଡାର ଖୋଲିବେ ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜାତୀୟ ଦେବତା। ତେଣୁ ତାଙ୍କର ରତ୍ନଭଣ୍ଡାର ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ। ରତ୍ନଭଣ୍ଡାର ତୁରନ୍ତ ଖୋଲାଯାଉ। ଏଏସ୍ଆଇର ରିପୋର୍ଟକୁ ଆଧାର କରି ରତ୍ନଭଣ୍ଡାର ଖୋଲି ସ୍ଥିତି ଯାଞ୍ଚ କରାଯାଉ।

**-ଜଗନ୍ନାଥ ଦେଓ, ଶ୍ରମିକ ନେତା**

# ଅନ୍ତର୍ଜାତୀୟ ସ୍ତରରେ ସୌମ୍ୟାଙ୍କ ପ୍ରବନ୍ଧ ପ୍ରଶଂସିତ

ଗୋପ,୪।୮
(ଭାରତୀ ଭୂଷଣ ଉପାଧ୍ୟାୟ)


ସୌମ୍ୟା ଜେନା

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ କିଟ୍ ସ୍କୁଲ ଅଫ୍ ଲ' ବିଭାଗରେ ଅଧ୍ୟୟନରତ ଆଇନ ଛାତ୍ରୀ ସୌମ୍ୟା ଜେନାଙ୍କ ଲିଖିତ ପ୍ରବନ୍ଧ ପେଗାସସ ଗୁପ୍ତଚର ବିବାଦକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶିତ ହେବାକୁ ନେଇ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ଉଚ୍ଚ ପ୍ରଶଂସିତ କରିବା ସହ ସର୍ବଭାରତୀୟ ସ୍ତରରେ ତାଙ୍କ ରଚିତ ପୁସ୍ତକରେ ପ୍ରକାଶିତ କରାଯିବ ବୋଲି କହିଛନ୍ତି। ବିଶ୍ୱସ୍ତରୀୟ ଚିନ୍ତା ଧାରା ଓ ମତାମତକୁ ନେଇ ପ୍ରକାଶିତ ଏହି ପୁସ୍ତକରେ ପ୍ରକାଶ କରାଯିବ। ଏପରି ଏକ ପୁସ୍ତକରେ ଉକ୍ତ ପେଗାସସ ଗୁପ୍ତଚର ବିବାଦ ପ୍ରବନ୍ଧକୁ ନେଇ ଆଇନ ଛାତ୍ରୀଛାତ୍ରଙ୍କଠାରୁ ବିଷୟବସ୍ତୁ ଉପରେ ଅଂଶଗ୍ରହଣ କରିବା ପାଇଁ ଲେଖା ଆହ୍ୱାନ କରାଯାଇଥିଲା। ଏଥିରେ ଭାରତ ବର୍ଷରୁ ପ୍ରାୟ ୭ ହଜାର ଆଇନ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମାତ୍ର ସମସ୍ତଙ୍କୁ ପଛରେ ପକାଇ ସୌମ୍ୟା ତାଙ୍କର ଲିଖିତ ପ୍ରବନ୍ଧଟି ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ଛାତ୍ରୀଙ୍କୁ କିଟ ବିଶ୍ୱବିଦ୍ୟାଳୟରେ ସମ୍ମାନିତ କରାଯାଇଥିଲା। ସୌମ୍ୟା ପିଲାଦିନରୁ ତାଙ୍କ ଅଜା ଘର ଗୋପ ବ୍ଲକ ଅନ୍ତର୍ଗତ ଗୋଠ ଚଉକା ଗ୍ରାମରେ ପାଠ ପଢୁଥିବାରୁ ମାମୁ ଘର ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସୌମ୍ୟା ଏବେ ଭୁବନେଶ୍ୱରରେ ରହୁଛନ୍ତି। ସୌମ୍ୟଙ୍କ ଏହି ସଫଳତାକୁ ନେଇ ବାପାମାଆଙ୍କ ସହିତ ପରିବାରକୁ ଶ୍ରେୟ ଦେଇଥିଲେ। ସମ୍ମାନିତ ହେବା ସମ୍ପର୍କରେ ସୌମ୍ୟା କୁହନ୍ତି, ଏପରି ପ୍ରସଙ୍ଗକୁ ନେଇ ସର୍ବଭାରତୀୟ ସ୍ତରରେ ପ୍ରକାଶିତ ପୁସ୍ତକରେ ମୋର ଲେଖାଟି ସ୍ଥାନିତ ହେବା ନେଇ ଖୁସି ଅଛି। ଭବିଷ୍ୟତରେ ଜଣେ ବିଚାରପତି ହେବାର ଲକ୍ଷ୍ୟ ରଖିଛି।





ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ର ସଂସଦର ପ୍ରଥମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ସ୍ମରଣିକା 'ନୈବେଦ୍ୟ'କୁ ଉନ୍ମୋଚନ କରୁଛନ୍ତି ।

# 'ଛାତ୍ରୀଛାତ୍ର ଶିକ୍ଷାର ମୂଳ ଲକ୍ଷ୍ୟ ପ୍ରତି ସଚେତନ ରୁହନ୍ତୁ'

## ଛାତ୍ର ସଂସଦର ବାର୍ଷିକ ଉତ୍ସବ

ପୁରୀ,୪।୮(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ର ସଂସଦ ୨୦୨୨-୨୩ର ପ୍ରଥମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଥିବାବେଳେ ବିଶିଷ୍ଟ ଗବେଷକ ଡ. ଶାନ୍ତନୁ କୁମାର ରଥ ମୁଖ୍ୟ ବକ୍ତା ଏବଂ ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଡା. ରୋମା ରତନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ସଂସଦ ସଭାପତି ସତ୍ୟପ୍ରିୟ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ଡା. ବିମୋଚ ପ୍ରଜ୍ଞା ପତି ସ୍ୱାଗତ ଭାଷଣ ଓ ସମ୍ପାଦକ ଶୁଭମ୍ ଶର୍ମା ବାର୍ଷିକ ବିବରଣୀ ପାଠ କରିଥଲେ। ଅଧକ୍ଷା ପ୍ରଫେସର ମାୟା ପାଢ଼ୀ ଏବଂ ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଲଲାଟେନ୍ଦୁ ପାଇଁ ଓ ଉପଦେଷ୍ଟା ପ୍ରଫେସର ଅମରେନ୍ଦ୍ର ନାୟକ ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀଛାତ୍ର ଶିକ୍ଷାର ମୂଳ ଲକ୍ଷ୍ୟ ପ୍ରତି ସଚେତନ ରହିବା ଆବଶ୍ୟକ। ଜୀବନରେ ଅଧ୍ୟାତ୍ମିକ ଉପଲବ୍ଧି ଓ ଉନ୍ନତି ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟ ବକ୍ତା ଡ. ରଥ କହିଥିଲେ। ଏହି ଅବସରରେ ଛାତ୍ର ସଂସଦ ଆନୁକୂଲ୍ୟରେ ପ୍ରକାଶିତ ସ୍ମରଣିକା 'ନୈବେଦ୍ୟ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିବା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ର ସଂସଦ ଉପ-ସଭାପତି ରାଧାବଲ୍ଲଭ ବେହେରା ଧନ୍ୟବାଦ ଦେଇଥିଲେ। ସଭାପର୍ବ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷିତ ହୋଇଥିଲା। ଦୁଇଦିନ ବ୍ୟାପୀ ପାଳିତ ହେଉଥିବା ଏହି ବାର୍ଷିକ ଉତ୍ସବରେ ଓଲିଉଡ୍ କଳାକାର ଅମ୍ରିତା ନାୟକ ଓ ବଲିଉଡ୍ କଳାକାର ଅମିତ ମିଶ୍ର, ଡିଜେ ରବିଶ ଓ ସାଥୀମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଧାନସଭା ସଚିବଙ୍କ ଅତିଥିଭବନ ପରିଦର୍ଶନ

ପୁରୀ,୪।୮(ଅଜିତ ମହାନ୍ତି)

ପୁରୀ ପେଣ୍ଠକଟା ନିକଟରେ ଥିବା ବିଧାନସଭା ଅତିଥି ଭବନର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ କେହି ବିଧାୟକ ସେଠାରେ ରହିନାହାନ୍ତି। ତେବେ ଶୁକ୍ରବାର ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ ପୁରୀ ବିଧାନସଭା ଅତିଥି ଭବନ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ଅତିଥି ଭବନକୁ ମରାମତି କରି ନୂଆ ରୂପ ଦିଆଯିବ ବୋଲି ସୂଚନା ମିଳିଛି। ଏହି ସମୟରେ ଗୋପାଳ କୃଷ୍ଣ ବେହେରା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି, ସ୍ୱର୍ଗତ ବାଚସ୍ପତି କିଶୋର ଚନ୍ଦ୍ର ମହାନ୍ତି ଏହି ଅତିଥି ଭବନ ଉଦ୍‌ଘାଟନ କରିଥିଲେ। ପୁରୀ ବିଧାନସଭା ଅତିଥି ଭବନ ୨୦୦୯ ମସିହାଠାରୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ରାୟ ୮ହଜାର ବର୍ଗ ଫୁଟ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ କରାଯାଇଛି। ଏହାର ନିର୍ମାଣ ପାଇଁ ପୁରୀ ଜିଲାପାଳ ଏଥିପାଇଁ ଜମି ଯୋଗାଇ ଦେଇଥିବା ବେଳେ ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ ଏହାର ନିର୍ମାଣ କରିଥିଲେ। ବିଧାୟକମାନଙ୍କ ସୁବିଧା ପାଇଁ ଅତିଥି ଭବନକୁ ବିଦ୍ୟୁତ୍ ଏବଂ ପାନୀୟ ଜଳ ସଂଯୋଗ କରାଯାଇଛି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ପୁରୀ,୪।୮(ଅଜିତ୍ ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବା ସମୟରେ ତାଳ ବଣିଆ ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ନବକଳେବର ରୋଡର ମୁନା ପାତ୍ର(୨୫), ସିଦ୍ଧମହାବୀର ଅଞ୍ଚଳର ସଦାଶିବ ବାରିକ, ସେନାପତି ବଗିଚା ହୁଲୁହୁଲିଆ ବ୍ରିଜ୍ ନିକଟର ଆଶିଷ ରାଉତ, ବାଲିଘାଟ କଣ୍ଟେଇ ଫ୍ୟାକ୍ଟ୍ରି ନିକଟର ପ୍ରଦୀପ ମହାପାତ୍ର। ପୋଲିସ ସେମାନଙ୍କଠାରୁ ୪ଟି ଲୁହାରଡ, ୨ ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ.୧୨୭/୨୩ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଆଖଣ୍ଡଳମଣି ମନ୍ଦିର ପଛ ପାର୍ଶ୍ୱରେ କେତେଜଣ ଯୁବକ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିବା ସହ ସାମଗ୍ରୀ ଜବତ କରିଥିଲା।

# ସଂସ୍କୃତି ନିର୍ଦ୍ଦେଶକଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ପୁରୀ ୪।୮(ଅଜିତ ମହାନ୍ତି)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଶୁକ୍ରବାର ପୁରୀ ଗସ୍ତ କରିଥିଲେ। ପରିକ୍ରମା ପ୍ରକଳ୍ପ ଅଧୀନସ୍ଥ ମଠଗୁଡିକର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ଆଦି ଉପରେ ଆଲୋଚନା କରାଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ଉପଜିଲାପାଳ ଭବତାରଣ ସାହୁ, ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ଅଧୀକ୍ଷକ, ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକାରୀ, ଓବିସିସିର ବରିଷ୍ଠ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ସାମିଲ ହୋଇ ୧୭ରୁ ଉର୍ଦ୍ଧ୍ୱ ମଠ ପରିଦର୍ଶନ କରିଛନ୍ତି।



# ସାତପଡ଼ା ଯାତ୍ରୀନିବାସ ଘରୋଇକରଣକୁ ବିରୋଧ

## ଦାବି ନ ଶୁଣିଲେ ଚିଲିକା ପର୍ଯ୍ୟଟନ ବ୍ୟବସ୍ଥା ବନ୍ଦ

ବ୍ରହ୍ମଗିରି,୪।୮(ସ୍ୱାଧୀନ ଚମ୍ପତିରାୟ) :

ଚିଲିକାର ମତ୍ସ୍ୟସମ୍ପଦ ଆଉ ଆଗ ଭଳି ନାହିଁ। ଫଳରେ ଚିଲିକାର ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିଛି। ଏହି ମତ୍ସ୍ୟଜୀବୀମାନଙ୍କ ଜୀବିକାର ଆଉ ଏକ ମାଧ୍ୟମ ପାଲଟିଥିଲା ଚିଲିକାର ପର୍ଯ୍ୟଟନ ଶିଳ୍ପ। ଏହାରି ଉପରେ ନିର୍ଭର କରିଛନ୍ତି ୧୦ ହଜାର ଲୋକ। ଚିଲିକାକୁ ଡଲଫିନ ଦେଖିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଠାକାର ମତ୍ସ୍ୟଜୀବୀମାନେ ଡଙ୍ଗା ମଧ୍ୟରେ ଚିଲିକା ବୁଲାଇ ନିଜର ଜୀବିକା ନିର୍ବାହ କରନ୍ତି। ସାତପଡ଼ାରେ ଥିବା ଯାତ୍ରୀନିବାସରେ ରହୁଥିବା ପର୍ଯ୍ୟଟକ ଏମାନଙ୍କ ପାଇଁ ବରଦାନ ଥିଲା। କିନ୍ତୁ ରାଜ୍ୟ ସରକାର ଏହି ଯାତ୍ରୀନିବାସକୁ ଘରୋଇକରଣ କରିବା ପାଇଁ ମସୁଧା ଚଳାଇଛନ୍ତି। ଯାହାଦ୍ୱାରା ୧୨ଶହ ଡଙ୍ଗା ଚାଳକ ପ୍ରଭାବିତ ହେବେ। ଫଳରେ ଏହି ମତ୍ସ୍ୟଜୀବୀମାନେ ଏହାକୁ ବିରୋଧ କରି ସରକାରଙ୍କ ପାଖରେ ୫ ଦଫା ଦାବି ରଖିଛନ୍ତି। ସରକାର ଏମାନଙ୍କ ଦାବି ପୂରଣ ନ କଲେ ଅଗଷ୍ଟ ୧୬ ରୁ ଚିଲିକାର ପର୍ଯ୍ୟଟନ ବ୍ୟବସ୍ଥାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଥାଉକି, ଚିଲିକା ଡଲଫିନ ପାଇଁ ବେଶ୍ ପ୍ରସିଦ୍ଧ ଲାଭ କରିଛି। ଏ ନେଇ ଏହାକୁ ଇକୋ ଟୁରିଜିମର ମାନ୍ୟତା ଦେଇ ଏଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ଖୋଲିଛି। ଫଳରେ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ୧୯୮୬ ମସିହାରୁ ଏକ ଯାତ୍ରୀନିବାସ ନିର୍ମାଣ କରିଛି। ଫଳରେ ସ୍ଥାନୀୟ ଲୋକେ ୩ ଏକର ଜାଗା ସରକାରଙ୍କୁ ଦେଇଥିଲେ। ଏହି ଯାତ୍ରୀନିବାସରେ ରହୁଥିବା ପର୍ଯ୍ୟଟକ ଚିଲିକା ବିହାର ମଜା ନେଉଥିଲେ। ଉକ୍ତ ଯାତ୍ରୀନିବାସକୁ ନିର୍ଭର କରି ଚିଲିକା କୂଳିଆ ଅଞ୍ଚଳରେ ୮ଟି ମୋଟରବୋଟ ଚାଳକ ସଂଘ ଗଢି ଉଠିଛି। ଏଥିରେ ୧୨ଶହ ଡଙ୍ଗା ଚାଳକ ସାମିଲ ହୋଇଛନ୍ତି। କିନ୍ତୁ ଏହି ଯାତ୍ରୀନିବାସକୁ ସରକାର ଘରୋଇକରଣ କରିବା ପାଇଁ ଗତ ମାର୍ଚ୍ଚ ୨୧ରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଫଳରେ ଏହାକୁ ବିରୋଧ କରି ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘ ଅଭିଯୋଗ ଆନ୍ଦୋଳନ କରୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଆକର୍ଷଣ କରୁନାହାନ୍ତି। ଯାତ୍ରୀ ନିବାସକୁ ଘରୋଇକରଣ ବନ୍ଦ, ଚିଲିକା ପର୍ଯ୍ୟଟନ ବ୍ୟବସ୍ଥାକୁ ଅନଲାଇନ କରିବା ଆଦି ୫ଦଫା ଦାବି ସରକାରଙ୍କ ପାଖରେ ଉପସ୍ଥାପନା କରିଛନ୍ତି। ଏହି ଦାବି ସରକାର ନ ଶୁଣିଲେ ଚିଲିକାର ପର୍ଯ୍ୟଟନ ଶିଳ୍ପକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ମହାସଂଘର ସଭାପତି ସଦାଶିବ ଜେନା ଓ ସମ୍ପାଦକ ଅଶୋକ ଜେନା ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୫ ଅଗଷ୍ଟ , ୨୦୨୩






୦୪।୦୮।୨୦୨୩

| | |
|---|---|
| ୨,୮୮, ୩୪୯ ଟଙ୍କା | |
| ସୁନା | ୨.୭୦୦ ଗ୍ରାମ |
| ରୁପା | ୧୩.୩୫୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୯ତମ ଜୟନ୍ତୀ, ପିଏମ୍‌ଜି ଛକ ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ, ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବିଜ୍ଞାନମେଳା, ବଡ଼ଗଡ଼ ବ୍ରିଟ୍ କଲୋନୀ, ସକାଳ ୯ଟା।
- ଚିତ୍ର ପ୍ରଦର୍ଶନୀ,ସରସ୍ୱତୀ ବିଦ୍ୟା ମନ୍ଦିର, ବରମୁଣ୍ଡା, ସକାଳ ୯ଟା ୩୦।
- ଇନୋଭେଶନ ଯାତ୍ରା, ରିଜିଓନାଲ ସାଇନ୍ସ ସେଣ୍ଟର, ପୂର୍ବାହ୍ନ ୧୦ଟା।
- . ମିଶନ ଓଡ଼ିଶା ଆଟ୍‌୨୦୩୬ର ସର୍ବଦଳୀୟ ବୈଠକ, ରାଜଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ପ୍ରୋସ୍ଥୋଡୋନଟିକ୍ ସୋସାଇଟିର ୨ୟ ବାର୍ଷିକ ରାଜ୍ୟ ସମ୍ମିଳନୀ, ହୋଟେଲ କ୍ରିଷ୍ଟାଲ କ୍ରାଉନ୍, ପଟିଆ, ଅପରାହ୍ନ ୪ଟା।
- ଗୀତିଗଙ୍ଗୋତ୍ରୀ ନିବେଦିତ ସପ୍ତକ୍ ସନ୍ଧ୍ୟା, ସୂଚନା ଭବନ, ଅପରାହ୍ନ ୫ଟା।
- ଡିଲାଇଟ୍ ଏଣ୍ଟରଟେନ୍ ପକ୍ଷରୁ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ପ୍ରତିଶ୍ରୁତିର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।

# ନୂଆ ରୂପ ପାଇବ ଓଡ଼ିଶାର ୨୫ ରେଳଷ୍ଟେଶନ

ଭୁବନେଶ୍ୱର,୪।୮(ଅଭିଜିତ ଦାସ)

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ନବୀକରଣ ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ଦେଶର ୧୩୦୯ ଷ୍ଟେଶନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ରେଳ ଷ୍ଟେଶନର ନବୀକରଣ କରାଯିବ। ତେବେ ଯୋଜନାରେ ସାମିଲ ହୋଇଥିବା ପୂର୍ବତଟ ରେଳପଥର ୫୭ ରେଳ ଷ୍ଟେଶନ ମଧ୍ୟରୁ ଏବେ ଓଡ଼ିଶାର ୨୫ ଷ୍ଟେଶନର ନବୀକରଣ କରାଯିବ। ଏଥିପାଇଁ ମୋଟ ୫୩୧.୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରେ ଭିଡିଓ କନ୍‌ଫରେନ୍ସିଂରେ ଏକକାଳୀନ ସମସ୍ତ ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୨୦୨୪ ଡିସେମ୍ବର ସୁଦ୍ଧା ନବୀକରଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶୁକ୍ରବାର ରେଳ ସଦନଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ସୂଚନା ଦେଇଛନ୍ତି।

ନବୀକରଣ ହେବାକୁ ଥିବା ଓଡ଼ିଶାର ୨୫ଟି ଷ୍ଟେଶନ ମଧ୍ୟରେ ସାକ୍ଷୀଗୋପାଳ ଷ୍ଟେଶନ ପାଇଁ ୩୪.୮ କୋଟି, ମଞ୍ଚେଶ୍ୱର ୨୬.୯ କୋଟି, ଢେଙ୍କାନାଳ ୨୬.୧ କୋଟି, ଛତ୍ରପୁର ୨୫.୬ କୋଟି, ଅନୁଗୋଳ ୨୫.୪ କୋଟି, ମେରାମଣ୍ଡଳି ୨୨ କୋଟି, ବାଲୁଗାଁ ୨୧.୪ କୋଟି, ଲିଙ୍ଗରାଜ ଷ୍ଟେଶନ ରୋଡ୍ ୧୯.୫ କୋଟି, ତାଳଚେର ରୋଡ୍ ୧୮ କୋଟି, ଖୋର୍ଦ୍ଧା ରୋଡ୍ ୧୮ କୋଟି, କଣ୍ଟାବାଞ୍ଜି ୨୬.୩ କୋଟି, ବରଗଡ ରୋଡ୍ ୨୧.୯ କୋଟି, ହୀରାକୁଦ ୨୦.୮ କୋଟି, ରେଢାଖୋଲ ୨୦.୮ କୋଟି, ବରପାଲି ୧୯.୯ କୋଟି, ମୁନିଗୁଡା ୧୯କୋଟି, ବଲାଙ୍ଗୀର ୧୮.୪ କୋଟି, ହରିଶଙ୍କର ରୋଡ୍ ୧୬.୬ କୋଟି, ଭବାନୀପାଟଣା ୧୫.୯ କୋଟି, ଖରିଆର୍ ରୋଡ୍ ୧୩.୭ କୋଟି, ଦାମନଯୋଡି ୧୩.୯କୋଟି, ବଡବିଲ ୧୬କୋଟି, ରାଜଗାଙ୍ଗପୁର ୩୦ କୋଟି, ବାରିପଦା ୧୭ କୋଟି ଓ ଜଳେଶ୍ୱର ଷ୍ଟେଶନ ପାଇଁ ୨୩ କୋଟି ଖର୍ଚ୍ଚ ଆକଳନ କରାଯାଇଛି। ରେଳଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଛି। ନବୀକରଣ କାର୍ଯ୍ୟ କରାଯାଉଛି। ଉକ୍ତ ନବୀକରଣ ଦ୍ୱାରା ରେଳ ଷ୍ଟେଶନର ଆଖାପାଖ ଅଞ୍ଚଳଗୁଡିକର ମଧ୍ୟ ବିକାଶ ହୋଇପାରିବ। ତେବେ ଷ୍ଟେଶନଗୁଡିକ ଉତ୍ତମ ଡିଜାଇନରେ ନିର୍ମାଣ କରାଯିବା ସହ ଟ୍ରାଫିକ ସୁବିଧା, ଇଣ୍ଟର ମଡେଲ ରେଜିଷ୍ଟ୍ରେଶନ,ଷ୍ଟେଶନ ପରିସରରେ ମଲ୍ଟି ମୋଡାଲ ହବ୍, ଯାତ୍ରୀଙ୍କ ଲାଗି ଉନ୍ନତ ମାନର ୱେଟିଂ ହଲ୍, ସ୍ମାର୍ଟ କିଓସ୍କ, ଏସ୍କାଲେଟର, ମାଗଣା ୱାଇଫାଇ,ସ୍ମାର୍ଟ ପାର୍କିଂ ଭଳି ସୁବିଧା ଦିଆଯିବ।

**୬ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ**

- ଦେଶରେ ୫୦୮ ଷ୍ଟେଶନର ନବୀକରଣ ହେବ
- ଅମୃତ ଭାରତ ଷ୍ଟେଶନ ଯୋଜନାରେ ପୂର୍ବତଟ ରେଳପଥର ୫୭ଟି ଷ୍ଟେଶନ ସାମିଲ

ଅନ୍ୟପକ୍ଷରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଉତ୍ତରପ୍ରଦେଶରେ ୫୫ଟି, ରାଜସ୍ଥାନରେ ୫୫ଟି, ବିହାରରେ ୪୯, ମହାରାଷ୍ଟ୍ରରେ ୪୪, ପଶ୍ଚିମବଙ୍ଗରେ ୩୭, ମଧ୍ୟପ୍ରଦେଶରେ ୩୪, ଆସାମରେ ୩୨, ପଞ୍ଜାବରେ ୨୨, ଗୁଜରାଟ ଓ ତେଲଙ୍ଗାନାରେ ୨୧ଟି , ଝାଡ଼ଖଣ୍ଡରେ ୨୦, ଆନ୍ଧ୍ରପ୍ରଦେଶରେ ୧୮ଟି, ତାମିଲନାଡୁରେ ୧୮ଟି, ହରିୟାଣାରେ ୧୫ ଓ କର୍ନାଟକରେ ୧୩ଟି ଷ୍ଟେଶନର ନବୀକରଣ ହେବ ବୋଲି ସୂଚନା ଦିଆଯାଇଛି।



ଏଣ୍ଡିଭର୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ କିଶୋର କୁମାର ନାଇଟ୍‌ରେ ଜଣେ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ସୁପରହିଟ୍ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ–ମନୋରଞ୍ଜନ ମିଶ୍ର)

## କିଶୋର କୁମାର ସନ୍ଧ୍ୟା

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ୯୫ତମ ଜୟନ୍ତୀ ଅବସରରେ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ 'କିଶୋର କୁମାର ନାଇଟ୍' ଅନୁଷ୍ଠିତ ହୋଇଯାଇଛି। ଡ. ଅଚ୍ୟୁତ ମିଶ୍ର, ଡ. ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଡ. ମମତା ତ୍ରିପାଠୀ, ଶିଖା, ପ୍ରତିଭା, ସ୍ମରଣିକା ପ୍ରମୁଖ ଏକକ ଓ ଦ୍ୱୈତ ଭାବେ କିଶୋରଙ୍କ ସୁପରହିଟ୍ ସଙ୍ଗୀତ ପରିବେଷଣ କରିଥିଲେ। ରାକେଶ ବିଶ୍ୱାଳ ବେହେଲା ବାଦନ କରିଥିଲେ। ଅତିଥି ଭାବେ ଓଏଚ୍‌ପିସି ଏମ୍‌ଡି ଅମରୀଶ କୁମାର, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ଗାୟକ ଗୁରୁ ଡ. ଚିତ୍ତରଞ୍ଜନ ପାଣି, ସିନେକ୍ରିଟିକ୍ ଆସୋସିଏଶନ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ଏଣ୍ଡିଭର୍ ସଭାପତି ନୀତୀଶ କୁମାର ବେହେରା, ଟ୍ରଷ୍ଟି ଭକ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁଲସନ୍ ନଦୀମ୍ ସଂଯୋଜନା କରିଥିଲେ।

## ମା'ଉଗ୍ରତାରାଙ୍କ ହୁଣ୍ଡି ଖୋଲିଲା: ୬.୩୯ ଲକ୍ଷ ଟଙ୍କା ମିଳିଲା



**ଟାଙ୍ଗୀ,୪।୮(ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମୂଳିଝରଗଡ଼ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ଉଗ୍ରତାରା ମନ୍ଦିରର ହୁଣ୍ଡି ଶୁକ୍ରବାର ଖୋଲାଯାଇଛି। ହୁଣ୍ଡିରୁ ମୋଟ୍ ୬ ଲକ୍ଷ ୩୯ ହଜାର ୬୨୫ ଟଙ୍କା ମିଳିଛି। ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ, ଆସିଷ୍ଟାଣ୍ଟ ଜିଲାପାଳ ଶରତ ଚନ୍ଦ୍ର ଦେହୁରୀ ଓ ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ମହିଳା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଗଣତି କରାଯାଇଥିଲା। ପ୍ରକାଶ ଯେ, ଗତ ୨୯ ତାରିଖ ରାତିରେ ମା' ଉଗ୍ରତାରାଙ୍କ ବିଭିନ୍ନ ଅଳଙ୍କାର ଚୋରି ହୋଇଥିଲା। ହେଲେ ମନ୍ଦିର ପରିସରରେ ଥିବା ହୁଣ୍ଡି ସୁରକ୍ଷିତ ଥିଲା।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସଂଖ୍ୟାରେ ବୃଦ୍ଧି

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୁରସ୍କାର ସଂଖ୍ୟା ଦ୍ୱିଗୁଣୀତ ହୋଇଛି। ପୂର୍ବରୁ ୧୭ଟି କ୍ଷେତ୍ରରେ ପୁରସ୍କାର ଦିଆଯାଉଥିବାବେଳେ ଏବେ ଏହା ୩୪କୁ ବୃଦ୍ଧି କରାଯାଇଛି। ପ୍ରଥମକରି ନୃତ୍ୟ, ସଙ୍ଗୀତ, ନାଟକ ଓ ଲୋକକଳା କ୍ଷେତ୍ରରେ ଉଲ୍ଲେଖନୀୟ ସାଧନା ପାଇଁ ପ୍ରଚଳିତ ହେବ ଆଉ ୧୭ଟି ପୁରସ୍କାର। ଏ ସମ୍ପର୍କରେ ସୂଚନା ଦେଇ ଏକାଡେମୀ ସଚିବ ପ୍ରବୋଧ ରଥ କହିଛନ୍ତି, ପୂର୍ବରୁ ଏକାଡେମୀ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସର୍ବୋଚ୍ଚ ସମ୍ମାନ ବାବଦକୁ ୫ଲକ୍ଷ ଟଙ୍କା ଦିଆଯାଉଥିଲା। କିନ୍ତୁ ଏବେ ନୃତ୍ୟ, ସଙ୍ଗୀତ, ନାଟକ ଓ ଲୋକକଳା କ୍ଷେତ୍ରରେ ନୂଆକରି 'ଜାତୀୟ କଳିଙ୍ଗ କଳା ସମ୍ମାନ' ପ୍ରଦାନ କରାଯିବ। ଏଥିପାଇଁ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ବାକି ସମସ୍ତ ଏକାଡେମୀ ସମ୍ମାନ ବାବଦକୁ ୨ ଲକ୍ଷ ଟଙ୍କା ଲେଖାଏ ଦିଆଯିବ।

ନୂତନ ଭାବେ ପୁରସ୍କାର ଘୋଷଣା ହୋଇଥିବା ବିଭାଗ ମଧ୍ୟରେ ସଙ୍ଗୀତରେ ଭକ୍ତି ସଙ୍ଗୀତ, ସଙ୍ଗୀତ ନିର୍ଦ୍ଦେଶକ, ମଞ୍ଚକଳା (ନାଟକ ସହିତ ସାମଗ୍ରିକ ଲୋକକଳା)ରେ ରୂପସଜ୍ଜା, କେଶ ବିନ୍ୟାସ ଓ ମଞ୍ଚ ପ୍ରସ୍ତୁତି ଏବଂ ଶବ୍ଦ ଓ ଆଲୋକ, କଳା ପାଣ୍ଡିତ୍ୟରେ ପ୍ରଦର୍ଶନ କଳା ଗବେଷକ, କଳା ସଙ୍ଗଠକ ଓ କଳା ସଙ୍ଗଠନ, ଆନନ୍ଦ ବାଦ୍ୟ (ଶାସ୍ତ୍ରୀୟ)ରେ ତବଲା, ମର୍ଦ୍ଦଳ, ଆନନ୍ଦ ବାଦ୍ୟ (ଲୋକବାଦ୍ୟ)ରେ କିରଣ ଯୁକ୍ତ, କିରଣ ବିଯୁକ୍ତ, ଲୋକ ସଙ୍ଗୀତରେ ପାଲା ଓ ଦାସକାଠିଆ ଏବଂ ଅଭିନୟରେ ମଞ୍ଚ ନାଟକ ଆଦି ରହିଛି। ଏଥିସହ ନୃତ୍ୟ, ସଙ୍ଗୀତ, ନାଟକ ଓ ଲୋକକଳା କ୍ଷେତ୍ରରେ ପାରଦର୍ଶିତା ଥିବା ୮ଜଣ ବରିଷ୍ଠ କଳାକାରଙ୍କୁ ପ୍ରତିବର୍ଷ ସମ୍ବର୍ଦ୍ଧିତ କରାଯିବ। ଯେଉଁମାନେ ବିଭିନ୍ନ ସମ୍ମାନରୁ ବଞ୍ଚିତ ହୋଇଛନ୍ତି ଓ ଏସବୁ ପାଇବାଠୁ ବହୁ ଊର୍ଦ୍ଧ୍ୱରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ମୋଟ ୮ ଲକ୍ଷ ପ୍ରଦାନ କରାଯିବ। ପୁରସ୍କାରରେ ସ୍ୱଚ୍ଛତା ଲାଗି ପୂର୍ବରୁ ଯେମିତି ଆବେଦନ ପ୍ରକ୍ରିୟା ଥିଲା, ତାହା ରହିବ କିନ୍ତୁ ତାକୁ ଆଉ ଟିକେ ଉନ୍ନତ କରାଯିବାକୁ ପ୍ରୟାସ ଚାଲିଛି। ଏହାଛଡ଼ା 'ଜାତୀୟ କଳିଙ୍ଗ କଳା ସମ୍ମାନ' ପାଇଁ ୱେବ୍‌ସାଇଟ ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରାଯିବ। ସ୍ୱତନ୍ତ୍ର ସର୍ବଭାରତୀୟସ୍ତରର ଚୟନ କମିଟି ଦ୍ୱାରା ଚୟନ କରାଯିବ। ଏକାଡେମୀର ଏହି ନିଷ୍ପତ୍ତିକୁ ସରକାରୀସ୍ତରରେ ଅନୁମୋଦନ ମିଳିସାରିଛି। ଖୁବ୍‌ଶୀଘ୍ର ପୁରସ୍କାର ପ୍ରଦାନ ପ୍ରକ୍ରିୟାର ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସଚିବ ରଥ କହିଛନ୍ତି। ତେବେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ବୟସ ସୀମା ୫୫, ଏକାଡେମୀ ସମ୍ମାନ ବୟସ ସୀମା ୪୫ ଏବଂ ଯୁବ ସମ୍ମାନ ଓ ବରିଷ୍ଠ ସମ୍ବର୍ଦ୍ଧନା ବୟସ ସୀମା ୫୫ରୁ ଊର୍ଦ୍ଧ୍ୱ ରହିଥିବା ସୂଚନା ଦିଆଯାଇଛି।

**୧୭ ନୁହେଁ, ଏବେ ଦିଆଯିବ ୩୪ ପୁରସ୍କାର**

- ନୂଆକରି ଘୋଷଣା ହେଲା 'ଜାତୀୟ କଳିଙ୍ଗ କଳା ସମ୍ମାନ'
- ସମ୍ମାନିତ ହେବେ ୮ ବରିଷ୍ଠ କଳାକାର

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସୁରକ୍ଷାରେ ୩୧ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୪।୮ (ସୂର୍ଯ୍ୟକାନ୍ତ ବେହେରା)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ରୁଟ୍ ଲାଇନ୍, କାର୍‌କେଡ୍, ଟ୍ରାଫିକ ଓ ପାର୍କିଂ ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ଏୟାରପୋର୍ଟ, ହୋଟେଲ ଓ ସଭାସ୍ଥଳ ଉପରେ ନଜର ରଖାଯାଇଛି। ଏହାସହ ସୁରକ୍ଷାକୁ ଦୃଷ୍ଟିରେ ରଖି ୩୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ୭ଜଣ ଅତିରିକ୍ତ ଡିସିପି,୧୧ଜଣ ଏସ୍‌ପି,୧୪ଜଣ ଇନ୍ସପେକ୍ଟର, ୭୬ ଅଫିସର୍, ୧୧୭ ଏପିଆର୍, ୧୨୦ ହୋମ୍‌ଗାର୍ଡ ଓ କନ୍‌ଷ୍ଟେବଲ ସୁରକ୍ଷାରେ ନିୟୋଜିତ ରହିବେ। ୩ଟି କୁଇକ୍ ରେସପନ୍ସ ଟିମ୍, ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ସୁରକ୍ଷାରେ ରହିବେ। ସବୁ କାର୍ଯ୍ୟକ୍ରମ ସ୍ଥଳରେ ପ୍ରୋଟକଲ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟର ଯାଞ୍ଚ କରାଯାଉଛି। ଏଥିସହ ଶୁକ୍ରବାର କାରକେଡ୍ ରିହର୍ସାଲ କରାଯାଇଥିଲା।

# ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟକୁ ନେଇ ଦ୍ୱନ୍ଦ୍ୱ

ସାକ୍ଷୀଗୋପାଳ,୪।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀରେ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟକୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅସ୍ଥାୟୀ କାର୍ଯ୍ୟାଳୟ ସ୍ଥାନୀୟ ସାକ୍ଷୀଗୋପାଳ କଲେଜ(ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ)ରେ ହେଉଥିଲା। ଏଥିରେ କଲେଜର କେତେଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। କିନ୍ତୁ ଏବେ ଏହି କାର୍ଯ୍ୟାଳୟ ପାଇଁ କଲେଜ କର୍ତ୍ତୃପକ୍ଷ ଚିନ୍ତାରେ ଅଛନ୍ତି। କାରଣ ଗୁରୁବାର ହଠାତ୍ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ଚିଠି କଲେଜ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇଥିଲା। ଯେଉଁଥିରେ ନିର୍ଦ୍ଦେଶ ଥିଲା ସାକ୍ଷୀଗୋପାଳ ମନ୍ଦିର ପାନ୍ଥନିବାସକୁ ଉଚ୍ଚ ଶିକ୍ଷା ବିଭାଗ ଅଗଷ୍ଟ ୧ରୁ ଆଗକୁ ୩ ମାସ ପର୍ଯ୍ୟନ୍ତ ଭଡ଼ା ସୂତ୍ରରେ ନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟ ଲାଗି ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିବ। ଏଥିପାଇଁ ସ୍ଥାନୀୟ ସାକ୍ଷୀଗୋପାଳ କଲେଜର କାର୍ଯ୍ୟରତ



୨ଜଣ କନିଷ୍ଠ କିରାଣି ଓ ଜଣେ ପିଅନକୁ ୩ମାସ ପର୍ଯ୍ୟନ୍ତ ଡେପ୍ଲୟମେଣ୍ଟରେ ଛାଡ଼ିବା ପାଇଁ ପତ୍ରରେ ନିର୍ଦ୍ଦେଶ ରହିଛି। ଚିଠି ଅନୁଯାୟୀ, କଲେଜ ଅଧ୍ୟକ୍ଷ ତିନିଜଣ କର୍ମଚାରୀଙ୍କୁ ୪ ଅଗଷ୍ଟ(ଶୁକ୍ରବାର)ରେ ରିଲିଭ କରିଥିଲେ ଓ ତୁରନ୍ତ ପାନ୍ଥନିବାସରେ ଓଡ଼ିଆ ବିଶବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପାଳନ କରି ୩ଜଣ କର୍ମଚାରୀ ଶୁକ୍ରବାର ଆସି ମନ୍ଦିର ପାନ୍ଥନିବାସରେ ପହଞ୍ଚି ଦେଖିଲେ ଗେଟ ଚାବି ପଡିଛି। ଚାବି ଖୋଲିବା ପାଇଁ ମନ୍ଦିର ପ୍ରଶାସକ ବିଶ୍ୱବାସୀ ତ୍ରିପାଠୀଙ୍କୁ କହିବାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ପାନ୍ଥନିବାସରେ ଖୋଲିବା ପାଇଁ ଆମ ନିକଟକୁ ସେଭଳି କିଛି ପତ୍ର ଅଥବା ନିର୍ଦ୍ଦେଶ ଆସିନାହିଁ ବୋଲି ସେ କହିଥିଲେ। ଫଳରେ ୩ଜଣ କର୍ମଚାରୀ ସେଠାରୁ ଫେରି କଲେଜକୁ ଆସି ଅଧ୍ୟକ୍ଷଙ୍କୁ ଜଣାଇବା ପରେ ସେ ବିଡିଓ ଓ ତହସିଲଦାରଙ୍କ ସହ ଯୋଗାଯୋଗ କରିଥିଲେ।

ଏପଟେ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ୧୭୫୦ ଛାତ୍ରୀଛାତ୍ର ପଢୁଥିବାବେଳେ ଏବେ ଆଡମିଶନ ଓ ରିଆଡମିଶନ ସହ ଆସନ୍ତା ୧୬ ତାରିଖରୁ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ପାଇଁ ଆଡ୍‌ମିଶନ ପ୍ରକ୍ରିୟା ଓ ଅନ୍ୟାନ୍ୟ ଅଫିସ କାର୍ଯ୍ୟ ଚାଲୁଛି। ଏଥିପାଇଁ ୬ଟି କିରାଣି ପଦବୀ ମଧ୍ୟରୁ ବର୍ତ୍ତମାନ ୩ଜଣ ରହିଛନ୍ତି। ଏହି ୩ଜଣ କିରାଣିଙ୍କ ମଧ୍ୟରୁ ୨ଜଣଙ୍କୁ ଯଦି ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ନିୟୋଜିତ କରାଯିବାର ଥିବାରୁ ଜଣେ କିରାଣିରେ କଲେଜ କିଭଳି ଚାଲିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମସ୍ୟାକୁ ନେଇ କଲେଜ କର୍ତ୍ତୃପକ୍ଷ ଉଚ୍ଚ ଶିକ୍ଷା ବିଭାଗକୁ ଏକ ଚିଠି ମାଧ୍ୟମରେ ନିକଟରେ କଲେଜରୁ ଅବସର ନେଇଥିବା ବରିଷ୍ଠ କର୍ମଚାରୀ ରାଜକିଶୋର ପତିଙ୍କୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନାହିଁ। ଅନ୍ୟପଟେ ଯେଉଁ ୩ଜଣ କର୍ମଚାରୀଙ୍କୁ ରିଲିଭ କରାଯାଇଛି, ସେମାନେ ପାନ୍ଥନିବାସରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟରେ କେଉଁ ଅଧିକାରୀଙ୍କୁ ରିପୋର୍ଟିଂ କରିବେ ସେ ବିଷୟରେ ମଧ୍ୟ ଏଯାବତ କୌଣସି ସୂଚନା ଆସିନାହିଁ ବୋଲି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଶିବ ସୁନ୍ଦର ମିଶ୍ର କହିଛନ୍ତି। ଶୁକ୍ରବାର ସାକ୍ଷୀଗୋପାଳ ପ୍ରଶାସକଙ୍କ ସହ କଥା ହୋଇ ପାନ୍ଥନିବାସର ଚାବି ଆଣିଛି ଓ ଶନିବାର ପ୍ରଥମ କରି ଚାଲିବ ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି।

- ଚିଠି ଆସି ନ ଥିବା କହିଲେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ
- ସାକ୍ଷୀଗୋପାଳ କଲେଜ କର୍ତ୍ତୃପକ୍ଷଙ୍କ ଚିନ୍ତା




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲିନ୍ସା


@ ଗୀତାଞ୍ଜଳି


@ ସଞ୍ଜୟ


@ ସତ୍ୟ


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଭୁବନେଶ୍ୱରରୁ ଶ୍ରୀଲଙ୍କାକୁ ସିଧାସଳଖ ଉଡ଼ିବ ବିମାନ

ଭୁବନେଶ୍ୱର, ୪।୮(ଅସମାପିକା ସାହୁ)

ଅନ୍ତର୍ଜାତୀୟ ବିମାନ ସେବା କ୍ଷେତ୍ରରେ ଓଡ଼ିଶା ଆଉ ପାଦେ ଆଗେଇଛି। ଖୁବ୍‌ଶୀଘ୍ର ଓଡ଼ିଶାରୁ ଶ୍ରୀଲଙ୍କାକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓ ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ମଧ୍ୟରେ ବିମାନ ଚଳାଚଳ କରିବ। ଶ୍ରୀଲଙ୍କାନ ଏୟାର ଲାଇନ୍ସ ଏହି ବିମାନସେବା ପ୍ରଦାନ କରିବ। ଶ୍ରୀଲଙ୍କାନ ଏୟାର ଲାଇନ୍ସର ରିଜିଓନାଲ ମ୍ୟାନେଜର ଭି. ରବୀନ୍ଦ୍ରନ କହିଛନ୍ତି, ପୂର୍ବ ଭାରତରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ପର୍ଯ୍ୟଟନ କ୍ଷେତ୍ରରେ ବହୁତ ବିକାଶ ହୋଇଛି। ଓଡ଼ିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଓଡ଼ିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ଥିବାରୁ ଶ୍ରୀଲଙ୍କାରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଚଳାଚଳ କଲେ ଓଡ଼ିଶା ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ। ଉଭୟ ସ୍ଥାନର ପର୍ଯ୍ୟଟନସ୍ଥଳର ଆହୁରି ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୧୫ରେ ଭୁବନେଶ୍ୱରରୁ ଦୁବାଇ ସିଧାସଳଖ ବିମାନସେବା ଆରମ୍ଭ ହୋଇଛି। ଇଣ୍ଡିଗୋ ବିମାନ ଏହି ବିମାନସେବା ପ୍ରଦାନ କରୁଛି। ସେହିପରି ଗତ ଜୁନ୍ ୩ରୁ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଭୁବନେଶ୍ୱରରୁ ସିଙ୍ଗାପୁର ଏବଂ ବ୍ୟାଙ୍କକ୍ ସିଧାସଳଖ ବିମାନ ଚଳାଚଳ କରୁଛି।

## ସଂକ୍ଷେପରେ

### ‘ଜୀବନ ବଞ୍ଚାଅ କୌଶଳ ପ୍ରଶିକ୍ଷଣ’ କର୍ମଶାଳା

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ନୀଳାଚଳ ପଲିଟେକ୍‌ନିକ୍‌ଠାରେ ‘ଜୀବନ ବଞ୍ଚାଅ କୌଶଳ ପ୍ରଶିକ୍ଷଣ’ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜିଲା ଗଭର୍ଣ୍ଣର ରୋଟାରିଆନ୍ ଜୟଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରୋଟାରି କ୍ଲବର ସଭାପତି ଡ. କଳ୍ପନା ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଅତ୍ୟାବଶ୍ୟକ ଜୀବନ ରକ୍ଷାକାରୀ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାର ଉଦ୍ଦେଶ୍ୟ ଥିଲା ସ୍କୁଲ ଦୁର୍ଘଟଣା, ସଡକ ଦୁର୍ଘଟଣା ଏବଂ ବିପର୍ଯ୍ୟୟ ସୁପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରିବା। କ୍ଲବ ସଭାପତି ଦାସ ଗୋଷ୍ଠୀ ସୁରକ୍ଷା ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ସହଯୋଗୀ ପ୍ରୟାସର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଡିଜି ରୋଟାରିଆନ ଜୟଶ୍ରୀ ମହାନ୍ତି ଓ ରୋଟାରିର ପ୍ରକଳ୍ପ ନିର୍ଦ୍ଦେଶକ ତନ୍ମୟ ମହାନ୍ତି ଓ ଅନ୍ୟ ସଦସ୍ୟଙ୍କ ସହ ରୋଟାରି ଲାଇଫ୍ ସେଭିଂ ଟିପ୍ସ ଟୁ ଅଲ୍ ବିଥ୍ ଫାଷ୍ଟ ଏଡ୍ କିଟ୍‌ର ସ୍ୱାକ୍ଷର ପ୍ରକଳ୍ପର ଆରମ୍ଭ ନେଇ ଘୋଷଣା କରିଥିଲେ। ରୋଟାରିଆନ ପ୍ରତାପ ରାଉତ ନୀଳାଚଳ ପଲିଟେକ୍ନିକ, ରୋଟାରି ଇ-କ୍ଲବ ଏବଂ ଶିଶୁ ଓ ମହିଳା ବିକାଶ ସୋସାଇଟିର ସକ୍ରିୟ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ , ମାଷ୍ଟର ଟ୍ରେନର ବିକାଶ ପ୍ରସାଦ ଓ ଗୁଲସନ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀଙ୍କ ପରଲୋକ

ଫୁଲନଖରା,୪।୮(ସତ୍ୟରଞ୍ଜନ ଦାସମହାପାତ୍ର)- କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ସୁରେନ୍ଦ୍ର ନାଥ ମଲ୍ଲିକ(୭୫)ଙ୍କର ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ପୂର୍ବାହ୍ନରେ ତାଙ୍କ ବାସଭବନରେ ପରଲୋକ ଘଟିଥିଲା। ଶେଷଶଯ୍ୟା ନିକଟରେ ତାଙ୍କର ୪ ଝିଅଜ୍ୱାଇଁ ଓ ପରିବାର ଲୋକେ ଉପସ୍ଥିତ



ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଅନ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ସୁରେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ଦୁଷ୍ମନ୍ତ କୁମାର ମଲ୍ଲିକ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସୁରେନ୍ଦ୍ର ଭୁବନେଶ୍ୱରସ୍ଥିତ ରିଜର୍ଭ ବ୍ୟାଙ୍କରେ ଆସିଷ୍ଟାଣ୍ଟ ଟ୍ରେଜରର୍ ଭାବେ କାର୍ଯ୍ୟ କରି ୨୦୧୯ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଧର୍ମପରାୟଣ, ମେଳାପି, ମିଷ୍ଟଭାଷୀ ଓ ବଦାନ୍ୟ ବ୍ୟକ୍ତି ଥିଲେ।

# ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଲା

ଭୁବନେଶ୍ୱର,୪।୮(ଅଭିଜିତ ଦାସ)

**ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬୬୧ ଡେଙ୍ଗୁ ରୋଗୀ**

- ବିଏମ୍‌ସିର ଡେଙ୍ଗୁ ମୁକାବିଲା ଫେଲ୍
- ଅକ୍ଟୋବର ଯାଏ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ



ରାଜ୍ୟରେ ଦିନକୁ ଦିନ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ସ୍ଥିତି ନିୟନ୍ତ୍ରଣରେ ଥିବା ସ୍ୱାସ୍ଥ୍ୟ ବିଭାଗ କହୁଥିବାବେଳେ ବାସ୍ତବ ସଂଖ୍ୟା କିନ୍ତୁ ଭିନ୍ନ ରହୁଛି। ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଏହାର ପାଖାପାଖି ୭୦ ପ୍ରତିଶତ ରୋଗୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ରହିଥିବା ଜଣାପଡିଛି। ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଅଗଷ୍ଟ ୨ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୨୨ ହଜାର ୫୭୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ୧ହଜାର ୭୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬୬୧ଜଣ ଡେଙ୍ଗୁ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୮୪ ଜଣ, ପୁରୀରେ ୬୪ଜଣ ଓ କଟକରେ ୪୬ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେବେ ୧୯ ଜିଲାରେ ୩୦ରୁ କମ୍ ରୋଗୀ ବାହାରିଥିବାବେଳେ ୬ଟି ଜିଲାରେ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିଥିବାବେଳେ ଭୁବନେଶ୍ୱର ଏବେ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୈଠକ କରାଯାଉଥିଲେ ମଧ୍ୟ ଡେଙ୍ଗୁ ସଂକ୍ରମଣକୁ ରୋକାଯାଇପାରୁ ନାହିଁ। ଏନେଇ ବିଭାଗୀୟ ଅଧିକାରୀ କହିଛନ୍ତି, ବର୍ତ୍ତମାନ ସମୟରେ ଡେଙ୍ଗୁ ଋତୁଭିତ୍ତିକ ରୋଗ ହୋଇନାହିଁ। ବର୍ଷର ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ଜିଲାରୁ ଡେଙ୍ଗୁ ରୋଗୀଙ୍କ ରିପୋର୍ଟ ଆସୁଛି। କିନ୍ତୁ ଜୁଲାଇ ଓ ଅଗଷ୍ଟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହୁଛି। ପୂର୍ବବର୍ଷ ଏହି ଅବଧି ମଧ୍ୟରେ ୧୦୦୯ଟି ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ୭୦ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ବଢୁଥିବା ଡେଙ୍ଗୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଡେଙ୍ଗୁ ପରୀକ୍ଷଣ କେନ୍ଦ୍ର ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି।

# ବଟି ନ ଦେବାରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୪।୮(ସତ୍ୟଜିତ୍ ରାଉତ)



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ଜଣେ ଯୁବକଙ୍କୁ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ସ୍ଥାନୀୟ ଅଞ୍ଚଳର ଟିଙ୍କୁ ଦାସ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଆହତ ଟିଙ୍କୁଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବଟି ନ ଦେବାରୁ ଟିଙ୍କୁଙ୍କୁ ସମ୍ପୃକ୍ତ ୫ଜଣ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଟିଙ୍କୁ ବାଇକ ଯୋଗେ କାମରୁ ଘରକୁ ଫେରୁଥିବା ବେଳେ ଏକ କାର୍‌ରେ ଆସୁଥିବା ସମ୍ପୃକ୍ତ ଅଭିଯୁକ୍ତମାନେ ଚକେଇସିଆଣି ରାସ୍ତାରେ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଟିଙ୍କୁଙ୍କୁ ମାଡ଼ ମାରିବା ସହ ପିନ୍ଧିଥିବା ବଳାରେ ମୁଣ୍ଡଙ୍କୁ ଆକ୍ରମଣ କରିବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଆକ୍ରମଣକାରୀମାନେ ପଳାଇ ଯାଇଥିଲେ। ତେବେ ଆକ୍ରମଣକାରୀଙ୍କ ମଧ୍ୟରୁ କେତେଜଣ ଜେଲ ଫେରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।



ଅଲ୍ ଓଡ଼ିଶା ଯାଦବ (ଗୋପାଳ) ପ୍ରୋଗ୍ରେସିଭ୍ ଅର୍ଗାନାଇଜେଶନର ସଦସ୍ୟମାନେ ଶୁକ୍ରବାର ଓୟୁଏଟି ଅଡିଟୋରିୟମଠାରେ ଲୋକନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିରେ ପ୍ରବୀଣ ଥିଲେ ନନ୍ଦିନୀ ଦେବୀ

**ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)



ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ନନ୍ଦିନୀ ଦେବୀ ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଜଣେ ପ୍ରବୀଣ ନାରୀ ନେତ୍ରୀ ଥିଲେ ବୋଲି କହିଥିଲେ। ଏଥିସହ ତାଙ୍କ ପ୍ରତିମୂର୍ତ୍ତି ଥିବା ଛକର ନାମ ‘ନନ୍ଦିନୀ ଦେବୀ ଛକ’ ନାମରେ ନାମିତ ସମସ୍ତେ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ- ସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ଜଟେଶ୍ୱର ଦାସ, ବାସନ୍ତୀ ତ୍ରିପାଠୀ, ପ୍ରଗତି ରଥ, ଗୋପୀ ମୋହନ ପଟ୍ଟନାୟକ, ମନୋଜ ରାଉତ, ସୁରଜିତ ପରିଡା, ଭବାନୀ ପ୍ରସାଦ ପ୍ରଧାନ, ମିଟୁ ପରିଡା ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପ୍ୟୁଟର ଇଞ୍ଜିନିୟରଙ୍କୁ ଗିରଫ କଲା ସାଇବର ପୋଲିସ

ଭୁବନେଶ୍ୱର,୪।୮ (ସୂର୍ଯ୍ୟକାନ୍ତ ବେହେରା)

ଜେଲରୁ ଆସି ବାରମ୍ବାର ସାଇବର ଠକେଇ କରୁଥିବା ଜଣେ କମ୍ପ୍ୟୁଟର ଇଞ୍ଜିନିୟରଙ୍କୁ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ନୟାଗଡର ସିଦ୍ଧାର୍ଥ ପାଣିଗ୍ରାହୀ ଓରଫ ସାଗର (୨୫)। ସେ କମ୍ପ୍ୟୁଟର ସାଇନ୍ସରେ ବିଟେକ ଶେଷ କରିଛନ୍ତି। ତାଙ୍କଠାରୁ ନଗଦ ୧ ଲକ୍ଷ ଟଙ୍କା, ୨ଟି ମୋବାଇଲ ଓ ପାସ୍‌ବୁକ୍ ଜବତ କରିଛି। ଏହାସହ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧ ଲକ୍ଷ ଟଙ୍କାକୁ ସାଇବର ପୋଲିସ ବ୍ଲକ କରିଛି। ସାଗରଙ୍କ ନାଁରେ ଖଣ୍ଡଗିରି, ନୂଆପଲ୍ଲୀ, ଚନ୍ଦ୍ରଶେଖରପୁର ଥାନାରେ ପୂର୍ବରୁ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ୨୦୨୨ରେ ଓଏଲ୍‌ଏକ୍ସ ଜରିଆରେ ମୋବାଇଲ ବିକ୍ରି ନାଁରେ ଏକ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଷ୍ଟୋର ମାଲିକ ପ୍ରକାଶ ଓଝାଙ୍କୁ ଏସି ଯୋଗାଇବା ନାଁରେ ୨ ଲକ୍ଷ ଠକିଇ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ ୬୫/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

# ‘ଦୂରଦର୍ଶୀ’ର ୧୫ତମ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

**୨୪ଜଣଙ୍କୁ ‘ଦୂରଦର୍ଶୀ ସମ୍ମାନ’**

ମାସିକ ପତ୍ରିକା ‘ଦୂରଦର୍ଶୀ’ର ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତରାଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନୀତ ଅତିଥି ଭାବେ ଉଚ୍ଚଶିକ୍ଷା ଓ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ, ମେୟର ସୁଲୋଚନା ଦାସ, ରାଜ୍ୟ ସୂଚନା କମିଶନର ଦିଲ୍ଲୀପ କୁମାର ବିଶୋଇ ଏନ୍‌ଏସ୍‌ଏସ୍ ଓଡ଼ିଶା ନିର୍ଦ୍ଦେଶକ ସାଗର ମହାନ୍ତି, ପୂର୍ବତନ ଏମ୍‌ପି ରତ୍ନାକର ରାଉତ ପ୍ରମୁଖ ଯୋଗଦେଇଥିଲେ। ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇ ସଂଘର୍ଷରତ ମଣିଷର ଅନ୍ତଃସ୍ୱରକୁ ତୀକ୍ଷ୍ଣ କରିବା ସହ ବିଭିନ୍ନ ରୁଚିଶୀଳ ଓ ଉଚ୍ଚକୋଟିର ଲେଖା ପ୍ରକାଶନ କରି ପାଠକପାଠିକାମାନଙ୍କ ନିକଟରେ ବେଶ୍ ଆଦୃତ ହୋଇଛି ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଦୂରଦର୍ଶୀର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହ ରତ୍ନାକରଙ୍କ ରଚିତ କବିତା ସଂକଳନ ‘ନିଜ ଭିତରେ ନିଜେ’ ପୁସ୍ତକ ଲୋକାର୍ପିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ୨୪ଜଣଙ୍କୁ ‘ଦୂରଦର୍ଶୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପତ୍ରିକା ବ୍ୟୁରୋଚିଫ୍ ପ୍ରସନ୍ନ ବିଶୋଇ ସ୍ୱାଗତ ଭାଷଣ ଓ ଋଷି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରେଡାଇ ଓଡ଼ିଶାର ଇଜିଏମ୍




ନୂଆଦିଲ୍ଲୀ,୪।୮

କନ୍‌ଫେଡରେଶନ ଅଫ୍ ରିୟଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(କ୍ରେଡାଇ) ର ଓଡ଼ିଶା ଶାଖା ‘କ୍ରେଡାଇ ଓଡ଼ିଶା’ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ (ଇଜିଏମ୍) ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିନିୟମ ସହ ନୂଆ ଆପାର୍ଟମେଣ୍ଟ ଅଧାଦେଶ-୨୦୨୩ ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶାଖାର ନୂତନ କମିଟି ଗଠନ ଚୟନ କରାଯାଇଥିଲା। ଏପରିକି ଇଜିଏମ୍‌ର ନିଷ୍ପତ୍ତି ଅନୁଯାୟୀ ମେଟ୍ରୋ ଗାର୍ଡେନ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୋଫିଆ ଫିରୋଦୋସ କ୍ରେଡାଇ ଭୁବନେଶ୍ୱରର ସଭାପତି, ସନ୍ସି ଇଞ୍ଜିନିୟର୍ସ ଆଣ୍ଡ କନ୍‌ଷ୍ଟ୍ରକଶନର ଏମ୍‌ଡି ସୌମ୍ୟଜିତ ମହାନ୍ତି ଏବଂ ଶ୍ରୀୟମ ବିଲ୍‌ଡଟେକ୍‌ର ଏମ୍‌ଡି ବବଲି ସତ୍ୟନାରାୟଣ ଉପସଭାପତି, ଧର୍ମ ଇନ୍‌ଫ୍ରାପ୍ରୋଜେକ୍ଟସର ଏମ୍‌ଡି ଜଗତ କୁମାର କର ସମ୍ପାଦକ, ଜେବି ଆସେଟ୍ସର ଏମ୍‌ଡି ଜ୍ୟୋତିରଞ୍ଜନ ବେହୁରିଆ ଏବଂ ସୁରଭି ବିଲ୍ଡର୍ସର ଡାଇରେକ୍ଟର ମନମୋହନ ଅଗ୍ରୱାଲ ଶାଖାର ଯୁଗ ସମ୍ପାଦକ, ସୁରଙ୍ଗ ବିଲ୍ଡର୍ସର ଡାଇରେକ୍ଟର ଅଶୋକ କୁମାର ପାତ୍ର ଶାଖାର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାବେଳେ ଏକ ୪ଜଣିଆ ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜି.ଏସ୍. ଇନ୍‌ଫ୍ରାପ୍ରୋଜେକ୍ଟସର ଏମ୍‌ଡି ସଂଗ୍ରାମ କେଶରୀ ସାହୁ ନବନିର୍ବାଚିତ କମିଟିର ଚେୟାରମ୍ୟାନେ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ କ୍ରେଡାଇ ଓଡ଼ିଶା ଫେଡେରେଶନର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଓ ଭଦ୍ରକ ଭଳି କ୍ଷେତ୍ରରୁ ୧୦୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ।

# ଛାତ୍ରୀଛାତ୍ର ସେବା କାର୍ଯ୍ୟରେ ମନୋନିବେଶ କରିବା ଉଚିତ

ଭୁବନେଶ୍ୱର, ୪।୮(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷା ଓ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ସେବା କାର୍ଯ୍ୟରେ ମନୋନିବେଶ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ନିଃସ୍ୱାର୍ଥପର ସେବା ହିଁ ଜାତୀୟ ସେବା ଯୋଜନାର ଆଦର୍ଶ। ଶିକ୍ଷା ସହ ସେବା ମନୋବୃତ୍ତି ହିଁ ଛାତ୍ର ଜୀବନକୁ ସାର୍ଥକ କରେ। ଛାତ୍ରୀଛାତ୍ରମାନେ ନିଃସ୍ୱାର୍ଥପର ସେବା ମାଧ୍ୟମରେ ଜାତୀୟ ସେବା ଯୋଜନାର ଆଦର୍ଶକୁ ପରିପୂର୍ଣ୍ଣ କରିପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ପୌରାହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ବିଭାଗର ଉପ ଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ଏବଂ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଓଡ଼ିଶାରେ ଜାତୀୟ ସେବା ଯୋଜନାର ଉତ୍କର୍ଷ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. କାହ୍ନୁ ଚରଣ ଧୀର ପାଠପଢ଼ା ସହ ଛାତ୍ରୀଛାତ୍ର ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୦୧୭-୧୮, ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ବର୍ଷ ପାଇଁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ଟ୍ରଫି, ପ୍ରମାଣ ପତ୍ର ଓ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ ସେବା ଯୋଜନାର ସଂଯୋଜକ ଡ. ବ୍ରଜ କିଶୋର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ଅଧିକାରୀ ରବି ନାରାୟଣ ପାତ୍ର, ପ୍ରଶାନ୍ତ ମହାରଣା, ମମତାଲତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୫ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୪।୮ (ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବା ବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ସ୍ଥାନୀୟ ବୁଦ୍ଧନଗର କଦଳୀ ଗୋଦାମ ନିକଟରେ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜୁ ମହାପାତ୍ର ଓ ଦୀନେଶ ରଥ। ଉଭୟଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ୧୦ଟି ଆପରାଧିକ ମାମଲା ଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ଜେଲରୁ ଆସିବା ପରେ ଅପରାଧରେ ସମ୍ପୃକ୍ତ ରହୁଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି- ୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଦକ୍ଷେପ ନିଆଯାଉଛି।

# ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଭୁବନେଶ୍ୱର,୪।୮(ଅନୁରାଧା ମହାରଣା)

ରସୁଲଗଡ଼ ବାଲିଆପଟା ନୂଆସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଟିଆର୍‌ର ସହ ଅଧ୍ୟାପକ ଚନ୍ଦ୍ରମାଧବ ମହାପାତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ଉପକାରିତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ବିଜୟ କୁମାର ରାଉତରାୟ ଓ ମମତା ନାୟକ ବିଦ୍ୟାଳୟସ୍ତରରେ ବିଜ୍ଞାନମେଳା ଆୟୋଜନର ଆବଶ୍ୟକତା ବିଷୟରେ କହିଥିଲେ। ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ପ୍ରୟୋଗ, ଚିତ୍ରକଳା ଓ ହସ୍ତକଳାରେ ମୋଟ ୨୨୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶତ୍ରୁଘ୍ନ ତରାଇ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଶାସନ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମୋନାଲିସା ନାୟକ ଓ ପ୍ରିୟଦର୍ଶିନୀ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରୈଲୋକ୍ୟନାଥ ସ୍ୱାଇଁ ଓ ନିର୍ମଳଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସୁପ୍ରଭା ବାରିକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ବିକ୍ରମ ଚୌଧୁରୀ ଓ ମୋନାଲିସା ପ୍ରଧାନ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଛାତ୍ରୀମାନେ ସେମାନଙ୍କ ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ଅନ୍ୟ ଛାତ୍ରୀ, ଅତିଥି ଓ ଅଭିଭାବକଙ୍କୁ ବୁଝାଉଛନ୍ତି।

# ସଂଘମିତ୍ରା ପଣ୍ଡାଙ୍କୁ ‘ବିଦ୍ୟୁତ୍‌ପ୍ରଭା ସ୍ମାରକୀ ସମ୍ମାନ’

**ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ୯୭ତମ ଜନ୍ମବାର୍ଷିକୀ**

ଭୁବନେଶ୍ୱର,୪।୮(ଶର୍ମିଷ୍ଠା ପାଣିଗ୍ରାହୀ)



ବିଦ୍ୟୁତ୍‌ପ୍ରଭା ସ୍ମାରକୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କବି ବିଦ୍ୟୁତପ୍ରଭା ଦେବୀଙ୍କ ୯୭ତମ ଜନ୍ମବାର୍ଷିକୀ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଦ୍ୟୁତ୍‌ପ୍ରଭା ସ୍ମାରକୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି, ଓଡ଼ିଆ ନାରୀବାଦ ତଥା ବାମବାଦ ସାହିତ୍ୟରେ ଯେଉଁ କେତେଜଣ ଅଗ୍ରଗଣ୍ୟ ପ୍ରବକ୍ତା ଅଛନ୍ତି ତନ୍ମଧ୍ୟରୁ ବିଦ୍ୟୁତପ୍ରଭା ଦେବୀ ଅନ୍ୟତମ। ସମ୍ମାନିତ ଅତିଥି ଭାବେ ପ୍ରଫେସର ମିତାଲୀ ଚିନ୍ନାରା ଓ ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ସରିତା ସାହୁ ଯୋଗଦେଇ କହିଛନ୍ତି, ପିତୃସତ୍ତାତ୍ମକ ସମାଜରେ ଶିକ୍ଷାର ଅଭାବ ଭିତରେ ବିଦ୍ୟୁତ୍‌ପ୍ରଭା ଯେପରି ନିଜର ଅଧ୍ୟବସାୟ ଓ ସ୍ୱାଧ୍ୟାୟ ବଳରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଉନ୍ନୀତ କରିଛନ୍ତି, ତାହା ଉଚ୍ଚଶିକ୍ଷା ସମ୍ପନ୍ନ ପୁରୁଷ କବିଙ୍କ ପକ୍ଷରେ ମଧ୍ୟ ସମ୍ଭବ ହୁଏନାହିଁ। ଓଡ଼ିଆ ବିଭାଗର ସଂଯୋଜକ ଡ. ରମେଶଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଓ ପ୍ରଫେସର ନବନୀତା ରଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଛାତ୍ରୀ ସଂଘମିତ୍ରା ପଣ୍ଡାଙ୍କୁ ‘ବିଦ୍ୟୁତପ୍ରଭା ସ୍ମାରକୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ଅତିଥି ଅଧ୍ୟାପିକା ଡ. ନିବେଦିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବିଶ୍ୱଜିତ ସେଠୀ ଧନ୍ୟବାଦ ଜଣାଇଥିଲେ। ହେମନ୍ତ ବଶ୍ୱାଳ, ଅତିଥି ଅଧ୍ୟାପକ ଡ. ଶ୍ରୀଧର, ଅନିଶା ପ୍ରଜ୍ଞା, ସୁଜାତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ



ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଏସ୍‌ଟିଏଫ୍, ପୋଲିସ ଓ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶୁକ୍ରବାର ସ୍ଥାନୀୟ ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟରେ ଚଢ଼ାଉ କରି ୧୫୫ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ସ୍ୱପ୍ନେଶ୍ୱର ସାହିର ଦମୟନ୍ତୀ ନାୟକ(୪୫)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୫୫ ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏକ ମାମଲା (୭୯/୨୩) ରୁଜୁ ପରେ ଦମୟନ୍ତୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ସାମିଲ ଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ ଗୀତାଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ, ଏକ୍ସ-କ୍ୟାଡର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଶିକ୍ଷକଙ୍କର ମାନ୍ୟତା ପ୍ରଦାନ, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ ଦାବି ନେଇ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଏହାର ପ୍ରତିବାଦରେ ଶନିବାର ଗୀତା ଭବନଠାରୁ ଖୋର୍ଦ୍ଧା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରି କାର୍ଯ୍ୟାଳୟ ଆଗରେ ଧାରଣା ସହ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ବୈଠକରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପ୍ରାଥମିକ ଶିକ୍ଷକ ସଙ୍ଗଠନର ସଦସ୍ୟ ଯୁଧିଷ୍ଠିର ସାହୁ, ମୃତ୍ୟୁଞ୍ଜୟ ମହାପାତ୍ର, ଅମୀୟ କୁମାର ପରିଡ଼ା, ପ୍ରକାଶ ଚନ୍ଦ୍ର ମୁଦୁଲି, ମାନସ ପଣ୍ଡା, ଜ୍ୟୋତିର୍ମୟୀ ନାୟକ, ସତ୍ୟବ୍ରତ ଚମ୍ପତିରାୟ, ହାଡ଼ିବନ୍ଧୁ ବେହେରା, ବଦ୍ରିନାରାୟଣ ରଥ ଉପସ୍ଥିତ ଥିଲେ।

# ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଲା

ଭୁବନେଶ୍ୱର,୪।୮(ଅଭିଜିତ ଦାସ)

**ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬୬୧ ଡେଙ୍ଗୁ ରୋଗୀ**

- ବିଏମ୍‌ସିର ଡେଙ୍ଗୁ ମୁକାବିଲା ଫେଲ୍
- ଅକ୍ଟୋବର ଯାଏ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ



ରାଜ୍ୟରେ ଦିନକୁ ଦିନ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ସ୍ଥିତି ନିୟନ୍ତ୍ରଣରେ ଥିବା ସ୍ୱାସ୍ଥ୍ୟ ବିଭାଗ କହୁଥିବାବେଳେ ବାସ୍ତବ ସଂଖ୍ୟା କିନ୍ତୁ ଭିନ୍ନ ରହୁଛି। ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଏହାର ପାଖାପାଖି ୭୦ ପ୍ରତିଶତ ରୋଗୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ରହିଥିବା ଜଣାପଡିଛି।

ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଅଗଷ୍ଟ ୨ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୨୨ ହଜାର ୫୭୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ୧ହଜାର ୭୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬୬୧ଜଣ ଡେଙ୍ଗୁ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୮୪ ଜଣ, ପୁରୀରେ ୬୪ଜଣ ଓ କଟକରେ ୪୬ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେବେ ୧୯ ଜିଲାରେ ୩୦ରୁ କମ୍ ରୋଗୀ ବାହାରିଥିବାବେଳେ ୬ଟି ଜିଲାରେ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଥିବାବେଳେ ଭୁବନେଶ୍ୱର ଏବେ ଉଦ୍‌ବେଗଜନକ ସ୍ଥିତିରେ ରହିଛି।

ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୈଠକ କରାଯାଉଥିଲେ ମଧ୍ୟ ଡେଙ୍ଗୁ ସଂକ୍ରମଣକୁ ରୋକାଯାଇପାରୁ ନାହିଁ। ଏନେଇ ବିଭାଗୀୟ ଅଧିକାରୀ କହିଛନ୍ତି, ବର୍ତ୍ତମାନ ସମୟରେ ଡେଙ୍ଗୁ ଋତୁଭିତ୍ତିକ ରୋଗ ହୋଇନାହିଁ। ବର୍ଷର ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ଜିଲାରୁ ଡେଙ୍ଗୁ ରୋଗୀଙ୍କ ରିପୋର୍ଟ ଆସୁଛି। କିନ୍ତୁ ଜୁଲାଇ ଓ ଅଗଷ୍ଟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହୁଛି। ପୂର୍ବବର୍ଷ ଏହି ଅବଧି ମଧ୍ୟରେ ୧୦୦୯ଟି ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ୭୦ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ବଢୁଥିବା ଡେଙ୍ଗୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଡେଙ୍ଗୁ ପରୀକ୍ଷଣ କେନ୍ଦ୍ର ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି।



ଖୋର୍ଦ୍ଧା: ଗୁରୁଜଙ୍ଗ ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ଅନୁଷ୍ଠିତ ଜ୍ଞାନ ବିଜ୍ଞାନ ମେଳାରେ ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ଜ୍ଞାନ ବିଜ୍ଞାନ ମେଳାରେ ୯୨ ପ୍ରକଳ୍ପ

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା-୨୦୨୩ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବରିଷ୍ଠ କଳାକାର ବ୍ରଜକିଶୋର ସାହୁ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ସମରେନ୍ଦ୍ର ଶତପଥୀ, ସହସମ୍ପାଦକ ସୁବାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁମନ୍ତ ଚନ୍ଦ୍ର ମହାନ୍ତି, ଉପସଭାପତି ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପ୍ରାକୃତିକ ବିପର୍ଯ୍ୟୟ, ପ୍ରାଥମିକ ଚିକିତ୍ସା, ସ୍ୱଚ୍ଛ ପରିବେଶ ଆଦି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଚାରକଭାବେ କଣ୍ଟାବାଡ଼ ଶିଶୁମନ୍ଦିର ଗୁରୁଜୀ ମନୋରଞ୍ଜନ ପଣ୍ଡା, ସସ୍ମିତା ମାଝୀ, ଶିକ୍ଷକ ରାମଚନ୍ଦ୍ର ପଣ୍ଡା, ନୀଳକଣ୍ଠ ରଥ, ବିମଳ ଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏହି ମେଳାରେ ୯୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ ସୁବୁଦ୍ଧି ସଂଯୋଜନା କରିଥିବା ବେଳେ ଗୁରୁମା ଅଭିପ୍ସା ପ୍ରଧାନ, ରଞ୍ଜିତା ବାରିକ, ଅନୁପମା ପଣ୍ଡା, ଅନୁପମା ଦାଶ, ରଶ୍ମିତା ସାହୁ, ଗୁରୁଜୀ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲୁଗାଁ,୪।୮(ସଂଗ୍ରାମ ପାଇକରାୟ )

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଶୁକ୍ରବାର ମହାବିଦ୍ୟାଳୟ ସଭାଗୃହରେ 'ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷାରେ ଯୁବପିଢ଼ିର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ଅଧ୍ୟକ୍ଷା ପ୍ରାଧାପିକା ଡ.ଜୟନ୍ତୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧକାରୀ ତଥା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଅମ୍ଳାନ ନାୟକ, ମୁଖ୍ୟ ବକ୍ତା ଭାବେ ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମାନସ ମୋହନ ବଳିୟାରସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଏନ୍‌ସିସି କ୍ୟାଡେଟମାନେ ଅତିଥିଙ୍କୁ ପୁଷ୍ପ ଚାରା ଦେବା ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏନସିସି ଅଧିକାରୀ ଲ୍ୟୁଟନାଣ୍ଟ ଡ.ଅକ୍ଷୟ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିବା ପରେ ପ୍ରାଧ୍ୟାପିକା ଡ.ଜୟନ୍ତୀ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବନ୍ୟପ୍ରାଣୀମାନଙ୍କର ମନୁଷ୍ୟଙ୍କ ସହିତ ଥିବା ଆବେଗିକ ସମ୍ପର୍କ ଓ ବିଶ୍ୱସନୀୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନାୟକ ବନ୍ୟପ୍ରାଣୀ ଓ ପରିବେଶ ସଂରକ୍ଷଣରେ ଯୁବପିଢ଼ିଙ୍କ ଉତ୍ତର ଦାୟିତ୍ୱ, ସଚେତନତା, ସାମାଜିକ ଗଣମାଧ୍ୟମରେ ପରିବେଶ ସମ୍ପର୍କିତ ପ୍ରତିବଦ୍ଧତା ଓ ସର୍ବୋପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ବକ୍ତା ବଳିୟାରସିଂହ ଚିଲିକାର ଜୈବ ବିବିଧତା ସଂରକ୍ଷଣରେ ବନ୍ୟପ୍ରାଣୀ ଓ ବିହଙ୍ଗମାନଙ୍କର ଭୂମିକା ସହ ଯୁବପିଢ଼ିଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ନେଚର କ୍ଲବର ସଂଯୋଜକ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ସନ୍ତୋଷ ରଥ, ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ, ପ୍ରବୀଣ ଜେନା, ଶିବରାମ ସିଂ, ସୁବାସ ଶ୍ରୀଚନ୍ଦନ, ରିନା ରାଉତ, ମନସ୍ୱିନୀ ପଟ୍ଟନାୟକ, ବିମଳ ପଣ୍ଡା, ବିଶ୍ୱଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ପ୍ରଦାନ କରିବା ପରେ ଡ. ଅକ୍ଷୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ବରିଷ୍ଠ କ୍ୟାଡେଟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ଟେଷ୍ଟ ହାଉସ ଓ ମାଲିକ ସଂଘ ୱେଲଫେୟାର ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ



ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟେଷ୍ଟ ହାଉସ ଓ ମାଲିକ ସଂଘ ୱେଲଫେୟାର ଆସୋସିଏଶନର ତୃତୀୟ କାର୍ଯ୍ୟକାରିଣୀ ବୈଠକ ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସଂଘ ସଭାପତି କିଶୋର ଚନ୍ଦ୍ର ଦେହୁରୀ , ସମ୍ପାଦକ ସୁଧିର କୁମାର ଜେନା, କାର୍ଯ୍ୟକାରୀ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ଅଲ୍ ଓଡ଼ିଶା ଟେଷ୍ଟ ହାଉସ ସଂଘର ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ସର୍ବଭାରତୀୟ ଟେଷ୍ଟ ହାଉସ ଓ ମାଲିକ ସଂଘର ସମ୍ପାଦକ ଗୁରୁଚରଣ ଦାସଙ୍କ ସହିତ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର କୋଷାଧ୍ୟକ୍ଷ ଜ୍ଞାନେନ୍ଦ୍ର ସାହୁ ନିଜସ୍ୱ ଅସୁବିଧା ପାଇଁ ନିଜ ପଦବୀରୁ ଅବ୍ୟାହତ ନେବା ପାଇଁ ଅନୁରୋଧ କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଗୃହୀତ ହେବା ସହ ନୂତନ କୋଷାଧ୍ୟକ୍ଷ ପଦବୀ ପାଇଁ ସରୋଜ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ଆସୋସିଏଶନର ବାର୍ଷିକ ସମ୍ମିଳନୀ ଅକ୍ଟୋବର ୨୬ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ସମାରୋହରେ ଖୋର୍ଦ୍ଧା ଜିଲା ସଭାପତି ଦେହୁରୀ ସଂଘର ସ୍ଥାୟୀ ଅଫିସ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଦାବି ପୂରଣ ନ ହେଲେ ୧୮ରୁ କାର୍ଯ୍ୟବନ୍ଦ



ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିରାକାରପୁର(ମାନସ ଚନ୍ଦ୍ର ପଟ୍ଟନାୟକ)/ ବୋଲଗଡ଼,୪।୮(ଦେବବ୍ରତ ହୋତା)

ଟାଙ୍ଗୀ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସଂଘ ସଭାପତି ବିକ୍ରମ ପାହାଡ଼ସିଂଙ୍କ ନେତୃତ୍ୱରେ ୫ଦଫା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷାଗତ ଯୋଗ୍ୟତାକୁ ଯୁକ୍ତ ୨ ବଦଳରେ ଯୁକ୍ତ ୩ କରିବା, ଓଆରଏସପି ୨୦୧୭ ଅନୁସାରେ ଲେଭଲ-୯ର ଦରମା ପ୍ରଦାନ କରିବା, ନିର୍ବହୀ ଅଧିକାରୀଙ୍କୁ କ୍ୟାଡର ଭୁକ୍ତ କରିବା, ଏପରିକି ୧୦ବର୍ଷଧରି କାର୍ଯ୍ୟ କରିଥିବା ନିର୍ବାହୀ ଅଧିକାରୀଙ୍କୁ ପଦୋନ୍ନତି ପ୍ରଦାନ ନେଇ ଦାବିରେ ଉଲ୍ଲେଖ ରହିଛି। ଏନେଇ ପୂର୍ବରୁ ବିଭିନ୍ନ ଫୋରମ ମାଧ୍ୟମରେ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ପଦକ୍ଷେପ ନିଆଯାଉ ନାହିଁ। ତେବେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆସନ୍ତା ୭ରୁ ୧୭ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ଓ ୧୮ ତାରିଖରୁ ସମୂହ କାର୍ଯ୍ୟ ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସମ୍ପାଦକ ରଶ୍ମିତା ରାଣୀ ସ୍ୱାଇଁ, ରତନୀ ବେହେରା, ଭବାନୀ ଶଙ୍କର ପ୍ରଧାନ, ମଦନ ମୋହନ ସାହୁ, ସଞ୍ଜୀବ କୁମାର ପାଇକରାୟ, ମମତା କୁମାରୀ, ଅରବିନ୍ଦ ବେହେରା, ଅମୂଲ୍ୟ କୁମାର ଭୋଇ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର**

ସେହିପରି ଓଡ଼ିଶା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବୋଲଗଡ଼ ବ୍ଲକ ଶାଖା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ୫ ଦଫା ଦାବି ପୂରଣ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଧୋବେଇ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ସିଂହ, ଯୋଗେନ୍ଦ୍ର କୁମାର ସାହୁ, ସ୍ୱପ୍ନେଶ୍ୱର ବେହେରା, ରବୀନ୍ଦ୍ର ନାଥ ପରିଡା, ସମୀର କୁମାର ସାହୁ, କରୁଣାକର ସୁବୁଦ୍ଧି, ପବିତ୍ର ସ୍ୱାଇଁ, ବରଦାକାନ୍ତ ସାହୁ, ଧିରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରେ ନକଲି ସାର୍ଟିଫିକେଟ ର୍‍ୟାକେଟ, ଅଧ୍ୟାପକ ଅଟକ

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ନକଲି ସାର୍ଟିଫିକେଟ ର୍‍ୟାକେଟ। ତେବେ ନକଲି ସାର୍ଟିଫିକେଟର ଶିକାର ଛାତ୍ରଙ୍କ ଅଭିଯୋଗକ୍ରମେ ସଦର ଥାନା ପୋଲିସ ଏକ ମାମଲା(୨୨୧/୨୩) ରୁଜୁକରି ଜଣେ ଅଧ୍ୟାପକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମିଳିଥିବା ସୂଚନା ମୁତାବକ, ଏକ କଲେଜରେ ଯୁକ୍ତ ୨ ପଢୁଥିବା ଛାତ୍ର ପରୀକ୍ଷାରେ ଅକୃତକାର୍ଯ୍ୟ ହେବାପରେ ଉକ୍ତ କଲେଜର ଜଣେ ଅଧ୍ୟାପକ ତାଙ୍କୁ ଯୁକ୍ତ ୨ର ପାସ୍ ସାର୍ଟିଫିକେଟ କରାଇଦେବା ପାଇଁ ୪୦ ହଜାର ଟଙ୍କା ମାଗିଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଛାତ୍ର ତାଙ୍କୁ ୩୨ ହଜାର ଟଙ୍କା ଦେଇଥିଲେ। ତେବେ ଅଧ୍ୟାପକ ଜଣକ ଦେଇଥିବା ସାର୍ଟିଫିକେଟ ନକଲି ବୋଲି ସେ ଜାଣିବାକୁ ପାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିରେ ଅନ୍ୟ କୌଣସି ର୍‍ୟାକେଟ କାମ କରୁଛି। ଏହାର ଚେର କେଉଁଆଡ଼େ ଲମ୍ବିଛି, ସାର୍ଟିଫିକେଟ କେଉଁଠାରୁ ଆଣିଛନ୍ତି କିମ୍ବା ନିଜେ ପ୍ରସ୍ତୁତ କରୁଛନ୍ତି, ପୋଲିସ ତାହାର ଖୋଳତାଡ଼ ଆରମ୍ଭ କରିଛି।

# ଉଠାଦୋକାନୀଙ୍କ ଦୋକାନ ଭାଙ୍ଗିଲେ ସ୍ଥାୟୀ ଦୋକାନୀ

ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ଦୀର୍ଘ ୧୮ଦିନ ପରେ ଗୁରୁବାର ଅପରାହ୍ଣରୁ ୟୁନିଟ୍-୨ରେ ଥିବା ରାଜ୍ୟର ପ୍ରମୁଖ ବଜାର ମାର୍କେଟ ବିଲ୍ଡିଂ ଖୋଲିଥିଲେ ମଧ୍ୟ ଶୁକ୍ରବାରଠାରୁ ଠିକ୍ ଭାବେ ବେପାର ଆରମ୍ଭ ହୋଇଥିଲା। ତେବେ ମାର୍କେଟ ଖୋଲିବା ମଧ୍ୟାହ୍ନ ୧୨ଟା ବେଳକୁ ଏକାଧିକ ଉଠାଦୋକାନୀ ମାର୍କେଟ ଭିତରେ ନିଜ ଦୋକାନ ଖୋଲି ବେପାର କରିବାକୁ ଉଦ୍ୟମ କରିଥିଲେ। ଏହାକୁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ବିରୋଧ କରିବା ସହିତ ଅରୁଣ କୁମାର ରାୟ ନାମକ ଜଣେ ଉଠା ଦୋକାନୀଙ୍କ ଦୋକାନ ଭାଙ୍ଗି ଦେଇଥିଲେ। ଫଳରେ ଏଠାକୁ ଆସିଥିବା ଅନ୍ୟ ଅସ୍ଥାୟୀ ବ୍ୟବସାୟୀମାନେ ଆଉ ଠେଲା ଲଗାଇ ନ ଥିଲେ। ତେବେ ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଏହାପରେ ସମ୍ପୃକ୍ତ ଉଠାଦୋକାନୀ ମାର୍କେଟ ଆସୋସିଏଶନର ୫ଜଣ ସଦସ୍ୟ ଓ ଅନ୍ୟ ୧୫ଜଣଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ତେବେ ଘଟଣାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଚେତାବନୀ ଦେଇଛି। ଆସୋସିଏଶନର ସଦସ୍ୟମାନେ ଅଗଣତାନ୍ତ୍ରିକ ଭାବେ ଉଠାଦୋକାନୀଙ୍କୁ ନିଜ ଅଧିକାରରୁ ବଞ୍ଚିତ କରୁଛନ୍ତି। ଶନିବାର ସକାଳେ ମାର୍କେଟ ଖୋଲିବା ପରେ ସମସ୍ତ ଉଠାଦୋକାନୀ ମାର୍କେଟରେ ପଶି ବ୍ୟବସାୟ ଆରମ୍ଭ କରିବେ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉଠା ଦୋକାନୀଙ୍କ ଜବରଦସ୍ତ ପ୍ରବେଶକୁ ନେଇ କ୍ଷୋଭ ପ୍ରକାଶ କରିଛି ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ। ଆସୋସିଏଶନର ଜଏଣ୍ଟ ସେକ୍ରେଟାରୀ ରଞ୍ଜିତ ମହାନ୍ତି କହିଛନ୍ତି, ବିଏମ୍‌ସିର ଚୁକ୍ତି ଅନୁଯାୟୀ ଉଠାଦୋକାନୀ ମାର୍କେଟ ଭିତରେ ବ୍ୟବସାୟ କରିପାରିବେ ନାହିଁ।

## ସଂଗ୍ରାମୀଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୪।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ଚମ୍ପାଇଲୋ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ସାମନ୍ତଙ୍କ ଡାକରାରେ ୨୨ଜଣ ସଂଗ୍ରାମୀ ରେଙ୍ଗୁନ ଯାଇ ସୁଭାଷ ବୋଷଙ୍କ ଆଇଏନ୍‌ଏରେ ଯୋଗଦେଇ ମାଟି ପାଇଁ ଇତିହାସ ରଚିଥିଲେ। ଏନେଇ କେନ୍ଦ୍ର ସରକାର ସଂଗ୍ରାମୀମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ସଂଗ୍ରାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ସହଧର୍ମିଣୀ ଏହି ଭତ୍ତା ପାଉଛନ୍ତି। ତେବେ ଏହି ୫ଜଣଙ୍କ ମଧ୍ୟରୁ ୩ଜଣ ରାଜସୁନାଖଳା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଆକାଉଣ୍ଟ ଖୋଲିଛନ୍ତି। ଶାଖା ପରିଚାଳକ ପ୍ରଶାନ୍ତ ସାହୁ ଭେଟିବାକୁ ଆସି ଶଶୀ ଦେଈ, କଳାବତୀ ବରାଡ଼, ମାଣିକ ବେଓ୍ୱା ସଂଗ୍ରାମୀ ପରିବାରଙ୍କୁ ଭେଟି ସମ୍ମାନିତ କରିଥିଲେ।

# ୯ରେ ଡିଇଓଙ୍କ କାର୍ଯ୍ୟାଳୟ ଘେରିବ ଓଷ୍ଟା

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ବ୍ଲକ ଶାଖାର ଏକ ବୈଠକ ଓଷ୍ଟା ଜିଲା କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆସନ୍ତା ୯ ତାରିଖ ତଥା କ୍ରାନ୍ତି ଦିବସରେ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ ସହ ୧୬ତାରିଖରେ ବିକ୍ଷୋଭ ସମାବେଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କୁ ପେନସନ ସହ ଚାକିରୀ ସର୍ତ୍ତାବଳୀ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ, ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ କମିଶନ ପରିସରଭୁକ୍ତ, ଚୁକ୍ତିଭିତ୍ତିକ ରେଗୁଲାର ହୋଇଥିବା ଶିକ୍ଷକଙ୍କ ସମସ୍ୟା, ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟାକୁ ସରଳୀକରଣ କରି ନିଯୁକ୍ତି ଦେବା ଲାଗି ଦାବିରେ ସରକାରଙ୍କୁ ବହୁବାର ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ଦୀର୍ଘ ୩୫ବର୍ଷ ଚାକିରି କରି ଅବସର ନେବା ପରେ ମଧ୍ୟ ପେନସନ ଦେବାରେ ବିଳମ୍ବ ଘଟୁଛି। ଏହାର ପ୍ରତିବାଦରେ ଓଷ୍ଟା ରାଜରାସ୍ତାକୁ ଓହ୍ଲାଇବାକୁ ସ୍ଥିର କରାଯାଇଛି। ଓଷ୍ଟା ବ୍ଲକ ସଭାପତି ଗଣେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ପ୍ରକାଶ କୁମାର ଦଳାଇ, ରମେଶ ଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ରାଉତଙ୍କ ସମେତ ସମସ୍ତ କାର୍ଯ୍ୟକାରୀ କମିଟି ସଭ୍ୟ ଉପସ୍ଥିତ ଥିଲେ।




ବୈଠକରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ୍ ଶାଖାର କର୍ମକର୍ତ୍ତାମାନେ।

# ପିଲାଙ୍କ ମଧ୍ୟାହ୍ନଭୋଜନ ବିଳମ୍ବ ନେଇ ଅସନ୍ତୋଷ

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

- ୩ଟା ପର୍ଯ୍ୟନ୍ତ ଭୋକରେ ରହିଲେ
- ଡିଇଓଙ୍କ ନିକଟରେ ଅଭିଭାବକଙ୍କ ଅଭିଯୋଗ

ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ, ଭିତ୍ତିଭୂମି, ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କୁ ପାଠପଢ଼ା ପ୍ରତି ଆଗ୍ରହ ପ୍ରକାଶ ପାଇଁ ମାଗଣା ପାଠ୍ୟପୁସ୍ତକ, ପୋଷାକ ଏବଂ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଛନ୍ତି। ପ୍ରଶାସନିକ ଅବହେଳା କିମ୍ବା ବିଦ୍ୟାଳୟର ଶିକ୍ଷକଙ୍କ ଅବହେଳାରୁ ଏହି ଯୋଜନାଗୁଡ଼ିକ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ବେତରଜଙ୍ଗ ଗ୍ରାମରେ ଥିବା ବାଲୁଙ୍କେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଲାଙ୍କୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଦିଆଯାଇନଥିଲା। ଏହି ଘଟଣା ଜଣାପଡିବା ପରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କିତ ଖବର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପରିକି ଅପରାହ୍ନ ୩ଟା ପର୍ଯ୍ୟନ୍ତ ରୋଷେଇ ଚାଲିଥିବା ମଧ୍ୟ ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ଏନେଇ ଗୁରୁବାର ସ୍ଥାନୀୟ ଅଞ୍ଚଳର କେତେଜଣ ଅଭିଭାବକ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଅବହେଳା, ପିଲାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକରେ ରଖିବା ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୩୧ତାରିଖ ଅପରାହ୍ନ ୩ଟାରେ ଜଣେ ଅଭିଭାବକ କୌଣସି କାମରେ ବିଦ୍ୟାଳୟକୁ ଯାଇଥିଲେ। ସେହି ସମୟରେ ରୋଷେଇ ଚାଲିଥିଲା। ପିଲାମାନଙ୍କୁ ଠିକ୍ ସମୟରେ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ଏହାକୁ ଏଡାଇଯାଇ ପିଲାଙ୍କୁ ଜଳଖିଆ ଦିଆଯାଇଥିବା କହିଥିଲେ। ଅନ୍ୟପଟେ ଦୀର୍ଘ ସମୟ ଧରି ଉପାସରେ ରହିବା ଦ୍ୱାରା ପିଲାଙ୍କର କୌଣସି ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତା ବୋଲି ଅଭିଭାବକମାନେ କହିଛନ୍ତି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇ ଘଟଣା ସମ୍ପର୍କରେ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଡିଇଓ ବିଶ୍ୱନାଥ ତରାଇ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

**ବିଶ୍ୱ ସ୍ତନ୍ୟପାନ ସପ୍ତାହ**

ପୁରୀ,(ଅଜିତ ମହାନ୍ତି)- ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ସଭା କାର୍ଯ୍ୟରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏସ୍ଏଚ୍ଜି ସଦସ୍ୟାମାନେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଶିଶୁ ବିଭାଗର ମୁଖ୍ୟ ପ୍ରଫେସର ଆରତି ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଚନ୍ଦ୍ରମୟୀ ରଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ଯୋଗଦେଇ ସ୍ତନ୍ୟପାନର ଉପକାରିତା ଠିକ୍ ସ୍ତନ୍ୟପାନ କରାଇବା ପାଇଁ ମାର୍ଗଦର୍ଶିକା, କସ କ୍ଷୀର, ପରିପୂରକ ଖାଦ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଲଲାଟେନ୍ଦୁ ନାୟକ, ଦେବୀପ୍ରସାଦ ମହାପାତ୍ର, ଡା. ଅର୍ଚ୍ଚନା ପଟ୍ଟନାୟକ, ମନୋଜ ମହାନ୍ତି, ଟି.ନାରାୟଣ ରାଓ ରବୀନ୍ଦ୍ର ପ୍ରଧାନ, ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ଲାଗି ସମସ୍ତେ ପ୍ରସ୍ତୁତ ରୁହ'

ଗୋପ,୪।୮(ଭାରତୀ ଭୂଷଣ ଉପାଧ୍ୟାୟ)

ସମ୍ଭାବ୍ୟ ବନ୍ୟା ପରିସ୍ଥିତି କିପରି ନିୟନ୍ତ୍ରଣ କରାଯିବ। ମଧ୍ୟମଧରଣର ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମିଳିମିଶି କାମ କରିବାକୁ ହେବ ବୋଲି ଶୁକ୍ରବାର ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ଗୋପ ଜଳସମ୍ପଦ ବିଭାଗ ଅଧୀନ କେତେକ ନଦୀବନ୍ଧରେ ପହଞ୍ଚି ବୁଲି ଦେଖିବା ସହ ନଦୀକୂଳିଆ ଲୋକଙ୍କୁ ସହଯୋଗ କରିବାକୁ କହିଥିଲେ। ଏହି ସମୟରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜୀବ ସାହୁ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗୋପ ଜଳ ସମ୍ପଦ ବିଭାଗ ଅଧୀନରେ ୬୨ କିଲୋମିଟର କୁଶଭଦ୍ରା ନଦୀ ବନ୍ଧ, ୧୨ କିଲୋମିଟରରୁ ଅଧିକ କୁଶଭଦ୍ରା ନଦୀବନ୍ଧ ସହିତ ୧୦ କିଲୋମିଟରରୁ ଅଧିକ ସିଆରକଟ ନଦୀବନ୍ଧ ରହିଛି। ସମ୍ଭାବ୍ୟ ବନ୍ୟା ଆସିବାକୁ ଥିବାରୁ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ ଅଧିକ୍ଷଣ ଯନ୍ତ୍ରୀ ଦଳାଇ ଗୋପ ବ୍ଲକ ବେଦପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆକୁଦ କୁଶଭଦ୍ରା ନଦୀବନ୍ଧ, କୁଶୁପୁରସ୍ଥିତ କୁଶଭଦ୍ରା ନଦୀ ବନ୍ଧ, ଶୋଳପୁର-ମଦରଙ୍ଗ ରାସ୍ତାର ତିନିମୁହାଣି ନିକଟ ଦବି ଯାଉଥିବା ନଦୀ ବନ୍ଧ ବୁଲି ଦେଖିଥିଲେ। ପରେ ଦବି ଯାଉଥିବା କୁଶଭଦ୍ରା ନଦୀ ବନ୍ଧ କାର୍ଯ୍ୟକୁ ଦେଖି ତୁରନ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗ୍ରସ୍ତ ସମୟରେ ନଦୀ କୂଳିଆ ଗ୍ରାମବାସୀଙ୍କୁ ସବୁ ସମୟରେ ସହଯୋଗ କରିବୁ ବୋଲି କହିଥିଲେ। ପରେ ଅଧିକ୍ଷଣ ଯନ୍ତ୍ରୀ ଦଳାଇ ମଦରଙ୍ଗ ଜଳସମ୍ପଦ ବିଭାଗକୁ ଯାଇ କେଉଁ କେଉଁ ସ୍ଥାନରେ ନଦୀ ବନ୍ଧ ବିପଦ ସଂକୁଳ ଅବସ୍ଥାରେ ରହିଛି, କେତେଜଣ ନଦୀବନ୍ଧରେ କାର୍ଯ୍ୟ କରୁଛନ୍ତି ସେନେଇ ଆଲୋଚନା କରିଥିଲେ।

### ନିଖୋଜ ଶିଶୁକନ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବି

ପୁରୀ,୪।୮(ଅଜିତ ମହାନ୍ତି)

ପୁରୀରେ ଜଣେ ଶିଶୁକନ୍ୟା ନିଖୋଜ ଘଟଣାକୁ ୬ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କ ପତ୍ତା ପାଇ ନ ଥିବାବେଳେ ଶିଶୁକନ୍ୟାକୁ ମଧ୍ୟ ଖୋଜି ପାରିପାରିନାହିଁ। ତେଣୁ ନିଖୋଜ ଶିଶୁକନ୍ୟାକୁ ଶୀଘ୍ର ତା' ମା' କୋଳକୁ ଫେରାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବି କରି ଆମ୍ ଆଦ୍ମୀ ପାର୍ଟି(ଏଏପି) ପୁରୀ ଶାଖା ପକ୍ଷରୁ ଶୁକ୍ରବାର ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛି। ଏଏପି ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୯ତାରିଖରେ ପୁରୀ ଲାଇଟ୍ ହାଉସ ନିକଟରୁ ଏକ ଶିଶୁ କନ୍ୟା ନିଖୋଜ ହୋଇଥିଲା। ଶିଶୁଟି କଟକ ନିଆଳି ଥାନା ଅଧୀନ ବିନିସିପୁର ପଞ୍ଚାୟତ ମହତାପାରି ଗ୍ରାମର ସଞ୍ଜୀୟ ମଲିକଙ୍କ ଅଢେଇ ବର୍ଷର ଝିଅ ରାଧା। ତେବେ ଘଟଣାକୁ ୬ଦିନ ହୋଇଯାଇଥିଲେ ମଧ୍ୟ ଝିଅର କୌଣସି ଖୋଜଖବର ମିଳି ନାହିଁ। ପୋଲିସ କୁନି ଶିଶୁକନ୍ୟାକୁ ଖୋଜିବାରେ ତତ୍ପରତା ଦେଖିବାକୁ ମିଳୁନି। କେବଳ କଟକରୁ ଆସିଥିବା ମା' କଥା ନୁହେଁ ଏହି ଶିଶୁକନ୍ୟା ହଜିବା ପୁରୀବାସୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ସୃଷ୍ଟି କରିଛି ବୋଲି ଜିଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି। ପାର୍ଟିର ସଦର ସଭାନେତ୍ରୀ ପାର୍ବତୀ ପ୍ରଧାନ ଏବଂ ପୌରପାଳିକା ସଭାନେତ୍ରୀ ଜୟନ୍ତୀ ଜେନା ପ୍ରମୁଖ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।



କଣାସ ଅଞ୍ଚଳରେ ଏକ ଗ୍ରାମକୁ ବନ୍ୟାଜଳ ପଶିଛି ।



କୁଶଭଦ୍ରା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

# ବିପଦ ସଙ୍କେତ ଉପରେ ଦୟାନଦୀ ଜଳ

କଣାସ,୪।୮(ବିଭୂତି ଭୂଷଣ ତ୍ରିପାଠୀ)

**କଣାସ- ଗୋଲବାଇ ରାସ୍ତା ବିଚ୍ଛିନ୍ନ**

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ବିପଦ ସଙ୍କେତର ବହୁ ଉପରେ ପ୍ରବାହିତ ହେଉଛି। ତାହାର ଶାଖାନଦୀ ରାଜୁଆ, ମକରା, କାଣିଆ, ଲୁଣା, ମଲାଗୁଣୀ ନଦୀର ଜଳପତନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ମି.ମି. ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ୪.୮୫ମି.ମି.ରେ ବନ୍ୟାଜଳ ପ୍ରବାହିତ ହେଉଛି। ଜଳପତ୍ତନ ବୃଦ୍ଧି ଯୋଗୁ ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳିଦଣ୍ଡା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ବଳଭଦ୍ରପୁର ଗ୍ରାମ ମଧ୍ୟରେ ବନ୍ୟାଜଳ ପ୍ରବାହିତ ହେଉଛି। କଣାସଠାରୁ ଗୋଲବାଇ ଦେଇ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ଦୋକନ୍ଦାଠାରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ବିଡିଓ ପବିତ୍ର ବେହେରା, ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପାଣିଘେରରେ ଥିବା ଗ୍ରାମଗୁଡ଼ିକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ଯେଉଁଠାରେ ବନ୍ଧ ଦୁର୍ବଳ ଅଛି ସେହି ସ୍ଥାନର ସୁରକ୍ଷା ପାଇଁ ବାଲିବସ୍ତା ଗଦା କରି ରଖୁଛନ୍ତି। ନଦୀବନ୍ଧଗୁଡ଼ିକ ଦୁର୍ବଳ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ବନ୍ୟାରେ ମକରା ନଦୀର ଡାହାଣ ପାର୍ଶ୍ୱ କଉଡିଆପୁରଠାରେ ହୋଇଥିବା ଘାଇର କିଛିବାଟ ଆଗକୁ ଏକ ଘଳିଆପଡ଼ି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ସ୍ଥାନରେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପହଞ୍ଚି ଉକ୍ତ ସ୍ଥାନଟି ଖୋର୍ଦ୍ଧା ଜଳସେଚନ ବିଭାଗ ଅଧୀନ ହୋଇଥିବାରୁ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀଙ୍କୁ ଡାକି ଯୁଦ୍ଧକାଳୀନ ଭିତ୍ତିରେ ବଡ଼ଧରଣର ଘଳିଆକୁ ବନ୍ଦ କରିଥିଲେ। ଖୋର୍ଦ୍ଧା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ, କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା ବନ୍ଧର ସୁରକ୍ଷା ପାଇଁ ଦିନରାତି ସଜାଗ ଥିବାବେଳେ ବନ୍ଧ ଜଗିବାକୁ ଲୋକଙ୍କୁ ନିଯୁକ୍ତ କରିଥିବା ଦେଖିବାକୁ ମିଳିଛି। ବନ୍ୟାଘେରରେ ଥିବା ଲୋକଙ୍କୁ ତୁରନ୍ତ ପାନୀୟଜଳ, ଔଷଧ, ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଯୋଗାଇଦେବାକୁ ବନ୍ୟାକ୍ଲିଷ୍ଟ ଗ୍ରାମବାସୀ ଦାବି କରିଛନ୍ତି।

# କୁଶଭଦ୍ରା, ଧନୁଆଁରେ ବନ୍ୟାଜଳ ପ୍ରବାହିତ

ନିମାପଡ଼ା,୪।୮(ବିଚିତ୍ରାନନ୍ଦ ସାହୁ)

କୁଶଭଦ୍ରା ଓ ଧନୁଆଁ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ଜଳସ୍ତର ବଢିବାରେ ଲାଗିଛି। ନିମାପଡ଼ାଠାରେ କୁଶଭଦ୍ରା ନଦୀର ବିପଦ ସଙ୍କେତ ୧୦.୮୨ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୮.୯୨ ମିଟର ତଳେ ପ୍ରବାହିତ ହେଉଛି। ସେହିପରି ତିନି ମୁହାଣିଠାରେ ଧନୁଆଁ ନଦୀରର ବିପଦ ସଙ୍କେତ ୬.୬୫ ଥିବାବେଳେ ଏବେ ୫.୦୦ ମିଟର ତଳେ ରହିଛି। ଧନୁଆଁ ନଦୀ ବନ୍ୟାରେ ନିମାପଡ଼ା ବ୍ଲକର ଧନୁଆଁ, ଅଲଣ୍ଡା, ବଡ଼ମାଛପୁର ଆଦି ୩ଟି ପଞ୍ଚାୟତର ଦେଖେଣ, ଭୂଆଁ ବଉଳପଦା, ଇଚ୍ଛାପୁର, ବରିହାପଡ଼ା, ରଡ଼ବଜାର, ଶୁନୁଗୋରଡ଼, ଗରପଦା, ଡିହସାହି, କେରେଣ୍ଡି ଆବନ୍ଧା, ଜଇନାବାଦ, ବାରାଗୋରଡ଼ା, ମାଛପୁର, ମୁସଲିମ୍ ବସ୍ତି, ଜୁଆଁଲୋ, ବଢେଇ ସାହି, ପୋରକୋଣା ଆଦି ୨୦ଟି ଗ୍ରାମ ପାଣି ଘେରରେ ରହିଛି। ଧନୁଆଁ ପଞ୍ଚାୟତର ଭୁଆଁ-ବଉଳପଦା ଭାୟା ଶୁନୁଗୋରଡ଼ ମୁଖ୍ୟ ରାସ୍ତା ଓ ଅଲଣ୍ଡା ପଞ୍ଚାୟତର ଜୁଆଁଲୋ-ପୋରକଣା ରାସ୍ତାରେ ଆଣ୍ଠୁଏ ପାଣିର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇପଡ଼ିଛି। ଧନୁଆଁ ବନ୍ୟାର ପ୍ରକୋପରେ ଧନୁଆଁ, ଅଲଣ୍ଡା, ବଡ଼ମାଛପୁର, ବଡ଼ଶିରୁଳା, କୋଟକୋସାଙ୍ଗ, ବାମନାଳ ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। କୁଶଭଦ୍ରା ଓ ଧନୁଆଁ ନଦୀରେ ବନ୍ୟାଜଳ ବୃଦ୍ଧି ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ଜଳସମ୍ପଦ ବିଭାଗ ଏସ୍ଇ ବୈକୁଣ୍ଠ ନାଥ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶଙ୍କୁ ପଚାରିବାରେ, କୁଶଭଦ୍ରା ନଦୀର ବାମ ଓ ଦକ୍ଷିଣ ଉଭୟ ପାର୍ଶ୍ୱ ନଦୀବନ୍ଧ ମଜଭୁତ ରହିଛି। ପାଖରେ ପର୍ଯ୍ୟାପ୍ତ ପରିମାଣର ବାଲିବସ୍ତା, କାଠ ବଲ୍ହା ମହଜୁଦ ରହିଛି। ବନ୍ୟା ପରିସ୍ଥିତି ପ୍ରତି ଜଳସମ୍ପଦ ବିଭାଗ ସଜାଗ ଓ ସତର୍କ ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟାଞ୍ଚଳ ଓ ନଦୀବନ୍ଧରେ ରାତ୍ରି ପାଟ୍ରୋଲିଂ କରାଯାଉଛି ବୋଲି ଏସ୍ଇ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦାଶ କହିଛନ୍ତି। ଏ ସମ୍ପର୍କରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ବନ୍ୟା ପରିସ୍ଥିତିରେ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ସଜାଗ ଓ ପ୍ରସ୍ତୁତ ରହିଛି ବୋଲି ବିଡିଓ ମଲ୍ଲିକ କହିଛନ୍ତି।



ପୁରୀସ୍ଥିତ କପାଳ ମୋଚନ ମନ୍ଦିର ଭିତରେ ବର୍ଷା ଜଳ ପଶିଥିବାରୁ ଠାକୁର ବୁଡ଼ି ଯାଇଛନ୍ତି ।

### ଘୋରଡିଆଠାରେ ବିପଦ ସଙ୍କେତ ଉପରେ ଦୟାନଦୀ

ଡେଲାଙ୍ଗ,୪।୮(ରଶ୍ମିରଞ୍ଜନ ପ୍ରଧାନ)

ଦୟାନଦୀର ଘୋରଡିଆଠାରେ ବିପଦ ସଙ୍କେତଠାରୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଘୋରଡିଆଠାରେ ୬. ୨୬ ମିଟର ବିପଦ ସଙ୍କେତ ଥିବାବେଳେ ଶୁକ୍ରବାର ଅପରାହ୍ନ ୫ଟା ସୁଦ୍ଧା ୭. ୮୯ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଳସମ୍ପଦ ବିଭାଗ ରେକର୍ଡ କରିଛି। ଦୟାନଦୀବନ୍ଧରେ ଥିବା ଖାଲୁଆ ସ୍ଥାନଗୁଡ଼ିକରେ ବାଲି ବସ୍ତା ମହଜୁଦ୍ ରଖାଯାଇଛି। ଡେଲାଙ୍ଗ ସହକାରୀ ନିର୍ବାହୀଯନ୍ତ୍ରୀ ତନୁଜ କିଶୋର ରାଉତ, ସହକାରୀଯନ୍ତ୍ରୀ ମକର ବେହେରା, ଶିଶିରଚନ୍ଦ୍ର ସାହୁ ଉପସ୍ଥିତ ରହି ବନ୍ଧର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ଅନ୍ୟପଟେ ଦୟାନଦୀର ପିପିଲି ବ୍ଲକସ୍ଥିତ କଣ୍ଟି କାଜରୁ ୩ ଇଞ୍ଚର ପାଣି ଗଡ଼ି ଧାନକ୍ଷେତକୁ ପ୍ରବେଶ କରିଛି। କାଜରୁ ଗଡୁଥିବା ପାଣି ଡେଲାଙ୍ଗ ବ୍ଲକରେ ପ୍ରବେଶ କରିବା ସହିତ ଶନିବାର ଲୁଣାନଦୀରେ ପ୍ରବେଶ କରିବ ବୋଲି ଜଣାପଡିଛି।

# ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ଅସ୍ତରଙ୍ଗ,୪।୮(ମମତା ଜେନା)

**ଖାଡ଼ଲିଙ୍ଗ ନଦୀବନ୍ଧ ପୁଇଁଚାନ୍ଦିଆଠାରେ ଦବିଲା**

ମହାନଦୀରେ ଆସିଥିବା ମଧ୍ୟମ ଧରଣର ବନ୍ୟାରେ ଶାଖା ଦେବୀନଦୀରେ ପ୍ରଥମ ବନ୍ୟା ଆସିଛି। ଦେବୀରେ ଗୁରୁବାର ବନ୍ୟାଜଳ ବୃଦ୍ଧି ପାଇ ଏବେ ବିପଦ ସଂକେତ ଉପରେ ଥିବା ଜଣାପଡିଛି। ସମ୍ଭାବ୍ୟ ବନ୍ୟାସ୍ରୋତକୁ ନଜରରେ ରଖି ଅସ୍ତରଙ୍ଗ ତହସିଲଦାର ଡ. ରାଜଲକ୍ଷ୍ମୀ ନାୟକ ଦ୍ୱୀପାଞ୍ଚଳ ତାଳଦା ଘାଟରେ ଡଙ୍ଗା ଯାତାୟାତ ଉପରେ ରୋକ ଲଗାଇଛନ୍ତି। ଦେବୀନଦୀର ବାଉରିଆକଣଠାରେ ବିପଦ ସଂକେତ ୪.୯୩ ଥିବାବେଳେ ଶୁକ୍ରବାର ୧ଟା ସୁଦ୍ଧା ୫.୨୦ ମିଟର ବିପଦ ସଂକେତ ଉପରେ ଜଳ ପ୍ରବାହିତ ହେଉଛି। ସେହିପରି ପୂର୍ତ୍ତ ବିଭାଗ ରାସ୍ତାଠାରୁ ଖାଡଲିଙ୍ଗ ନଦୀବନ୍ଧର ପୁଇଁଚାନ୍ଦିଆଠାରେ ବନ୍ଧ ପ୍ରାୟ ୧୫ ଫୁଟ ଦବିଯିବାରୁ ବନ୍ୟା ଜଳ ବିଲକୁ ପ୍ରବେଶ କରୁଛି। ଏହିବନ୍ୟା ଯୋଗୁ ଅସ୍ତରଙ୍ଗ ବ୍ଲକ ଆଳସାହି, ଆଳଙ୍ଗପୁର, ବରାଙ୍ଗ, ଅନନ୍ତା, ପୁଇଁଚାନ୍ଦିଆ ଗ୍ରାମରେ ପ୍ରାୟ ଶହଶହ ଏକର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରୁଛି। ସେଠାରେ ବାଲିବସ୍ତା ଓ ବଲ୍ହା ସାହାଯ୍ୟରେ ମରାମତି ଚାଲୁ ରହିଛି। ଜଳସେଚନ ବିଭାଗ ପକ୍ଷରୁ ସମ୍ବେଦନଶୀଳ ନଦୀବନ୍ଧ ଉପରେ ନଜର ରଖାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ ନାୟକ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଡ. ରାଜଲକ୍ଷ୍ମୀ ନାୟକଙ୍କୁ ପଚାରିବାରେ, ସେ ଉକ୍ତ ସ୍ଥାନ ପରିଦର୍ଶନରେ ଯାଇଥିଲେ। ବନ୍ଧ ଉପରେ ପାଣି ଡେଇଁ ଚାଷ ଜମିରେ ପ୍ରବେଶ କରୁଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ ଅଞ୍ଚଳର କୌଣସି ପରିବାର ବନ୍ୟା ଦ୍ୱାରା ପ୍ରଭାବିତ ହୋଇନାହାନ୍ତି। ଯେହେତୁ ପୂର୍ଣ୍ଣମା ତିଥି ଅଛି ପଛୁଆ ପାଣି ଆସିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏହି ବାଟ ଦେଇ ଦେବୀନଦୀର ପ୍ରାୟ ୬୦ ପ୍ରତିଶତ ଜଳ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ଯଦି ସେମିତି କିଛି ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ତହସିଲଦାର ନାୟକ ପ୍ରତିକ୍ରିୟାରେ କହିଛନ୍ତି।



# ଭାର୍ଗବୀ ନଦୀବନ୍ଧ ପରିଦର୍ଶନ କଲେ ବିଧାୟକ

ପିପିଲି,୪।୮
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପିପିଲି -ଡେଲାଙ୍ଗ ନିର୍ବାଚନମଣ୍ଡଳୀ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପ୍ରଶାସନିକ ଅଧିକାରୀଙ୍କ ସହିତ ଭାର୍ଗବୀ ନଦୀବନ୍ଧ ପରିଦର୍ଶନ କରିଛନ୍ତି। ଭାର୍ଗବୀ ନଦୀବନ୍ଧ ଦୁର୍ବଳ ଥିବା ସ୍ଥାନଗୁଡିକ ଚିହ୍ନଟ କରି ସାଙ୍ଗରେ ଥିବା ଅଧିକାରୀ ଓ ଠିକାଦାରଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପ୍ରସ୍ତୁତଥିବାବେଳେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ମହଜୁଦ ରଖାଯାଇଛି। ନରାଜଠାରୁ ୯ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ଛଡ଼ାଯାଇଛି। ଏହି ଜଳ ଭାର୍ଗବୀ ଏବଂ ଦୟାନଦୀ ଦେଇ ନିଷ୍କାସିତ ହେବ। ପିପିଲି ଜଳସେଚନ ବିଭାଗ ଅଧିକାରୀ ଷଡ଼ାନନ ପ୍ରଧାନ, ଠିକାଦାର ସୁଧୀର ନାୟକ ଓ ଈଶ୍ୱର ମାହୁନ୍ତଙ୍କୁ ପ୍ରଚୁର ପରିମାଣର ବଲ୍ହା, ବାଲି ବସ୍ତା ମହଜୁଦ ରଖିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ ନଦୀକୂଳିଆବାସୀଙ୍କୁ ଆଶ୍ୱାସନା ଦେଇ ଭୟଭୀତ ନ ହେବା ପାଇଁ ବୁଝାଇଥିଲେ। ଏହାପରେ ଦୟାନଦୀର ଭାରତୀପୁର ଓ କଣ୍ଟି କାଜ ପରିଦର୍ଶନ କରିଥିଲେ। କାଜଦ୍ୱୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ବିଧାୟକ ମହାରଥୀ ଏବଂ ପ୍ରିୟବ୍ରତ ଆଲୋଚନା କରିଥିଲେ। ଦୟା ଓ ଭାର୍ଗବୀ ନଦୀରେ ଜଳସ୍ତର ବଢ଼ିବାରୁ ବନ୍ୟାଜଳ ନଦୀ କାଣ୍ଠିଆକୁ ମାଡ଼ିଯାଇ ଅନେକ ପନିପରିବା ଫସଲ ନଷ୍ଟ ହୋଇଛି।

# ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ନେଇ ଆଲୋଚନା

ପୁରୀ,୪।୮(ଅଜିତ ମହାନ୍ତି)

ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ମତଦାନ କେନ୍ଦ୍ରର ସ୍ଥାନ ଓ ନାମ ପରିବର୍ତ୍ତନ କାର୍ଯ୍ୟ ପରିପ୍ରେକ୍ଷୀରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଶୁକ୍ରବାର ଏକ ବୈଠକ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିବା ସହ ଭୋଟର ତାଲିକାକୁ ସ୍ୱଚ୍ଛ, ତ୍ରୁଟି ଶୂନ୍ୟ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ତେବେ ଯୁବ ଭୋଟରଙ୍କୁ ସାମିଲ ସହ ଯେପରି ସେମାନେ ନିଶ୍ଚିତ ମତଦାନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବେ ସେଥିପାଇଁ ସମସ୍ତେ ସଚେତନ କରାଇବାକୁ ଅନୁରୋଧ କରିଥିଲେ। ଭୋଟରଙ୍କ ସୁବିଧା ପାଇଁ ନିର୍ବାଚନ କମିଶନ କୌଣସି ବୁଥରେ ସର୍ବାଧିକ ୧୫୦୦ ଭୋଟର ରହିପାରିବାର ନିର୍ଦ୍ଦେଶନାମା ଜାରି କରିଥିବାରୁ ୧୦୭ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୫୦୦ରୁ ଅଧିକ ଭୋଟର ରହିଥିବାରୁ ଅତିରିକ୍ତ ୫ଟି ବୁଥ କରାଯିବାର ପ୍ରସ୍ତାବ ଦିଆଯାଇଛି। ଏହି ବୁଥଗୁଡିକ ହେଲା ୩୪, ୩୭, ୪୯, ୧୩୩ ଓ ୧୩୪। ସେହିପରି ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮ ନମ୍ବର ବେଣାଗାଁ ବୁଥରେ ୧୫୦୦ରୁ ଅଧିକ ଭୋଟର ଥିବାରୁ ୪୭୮ଜଣ ଭୋଟରଙ୍କୁ ୨୯ ବେଣାଗାଁ ମତଦାନ କେନ୍ଦ୍ରରେ ସାମିଲ କରାଗଲା। ସେହିପରି ୧୦୫ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୮୬ନମ୍ବର ବୁଥ ଓଟାଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ ଅଲଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ୧୦୬ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୫୨ ଦିହୁଡା ନୀଳକଣ୍ଠେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିବର୍ତ୍ତେ ଇଚ୍ଛାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୧୫୮ ଅଣ୍ଡରା ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ ଆଳିଟର ପ୍ରାଥମିକ ବିଦ୍ୟାଳୟ କରାଯିବାର ପ୍ରସ୍ତାବକୁ ଅନୁମୋଦନ କରାଯାଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଏହି ବୈଠକରେ ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଜିଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ମାନସ ପାତ୍ର, ପ୍ରିୟରଞ୍ଜନ ଦାସ, ପ୍ରମୋଦ ବେହେରା, ମନୋରଞ୍ଜନ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

### ସାକ୍ଷୀଗୋପାଳ ରେଳଫାଟକ ଭାଙ୍ଗିଲା

ସାକ୍ଷୀଗୋପାଳ,୪।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ବଜାର ମଧ୍ୟରେ ଥିବା ରେଳ ଫାଟକ ଶୁକ୍ରବାର ଅପରାହ୍ନ ୫ଟାରେ ବନ୍ଦ କରିବା ସମୟରେ ହଠାତ ରେଳ ଫାଟକ ଭାଙ୍ଗିପଡିଥିଲା। ଫଳରେ ପ୍ରାୟ ଅଧଘଣ୍ଟା ଧରି ରେଳ ଚଳାଚଳ ଓ ଜନସାଧାରଣଙ୍କ ଯିବାଆସିବା ବନ୍ଦ ରହିଥିଲା। ଏହି ସମୟରେ ପୁରୀରୁ ଅହମଦାବାଦ ଯାଉଥିବା ଦୀନ ଦୟାଲ ଏକ୍ସପ୍ରେସ ଟ୍ରେନ ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ଓ ସାଲିମାରରୁ ପୁରୀ ଆସୁଥିବା ଧଉଳି ଏକ୍ସପ୍ରେସ ଟ୍ରେନ ସ୍ଥାନୀୟ ଗେଟ ନିକଟରେ ଅଟକି ରହିଥିଲା। ରେଳ କର୍ମଚାରୀ, ରେଳବାଇ ପୋଲିସ ଓ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଫାଟକକୁ ବାହାର କରିଥିଲେ ।



ସତ୍ୟବାଦୀ ଶାଖା, ପତଞ୍ଜଳି ଯୋଗ ସମିତି ପକ୍ଷରୁ ଶୁକ୍ରବାର ଜଡ଼ି ବୁଟି ଦିବସ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚଉଦ ବାଟିଆରେ ପାଳିତ ହୋଇଯାଇଛି। ସମାଜରେ ଜଡ଼ିବୁଟିର ବ୍ୟବହାର ବହୁତ ପୁରୁଣା ହୋଇଥିବାରୁ ଏହାର ଉପକାରିତାକୁ ପ୍ରାଧାନ୍ୟ ଦେଇ ପତଞ୍ଜଳି ସମିତି ଏହି ଦିବସକୁ ଜଡ଼ିବୁଟି ଦିବସ ଭାବେ ପାଳନ କରି ଆସୁଛି। ଏହି ଅବସରରେ ୨୫ଜଣ ଯୋଗ ଶିକ୍ଷାର୍ଥୀ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ଯଥା ବେଲ, ନିମ, ବଉଳ, ଅଶୋକ, କରଞ୍ଜ, ଅଁଳା, ଅର୍ଜୁନ ଆଦି ଚାରା ବିଦ୍ୟାଳୟ ପରିସରରେ ରୋପଣ କରିଛନ୍ତି। ଯୋଗ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର, ଭଗବାନ ପାଲ, ପ୍ରହଲ୍ଲାଦ ଘଟୁଆରି, ନିରଞ୍ଜନ ସାହୁ, ବିଷ୍ଣୁ ପ୍ରସାଦ ମିଶ୍ର, ଉମେଶ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ପରିଡ଼ା, ଟୁଟୁ ଘୋଷ, ରାଧାରାଣୀ ଦାସ, ପାଙ୍କଜିନି ମିଶ୍ର, ପ୍ରୀତିରାନି ମିଶ୍ର ଓ ଗଦାଧର ପ୍ରଧାନ ଉପସ୍ଥିତ ରହି ଚାରା ରୋପଣ କରିବା ସହ ଗଛକୁ ବଞ୍ଚାଇବା ପାଇଁ ଶପଥ ନେଇଛନ୍ତି।

# ଘୋରଡ଼ିଆ ଗୋପ ଟୁଠ ବ୍ରିଜ୍ ପୂଜା କଲେ ସ୍ଥାନୀୟବାସିନ୍ଦା

ଡେଲାଙ୍ଗ,୪।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଘୋରଡିଆ ଗୋପ ଟୁଠ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଥିବାବେଳେ ସ୍ଥାନୀୟଲୋକେ ଶୁକ୍ରବାର ସତ୍ୟପୀରଙ୍କ ପୂଜା ଅର୍ଚ୍ଚନା କରିଛନ୍ତି। ତେବେ ନିର୍ମାଣ କାର୍ଯ୍ୟ ଶତକଡା ୯୦ ଭାଗ ଶେଷ ହୋଇଥିବାବେଳେ ବାକି ଥିବା କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ଠାକୁର ସତ୍ୟପୀରଙ୍କ ଏହି ପୂଜାର୍ଚ୍ଚନା କରାଯାଇଥିବା ସାମାଜିକ କର୍ମୀ କମୁର ମହମଦ୍ କହିଛନ୍ତି। ସ୍ଥାନୀୟ ଶାନ୍ତି କମିଟି ସଭାପତି ପ୍ରକାଶ ପାତ୍ର, ସାମାଜିକ କର୍ମୀ ମହମଦ୍ଙ୍କ ତତ୍ତ୍ୱାବଧାନରେ ମୌଲାନା ଏସ୍କେ ବାଖର ଅଲ୍ଲି ସତ୍ୟପୀରଙ୍କ ପୂଜାର୍ଚ୍ଚନା କରିଥିଲେ। ଘନୀପୁର ପଞ୍ଚାୟତର ଜୋରକଣୀ, ତିଗିରିଆ ଓ କଣାସ ବ୍ଲକର ଅନେକ ଗ୍ରାମ ଘୋରଡିଆ ହାଟ ଉପରେ ନିର୍ଭର କରିଥାନ୍ତି। ବନ୍ୟା ସମୟରେ ଡଙ୍ଗାଦ୍ୱାରା ଜନସାଧାରଣ ଘୋରିଆକୁ ଯାତାୟାତ କରିଥାନ୍ତି। ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦିବଂଗତ ବିଧାୟକ ପ୍ରଦୀପ ମହାରଥୀ ୨୦୧୨ରେ ଏହି ବ୍ରିଜ୍ର ଶିଳାନ୍ୟାସ କରିଥିଲେ। ୨୦୧୬ରେ କାର୍ଯ୍ୟ ଶେଷ ହେବା ପାଇଁ ଅବଧି ଥିଲେ ମଧ୍ୟ ଘାତ ପ୍ରତିଘାତ ଯୋଗୁ ନିର୍ମାଣରେ ବିଳମ୍ବ ହୋଇଥିଲା। ବ୍ରିଜ୍ର ସମସ୍ତ ସ୍ପାନ୍ ନିର୍ମାଣ ସରିଯାଇଥିବାବେଳେ ଆଉ ମାତ୍ର ଗୋଟିଏ ସ୍ପାନ କାର୍ଯ୍ୟ ଚାଲୁ ରହିଛି। ତେବେ ଯଥାଶୀଘ୍ର ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ପୂଜାର୍ଚ୍ଚନା କରାଯାଇଥିଲା। ଏବେ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ସ୍ଥାନୀୟ ଲୋକେ ଏହି ବ୍ରିଜରେ ପାଦରେ ଚାଲିଚାଲି ଯାତାୟାତ କରୁଛନ୍ତି। ବାକିଥିବା ଗୋଟିଏ ସ୍ପାନରେ ପଟା ସେଣ୍ଟ୍ରିଙ୍ଗ କରାଯାଇଛି। ଯାହା ପାଦରେ ଚାଲିଚାଲି ଯିବାରେ ସହାୟକ ହେଉଛି।



ବ୍ରିଜ ପାଇଁ ଜଣେ ସତ୍ୟପୀର ବାବା ପୂଜାର୍ଚ୍ଚନା କରୁଛନ୍ତି ।

# ଯୁବଶକ୍ତି ଜାଗ୍ରତରେ ଦେଶ, ରାଜ୍ୟର ବିକାଶ

**ନେହେରୁ ଯୁବକେନ୍ଦ୍ର ପୁରୀ ପକ୍ଷରୁ ଜିଲାସ୍ତରୀୟ କର୍ମଶାଳା**

ନିମାପଡ଼ା,୪।୮(ବିଚିତ୍ରାନନ୍ଦ ସାହୁ)




ନେହେରୁ ଯୁବକେନ୍ଦ୍ର ପୁରୀ ପକ୍ଷରୁ ଜିଲାସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥି ।

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ନେହେରୁ ଯୁବକେନ୍ଦ୍ର ପୁରୀ, ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ନିହିତା ପକ୍ଷରୁ ଯୁବ ସମ୍ବାଦ ଇଣ୍ଡିଆ ୨୦୪୭ ଶୀର୍ଷକ କାର୍ଯ୍ୟକ୍ରମ ନିମାପଡ଼ା ଇନ୍ଦିରାଗାନ୍ଧୀ ଜୁନିୟର ମହିଳା କଲେଜଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଜିଲାସ୍ତରୀୟ କର୍ମଶାଳା, ପଞ୍ଚପ୍ରାଣ ଶୀର୍ଷକ ଏକ ଆଲୋଚନାଚକ୍ର ଓ ସାମୂହିକ ଶପଥପାଠ ଉତ୍ସବ ଆୟୋଜିତ ହୋଇଥିଲା। ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ପୁରୀ ନିହିତାର ସମ୍ପାଦକ ଭକ୍ତବିହାରୀ ମିଶ୍ର, ଇନ୍ଦିରାଗାନ୍ଧୀ ମହିଳା ନିୟର କଲେଜ ଅଧ୍ୟକ୍ଷା ସୁଷମା ସୁନ୍ଦରୀ ରାୟ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସ୍ୱାମିଜୀ ସଦାଶିବାନନ୍ଦ ସରସ୍ୱତୀ, ଅଧ୍ୟାପକ ସତ୍ୟଜିତ୍ ସାହୁ, ଅରବିନ୍ଦ ସ୍ୱାଇଁ, ଅଧ୍ୟାପିକା ସବିତା ଜେନା, ମଧୁସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ଜଳ, ଜମି, ଜଙ୍ଗଲ, ଜନ୍ତୁ, ଜୀବନ ଆଦି ପଞ୍ଚପ୍ରାଣର ଉପାଦେୟତା, ନାରୀଶକ୍ତିର ବିକାଶ, ଜଳ ସଂରକ୍ଷଣ, ସୌରଶକ୍ତିର ବିକାଶ କ୍ଷେତ୍ରରେ ଯୁବଶକ୍ତିର ବିନିଯୋଗ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଭାରତ ବର୍ଷକୁ ଯୁବଶକ୍ତି ଦ୍ୱାରା ଅନୁପ୍ରାଣିତ କରାଇବା, ଦେଶ ଓ ଜାତିର ବିକାଶ କ୍ଷେତ୍ରରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱ ରହିଥିବାବେଳେ ଯୁବଶକ୍ତି ଜାଗ୍ରତ ହେଲେ ଦେଶ ଓ ରାଜ୍ୟ ବିକଶିତ ହେବ ବୋଲି ଯୁବକଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ଅତିଥି, ମହିଳା ମହାବିଦ୍ୟାଳୟର ଶହ ଶହ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକମାନେ ପଞ୍ଚପ୍ରାଣର ମହନୀୟତା ଦିଗରେ ସାମୂହିକ ଶପଥପାଠ କରିଥିଲେ। ନିହିତାର ସମ୍ପାଦକ ମିଶ୍ର, ସଂଯୋଜକ ଶଶୀ ଶେଖର ପଣ୍ଡା, ବିଭୂତି ଭୂଷଣ ମିଶ୍ର, ଶ୍ରୀଧର ବେହେରା, ଆଲୋକ ଦାଶ ପ୍ରମୁଖ ଏହି କର୍ମଶାଳା ଓ କାର୍ଯ୍ୟକ୍ରମର ସଂଯୋଜନା ଏବଂ ପରିଚାଳନା କରିଥିଲେ।

**ସିଡିଏମ୍ଓଙ୍କ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ମକରନ୍ଦ ବେଉରା ଶୁକ୍ରବାର କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏଠାରେ ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସହ କଥା ହୋଇଥିଲେ। ଏହାଛଡା ସକାଳ ବେଳା ଆଉଟ୍ ଡୋର୍ ଚିକିତ୍ସାରେ ରୋଗୀଙ୍କୁ ଯେପରି ଅବହେଳା ନ କରାଯାଏ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ସମସ୍ତ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ତାଗିଦ୍ କରିଥିଲେ। ଏହାଛଡା ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ବସନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣା, ୩ ଗିରଫ

ଚୌଦ୍ୱାର,୪।୮(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀ ଧନେଶ୍ୱର ଜେଠୀଙ୍କୁ ଆକ୍ରମଣ କରିବା ଘଟଣାରେ ଚୌଦ୍ୱାର ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନଖରା ଗ୍ରାମର ବେଣୁଧର ରାଉତ, ଲକ୍ଷ୍ମଣ ପଣ୍ଡା ଓ ଜିତୁ ଭଞ୍ଜ। ପୋଲିସ ସୂଚନା ଅନୁଯାୟୀ ଗତ ଜୁଲାଇ ୨୦ ତାରିଖ ରାତିରେ ଧନେଶ୍ୱର କୋଚିଂ ସେଣ୍ଟରରୁ ନିଜ ଘରକୁ ଫେରୁଥିବାବେଳେ ଶାଳଗାଁ ରେଳଷ୍ଟେଶନ ନିକଟରେ ୩ ଜଣ ଯୁବକ ତାଙ୍କୁ ଅଟକାଇବା ସହିତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ତାଙ୍କଠାରୁ ଗୋଟିଏ ସୁନାଚେନ୍, ଗୋଟିଏ ମୁଦି ଓ ୫୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ଜିଓ ଟ୍ୟାଗରେ ଚଞ୍ଚକତା: ତଦନ୍ତ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

କଟକ ସଦର,୪।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର କମାପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କରାଯାଇଥିବା ଜିଓ ଟ୍ୟାଗରେ ଚଞ୍ଚକତା କରାଯାଇଥିବା ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଡିଓ ପରିଡ଼ା ଗୁରୁବାର ଅତିରିକ୍ତ ବିଡିଓ ଖାଡେଶ୍ୱର ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସର୍ଭେ ବେଳେ ଯେଉଁ ସ୍ଥାନରେ ଘର ନିର୍ମାଣ ପାଇଁ ଜିଓ ଟ୍ୟାଗ୍ କରାଯାଇଥିଲା ସେଠାରେ ଘର କରା ନ ଯାଇ ଅନ୍ୟ ପ୍ଲଟ୍‌କୁ ମଡାଇ କରାଯାଉଥିବା ଅଭିଯୋଗ ହୋଇଥିଲା। ଜିଓ ଟ୍ୟାଗ୍‌ରେ ଜମିର ଅକ୍ଷାଂଶ ଓ ଦ୍ରାଘିମା ସହ ମାଲିକାନା ଖାତା, ପ୍ଲଟ୍ ନମ୍ବର ଜଣାପଡ଼ିବ। ଲୋକମାନେ ଯେଉଁ ସ୍ଥାନରେ ଘର କରିବା ପାଇଁ କହି ଜିଓ ଟ୍ୟାଗ୍ କରିଥିଲେ, ଏବେ ଆଉ ସେଠାରେ ନ କରିବା ପାଇଁ ଉଦ୍ୟମ କରୁଛନ୍ତି। ସେଥିପାଇଁ ଏହି ସମସ୍ୟା ଦେଖାଦେଇଛି।

### ରାସ୍ତାରେ ପାଣି, ଯାତାୟାତରେ ସମସ୍ୟା

ଚୌଦ୍ୱାର,୪।୮(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଆଗ୍ରାହାଟ ଗ୍ରାମ ଯାତ୍ରା ପଡ଼ିଆଠାରୁ ଅଙ୍ଗାରଯୋଡ଼ିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ୩ ଦିନ ହେବ ୨ଫୁଟ ଉଚ୍ଚର ବର୍ଷାଜଳ ଜମି ରହିଛି। ଫଳରେ ଅଙ୍ଗାରଯୋଡି ଗ୍ରାମର ୧୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇପାରୁନାହାନ୍ତି। ଜଳ ନିଷ୍କାସନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ମଙ୍ଗୁ ମହାନ୍ତି, ଭରତ ନାୟକ, ଦୁଷ୍ମନ୍ତ କୁମାର ସାହୁ, ବାପୁନୀ ବେହେରା ଓ ଦୀପୁ ଜେନା ପ୍ରମୁଖ ଦାବି କରିଛନ୍ତି।

### ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀଙ୍କ ପରଲୋକ

ଫୁଲନଖରା,୪।୮
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ସୁରେନ୍ଦ୍ର ନାଥ ମଲ୍ଲିକ(୭୫)ଙ୍କର ପରଲୋକ ହୋଇଯାଇଛି। ସେ କିଛିଦିନ



ଧରି ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ପୂର୍ବାହ୍ନରେ ତାଙ୍କ ବାସଭବନରେ ପରଲୋକ ଘଟିଥିଲା। ଶେଷଶଯ୍ୟା ନିକଟରେ ତାଙ୍କର ୪ ଝିଅଜ୍ୱାଇଁ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଅନ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ସୁରେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ଦୁଷ୍ମନ୍ତ କୁମାର ମଲ୍ଲିକ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସୁରେନ୍ଦ୍ର ଭୁବନେଶ୍ୱରସ୍ଥିତ ରିଜର୍ଭ ବ୍ୟାଙ୍କରେ ଆସିଷ୍ଟାଣ୍ଟ ଟ୍ରେଜରର୍ ଭାବେ କାର୍ଯ୍ୟ କରି ୨୦୧୯ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଧର୍ମପରାୟଣ, ମେଳାପି, ମିଷ୍ଟଭାଷୀ ଓ ବଦାନ୍ୟ ବ୍ୟକ୍ତି ଥିଲେ।

# ପ୍ରଚାରରେ ସୀମିତ ଡେଙ୍ଗୁ ନିରାକରଣ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ସହରରେ ଡେଙ୍ଗୁ ରୋଗ ନ ବ୍ୟାପିବା ପାଇଁ ଅନେକ ପ୍ରଚାର ପ୍ରସାର କରାଯାଇଛି। ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଶୋଭାଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଛି। ହେଲେ ଏହି କାର୍ଯ୍ୟକ୍ରମ କେବଳ ପ୍ରଚାର ପ୍ରସାରରେ ସୀମିତ ରହିଯାଇଛି। ସହରରେ ଏବେ ଡେଙ୍ଗୁର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। କିଛିଦିନ ତଳେ ସିଡିଏ ଅଞ୍ଚଳରୁ ୧୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଏହାପରେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସିଏମ୍‌ସି ପକ୍ଷରୁ ଶୁକ୍ରବାର ସିଡିଏ ସେକ୍ଟର-୧୧ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଟି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସିଡିଏ ଅଞ୍ଚଳରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ବଗିଚା, ନିକଟରେ ଥିବା ଅନାବନା ବୁଦା ସଫା କରିଥିଲେ । ଏଥିସହ ପଡି



ସିଡିଏ ସେକ୍ଟର-୧୧ ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ଅନୁଷ୍ଠିତ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ।

**ଲୋକଦେଖାଣିଆ ସଚେତନତା କାର୍ଯ୍ୟକ୍ରମ**

ରହିଥିବା ଅବ୍ୟବହୃତ ଟାୟାରକୁ ଅନ୍ୟତ୍ର ହଟାଇ ଦିଆଯାଇଥିଲା। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଲୋକଙ୍କୁ ସଚେତନ କରାଯିବା ସହ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ସେହିପରି ସେକ୍ଟର-୯ ସରସ୍ୱତୀ ଶିଶୁ ମନ୍ଦିରରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ଡେଙ୍ଗୁ ନିରାକରଣକୁ ନେଇ ସ୍ଥାନୀୟ ବାସିନ୍ଦା ଭିନ୍ନ ମତ ଦେଇଛନ୍ତି। ସ୍ଥାନୀୟ ବାସିନ୍ଦା ବିପ୍ଲବ ବାରିକଙ୍କ କହିବାନୁଯାୟୀ, ଠିକ୍ ଭାବରେ ବୁସ୍ କଟିଂ ହୋଇନାହିଁ। ଅନେକ ସ୍ଥାନରେ ପାଣି ଜମି ରହିଛି। ପୂର୍ବରୁ ଯେଉଁ ପଦକ୍ଷେପ ନେବା ଆବଶ୍ୟକ ତାହା ବର୍ତ୍ତମାନ ନିଆଯାଉଛି। ସେହିପରି ସୁମିତ୍ରା ସାମଲ କହିଛନ୍ତି, ଏକ ସାଙ୍ଗରେ ଏତେ ରୋଗୀ ଚିହ୍ନ ହେବା ପରେ ଭୟ ଲାଗୁଛି। ଏଥିପାଇଁ ପୂର୍ବରୁ ପ୍ରସ୍ତୁତି କରିଥିଲେ ଏଭଳି ସ୍ଥିତି ଉପୁଜି ନ ଥାନ୍ତା। ଏବେ ଲୋକ ଦେଖାଣିଆ ଭାବେ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଡେଙ୍ଗୁକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେନେଇ ପଦକ୍ଷେପ ନେବା ସମ୍ପର୍କରେ ଡା. ମହାପାତ୍ର ପରାମର୍ଶ ଦେଇଥିଲେ।




କଟକ ଖାନନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଜିଲା ନେତୃତ୍ୱ ସମ୍ମିଳନୀ।

# ଏଲ୍ଆଇସି ଜୋନାଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ସ୍ଥାନୀୟ ଦ୍ୱାରକା ହୋଟେଲଠାରେ ଏଲ୍ଆଇସି ଜୋନାଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବର୍ଗ ଚେସ୍‌ରେ କିରଣ ମନୀଷା ଓ ପୁରୁଷ ବର୍ଗରେ ଆଶୁତୋଷ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ବର୍ଗର କ୍ୟାରମ ପ୍ରତିଯୋଗିତାରେ ଜିତେନ୍ଦ୍ର କୁମାର ଏବଂ ମହିଳା ବର୍ଗରେ ଦୀପିକା କୁମାରୀ ଚାମ୍ପିୟନ ହୋଇ ସର୍ବଭାରତୀୟସ୍ତରକୁ ମନୋନୀତ ହୋଇଛନ୍ତି। ତାପସ କୁମାର ମହାନ୍ତି ଚେସ୍ ଏବଂ ଏସ୍. ଲୋକେଶ୍ୱର ରାଓ କ୍ୟାରମ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। କଟକ ମଣ୍ଡଳର ବରିଷ୍ଠ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଏଲ୍ଆଇସିର ପ୍ରାଦେଶିକ ପ୍ରବନ୍ଧକ ଶ୍ୟାମସୁନ୍ଦର ବେହେରା ମଧ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ କଟକର ନିରାକାର ମାଦଳୀ ଓ ସୁଧାଂଶୁ ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସିବିରେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ଉଦ୍‌ଘାଟିତ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଶୁକ୍ରବାର ସ୍ତନ୍ୟପାନ ପରିଚାଳନା କେନ୍ଦ୍ର 'ଅମୃତ' ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି କମିଶନର ତଥା ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତିର ଅଧ୍ୟକ୍ଷ ନିଖିଲ ପୱନ କଲ୍ୟାଣ ଏହାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ୍ ସହାୟତାରେ ଏହି କେନ୍ଦ୍ର ଖୋଲାଯାଇଛି। ନବଜାତକଙ୍କୁ ମାତୃ କ୍ଷୀର ଯୋଗାଇ ସ୍ୱାସ୍ଥ୍ୟବାନ୍ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର, ରେଜିଷ୍ଟ୍ରାର ଡ. ଅବିନାଶ ରାଉତ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଯୁଗ୍ମ ନିର୍ଦ୍ଦେଶକ(ନ୍ୟୁଟ୍ରେସନ୍) ଡା. ସ୍ମୃତିଜିତ୍ ପଟ୍ଟନାୟକ, ଡା. ଆଦିତ୍ୟ ମହାପାତ୍ର, ଅତିରିକ୍ତ ଡିଏମ୍ଇଟି ଡା. ବ୍ରଜକିଶୋର ଦାଶ, ପ୍ରଫେସର ଜେ. ଏନ୍. ବେହେରା, ପ୍ରଫେସର ଏନ୍.ଏନ. ସୋରେନ, କୀର୍ତ୍ତିରେଖା ମହାପାତ୍ର, ଲୁସି ଦାସ, ପ୍ରଫେସର ଭୁବନ ମୋହନ ଦାସ ଏବଂ ସ୍ୱପ୍ନାରାଣୀ ଜେନା ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଶା ଗଠନର ପ୍ରମୁଖ ବିନ୍ଧାଣି ଥିଲେ ବିଚିତ୍ରାନନ୍ଦ

କଟକ,୪।୮(କାର୍ତ୍ତିକ ସାହୁ)

ଆଦିନେତା ବିଚିତ୍ରାନନ୍ଦ ଦାସ ଥିଲେ ଆଧୁନିକ ଓଡ଼ିଶା ଗଠନର ପ୍ରମୁଖ ବିନ୍ଧାଣି। ତାଙ୍କର କାର୍ଯ୍ୟାବଳୀ ବର୍ତ୍ତମାନର ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି ପୂର୍ବତନ ପ୍ରଶାସକ ଉଦୟ ଶଙ୍କର ରାୟ କହିଛନ୍ତି। କଟକ କାଠଗଡ଼ାସାହିସ୍ଥିତ କର୍ମବୀର ଗୌରୀଶଙ୍କର ସ୍ମୃତି ସଦନରେ ବିଚିତ୍ରାନନ୍ଦ ଦାସଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଦୟ ଶଙ୍କର ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏଥିରେ ଡ. ଅକ୍ଷୟ କୁମାର ଭଦ୍ର ଅଧ୍ୟକ୍ଷତା କରି ଓଡ଼ିଆ ଜାତିକୁ ନିଜର ସ୍ୱାର୍ଥ ଓ ସମ୍ମାନ ରକ୍ଷା ପାଇଁ ଲଢ଼େଇ କରିବାକୁ ଆଦିନେତା ଜାଗ୍ରତ କରିପାରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ସାମାଜିକ କର୍ମୀ ଇନ୍ଦ୍ରଜିତ ଘୋଷ କହିଥିଲେ, ବିଚିତ୍ରାନନ୍ଦ ନିଜର ସ୍ୱଳ୍ପ ଜୀବନକାଳ ମଧ୍ୟରେ କରିଥିବା କାର୍ଯ୍ୟ ଜଣେ ଯୋଗଜନ୍ମା ଦ୍ୱାରା ହିଁ ସମ୍ଭବ। ସାମ୍ବାଦିକ ଅଜୟ କୁମାର ଦାସ ଆଦିନେତାଙ୍କ ବିଚକ୍ଷଣତା ଓ ଦୃଢ଼ ନିଷ୍ପତ୍ତି ନେବାର ଗୁଣ ପାଇଁ ତତ୍କାଳୀନ କମିଶନର ରେଭେନ୍‌ଶା ସାହେବଙ୍କ ପ୍ରିୟପାତ୍ର ହୋଇ ତାଙ୍କର ମୁଖ୍ୟ ପରାମର୍ଶଦାତା ହୋଇପାରିଥିଲେ ବୋଲି କହିଥିଲେ। ସ୍ମୃତି ସଂସଦର ସମ୍ପାଦକ ଅଜିତ୍ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ଅଧିବକ୍ତା ମନୋରଞ୍ଜନ ମହାପାତ୍ର, ଅଶୋକ କୁମାର ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧିବକ୍ତା ସୁରଜିତ ନାଥ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ ପକ୍ଷରୁ ମିଠା, ଚକୋଲେଟ ବଣ୍ଟନ



ବାଦାମବାଡ଼ି ଟ୍ରାଫିକ୍ ଛକଠାରେ ଜିଲା କଂଗ୍ରେସ ପକ୍ଷରୁ ସ୍କୁଟି ଆରୋହୀଙ୍କୁ ମିଠା ଓ ଚକୋଲେଟ୍ ବଣ୍ଟନ କରାଯାଉଛି।

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ଖୁସିରେ ଶୁକ୍ରବାର କଟକ ଜିଲା କଂଗ୍ରେସ ପକ୍ଷରୁ ବାଦାମବାଡ଼ି ଟ୍ରାଫିକ ଛକଠାରେ ପଥଚାରୀମାନଙ୍କୁ ମିଠା ଓ ଚକୋଲେଟ ବଣ୍ଟନ କରାଯାଇଛି। କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ମୁଖପାତ୍ର ଅଶୋକ ସ୍ୱାଇଁ, କଟକ ସଦର ବ୍ଲକ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୯ରେ ମୋଦି ସାଙ୍ଗିଆକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଉପରେ ଗୁଜରାଟର ସୁରଟ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏହି ରାୟରର ୨୪ ଘଣ୍ଟା ମଧ୍ୟରେ ରାହୁଲଙ୍କ ଲୋକସଭା ସଦସ୍ୟତା ରଦ୍ଦ କରାଯାଇଥିଲା। ସେ ଏହା ବିରୋଧରେ ଗୁଜୁରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଦଣ୍ଡ ବଳବତ୍ତର ରଖିଥିଲେ। ଫଳରେ ରାହୁଲ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ଶୁକ୍ରବାର ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

# ବ୍ୟକ୍ତିଙ୍କ ଭିତରେ ମାନବିକତା ରହିଲେ ସମାଜ ଉପକୃତ ହେବ

କଟକ,୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ବୋନ୍ ଆଣ୍ଡ ଜଏଣ୍ଟ ସପ୍ତାହ ପାଳନ ଅବସରରେ ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଓ ପଦ୍ମିନୀ କେୟାର ପକ୍ଷରୁ ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଓ ରାଜ୍ୟ ଅସ୍ଥିଶଲ୍ୟ ସଂଘ ଏବଂ ଓଡ଼ିଶା ଶିଶୁ ଅସ୍ଥିଶଲ୍ୟ ସମିତି ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଡାକ୍ତର ଓ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଏହି ତାଲିମ ଓ ଏହାର ଠିକ୍ ପ୍ରୟୋଗ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଡ୍ରିମ୍‌ସ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କହିଥିଲେ, ଜଣେ ବ୍ୟକ୍ତି ପ୍ରଶିକ୍ଷିତ ହେଲେ ଚଳିବ ନାହିଁ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଡ୍ରିମ୍‌ସରେ ବୋନ୍ ଆଣ୍ଡ ଜଏଣ୍ଟ ଦିବସ**

ତାଙ୍କ ଭିତରେ ମାନବିକତା ରହିଲେ ହିଁ ସମାଜ ଓ ଦେଶ ଉପକୃତ ହେବ। ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ନିର୍ଦ୍ଦେଶକ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପଦ୍ମିନୀ କେୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା ଉପସ୍ଥିତ ଥିଲେ। ଡା. ବରୁଣ କୁମାର, ଡା. ପ୍ରିୟବ୍ରତ ସାହୁ, ପ୍ରାଧ୍ୟାପିକା ଡ. କ୍ରିଷ୍ଟାପ୍ରଦା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ମେହେବୁବ୍ ଅଲ୍ଲୀ ଓ ପଦ୍ମିନୀ ରିହାବ୍ କେନ୍ଦ୍ରର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶତାଧିକ ଗାଡି ଚାଳକ ଓ ସୁରକ୍ଷା କର୍ମୀ ତାଲିମ ଗ୍ରହଣ କରିଥିଲାବେଳେ ସମସ୍ତଙ୍କର ବୋନ୍ ମିନେରାଲ ଡେନ୍‌ସିଟି ପରୀକ୍ଷା କରାଯାଇଥିଲା।

# ଜଳ ନିଷ୍କାସନରେ ବାଧକ କଳିକତି ଦଳ

କଟକ ସଦର,୪।୮
(ସୁଶାନ୍ତ କୁମାର ଜେନା)

**ନିମେଇସାପୁର ଗହୀର ଜଳାର୍ଣ୍ଣବ**

କଟକ ସଦର ବ୍ଲକ ଅନ୍ତର୍ଗତ ନିମେଇସାପୁର, ଦଣ୍ଡୁଆଶୀପଡ଼ା, କେଶପୁର ଗହିରରୁ ଉଦ୍‌ବୃତ୍ତ ବର୍ଷାଜଳ କନ୍ଦରପୁର ପଞ୍ଚାୟତ ନିକଟ ସଫେଇ ନାଳ ବାଟେ ହଂସୁଆ ନଦୀକୁ ନିଷ୍କାସିତ ହୋଇଥାଏ। ହେଲେ ଚଳିତବର୍ଷ ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁ ନାହିଁ। କାରଣ କନ୍ଦରପୁର ଥାନା-ଲେଭଲ କ୍ରସିଂ ମଧ୍ୟରେ ଥିବା ସଫେଇ ନାଳରେ କଳିକତି ଦଳ ଜମି ରହିଛି। ୩ ଦିନ ହେବ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ପ୍ରତିବର୍ଷ ନାଳ ସଫା ପାଇଁ ବ୍ୟବସ୍ଥା କରାଯାଉଥିଲେ ସୁଦ୍ଧା ଜବରଦଖଲ ଯୋଗୁ ସୁରୁଖୁରୁରେ ପାଣି ଯାଇପାରୁନାହିଁ। ତେଣୁ ପାଣିରେ ଆସୁଥିବା ଦଳ ତଳମୁଣ୍ଡକୁ ଯାଇପାରୁନାହିଁ। ଏଭଳି ପରିସ୍ଥିତିରେ ଖରିଫ ଧାନ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



# ଓଟିଏମ୍ ବଦଳରେ ହେଉ ସରକାରୀ କାରଖାନା ପ୍ରତିଷ୍ଠା

କଟକ,୪।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଟେକ୍ସଟାଇଲ ମିଲ୍ସ (ଓଟିଏମ୍) ବଦଳରେ ସରକାରୀ କାରଖାନା ପ୍ରତିଷ୍ଠା, ଥଇଥାନ ଓ ନିଯୁକ୍ତି ଦାବି କରିଛନ୍ତି ଶ୍ରମିକ ପରିବାର ଯୁବକ ସଂଘ। ସଂଘ ପକ୍ଷରୁ ଏହି ମର୍ମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ଚୌଦ୍ୱାରଠାରେ ଥିବା ଆଧୁନିକ ଓଡ଼ିଶାର ପ୍ରଥମ ଶିଳ୍ପ ଓଟିଏମ୍‌କୁ ୨୦୦୧ରେ ବନ୍ଦ କରାଯାଇ ଶ୍ରମିକ, କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସର ନେବାକୁ କୁହାଯାଇଥିଲା। କମ୍ପାନୀ ବନ୍ଦ ହେବାର ୪୫ ଦିନ ମଧ୍ୟରେ ବକେୟା ପ୍ରାପ୍ୟ ପ୍ରଦାନର ବ୍ୟବସ୍ଥା ରହିଥିଲେ ମଧ୍ୟ ଦୀର୍ଘ ୨୨ ବର୍ଷ ହେବ ତାହା ମିଳି ନ ଥିଲା। ଲିକ୍ୟୁଡେସନ୍ ପ୍ରକ୍ରିୟାରେ ଓଟିଏମ୍ ମାମଲା ହାଇକୋର୍ଟରେ ଗଡ଼ିଚାଲିଥିଲା। ୨୦୨୨ ମାର୍ଚ୍ଚ ୩ରେ ରାଜ୍ୟ ସରକାର ଓଟିଏମ୍‌କୁ ନିଜ ହାତକୁ ନେଇ କମ୍ପାନୀ ବଦଳରେ ଚୌଦ୍ୱାରଠାରେ ଏକ ସମନ୍ୱୟ ବୟନ ଶିଳ୍ପ ପାର୍କ ପ୍ରତିଷ୍ଠା କରିବାକୁ କହିଥିଲେ। ଏଥିସହ ୨୦୨୨ ଡିସେମ୍ବର ୯ରେ ଅଫିସିଆଲ ଲିକ୍ୟୁଡେଟର ଶ୍ରମିକ, କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ଦେବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ବକେୟା ପ୍ରାପ୍ୟ ଭାବେ ପ୍ରଦାନ କରାଯାଉଥିବା ଅର୍ଥରେ ୧୮ ମାସ ୧୫ ଦିନ ହାଜିରାର ଦରମା, ବୋନସ୍ ଟଙ୍କା ଦିଆଯାଉନାହିଁ। କୋର୍ଟଙ୍କ ନିକଟରେ ଶ୍ରମିକ, କର୍ମଚାରୀଙ୍କ ମହଙ୍ଗାଭତ୍ତାକୁ ଅଂଶଧନ ଭାବେ ପଇଠ ହୋଇଥିବା ଅର୍ଥରାଶି ଓ ମୂଳ ବକେୟା ପ୍ରାପ୍ୟର ୨୨ ବର୍ଷ ସରକାରୀ ବ୍ୟାଙ୍କ ସୁଧ ହାରରେ ଦିଆଯାଉନାହିଁ। ଅପରପକ୍ଷରେ କାରଖାନା ବନ୍ଦ ହେବା ପରେ ଶ୍ରମିକ, କର୍ମଚାରୀ ବକେୟା ପ୍ରାପ୍ୟ ନ ପାଇ ପରିବାର ପ୍ରତିପୋଷଣ ପାଇଁ ମଜୁରି କାମ କରିବାକୁ ବାଧ୍ୟ ହୋଇଥିଲେ। ପ୍ରାୟ ୧୦ବର୍ଷ ଧରି ଓଟିଏମ୍ କଲୋନୀରୁ ପାନୀୟଜଳ, ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦିଆଯାଇଥିଲା। ଏପରିକି ରାସ୍ତାଘାଟ, ନାଳନର୍ଦ୍ଦମା ମରାମତି ସହ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରାଯାଇଛି। ଓଟିଏମ୍ ଶ୍ରମିକ ପରିବାରର ସମୟ, ଶିକ୍ଷା ଓ ସାମାଜିକ ବ୍ୟବସ୍ଥାରୁ ଅନ୍ତର ହୋଇଛନ୍ତି। ତେଣୁ ପ୍ରତ୍ୟକ୍ଷ ବା ପରୋକ୍ଷରେ କମ୍ପାନୀ ଉପରେ ନିର୍ଭର କରି ଚଳି ଆସୁଥିବା ବସ୍ତିବାସିନ୍ଦା ଓ ବ୍ୟବସାୟୀଙ୍କ ଥଇଥାନ ଜରୁରୀ ହୋଇପଡ଼ିଛି। ଓଟିଏମ୍ ବଦଳରେ ସରକାରୀ କାରଖାନା ପ୍ରତିଷ୍ଠା ସହ ଓଟିଏମ୍ କଲୋନୀ, ଓଟିଏମ୍ ଦୁର୍ଗାବଜାର, ଜୟନ୍ତୀ ନଗର, ବ୍ୟାଘ୍ରବାହିନୀ ନଗର, ମଠସାହି, ତ୍ରିନାଥ ନଗର, ଗୋପାଳ ନଗର ବସ୍ତିବାସିନ୍ଦା ଓ ବ୍ୟବସାୟୀମାନଙ୍କୁ ଥଇଥାନ ଏବଂ ଓଟିଏମ୍ ବନ୍ଦ ଦ୍ୱାରା ପ୍ରଭାବିତ ହୋଇଥିବା ଶ୍ରମିକ ପରିବାରର ଯୁବତୀଯୁବକଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

ସଂଘ ଉପସଭାପତି ରମାକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ୧୬ ଜଣିଆ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସାଧାରଣ ସମ୍ପାଦକ କାହ୍ନୁଚରଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ୍ ଗଜେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ନିରଞ୍ଜନ ରାଉତ, ଉପଦେଷ୍ଟା ଅଭିରାମ ସ୍ୱାଇଁ, ଗୁରୁଚରଣ ଦାସ, ଏସ୍‌କେ ମୁକ୍ତାର ହୁସେନ୍, ବସନ୍ତ ବାରିକ, ଆଇନଜୀବୀ ଭବାନୀ ଶଙ୍କର ମହାନ୍ତି, ଅଜୟ କୁମାର ଦାସ, ସଂଘର ସଭାପତି ତଥା ଆଇନଜୀବୀ କୈଳାସ ଚନ୍ଦ୍ର ସାହାଣୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଶ୍ରମିକ ପରିବାର ଯୁବକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର**

■ ଥଇଥାନ, ନିଯୁକ୍ତି ଦାବି କଲା ଶ୍ରମିକ ପରିବାର ଯୁବକ ସଂଘ

# ଧୋବେଇ କୋରଟିଆ

**ଗଳ୍ପ**

**ବିପ୍ଳବ**

"ପାଣି ମନ୍ଦେ ଦିଅ ମା', ପାଣି ମନ୍ଦେ ଦିଅ।'' ଦୁଇଥର ଡାକିଦେଇ ଲୋକଟି ଦାଣ୍ଡପିଣ୍ଡାରେ ଲଥ୍‌କରି ବସିପଡ଼ିଲା। ଦୁଇଟି ଘରଚଟିଆ ଚିଁ ଚିଁ ଶବ୍ଦକରି ଚାଳରୁ ଉଡ଼ିଚାଲିଗଲେ। ତାଙ୍କ କୁନି କୁନି ଡେଣାର ସାମାନ୍ୟ ହାଲୁକା ପବନ ଲୋକଟି ପିଠିରେ ଘସି ହୋଇଗଲା ଯେମିତି! ଲୋକଟି ମୁଣ୍ଡରେ ଠେକା ଭିଡ଼ିଥିବା ପାଣି ଗାମୁଛାଟିକୁ ଖୋଲି ମୁହଁର ଝାଳସବୁ ପୋଛିଲା। ଦର ଆଉଜା କବାଟକୁ ସାମାନ୍ୟ ଠେଲି ଘର ଭିତରକୁ ମୁହଁ କରି ପୁଣି ଥରେ ବିକଳ ସ୍ୱରରେ ଡାକିଲା- ମା'...

ନା। କେହି ଦିଶୁନଥିଲେ। ବୋଧହୁଏ ଟାଣ ଖରାକୁ ସମସ୍ତେ ନିଦେଇ ଯାଇଛନ୍ତି। କାହାର ବା ଗରଜ ପଡ଼ିଛି ଅଜଣା ଲୋକର ଡାକ ଶୁଣିବାକୁ? ଯେଝା ଘରେ ଯିଏ ଆରାମ କରୁଥିବେ। ଲୋକଟି ମନକୁ ମନ ଭାବିଲା।

ବୁଢ଼ାବାବୁ କି ମା' ସାଆନ୍ତାଣୀ କେହି ଦିଶୁନାହାନ୍ତି। ଯୋଗୀ ଭିକାରିଙ୍କ ପାଇଁ ସଦାବେଳେ ଯାଙ୍କର ଦୁଆର ମେଲା ରହିଥାଏ ବଡ଼ଦେଉଳର ସିଂହଦୁଆର ପରି। ନା ଥାଏ ବାଧା ନା ବନ୍ଧନ। ଏ ମହାମାରୀ ରୋଗଟା ପାଇଁ ସବୁଆଡ଼େ କଟକଣା। ସ୍ନେହ ସମ୍ପର୍କ ସବୁ ହଜିଗଲାଣି ଯେମିତି। ରୋଗ ଭୟରେ ଆଉ କବାଟ ଆଉଜେଇ ଦେଇନାହାନ୍ତି ତ! ଭାବନାର ବୁଢ଼ିଆଣୀ ଜାଲ ଭିତରେ ନିଜକୁ ନିଜେ ଛନ୍ଦି ହେଉଥିଲା ଲୋକଟି। କ'ଣ ହେଇଛି କେଜାଣି? ସେଇ ମା'ମଙ୍ଗଳାଙ୍କୁ ଜଣା।

ଲୋକଟି ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା।

ଖୁଁ ଖୁଁ କାଶ ସହିତ କ୍ଷୀଣ ଶବ୍ଦଟିଏ ଶୁଭିଲା।

- ଆରେ ବାବା କିଏ ଡାକୁଛ?

- ଆରେ, ଏ ତ ମା'ସାଆନ୍ତାଣୀଙ୍କ ପାଟି। ନହେଲେ ଏତେ ମଧୁବୋଳା ପେଟପୂରା ଡାକ କାହାର ହେବ?

ସେ କବାଟକୁ ସାମାନ୍ୟ ଠେଲି ଭିତରକୁ ଅନେଇଲା। ସତକୁ ସତ ମା'ସାଆନ୍ତାଣୀ। ହେଲେ ଏ ଗୁହାଳଘରେ! ଲୋକଟି ସାହସ ସଞ୍ଚୟ କରି ଆଉ ଟିକିଏ ଆଗକୁ ଗଲା। ସେଠି ଗୁହାଳ ହିଁ ନଥିଲା। ତା'ର ନକ୍ସା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା।

ଘୋଡ଼ାଛୁଆ ପରି ଉଞ୍ଚା ଉଞ୍ଚା ବଳଦ ହଳକ ଖୁଣ୍ଟରେ ବନ୍ଧା ହୋଇନଥିଲେ।



ଘରଟିର ଉପର ସେମିତି ଚାଳଛପର ଥିଲା। ଆଉ ଭିତର ବାଲି ସିମେଣ୍ଟ ଦିଆ ହୋଇ ପଲସ୍ତରା ହୋଇଥିଲା। ବଳଦ ହଳକ ନ ଥିଲେ ବି ସେ ଖାଉଥିବା କୁଣ୍ଡାତୋରାଣି କୁଣ୍ଡଟି ଘରର ଗୋଟିଏ କୋଣକୁ ଆଉଜା ହୋଇଥିଲା। ତା' କଡ଼କୁ ଲାଗି ଦୁଇଟି ଯୁଆଳି, ଜୋତ, ଲଙ୍ଗଳଦଉଡ଼ି, ଦୁଇ ଚାରିଟା ପାଞ୍ଚଣ, ଦୁଇହଳ ତୁଣ୍ଡି ଥୁଆ ହୋଇଥିଲା। ଘରର ଅଗ୍ନିକୋଣରେ ଭଙ୍ଗା ମଇଟିଏ ଡେରା ହୋଇଥିଲା ଏବଂ ତଳେ ଦୁଇହଳ ବାକୁଲି ଅଯତ୍ନ ଭାବରେ ପଡ଼ିଥିଲା।

ମା' ସାଆନ୍ତାଣୀ ପୂର୍ବ ଅପେକ୍ଷା ଦୁର୍ବଳ ଜଣାପଡୁଥିଲେ। ଗୋଟିଏ ହେଁସ ଉପରେ ପୁରୁଣା ପିନ୍ଧାଲୁଗା ଖଣ୍ଡିଏ ପଡ଼ିଥିଲା। ଆଉ ତେଲଚିକିଟା ମାଣ୍ଡି ଗୋଟେ ବି ଥୁଆ ହୋଇଥିଲା। ମା' ସାଆନ୍ତାଣୀ ସେଇଠି ଶୋଇଥିଲେ। ମାଣ୍ଡିର ଗୋଟାଏ କଡ଼କୁ ତାଙ୍କର ମୁଣ୍ଡଟି ଢଳି ପଡ଼ିଥିଲା। ମୁଣ୍ଡପଛ ପାଖରେ ପାଣିଢାଳ, ଟଉ ଗିଲାସଟିଏ, ପାନପେଡ଼ା, ଚୂନଘଡ଼ି, ଗୁଡ଼ାଖୁ ଡବା ଇତ୍ୟାଦି ଥୁଆ ହୋଇଥିଲା।

ଲୋକଟି ଆସ୍ତେ କରି ଡାକିଲା- ମା' ସାଆନ୍ତାଣି! ମୁଁ ଧୋବେଇ ଆସିଛି। ଧୋବେଇ କୋରଟିଆ, ନରଣପୁରିଆ। ତମ ବୁଢ଼ାପୁଅ।

ନିଜ ପରିଚୟ ଦେଇସାରି ଲୋକଟି ଜାକିଜୁକି ହୋଇ କଇଁଛ ପରି ଠିଆ ହେଲା। ବୁଢ଼ୀ ହାତ ହଲାଇ କିଛି ଇସାରା କଲା। ଲୋକଟି ଇସାରା ବୁଝିପାରିଲା ବୋଧହୁଏ। ବୁଢ଼ୀକୁ କାନ୍ଥର ଗୋଟିଏ କଡ଼କୁ ଆଉଜେଇ ବସେଇଦେଲା।

- ଆଉ କ'ଣ ଅଛି ଯେ ମରାମତ କରିବାକୁ ଆସିଲୁରେ ପୁଅ। ସେ ସ୍ୱରରେ କୋହ ଭରି ରହିଥିଲା ଯେମିତି!

- କ'ଣ ହୋଇଛି ମା'? ବ୍ୟଗ୍ର ହୋଇ ଲୋକଟି ପଚାରିଲା।

- କ'ଣ କହିବି ତତେ, ତୁ ତ ବାହାର ପିଲାଟା।

ଦି' ବରଷ ହେଲାଣି ତୋର ଦେଖାଦରଶନ ନାଇଁ। ସେଇ ରଜକୁ ଆଇଥିଲୁ ଯେ ଯାଇଛୁ। ଏ ଘରୁ ଶିରୀ ତୁଟିଗଲାଣି ସବୁ। ବୁଢ଼ା ସାଆନ୍ତେ ବି ଚାଲିଗଲେଣି କୋଉ ଦିନରୁ। ଦୁନିଆ ଦାଣ୍ଡରେ ମୁଁ ଏବେ ଏକା ଭାସୁଛି।

ଦେଖୁନୁ, ମୋ ମୁଣ୍ଡରେ ସୁନ୍ଦର ନାଇଁ। ହାତ ନଙ୍ଗଳା ପଡ଼ିଚି। ଏକା ଏକା ଦହଗଞ୍ଜ ହଉଚିରେ। ଏଇ ଅକଳରେ କେତେ ବଡ଼ବଡ଼ିଆ ଆଉ ଭେଣ୍ଡିଆ ପିଲା ଚାଲି ଯାଉସୁନ୍ତି, ଏ ଯମ ଯାହା ମୋତେ ନଉନି!

- ସେମିତି ଅମଙ୍ଗଳ କଥା ତୁଣ୍ଡରେ ଧରନି ମା' ସାଆନ୍ତାଣୀ। ଗରିବ ଗୁରୁବାଙ୍କ ପେଟ ତୁମେ ପରା ଚିହ୍ନ। ଲୋକଟି ପ୍ରତିବାଦ କରି କହିଲା।

- ହଁରେ ବା ମୁଁ ହତଭାଗିନୀଟିଏ। ତାଙ୍କ ଯିବା ପଛେ ପଛେ ହାତୀନେଖା ବଦଳଟିଏ ମରିଗଲା। ତା' ପଛକୁ ପିଲାଏ ସେ କସରା ବଦଳଟିକୁ ବିକିଦେଲେ। କେତେ ବୁଝେଇଲି। ଗୋ ମାତାକୁ କଂସେଇ ହାତକୁ ଦିଅନି। ଆମ ବିଲବାଡ଼ି ଚଷି ଆମ ପେଟକୁ ଦାନା ଦେଇଛନ୍ତି। ତାଙ୍କୁ କାହା ହାତରେ ଟେକିଦିଅନି। ସିଏ ବି ଏ ଘରର ପିଲା ପରି। ହେଲେ କିଏ ଶୁଣୁଚି ମୋ କଥା? ତା' ପଛରେ ବଡ଼ନାତୁଣୀଟି କାହା ସାଙ୍ଗେ ପଳେଇ ଗଲା। ଦି' ମାସ ପରେ ସୁରଟରେ ଅଛି ବୋଲି ଖବର ଆସିଲା। ବୋପା କୋଉ ସମଳା ପଡ଼େ? ବୁଢ଼ାଙ୍କ ବରଷିକିଆ କର୍ମ ତିନି ପକ୍ଷରେ ସାରି ଝିଅକୁ ଘରକୁ ଆଣିଲା। ଆଉ ପୁଣି ଥରେ ମନ୍ଦିରରେ ବାହା ଦେଲା। କ'ଣ କହିବି ସେ ଲାଜ କଥା! ଦିହେଁ ଶିକ୍ଷିତ ଆଉ ମାଷ୍ଟର। କେତେ ପିଲାଙ୍କୁ ପାଠ ପଢ଼େଇ ମଣିଷ କରୁସନ୍ତି। କୁଆଡ଼େ ଗଲା ତାଙ୍କ ମଣିଷପଣିଆ? ବୋପା ମଲା ବାସି ଘରେ ଚପାକସ ଗଣ୍ଡଗୋଳ ହେଲେ। ଜମି ଭାଗ ବଣ୍ଟାବଣ୍ଟି କରିଦେଲେ। ଘରକୁ ବି ବଣ୍ଟାକୁଣ୍ଟା କଲେ। ଶେଷରେ ମୋ କପାଳରେ ଏହି ଗୁହାଳ ପଇଲା।

ମା' ସାଆନ୍ତାଣୀ କାନ୍ଦୁଥିଲେ ରାହା ଧରି। ନିରୁପାୟ ହୋଇ ପାଖରେ ବସିଥିଲା ଧୋବେଇ। ଶେଷକୁ ପଦଟିଏ ଡାକିଲା- ମା' ତୁନି ହେଇଯା।

- କାହିଁକି ଆଉ ମା' ଡାକୁଛୁ ମେତେ। ଗୁହାଳେ କୋଉ ଗାଈ ବନ୍ଧା ହେଇସନ୍ତି ଯେ ତୋତେ କ୍ଷୀର ଦୁହିଁ ସରବତ କରିଦେବି। କୋଉ ଉଠିକି ଯାଇପାରୁଛି ଯେ ହାଣ୍ଡିଶାଳୁ ପଖାଳ ବାଢ଼ିକି ଦେବି। ମୋ' ହାତରେ ଆଉ କିଛି ନାହିଁରେ ଧନ। ଆଉ କୋଉ ଚାଷବାସ ଅଛି ନା ନଉତି, ଗଉଣି, ବେତୁଲି, କୁଲା ଅଛି ଯେ ସିଁ ବୁ? ସବୁ ପୋଡ଼ି ନିଆଁ ନାଗିଗଲା। ଗୋଟାଏ ପାଷ୍ଟିକ୍ କୁଲା ଆଣି ଚାଉଳ ପାଛୁଡୁସୁନ୍ତି। ବାହାରେ ବାଉଁଶ କିଳାରେ ଖଣ୍ଡିଆ କୁଲାଟିଏ ଓହଳିଛି। ତାକୁ କିଆଁ ସିଁ ବୁ? ମୁଁ ତ ମଲାବେଳକୁ ଭଙ୍ଗା କୁଲାଟିଏ ଦରକାର ହେବ।

ଧୋବେଇର ନିଜ ମା' ନହେଲେ ବି ସେ କାନ୍ଦି ପକାଇଲା। ତା' ଆଖି ବଦୁରିଗଲା ଲୁହରେ। ବୁଢ଼ୀକୁ ସାନ୍ତ୍ୱନା ଦେବ କ'ଣ? ତା' ଭୋକଶୋଷ ବୁଡ଼ି ଯାଉଥିଲା।

- ତମ ଦୁଆରୁ ଯୋଗୀ ଭିକାରି ଖାଲିପେଟରେ ଫେରନ୍ତିନି ମା' ସାଆନ୍ତାଣୀ। ପର ପିଲାର ପେଟ ଚିହ୍ନ ତମେ। ତମ କପାଳରେ ଶେଷରେ ଏଇଆ ଥିଲା? ମୁଁ ପଳେଇଯାଉଛି ମା'। ବାବୁମାନେ ଶୁଣିଲେ ମୋତେ ଗାଳି କରିବେ।

- ଆରେ କେହି ନାହାନ୍ତିରେ ପୁଅ। କୋଉ ମନ୍ଦିରରେ ଗୋଟେ ବାହାଘର ହେଉଛି। ସବୁ ସେଇଠିକି ଯାଇସନ୍ତି। ସେଇ ବେତୁଲି ତଳେ ମୋ' ପାଇଁ ଘୋଡ଼ା ହୋଇ ଭାତ ପୁଞ୍ଜେ ଥୁଆ ହୋଇଛି। ଖାଇ ଦେଇ ଯା' ସେଇ ଗଣ୍ଡାକ। ଝାଞ୍ଜି ବଇଶାଖରେ ବାର ଦୁଆର ବୁଲିଥିବୁ। ପେଟ ନାଖିଯାଉଛି ପିଠିରେ।

ସେମିତି କୁହନି ମା'। ମୋତେ ପାପ ଲାଗିବ ତମ ଆହାର ମୁଠାକ ଖାଇଲେ। ମୋତେ ଧରମ ସହିବନି।

ଅଣ୍ଟାରୁ କରାଟ ବାହାର କଲା ବୁଢ଼ୀ। ତିନୋଟି ପାଞ୍ଚଟଙ୍କିଆ ମୁଣ୍ଡା। ଧୋବେଇ ହାତକୁ ବଢ଼େଇ ଦେଇ କହିଲା ନେ....ଧ...ଆଉ କିଛି ନାହିଁ ମୋ ପାଖରେ ତତେ ଦବାକୁ। ବରଷ ବରଷ ଧରି ଏଇ ଘରର କେତେ ନଉତି, ଗଉଣି, ବେତୁଲି, ବାଉଁଶିଆ ସିଁ ବୁ, ମୋ' ଆଖି ସିଁ ଦିଅନ୍ତୁନି; ଯେମିତି ଟୋପାଏ ଲୁହ ବୁହନ୍ତାନି। ମୁଁ ଅନ୍ଧୁଣୀ ହେଇଯାଆନ୍ତି।

ଠକ୍ ଠକ୍ ଲୁହ ବୋହୁଥିଲା ଧୋବେଇ ଆଖିରୁ।

ଆର୍ଦ୍ରକଣ୍ଠରେ ଶେଷ ଥର ପାଇଁ ଡାକିଲା ମା'...

ସେଇ ପଦିଏ କଥାରେ ଏତେ କାରୁଣ୍ୟ ଭରି ରହିଥିଲା ଯେ ଶୁଣିବା ଲୋକର ଛାତିରୁ ସତସତିକା ମାଉଁସ ଖସିପଡ଼ିବ!

ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ

### ଶେଷ ଦୃଶ୍ୟ




**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ଅଗ୍ରଦୂତ, ବାଙ୍କା ବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୭୫/-

ଆଲୋଚ୍ୟ ଉପନ୍ୟାସର କେନ୍ଦ୍ରବିନ୍ଦୁ ସୁରେଖା, ଯିଏ ଜଘନ୍ୟ ଦୁଷ୍କର୍ମର ଶିକାର ହୋଇଛି; ନିରପରାଧ, ନିଖଳ ହୋଇବି। ଗାଁରେ ଜନ୍ମ ହୋଇ ଗାଁରେ ବଢ଼ିଥିବା ଝିଅ ସହରର ଏକ ଅଟୋବାଲାର ଷଡ଼ଯନ୍ତ୍ରରେ ଚାରିଜଣ ଯୁବକଙ୍କ କାମନାର ଶିକାର ହୋଇଛି। ବସ୍‌ଷ୍ଟାଣ୍ଡ ଯିବା ବଦଳରେ ସେ ତାକୁ ଏକ ଅପନ୍ତରା, ଅନ୍ଧାରୁଆ ଜାଗାକୁ ନେଇଯାଇଛି ଓ ତା'ପରେ ଯୋଜନା ମୁତାବକ ଘଟଣାମାନ ଘଟିଯାଇଛି। ଉପନ୍ୟାସର ଉପସଂହାର ମିଳନାନ୍ତକ। ଶୁଭକାନ୍ତଙ୍କ ସହଯୋଗରେ ପ୍ରତିଷ୍ଠା ହୋଇଛି 'ସୁରେଖା-ଶୁଶ୍ରୂଷାଳୟ' ଓ ସେଇଠି ବିତିଛି ଜୀବନର ନାନା ଆହ୍ୱାନକୁ ସାମ୍ନା କରିଆସିଥିବା ସୁରେଖାର ସେବିକା-ଜୀବନ। ମଝିରେ ଯାହା ଯାହା ଘଟିଗଲା, ତାହା ପାଠକଙ୍କ ପାଇଁ ଗୋପନ ଥାଉ! ଭଲ ଉପନ୍ୟାସ ଶୋଷ ବଢ଼ାଏ ଓ ଶେଷରେ ପାଣିଦିଏ ତୃଷାର୍ତ୍ତର ଚଳାରେ। କ୍ଷୀରୋଦଙ୍କର ଏହି ଉପନ୍ୟାସଟି ଏକ ସାଧାରଣ, ସଚରାଚର ଘଟୁଥିବା ଏକ ଘଟଣା ଆଧାରରେ ହୋଇଥିଲେ ବି ଜୀବନବାଦୀ ତାଙ୍କର ଦୃଷ୍ଟିକୋଣ। 'ନିଜକଥା'ରେ ସେ ଲେଖିଛନ୍ତି: ''ସୁରେଖା! ତନୁପାତଳୀ ସାବନା ରଙ୍ଗର ସୁନ୍ଦରୀ ଝିଅଟିଏ କ'ଣ କ୍ଷତି କରିଥିଲା କାହାର? କାହିଁକି ରାତି ଅନ୍ଧାର ଭିତରେ କେତେଟା ଡାହାଳ କୁକୁର ତାକୁ ଝୁଣି ଖାଇଗଲେ?'' ଜୀବନରେ ସବୁ ପ୍ରଶ୍ନର ଉତ୍ତର ମିଳେନା। ଏହି ଉତ୍ତର ମିଳୁ ନ ଥିବା ପ୍ରଶ୍ନ ହିଁ 'ଶେଷ ଦୃଶ୍ୟ'ର କାହାଣୀ। ଆଶା, ଏହା ପାଠିକାପାଠକଙ୍କୁ ଛୁଇଁବ। ୧୩୬ ପୃଷ୍ଠାର ଏହି ବହିଟିର ପ୍ରଚ୍ଛଦ ଆଙ୍କିଛନ୍ତି ରମାକାନ୍ତ ସାମନ୍ତରାୟ।

### ନଈ ନାଳର ରାଇଜ ଭିତର କନିକା




**ଲେଖକ:** ଡ. ବିଜୟ କେତନ ପଟ୍ଟନାୟକ
**ପ୍ରକାଶକ:** ଅଗ୍ନି, ରସୁଲଗଡ଼, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୯୦/-

ବିଶ୍ୱପ୍ରସିଦ୍ଧ 'ଭିତର କନିକା'କୁ ନେଇ ମୋଟ ଦଶଟି ପରିଚ୍ଛେଦରେ ରଚିତ ଆଲୋଚ୍ୟ ପୁସ୍ତକ। ପରିଚ୍ଛେଦଗୁଡ଼ିକର ଶୀର୍ଷକ ରହିଛି- 'ନଈ ନାଳର ରାଇଜ ଭିତର କନିକା', 'ଭିତର କନିକା ଇତିହାସ', 'ଭିତର କନିକାର ଜୈବ ବିବିଧତା', 'ଜୀବଜନ୍ତୁ', 'କୃତ୍ରିମ କୁମ୍ଭୀର ପ୍ରଜନନ କେନ୍ଦ୍ର: ଡାଙ୍ଗମାଳ', 'ଲୁଣା ଜଙ୍ଗଲର ଅନ୍ୟାନ୍ୟ ଜୀବଜନ୍ତୁ', 'ଭିତର କନିକାର ପକ୍ଷୀ ସମ୍ଭାର', 'ବଗ ଗହନ: ପକ୍ଷୀଙ୍କର ପ୍ରାକୃତିକ ପ୍ରସୂତିଶାଳା', 'ଭିତର କନିକାର ପର୍ଯ୍ୟଟନ ସମ୍ଭାର' ଓ 'ଗହୀରମଥାର ଅଲିଭ୍ ରିଡ୍‌ଲେ କଇଁଛ'। 'ପ୍ରସ୍ତାବନା'ରେ ଲେଖକ କହିଛନ୍ତି: ''ପ୍ରାକ୍ତନ କନିକା ରାଜ୍ୟର ଭିତିରିଆ ଅଞ୍ଚଳ ହୋଇଥିବାରୁ ନାଁ ତା'ର 'ଭିତର କନିକା'। x x ଦେଶରେ ଥିବା ହେନ୍ତାଳବନ ପରିସଂସ୍ଥା ମଧ୍ୟରେ 'ସୁନ୍ଦରବନ' ପଛକୁ 'ଭିତର କନିକା'ର ସ୍ଥାନ ଦ୍ୱିତୀୟ। x x ଏହି ସମ୍ବେଦନଶୀଳ ଆର୍ଦ୍ରଭୂମିକୁ ୨୦୦୨ ମସିହାରେ ଆନ୍ତର୍ଜାତିକ ରାମସର ସାଇଟ୍‌ର ମାନ୍ୟତା ମିଳିଛି।'' ବହିର ପ୍ରତ୍ୟେକଟି ପରିଚ୍ଛେଦରେ ସ୍ଥାନିତ ହୋଇଛି 'ଭିତର କନିକା'ର ନାନା ପ୍ରାକୃତିକ ବିଭବ ଓ ପଶୁପକ୍ଷୀଙ୍କୁ ନେଇ ଏକାଧିକ ରଙ୍ଗିନ ଛବି, ଯାହା ପୁସ୍ତକଟିର ପାଠକୀୟ ଆଦର ବୃଦ୍ଧିରେ ସହାୟକ ହୋଇପାରିବ। ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ତଥ୍ୟଭିତ୍ତିକ ସୂଚନା ପ୍ରଦାନରେ ବହିଟି ଅବଶ୍ୟ ସହାୟକ ହେବ।

## କାଳକାଳକୁ

''ଜୀବନ ଜୀବନ ଅଟେ,
ହେଉ ବିରାଡ଼ିର,
କୁକୁରର କି ମଣିଷର।''
– ଶ୍ରୀଅରବିନ୍ଦ



ଶ୍ରୀଅରବିନ୍ଦ (ଅରବିନ୍ଦ ଘୋଷ)ଙ୍କ ଧରାବତରଣ ୧୫ ଅଗଷ୍ଟ ୧୮୭୨ରେ, କଲ୍‌କାତାରେ ଓ ଦେହାବସାନ ୫ ଡିସେମ୍ବର ୧୯୫୦ରେ, ପୁଦୁଚେରୀରେ। ଦର୍ଶନ, ଯୋଗ, କବିତ୍ୱ ଓ ଜାତୀୟବାଦୀ ନେତୃତ୍ୱ- ଏକାଧାରରେ ତାଙ୍କଠାରେ ସମନ୍ୱିତ। ୧୯୧୦ରେ ଶେଷ ତାଙ୍କର ସଂକ୍ଷିପ୍ତ ରାଜନୈତିକ ଜୀବନ ଓ ସେଇଠୁ ଜୀବନର ଅନ୍ତିମ କ୍ଷଣଯାଏଁ ବିସ୍ତୃତ ତାଙ୍କର ମହାର୍ଘ ଆଧ୍ୟାତ୍ମିକ ସାଧନା, ଯାହା ବିଶ୍ୱାସ ରଖେ ମାନବର କ୍ରମିକ ରୂପାନ୍ତରରେ। ତାଙ୍କ ରଚିତ ତିନୋଟି ପ୍ରସିଦ୍ଧ ଗ୍ରନ୍ଥ- 'ଦିବ୍ୟ ଜୀବନ' (The Life Divine), 'ଯୋଗ ସମନ୍ୱୟ' (The Sythesis of Yoga) ଓ 'ସାବିତ୍ରୀ' (Savitri)। ସେ କହନ୍ତି: ''ସବୁକିଛି ସମ୍ଭବ, ଯଦି ତହିଁରେ ଈଶ୍ୱର-ସ୍ପର୍ଶ ଥାଏ।''

## କବିତା

### ଅନୁତ୍ତର

**ସୁଦର୍ଶନ ମହାପାତ୍ର**

**ଖି**ଟିଖିଆ ବେସାହାରା
ମୁହଁ ଯା'ର ହସଭରା
ଖବରକାଗଜ ପ୍ରଥମ ପୃଷ୍ଠାରେ
କେବେ କିଆଁ ଛପେ ନାହିଁ
ଉତ୍ତର ମୁଁ ଜାଣେନାହିଁ।

କ୍ଷମତାର ରଙ୍ଗ ଯେତେ
ବଦଳେ ବି ଅକସ୍ମାତେ
ସ୍ୱେଚ୍ଛାଚାରୀଙ୍କର
ଛାଇ ହୋଇ କିଆଁ
ଗଣତନ୍ତ୍ର ଲୁଚିଥାଇ
ଉତ୍ତର ମୁଁ ଜାଣେନାହିଁ।

ଛିନ୍ନ ବସ୍ତ୍ର ପରିହିତ
ଜରି ଗୋଟାଳିର ରୂପ
ସ୍ୱଚ୍ଛ ଭାରତ ବିଜ୍ଞାପନେ କିଆଁ
ଦୃଶ୍ୟ କେବେ ହୁଏ ନାହିଁ
ଉତ୍ତର ମୁଁ ଜାଣେନାହିଁ।

ଦୁଃଖ ଯନ୍ତ୍ରଣା ଭିତରେ
ଗୁମ୍‌ସୁମ୍ ଅନ୍ଧକାରେ
ଦୁଃଖୀ ଗଢୁଥାଏ ସ୍ୱପ୍ନର ପାହାଡ଼
ନିତି ନିତି କାହିଁ ପାଇଁ
ଉତ୍ତର ମୁଁ ଜାଣେନାହିଁ।

ନିଃସ୍ୱ ଜନ ହାହାକାର
ସବୁ ଶୁଣି ନିର୍ବିକାର
ଶାସକ ମଉନେ ବସିଥା'ନ୍ତି କିଆଁ
ଭରସାର ଦ୍ୱାହି ଦେଇ
ଉତ୍ତର ମୁଁ ଜାଣେନାହିଁ।

ମୋ: ୯୪୩୮୧୭୫୫୪୨

### ଶୂନ୍ୟତାର ସ୍ୱର

**ସୁଶାନ୍ତ କୁମାର ନାୟକ**

**ଆ**ଖିରେ ଆଖି ମିଶିଗଲେ
ଜନ୍ମନିଏ ଆଉ ଏକ ଆଖି
ଆତ୍ମୀୟତାର।
ହୃଦୟର ପ୍ରତି ସ୍ପନ୍ଦନରେ
ଶୁଭେ ଅନ୍ତରାତ୍ମାର ସ୍ୱର।

ଶ୍ୱାସପ୍ରଶ୍ୱାସର
ଆଘ୍ରାଣରେ
ଅନୁଭବ କରିହୁଏ
ଜୀବନର ରୂପାନ୍ତରିତ ସତ୍ତା।

ଆହତ ଜିହ୍ୱାର ସ୍ପର୍ଶରେ
ପ୍ରତିଧ୍ୱନିତ ହୁଏ
ମା' ମାଟିର ସ୍ୱର
ସମ୍ପର୍କର ଅଶ୍ୱମେଧ ଯଜ୍ଞରେ
ଅଜ୍ଞାନ ଅନ୍ଧକାର ଭେଦି
ଜନ୍ମନିଏ ଜ୍ଞାନର ଆଲୋକ।

ଶବ୍ଦର ଆଲିଙ୍ଗନରେ
ଜଳିଉଠେ ଲୋମକୂପ
ନାଭିମଣ୍ଡଳରେ
ଚେଇଁ ଉଠେ
ଉଷ୍ମ ପ୍ରସ୍ରବଣର ଧାର।

ଦେହାତୀତର
ଶେଷ ପାହାଚରେ ଶୁଭେ
ଶୂନ୍ୟତାର ସ୍ୱର।

ମୋ: ୭୬୦୮୦୨୫୬୧୬

### ଗୀତି କବିତା

### ନେଇଯାଅ ମତେ ଦୂରେ କାହିଁଦୂରେ

**ଦଣ୍ଡପାଣି କର**

**ନେ**ଇଯାଅ ମତେ ଦୂରେ କାହିଁଦୂରେ
ଯେଉଁଠି ନ ଥିବେ କେହି,
ଯେଉଁଠି ଦୁନିଆ ଅପବାଦ ନିଆଁ
ଛୁଇଁ ବି ପାରିବ ନାହିଁ।
ଛୁଇଁ ପାରିବନି ସନ୍ଦେହର ଆଖି
ନା ଥିବ ଲାଜ ନା ଭୟ,
ମନ ଉପବନେ ପ୍ରୀତି ପାରିଜାତ
ବାସୁଥିବ ମହ ମହ
ତୁମରି ବାହୁରେ ପଡ଼ିଥିବି ବନ୍ଧା
ରାତି ବି ପାହିବ ନାହିଁ
ନେଇଯାଅ ମତେ ଦୂରେ କାହିଁଦୂରେ
ଯେଉଁଠି ନ ଥିବେ କେହି।
ଯଉବନ ଥରେ ଆସେ ଜୀବନରେ
ରଙ୍ଗ ଭରି ଫଗୁଣର
ଫୁଲ ପରି ହସେ ଫୁଲ ପରି ବାସେ
ଗୀତ ଗାଇ ପ୍ରଣୟର
ଏତେ ଭଲ ଯେବେ ଲାଗେ ମୁଁ ତୁମକୁ
ଏତେ ଡେରି କରନାହିଁ
ନେଇଯାଅ ମୋତେ ଦୂରେ କାହିଁଦୂରେ
ଯେଉଁଠି ନ ଥିବେ କେହି।

ମୋ: ୭୯୭୮୫୦୪୬୯୭

### ଅନୁବାଦ କବିତା

### ଅଛି ମୁଁ ତୁମ ସାଥିରେ

**ମୂଳ ରଚନା: ମାର୍ଥା ମୋରିଡସ୍**
**ମର୍ମାନୁବାଦ: ଡ. ସୂଚନା ପାଢ଼ୀ**

**ସୁଖ!**
କିଆଁ ଖୋଜ ମୋତେ ବାରବାର
ଲୁହ ଅବାରିତ କୋହ ଅବିରତ
ପ୍ରତାରଣା ପ୍ରବଞ୍ଚନା
କ୍ଷତାକ୍ତ ହୃଦୟ ଯା'ର।
ମିଠାବୋଲା ବିଷବନ୍ଧୁ
ବିପଦରେ ଯା'ନ୍ତି ଦୂରେଇ
ଜାଣ? ଜାଣ ନାହିଁ?
ସମୟ! ଅସହାୟ ମୁଁ ଅସହାୟ।

ବନ୍ଧୁ!
ଝରାଅନା ଲୁହ ଅଳୀକ ଜୀବନ
ଖୋଜିନିଅ ସ୍ୱପ୍ନ ଆଶାର କିରଣ
ତୁମ ହାତେ ହାତ ଛନ୍ଦି ଚାଲିବି
ଲୁହ ପୋଛିଦେବି, ଲୁହ ପୋଛିଦେବି
'ଦୁଃଖ', ଅଜଣା ପଥରେ
ଭାସିଯିବ କାଳର କରାଳ ସ୍ରୋତରେ।

ମୋ: ୯୪୩୮୬୦୪୮୬୫

## ବିଚିତ୍ର ଜୀବ

**ମିନି ଗଳ୍ପ**

**ଶିବ ମିଶ୍ର**

**ଶ୍ରେ**ଣୀ କକ୍ଷରେ ଶିକ୍ଷାର୍ଥୀମାନଙ୍କ ଉତ୍ତର ଖାତା ପରଖୁଥିବା ଶିକ୍ଷକ ଜଣେ ଛାତ୍ରକୁ ପାଖକୁ ଡାକି କହିଲେ- ଏହି ଉତ୍ତର ତୁ ନିଜ ମନରୁ ଲେଖିନାହୁଁ। ଏହା ନିଶ୍ଚୟ ତୋ' ମାଆ ବତେଇଛନ୍ତି। ପିଲାଟି ମୁଣ୍ଡ ଟୁଙ୍ଗାରି 'ହଁ' କହିଲା। କିଛି ଦୂରରେ ଥାଇ ଏ ଘଟଣାକୁ ଅନୁଧ୍ୟାନ କରୁଥିବା ପ୍ରଧାନ ଶିକ୍ଷକ ଆସି ସେ ପିଲାଟିର ଖାତା ଦେଖିଲେ। ସେଥିରେ ଦୁଇଟି ପ୍ରଶ୍ନ ଏବଂ ତା'ର ଉତ୍ତର ଥିଲା। ପ୍ରଥମ ପ୍ରଶ୍ନ ଥିଲା- ଘରର ଖାଦ୍ୟ ଖାଇ ଘରେ ରହୁଥିବା ପଶୁମାନଙ୍କୁ କ'ଣ କୁହାଯାଏ? ପିଲାଟିର ଉତ୍ତରଥିଲା ସେମାନଙ୍କୁ 'ଗୃହପାଳିତ' ପଶୁ କୁହାଯାଏ। ଦ୍ୱିତୀୟ ପ୍ରଶ୍ନ ଥିଲା- ତୁମ ଘରେ ଥିବା ଏପରି ଏକ ପଶୁର ନାମ ଲେଖ। ପିଲାଟି ଲେଖିଥିଲା- 'ଆମ ଜେଜେବାପା'।

ଏବେ ଶ୍ରେଣୀ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ପଚାରିଲେ- ଆପଣ ଏଥିରୁ କିପରି ନିଶ୍ଚିତ ହେଲେ ଯେ, ଏହି ଉତ୍ତର ପିଲାଟିର ମାଆ କହିଛନ୍ତି? ପ୍ରଧାନ ଶିକ୍ଷକଙ୍କୁ ଦୁଆର ପାଖକୁ ଡାକି ନେଇ ଶିକ୍ଷକ କହିଲେ- ମୋର ତିନି ବର୍ଷର ନାତି ତା' ମାମିଠାରୁ ଶୁଣି ଶୁଣି ମୋତେ 'ବିଚିତ୍ର ଜୀବ' ବୋଲି ଡାକୁଛି।

ମୋ: ୯୮୫୩୦୭୦୦୧୮



## ଆଟ୍‌ଲାସ

**ଲଘୁ ଗଳ୍ପ**

**ସୁନନ୍ଦା ମହାନ୍ତି**

**ମ**ଣିଷ ଷାଠିଏରୁ ସତୁରି ବର୍ଷ ଆଡ଼କୁ ଯାଉଥିଲା ବେଳେ ପରିବର୍ତ୍ତନ ଆସିଥାଏ ଜୀବନରେ। ଅଭିଜ୍ଞ, ଅନୁଭୂତିଶୀଳ ବ୍ୟକ୍ତି ବିଶେଷଙ୍କ କହିବା ଭଳି ନିଜେ ନିଜକୁ ଭଲ ପାଇ, ଦୁନିଆକୁ ଛାଡ଼ି ନିଜକୁ ଭଲପାଉ ନ ଥିଲା ବୋଉ ବରଂ ବେଶୀ ବେଶୀ ଆକର୍ଷଣରେ ପୁଅ ଝିଅଙ୍କୁ ବାନ୍ଧି ରଖୁଥିଲା। ବାପାଙ୍କ ବରାଦ ମୁତାବକ ସବୁ କରି ରଖିବା ସଙ୍ଗେ ସଙ୍ଗେ ତାଙ୍କ ସେବା ଓ ଯତ୍ନକୁ ନିଜ ଜୀବନର ଧର୍ମ ବୋଲି ଭାବୁଥିଲା। ଚାରି ଝିଅଙ୍କୁ ବାହା ଦେଲା ପରେ ବି ବଳିପଡ଼ିଥିବା ନିଜ ପାଇଁ କିଛି ସୁନା ରୁପା ଗହଣାକୁ ନିଜ ଝିଅ ବୋହୂଙ୍କୁ ବାଣ୍ଟି ଚାଲିଥିଲା। ଘରକୁ ଆସୁଥିବା କାମବାଲୀକୁ ଅନେକ ଜିନିଷ ସହ ଭଲ ଭଲ ଶାଢ଼ି ଦେଇଚାଲିଥିଲା। ବୋଉକୁ ଚାହିଁ ମିତା ଭାବୁଥିଲା ବୋଉ ଏଯାଏଁ ବି ସେମିତି ଆଟ୍‌ଲାସଟିଏ ହୋଇ ରହିଯାଇଛି। ନିଜଠାରୁ ଅଧିକ ମଣିଷମାନଙ୍କୁ ପର ଆପଣା ଭୁଲି ଭଲପାଉଛି। ଭାଗବତ ବିଶ୍ୱାସରେ ନିଃଶ୍ୱାସ ନେଇ ଭଜନ, କୀର୍ତ୍ତନ, ଜଣାଣ, ମାଳିଗଡ଼ା ଓ ଜପତପ ଦର୍ଶନ ଛାଡ଼ି, ବାପାଙ୍କ ସେବା ସହିତ ପୁଅ ଝିଅ, ଜୋଇଁ, ବୋହୂମାନଙ୍କ ସହିତ ଉତ୍ତରୋତ୍ତର ପିଢ଼ି ନାତିନାତୁଣୀଙ୍କ ପାଇଁ ଭାବୁଛି ଓ ଅଖଣ୍ଡ ଦୀପ ଜଳାଇ ରଖୁଛି। ବୋଉ ରୂପକ ଭୂଗୋଳରେ ହାଡ଼ ମାଂସ ଗଣି ହେଇଯାଉଥିବା ବେଳେ ଭିଟାମିନ୍ ଫଳ ମୂଳ ଅନ୍ୟକୁ ଦେଇ ନିଜେ ଶାଗ ପଖାଳଭାତ ଖାଉଛି। ଟିଭି ଦେଖି ରାମାୟଣ, ମହାଭାରତ ସିରିଏଲ ଦେଖି କହୁଛି କିଏ ଦେଇ ଦେଇ ସର୍ବନାଶ ତ କିଏ ଦେବିନାହିଁ କହି ସର୍ବନାଶ। ପୁଣି କହୁଛି ଖାଇବ ଆମ୍ବ ରସ ଶୁଣିବ ରାମରସ, ପିଇବ ଆଖୁରସ। ତା' କଥାର ଗୂଢ଼ ତତ୍ତ୍ୱ ନ ବୁଝି ମିତା ଆଣିଦେଇଥିବା ଓଡ଼ିଆ ଭାଗବତ, ରାମାୟଣ, ଗୀତା, ବେଦ ସବୁ ନିଜ ମୁଣ୍ଡ ପାଖରେ ଥୋଇଛି। ଆମ୍ବ ଆଣିଦେଲେ ଦାନ୍ତନାହିଁ କହି ଖାଉନି, କାମବାଲୀ କି ଦେଉଛି। ଆଖୁରସ ଆଣିଲେ ଡାଇବେଟିସ୍‌କୁ ଡରି ନ ପିଇ ଭଡ଼ାଟିଆ ଚନ୍ଦନକୁ ଦେଇ କୈଫିୟତ ଦିଏ, ହାତ ଗୋଡ଼ ନ ଚଳିଲେ କିଏ କରିବ ଝିଅ? ମିତା ଚାହିଁରହେ ବୋଉକୁ। ତୁ ଏତେ କରୁଛୁ ପୁଅ ଝିଅ ପୁଣି ତାଙ୍କ ପୁଅ ଝିଅ ପାଇଁ, ପୁଣି ବାପାଙ୍କ ପାଇଁ, ତତେ କାହିଁକି କରିବେନି କିଏ! ଶୁଣି କହେ ଦେଖିବୁନି ଝିଅ, ମୋ ବୟସ ଆସୁ, ବୁଝିଯିବୁ ସବୁ।

ମିତାଙ୍କ ବୟସ ଆସିବା ଆଗରୁ ଆଗ ପଛ ହୋଇ ବାପା ଓ ବାପାଙ୍କ ପରେ ବୋଉ ଚାଲିଗଲେ ଦୁଇଜଣ ଯାକ। ଆଖିରେ ଆଙ୍ଗୁଠି ଗେଞ୍ଜି ବଡ଼ଝିଅ ମିତାକୁ ସମସ୍ତେ ବୟସ ହେଲାଣି କହୁଥିଲେ ତ ମିତା ନିଜେ ନିଜକୁ ବେଶୀ ବେଶୀ ଏଣିକି ଭଲପାଉଥିଲେ। ବୋଉ ଆଟ୍‌ଲାସ ପଢ଼ି ପଢ଼ି ଜୀବନ, ସଂସାର, ନିଜ, ପର, ଘର, ବର, ସନ୍ତାନଙ୍କୁ କିଛି କିଛି ବୁଝି ସାରିଥିଲେ ତ ବର୍ତ୍ତମାନକୁ ନେଇ ବଞ୍ଚିବାକୁ ସଂଘର୍ଷ କରି ଏକାକୀ ଅନୁଭବ କଲାବେଳେ ନିଜକୁ, ନିଜ ଭିତରେ ଥିବା ଚେତନା, ଚିନ୍ତନ, ଚୈତନ୍ୟ ଭିତରେ ବୁଡ଼ି ଗଲାବେଳେ ବୋଉକୁ ଖୁବ୍ ମନେପକାଉଥିଲେ। ବାପା ଚାଲିଯିବା ପରେ ତା' ଶୂନ୍ୟ ହାତରେ ନିଜ ମୁଦିଟି କାଢ଼ି ପିନ୍ଧେଇ ଦେବା ବେଳେ ବୋଉ ନିଜେ ତା' ଶୂନ୍ୟ ହାତ ଦୁଇଟିକୁ ପଣତ ଘୋଡ଼ାଇ ଅଦୃଶ୍ୟ କରିବାର ଚେଷ୍ଟା ମିତା ମନ ହୃଦୟକୁ ଖଣ୍ଡ ଖଣ୍ଡ କରୁଥିଲା। ଆଲମିରା ଖୋଲିଲେ ମିତା। ତାଙ୍କ ବାହାଘର ବେଳେ ବୋଉ ତା' ବ୍ୟବହୃତ ପୁରୁଣା ଗହଣାସବୁକୁ ମାଜିଘଷି ଦେଇଥିବା ବାକ୍ସ ଖୋଲି ସେସବୁ ଭିତରେ ବୋଉର ଆଟ୍‌ଲାସ ଖୋଜୁ ଖୋଜୁ, ମିତାଙ୍କ ବୋହୂ ଗହଣା ଭିତରୁ ଲକେଟ୍‌ଟି ଉଠାଇ ନେଇ କହୁଥିଲା, କେତେ ସୁନ୍ଦର! ମିତା ସଗର୍ବରେ କହୁଥିଲେ ହଁ ମୋ ବୋଉର। ବୋହୂ ଉଠାଇ ନେଇ ଲକେଟ୍‌ଟିକୁ ପରଖୁଥିବା ବେଳେ ମିତା କହୁଥିଲେ ମୁଁ ମରିବା ପରେ ତୋର ହେବ ଏସବୁ। ଏମିତି କାହିଁ କହୁଛନ୍ତି ମାଆ କହି ବୋହୂ ରଖିଦେଇଥିଲା ଲକେଟ୍‌ଟି ଓ ଚାଲିଯାଇଥିଲା ଅନ୍ୟ କାମରେ। ମିତାଙ୍କ ନିଜ ଆଟ୍‌ଲାସ ଭିନ୍ନ କରିବାକୁ ଯାଇ ମିତା ପାରୁନଥିଲେ। ଗହଣା ପେଡ଼ି ବନ୍ଦ କରିବା ପୂର୍ବରୁ ଲକେଟ୍‌ଟିକୁ ନେଇ ବୋହୂ ହାତରେ ଧରାଇ ଦେଇଥିଲେ ଓ କହିଥିଲେ ଆଜିଠୁ ଏଇଟା ତୋର। ସେ ଆଶ୍ଚର୍ଯ୍ୟରେ ଚାହିଁଥିଲା ମିତାଙ୍କୁ।



ମୋ: ୯୦୪୦୯୭୭୩୨୭

# କିଟ୍‌ର ଅମ୍ଲାନଙ୍କ କୃତିତ୍ୱ

ଭୁବନେଶ୍ୱର, ୪।୮
(ତପନ ସ୍ୱାଇଁ)

ଚାଇନାର ଚେଙ୍ଗଡୁଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ଅମ୍ଲାନ ବୋରଗୋହେନ ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟ ଭାବେ ଆଥ୍‌ଲେଟିକ୍ସ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ସେ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ତାରକା ଆଥଲେଟ୍ ଜ୍ୟୋତି ୟାରାଜି ମହିଳା ୧୦୦ ମିଟର ହର୍ଡଲ୍ସରେ ନିଜ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

### ନିଜ ଜାତୀୟ ରେକର୍ଡ ଭାଙ୍ଗିଲେ ଜ୍ୟୋତି ୟାରାଜି

ଜାତୀୟ ରେକର୍ଡ ଭାଙ୍ଗିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଜ୍ୟୋତି ବ୍ୟକ୍ତିଗତ ଶ୍ରେଷ୍ଠ ୧୨.୭୮ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ୨୦୨୨ରେ ସେ ୧୨.୮୨ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ। ଏଥିସହ ସେ ହାଙ୍ଗଝୋଉ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଭିକ୍ଟୋରିଆ ଫର୍ଷ୍ଟର (୧୨.୭୨) ସ୍ୱର୍ଣ୍ଣ ଓ ୟାନି ଉ (୧୨.୭୬) ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଅମ୍ଲାନ ସିଜନ ଶ୍ରେଷ୍ଠ ୨୦.୫୭ ସେକେଣ୍ଡ ସମୟ ନେଇ ଫାଇନାଲ୍ସରେ ପ୍ରବେଶ କରିଥିଲେ। ଏହି ଟାଇମିଂ ଯୋଗୁ ସେ ଏସିଆନ ଗେମ୍ସ ଯୋଗ୍ୟତା ପାଇଥିଲେ। ନିଜ ଟାଇମିଂରେ ଉନ୍ନତି ଆଣି ସେ ଫାଇନାଲ୍ସରେ ୨୦.୫୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକାର ସେବୋ ଇସାଡୋରେ ମାସୋସୋ ୨୦.୩୬ ଓ ଜାପାନର ୟୁଦାଇ ନିଶି ୨୦.୪୬ ସେକେଣ୍ଡ ସମୟ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିଲେ। ପୂର୍ବରୁ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଦୂତୀ ଚାନ୍ଦ ଭାରତର ପ୍ରଥମ ମହିଳା ଆଥଲେଟ୍‌ଭାବେ ଆଥ୍‌ଲେଟିକ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଟାଲିର ନାପୋଲିରେ ୨୦୧୯ରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ମହିଳା ୧୦୦ ମିଟରରେ ଏହି ସଫଳତା ପାଇଥିଲେ।

ଭାରତର ଆଉ ୨ ଆଥ୍‌ଲେଟ ସାଥ୍ୟା ତାମିଲାରଶନ ଓ ସିନ୍ଧୁଶ୍ରୀ ଗଣେଶ ମହିଳା ପୋଲଭଲ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଫାଇନାଲ୍‌ରେ ସାଥ୍ୟା ୩.୬୦ ମିଟର ସହ ୭ମ ସ୍ଥାନ ପାଇଥିବାବେଳେ ଗଣେଶ ଓହରି ଯାଇଥିଲେ। ପୁରୁଷ ଜାଭେଲିନ ଥ୍ରୋରେ ବିକ୍ରାନ୍ତ ମଲିକ (୭୧.୧୫) ଓ ଅନୁଜ କଲେରା (୬୯.୪୯) ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ପୁରୁଷ ହାମର ଥ୍ରୋ ଫାଇନାଲ୍ସରେ ପ୍ରବେଶ କରିଥିଲେ ହେଁ ଅଜୟ କୁମାର ୧୧ଶ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଜ୍ୟୋତି ଓ ଅମ୍ଲାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ବିଜୟୀ ଜ୍ୟୋତି ୟାରାଜି ଓ ଅମ୍ଲାନ ବୋରଗୋହେନ।

# ଆଣ୍ଡି ଫ୍ଲାୱାର ଆର୍‌ସିବି ମୁଖ୍ୟ କୋଚ୍

ବେଙ୍ଗାଲୁରୁ, ୪।୮ (ପି.ଟି.)

ଅଭିଜ୍ଞ ଆଣ୍ଡି ଫ୍ଲାୱାର ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ମାଇକ୍ ହେସନ ଓ ସଞ୍ଜୟ ବାଙ୍ଗରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ପୂର୍ବରୁ ଦଳର ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ ଏବଂ ମୁଖ୍ୟ କୋଚ୍ ରହିଥିବା ହେସନ ଓ ବାଙ୍ଗରଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ପର୍ଯ୍ୟନ୍ତ ରହିଥିଲା। ମାତ୍ର ଫ୍ରାଞ୍ଚାଇଜ ସେମାନଙ୍କ କାର୍ଯ୍ୟକାଳ ମିଆଦକୁ ବୃଦ୍ଧି କରିବା ଲାଗି ଆଉ ଚାହିଁ ନ ଥିଲା। ଆରସିବିର ମୁଖ୍ୟ ତଥା ଉପସଭାପତି ରାଜେଶ ମେନନଙ୍କର ଲଣ୍ଡନରେ ଫ୍ଲାୱାରଙ୍କ ସହ ଭେଟ ହୋଇଥିଲା। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଫ୍ଲାୱାରଙ୍କ ନାମକୁ ମେନନ ସୁପାରିସ କରିଥିଲେ। ଫ୍ଲାୱାର କୁଆଡେ କହିଥିଲେ, ୨୦୨୪ରେ ସେ ଆରସିବିକୁ ଆଗେଇ ନେବାକୁ ଚାହୁଁଛନ୍ତି। ଫ୍ଲାୱାର ଇଂଲଣ୍ଡ କ୍ରିକେଟ ଦଳ ସହିତ ଦୀର୍ଘ ୧୨ ବର୍ଷ ସଂଶ୍ଳିଷ୍ଟ ଥିଲେ। ଜିମ୍ବାୱେର ଏହି ପୂର୍ବତନ କ୍ରିକେଟର ପ୍ରଥମେ ୨୦୦୭ରେ ପିଟର ମୁର୍‌ସଙ୍କ ଅଧୀନରେ ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ଏହାର ଦୁଇ ବର୍ଷ ପରେ ସେ ମୁଖ୍ୟ କୋଚ୍ ହୋଇଥିଲେ। ୨୦୧୪ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିଥିଲେ। ସେ ମୁଖ୍ୟ କୋଚ୍ ରହିଥିବା ବେଳେ ଇଂଲଣ୍ଡ ଟେଷ୍ଟ ଦଳ ବିଶ୍ୱର ନମ୍ବର ୱାନ ଟେଷ୍ଟ ଦଳରେ ପରିଣତ ହୋଇଥିଲା। ୨୦୧୦ ଦଳ ଟି୨୦ ବିଶ୍ୱକପ୍ ଟାଇଟଲ ଜିତିବା ସହ ୨୦୧୦-୧୧ରେ ଅଷ୍ଟ୍ରେଲିଆରେ ଆଶେସ ସଫଳତା ହାସଲ କରିଥିଲା।

## ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍

# ମହିଳା କମ୍ପାଉଣ୍ଡ ଦଳକୁ ଐତିହାସିକ ସ୍ୱର୍ଣ୍ଣ

**ବର୍ଲିନ, ୪।୮ (ପି.ଟି.):** ତୀରନ୍ଦାଜୀ ବିଶ୍ୱକପ୍‌ରେ ଜ୍ୟୋତି ସୁରେଖା ଭେନମ, ଅଦିତି ସ୍ୱାମୀ ଓ ପରଣିତ କୌରଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଦେଶପାଇଁ ପ୍ରଥମ ଥର ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ ସେମାନେ ଟପ୍ ସିଡ୍ ମେକ୍ସିକୋକୁ ୨୩୫-୨୨୯ରେ ହରାଇ ଦେଇଛନ୍ତି। ଏଥିସହିତ ଭାରତ ଚାମ୍ପିୟନଶିପ୍‌ର ପଦକ ତାଲିକାରେ ପ୍ରବେଶ କରିଛି। ପୂର୍ବରୁ ଭାରତ ସେମିଫାଇନାଲରେ ଗତଥରର ଚାମ୍ପିୟନ କଲମ୍ବିଆ ବିପକ୍ଷରେ ୨୨୦-୨୧୬ରେ ବିଜୟ ଲାଭ କରିଥିଲା। କ୍ୱାର୍ଟରଫାଇନାଲରେ ଦଳ ଚାଇନିଜ ତାଇପେକୁ ୨୨୮-୨୨୬ରେ ପରାସ୍ତ କରିଥିଲା। ଭାରତ ୧୯୮୧ରେ ଇଟାଲିର ଆଲାଠାରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ପ୍ରଥମ ପଦାର୍ପଣ କରିଥିଲା। ଭାରତୀୟ ତୀରନ୍ଦାଜମାନେ ପ୍ରଥମ ଥର ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ଭାରତ ଅତୀତରେ ରିକର୍ଭ ବିଭାଗରେ ୪ଥର ଏବଂ ଅଣ ଅଲିମ୍ପିକ କମ୍ପାଉଣ୍ଡ ବିଭାଗରେ ୫ଥର ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଥିଲା।

# ଉଦ୍‌ଘାଟନୀ ମ୍ୟାଚରେ ଆର୍ଡୋର ବିଜୟୀ


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ସହ ଅତିଥି, କର୍ମକର୍ତ୍ତା ଓ ଅନ୍ୟମାନେ।

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୪।୮
(ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍ ଶୁକ୍ରବାର ଆରମ୍ଭ ହୋଇଛି। ୟୁନିଟ-୧ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଆର୍ଡୋର ଫୁଟବଲ ଏକାଡେମୀ ୬-୧ ଗୋଲରେ ଏମ୍‌ଏସ୍ ଇଲେଭେନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଙ୍କିତ ଯାଦବ ମ୍ୟାଚର ୫୨, ୬୫, ୬୮ ଓ ୭୨ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଆର୍ଯ୍ୟନ କମଲ ୧୦ ଓ ବିଷ୍ଣୁ ଦାସ ୨୮ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ଏମ୍‌ଏସ୍ ଇଲେଭେନ ପକ୍ଷରୁ ମାନସ ରଞ୍ଜନ ମାରାଣ୍ଡି ୬ଷ୍ଠ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ଅଙ୍କିତ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋବିନ୍ଦ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁଶାନ୍ତ ମିଶ୍ର, ଆଲୋକ ଦେହୁରି, ଶିବ ସାମନ୍ତରାୟ, ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ସୁଦୀପ୍ତା ଦାଶ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ସ୍ୱର୍ଗତ ଗତିକୃଷ୍ଣଙ୍କ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେବା ପୂର୍ବରୁ ସ୍ୱର୍ଗତ ମନୋରଞ୍ଜନ ମହାନ୍ତି ଓ ଏସ୍.କେ. ରୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଅଂଶୁମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୪।୮
(ତପନ ସ୍ୱାଇଁ)

ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ଆଇଏସ୍‌ଟିଏଫ୍ ୱାର୍ଲ୍ଡ ଟୁର୍ ଅନ୍ତର୍ଜାତୀୟ ସଫ୍ଟ ଟେନିସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ଶୁକ୍ରବାର ଫେରିଥିବା ଓଡ଼ିଶାର ଅଂଶୁମାନ ବାବୁଙ୍କୁ ଭୁବନେଶ୍ୱରରେ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଅଂଶୁମାନ ୨୧ ବର୍ଷରୁ କମ୍ ବର୍ଗରେ ସୂର୍ଯ୍ୟାକାଶଙ୍କ ସହ ପାର୍ଟନର ହୋଇ ଏହି ସଫଳତା ପାଇଥିଲେ। ଏହି ଅବସରରେ ଓଡ଼ିଶା ସଫ୍ଟଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ତଥା କୋଚ୍ ମହମ୍ମଦ ଆଜାମ, ସତୀଶ କୁମାର ବିଶ୍ୱକର୍ମା, ବାସୁଦେବ ଓଝା, ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଜୁଲାଇ ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।


ଭୁବନେଶ୍ୱରରେ ଶୁକ୍ରବାର ଅଂଶୁମାନ ବାବୁଙ୍କୁ ସ୍ୱାଗତ କରାଯାଉଛି।



ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com

**ଅନଗୁଳ:** ଅନୁ ଶପିଂ ମଲ୍, ଅମଳପଡା, ମେନ୍ ରୋଡ୍ ଫୋନ୍: 8249389498/06764-231280 | **ବରଗଡ଼:** ଓରିଏଣ୍ଟାଲ ହୋଟେଲ ବିଲ୍ଡିଂ, କେନାଲ ଏଭିନ୍ୟୁ ଲେନ୍ ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ସାମ୍ନା, ଫୋନ୍: 7978165008, 8249056295 | **ବ୍ରହ୍ମପୁର (ଓଡିଶା):** ବଡ଼ ବଜାର, ନଦିଆ ଗୁରୁଜୀ ଛକ ସମ୍ମୁଖ, ବ୍ରହ୍ମପୁର, ଫୋନ୍: 7008995399/0680-2250017/18 | **ଭଦ୍ରକ:** ରିଲାଏନ୍ସ ଜ୍ୱେଲ୍ସ, ବାଲଗୋପାଳ ମନ୍ଦିର ସାମ୍ନା, କଚେରୀ ରୋଡ୍, ଭଦ୍ରକ. ଫୋନ୍: 9078000357/7377280211/8249081489 | **ଭୁବନେଶ୍ୱର:** ଜନପଥ, ସତ୍ୟ ନାଗର ଫୋନ୍: 7008218533/9835924332 | **କଟକ:** କ୍ୟାଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 7682848136/0671-2520011 | **ଢେଙ୍କାନାଳ:** ପ୍ଲଟ୍ ନଂ. 2720/23182, ଜଗନ୍ନାଥ ରୋଡ୍, ବ୍ୟାଙ୍କ ଅଫ୍ ବରୋଦା ସାମ୍ନା, ମୀନା ବଜାର, ଫୋନ୍: 9348432641 | **ଯାଜପୁର:** ପ୍ଲଟ୍ ନଂ. 923/924, ଗ୍ରାମ, ଭାଟିଆ, ୟୁନିଟ୍ ନଂ. 4, ଚୋର୍ଦା ବାଇପାସ୍ ଛକ, ଯାଜପୁର ରୋଡ୍, ଯାଜପୁର, ଫୋନ୍: 9078084953 | **ଝାରସୁଗୁଡ଼ା:** ସରବହାଲ ରୋଡ୍, ରିଲାଏନ୍ସ ଟ୍ରେଣ୍ଡ୍ସ ନିକଟ, ଝାରସୁଗୁଡ଼ା. ଫୋନ୍: 6645291740/9861925764/8926977419 | **କେନ୍ଦୁଝର:** ପ୍ଲଟ୍ ନଂ. 405/706, ମାଧପୁର ଛକ, ହୋଟେଲ ଅଙ୍କିତା ସାମ୍ନା | ଫୋନ୍: 7008752980 | **ରାଉରକେଲା:** ଗୁରନାମ ଟାୱର, ଉଦିତ ନଗର, କଚେରୀ ରୋଡ୍, ଫୋନ୍: 8120007888/8456006992 | **ସମ୍ବଲପୁର:** ବୁଢାରାଜା ମେନ୍ ରୋଡ୍, ସହଯୋଗ ନଗର, ସମ୍ବଲପୁର. ଫୋନ୍: 6372909946 | **ବାଲାଙ୍ଗୀର:** ପ୍ଲଟ୍ ନଂ. 265/1408, ତଳ ଏବଂ ପ୍ରଥମ ମହଲା, ଗୋପାଳଜୀ ରୋଡ୍, ମା' ସମଲେଶ୍ୱରୀ ମନ୍ଦିର ନିକଟ, ୱାର୍ଡ ନଂ. - 12, ଓଡ଼ିଶା : ଫୋନ୍: 7008120335
ଆମକୁ ଅନୁସରଣ କରନ୍ତୁ:

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ